


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-140 ♦SUNDAY ♦16 NOVEMBER 2025 ♦PAGE-12 ♦₹ 6.00 | BHUBANESWAR | ♦ବର୍ଷ-୪୩ ♦ସଂଖ୍ୟା-୧୪୦ ♦ରବିବାର ♦୧୬ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦ (ସିନ୍ଦୂରା ସହ)

ବିସ୍ଫୋରକ ଯାଞ୍ଚ ବେଳେ ବିସ୍ଫୋରଣ

# ଉଡ଼ିଗଲା ଥାନା; ୯ ମୃତ, ୩୨ ଆହତ

■ **ଶ୍ରୀନଗର, ୧୫ ।୧୧ (ଏଜେନ୍ସି):** ଜମ୍ମୁ-କଶ୍ମୀର ରାଜଧାନୀ ଶ୍ରୀନଗରର ଏକ ପୁଲିସ ଥାନାରେ ଭୟଙ୍କର ବିସ୍ଫୋରଣ ଯୋଗୁଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ଏବଂ ଅନ୍ୟ ୩୨ ଜଣ ଆହତ ହୋଇଛନ୍ତି । ଗତକାଲି ରାତିରେ ହୋଇଥିବା ଏହି ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ସଂପୃକ୍ତ ଥାନା ସଂପୂର୍ଣ୍ଣ ରୂପେ ଧ୍ୱଂସ ହୋଇଯାଇଥିବା ବେଳେ ଏହାର ଆଖପାଖ ଅଞ୍ଚଳରେ ଥିବା ଗାଡ଼ିଗୁଡ଼ିକରେ ନିଆଁ ଲାଗିଯାଇଛି । ଏହି ବିସ୍ଫୋରଣର ଶବ୍ଦ ୧୫ କିଲୋମିଟର ଦୂରରେ ମଧ୍ୟ ଶୁଣାଯାଇଥିଲା । ଫରିଦାବାଦରେ ସନ୍ଦିଗ୍ଧ ଆତଙ୍କବାଦୀଙ୍କ ଠାରୁ ଜବତ ହୋଇଥିବା ବିସ୍ଫୋରକ ସାମଗ୍ରୀର ଥାନା ଭିତରେ ଯାଞ୍ଚ ଚାଲିଥିବା ବେଳେ ଏହି ବିସ୍ଫୋରଣ ହୋଇଛି । ଏହାକୁ ଦୁର୍ଘଟଣା ବୋଲି କହିଛନ୍ତି ପୁଲିସ ଡିଜି । ଏହପଛରେ ଅନ୍ୟ କୌଣସି କାରଣ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଦିଲ୍ଲୀ ସମେତ ବିଭିନ୍ନ ଅଞ୍ଚଳରେ ଆତଙ୍କବାଦୀ ଆକ୍ରମଣ ପାଇଁ

## ଫରିଦାବାଦ୍‌ରୁ ଜବତ ବିସ୍ଫୋରକର ନମୁନା ସଂଗ୍ରହ ବେଳେ ଅଘଟଣ

ଯୋଜନା କରୁଥିବା ବେଳେ ୪ ଜଣ ଡାକ୍ତର ଧରାପଡ଼ିଥିଲେ । ସେମାନଙ୍କ ମଧ୍ୟରୁ ହରିଆଣାର ଫରିଦାବାଦରେ ଜଣେ ଡାକ୍ତରଙ୍କ ଭଡ଼ା ଘରୁ ବିପୁଳ ପରିମାଣର ବିସ୍ଫୋରକ ଜବତ ହୋଇଥିଲା । ଏହାକୁ ଶ୍ରୀନଗରର ନାଓଗାମ୍ ଥାନାକୁ ଆଣି ଗୋଦାମ ଘରେ



ରଖାଯାଇଥିଲା । ପୁଲିସ ସହିତ ଫରେନସିକ୍ ଟିମ୍ ଗତକାଲି ରାତିରେ ଥାନାରେ ପହଞ୍ଚି ବିସ୍ଫୋରକର ଯାଞ୍ଚ କରିବା ସହିତ ନମୁନା ସଂଗ୍ରହ କରୁଥିଲେ । ଏହି ସମୟରେ ଭୀଷଣ ବିସ୍ଫୋରଣ ହୋଇଥିଲା । ଏଥିରେ ଯେଉଁ ୯ ଜଣ ବ୍ୟକ୍ତି ପ୍ରାଣ ହରାଇଛନ୍ତି ସେମାନଙ୍କ ମଧ୍ୟରେ ଅଛନ୍ତି ଜଣେ ପୁଲିସ ଇନିସପେକ୍ଟର, ୩ ଜଣ ଫରେନସିକ୍ ଟିମ୍ ସଦସ୍ୟ, ୨ କ୍ରାଇମ୍ ବ୍ରାଞ୍ଚ୍ ଫଟୋଗ୍ରାଫର, ଜଣେ ତହସିଲଦାର ଓ ଦୁଇଜଣ ରାଜସ୍ୱ ଅଧିକାରୀ । ଆହତଙ୍କ ମଧ୍ୟରେ ଅଧିକାଂଶ ପୁଲିସ କର୍ମଚାରୀ ରହିଛନ୍ତି । ଆହତଙ୍କୁ ୯୨-ଆର୍ମି ବେସ୍ ଓ ଏସ୍‌କେଆଇଏମ୍‌ଏସ୍ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ତେବେ ଏହି ବିସ୍ଫୋରଣରେ ଆଉ ଜଣେ ବ୍ୟକ୍ତିର ମଧ୍ୟ ମୃତ୍ୟୁ ▶ପୃଷ୍ଠା-୭

କିଏ ହେବ ବିହାର ମୁଖ୍ୟମନ୍ତ୍ରୀ

# ନୀତୀଶଙ୍କୁ ନେଇ ସସ୍‌ପେନ୍ସ ଜାରି

■ **ପାଟନା, ୧୫।୧୧ (ଏଜେନ୍ସି):** ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଐତିହସିକ ସଫଳତା ପରେ ବିଚିତ୍ର ପରିସ୍ଥିତି ସୃଷ୍ଟି ହୋଇଛି । ଫଳାଫଳ ଘୋଷଣାକୁ ୩୬ ଘଣ୍ଟା ବିତିଯାଇଥିଲେ ମଧ୍ୟ କିଏ ହେବ ମୁଖ୍ୟମନ୍ତ୍ରୀ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରି ନାହିଁ । ନୀତୀଶ କୁମାରଙ୍କ ନେତୃତ୍ୱରେ ଏନଡିଏ ନିର୍ବାଚନ ଲଢ଼ିଥିବାରୁ ସେ ହିଁ ମୁଖ୍ୟମନ୍ତ୍ରୀ ହେବା ଉଚିତ ବୋଲି ତାଙ୍କର ଜେଡିୟୁ ଯୁକ୍ତି କରିଥିବା ବେଳେ ସହଯୋଗୀ ବିଜେପିର ଅସମ୍ଭବ ନିରବତା ରାଜ୍ୟ ରାଜନୀତିରେ ଅନିଶ୍ଚିତତା ସୃଷ୍ଟି କରିଛି । ଜେଡିୟୁ ଅପେକ୍ଷା ବିଜେପି ଅଧିକ ଆସନ ପାଇଥିବାରୁ ଏହାର ନେତା ମୁଖ୍ୟମନ୍ତ୍ରୀ ହୁଅନ୍ତୁ ବୋଲି ଦଳ ଭିତରେ ଦାବି ଉଠୁଥିବାରୁ ବିଜେପି ହାଇକମାଣ୍ଡ ତୁରନ୍ତ କିଛି ଘୋଷଣା କରିବାକୁ ଉଚିତ ମନେ କରୁ ନାହାନ୍ତି ।

**ବିଜେପି ନିରବ, ଜେଡିୟୁରେ ହଲ୍‌ଚଲ୍**

ଏନ୍‌ଡିଏର ଅନ୍ୟତମ ଅଂଶୀଦାର ଏଲ୍‌ଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଚିରାଗ ପାଶ୍ୱାନ ଆଜି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କୁ ଭେଟିବା ପରେ କହିଛନ୍ତି ଯେ ନୀତୀଶ ହିଁ ମୁଖ୍ୟମନ୍ତ୍ରୀ ହୁଅନ୍ତୁ । ନୀତୀଶଙ୍କ ସହିତ ତାଙ୍କର କୌଣସି ମତଭେଦ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ ନୀତୀଶଙ୍କ ଜେଡିୟୁର ନେତାମାନେ ଗତକାଲି ଫଳାଫଳ ଘୋଷଣା ▶ପୃଷ୍ଠା-୭

# ଆଳୁ କେଜି ଲକ୍ଷେ



■ **ପ୍ୟାରିସ, ୧୫।୧୧ (ଏଜେନ୍ସି):** ଭାରତରେ ଆଳୁକୁ ପରିବା ମଧ୍ୟରେ ରାଜା କୁହାଯାଇଥାଏ । ପ୍ରାୟତଃ ସବୁ ବ୍ୟଞ୍ଜନରେ ଆଳୁ ବ୍ୟବହାର ହୋଇଥାଏ । ଆଉ ଏହି ପରିବା ଶସ୍ତାରେ ମଧ୍ୟ ଉପଲବ୍ଧ ହୋଇଥାଏ । କିନ୍ତୁ ବିଶ୍ୱରେ ଏଭଳି ଅନେକ ଦେଶ ରହିଛି, ଯେଉଁଠି ଆଳୁ ମୂଲ୍ୟ ଆକାଶଛୁଆଁ ରହିଛି । କୋରିଆରେ ଆଳୁ କେଜି ୪.୨୮ ଡଲାର ଅର୍ଥାତ ୩୮୦ ଟଙ୍କା ଥିବାବେଳେ ଫ୍ରାନ୍ସରେ ଏହାର ମୂଲ୍ୟ କଳନାଠାରୁ ବାହାରେ ରହିଛି । ଏହା ବିଶ୍ୱର ସବୁଠୁ ମହଙ୍ଗା ଆଳୁ ଭାବେ ମଧ୍ୟ ପ୍ରସିଦ୍ଧି ଅର୍ଜନ କରିଛି । 'ଲେ ବୋନୋଟେ' କିସମର ଏହି ଆଳୁର ମୂଲ୍ୟ କେଜି ପିଛା ଲକ୍ଷେ ଟଙ୍କା ରହିଛି । ଏତେ ମହଙ୍ଗା ହେବା ସତ୍ତ୍ୱେ ଲୋକେ ଧାଡ଼ିରେ ଆସି ଏହି ଆଳୁ କିଣି ନେଉଛନ୍ତି । ତେବେ ଏହି ଆଳୁର ଉତ୍ପାଦନ ବହୁତ କମ୍ ରହିଛି । ସେଥିପାଇଁ ଏହା ମହଙ୍ଗା ହେବାରେ ଲାଗିଛି । ▶ପୃଷ୍ଠା-୭

# ଜାଡ଼ରେ ଥରୁଛି ସାରା ଓଡ଼ିଶା

## ୧୨ ଡିଗ୍ରୀ ତଳେ ରାଜ୍ୟର ୧୦ ସହର

■ **ଭୁବନେଶ୍ୱର, ୧୫।୧୧ (ସମିସ):** ସାରା ରାଜ୍ୟରେ ଜାରି ରହିଛି ଶୀତର ଲହରୀ । ଶୁକ୍ରବାର ରାଜ୍ୟର ୧୦ ସହରରେ ତାପମାତ୍ରା ୧୨ ଡିଗ୍ରୀ ତଳେ ରେକର୍ଡ ହୋଇଛି । ସେମିଳିଗୁଡ଼ାରେ ଝାରସୁଗୁଡ଼ାରେ ୧୦.୩ ଡିଗ୍ରୀ, ଅନୁଗୋଳରେ ୧୦.୬ ଡିଗ୍ରୀ, ଚିପିଲିମାରେ ୧୦.୮ ଡିଗ୍ରୀ, କିରେଇ ଓ କୋରାପୁଟରେ ୧୧.୩ ଡିଗ୍ରୀ, ଭବାନୀପାଟଣାରେ ୧୧.୫ ଡିଗ୍ରୀ ଏବଂ କେନ୍ଦୁଝରରେ



**ଶିମିଳିପାଳ କୋର୍ ଅଞ୍ଚଳରେ ୩ ଡିଗ୍ରୀ ତଳେ ପାରଦ**

୧୧.୬ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି । ରାଜ୍ୟର ସର୍ବନିମ୍ନ ତାପମାତ୍ରା ୬.୫ଡିଗ୍ରୀ ରେକର୍ଡ ହୋଇଥିବା ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ମିଳିଛି ।

ପାଣିପାଗ କେନ୍ଦ୍ର ଅନୁଯାୟୀ, ଶୁକ୍ରବାର ରାତିରେ ଦାରିଙ୍ଗିବାଡ଼ି ଓ ଜି. ଉଦୟଗିରିରେ ତାପମାତ୍ରା ୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀରେ ତାପମାତ୍ରା ୯.୫ ଡିଗ୍ରୀ ରହିଥିଲା । ସେହିପରି ରାଉରକେଲାରେ ୧୦.୨ ଡିଗ୍ରୀ, ଉପକୂଳ ଓଡ଼ିଶାର ଅନେକ ସ୍ଥାନରେ ରାତି ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୪ ଡିଗ୍ରୀ ଯାଏଁ କମ୍ ଥିବା ବେଳେ ଆଭ୍ୟନ୍ତରୀଣ ଓଡ଼ିଶାରେ କିଛି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ୩ରୁ ୬ ଡିଗ୍ରୀ ଯାଏଁ କମ ରହିଥିବା ଜଣାପଡ଼ିଛି । ସେହିପରି ଭୁବନେଶ୍ୱରର ତାପମାତ୍ରା ୧୪.୮ଡିଗ୍ରୀ ଥିବାବେଳେ କଟକର ରାତି ତାପମାତ୍ରା ୧୪.୪ ▶ପୃଷ୍ଠା-୭

ଘାତକ ସାଜିଲା ଇଡେନ୍ ପିଚ୍

# ଦୁଇ ଦିନରେ ୨୬ ୱିକେଟ୍

■ **କୋଲକାତା, ୧୫ ।୧୧ (ଏଜେନ୍ସି):** ପ୍ରାୟ ୯୦ ବର୍ଷର ଟେଷ୍ଟ କ୍ରିକେଟ ଇତିହାସରେ କୋଲକାତାର ଇଡେନ୍ ଗାର୍ଡେନ୍ସ ପିଚ୍ ବ୍ୟାଟ୍‌ସମ୍ୟାନ୍‌ଙ୍କ ପାଇଁ ଘାତକ ସାବ୍ୟସ୍ତ ହୋଇଛି । ଭାରତୀୟ କ୍ରିକେଟର ମକ୍କା କୁହାଯାଉଥିବା ଇଡେନ୍ କୌଣସି ଏକ ଟେଷ୍ଟରେ ଦୁଇ ଦିନରେ ୨୬ ଉଇକେଟ୍ ହରାଇ ନୂଆ ଇତିହାସ ଲେଖିଛି ।



ପ୍ରାୟତଃ ବ୍ୟାଟ୍‌ସମ୍ୟାନ୍‌ଙ୍କୁ ସୁହାଉଥିବା ଏହି ପିଚ୍‌ରେ ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଓ ଭାରତ ମଧ୍ୟରେ ଖେଳାଯାଉଥିବା ପ୍ରଥମ ଟେଷ୍ଟରେ ବୋଲର୍‌ଙ୍କ ରାଜୁତି ଜାରି ରହିଛି । ଗତକାଲି ମ୍ୟାଚ୍‌ର ପ୍ରଥମ ଦିନରେ ଭାରତୀୟ ଦଳର ଯଶପ୍ରୀତ୍ ବୁମ୍‌ରାଙ୍କ ସମେତ ପେସ୍ ବୋଲର୍‌ମାନେ ଘାତକ ସାଜିଥିଲେ । ପ୍ରଥମ ଦିନରେ ଦୁଇ ଦଳର ୧୧ଟି ଉଇକେଟ୍ ଯାଇଥିବା ବେଳେ ଆଜି ଦ୍ୱିତୀୟ ଦିନରେ ଇଡେନ୍ ପିଚ୍‌ର ଆଶ୍ଚର୍ଯ୍ୟଜନକ ସ୍ୱଭାବ ପରିବର୍ତ୍ତନ ଦେଖିବାକୁ ମିଳିଥିଲା । ଆଜିର ପିଚ୍ ଅଚାନକ ସ୍ପିନର୍‌ମାନଙ୍କୁ ସୁହାଇଥିଲା । ଦ୍ୱିତୀୟ ଦିନରେ ଆଉଟ୍ ହୋଇଥିବା ୧୫ଜଣ ବ୍ୟାଟର୍‌ଙ୍କ ▶ପୃଷ୍ଠା-୭

सत्यमेव जयते
Government of India
क.रा.बी.नि.
E.S.I.C.

"କଲି। ସବୁ କ୍ଷେତ୍ରରେ ଦ୍ରୁତ ସଂସ୍କାର କାର୍ଯ୍ୟକାରୀ କରିବା ଲାଗି ଆମେ ସଂକଳ୍ପବଦ୍ଧ, ଯାହାକି ସହଜ ଜୀବନଧାରଣ, ବ୍ୟବସାୟିକ ସୁଗମତା ଏବଂ ସମୃଦ୍ଧିକୁ ପ୍ରୋତ୍ସାହିତ କରିବ"
- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ



ସରଳ ଅନୁପାଳନ, ସଶକ୍ତ ବ୍ୟବସାୟ
ବିକଶିତ ଭାରତ ର ଆଧାର
ଇ.ଏସ୍.ଆଇ.ସି. ଏମ୍‌ନେଷ୍ଟି ସ୍କିମ୍ 2025
1, ଅକ୍‌ଟୋବର, 2025 ରୁ 30 ସେପ୍‌ଟେମ୍ବର 2026 ପର୍ଯ୍ୟନ୍ତ
ଇ.ଏସ୍.ଆଇ.ସି.ରେ ପଞ୍ଜିକୃତ କରିଥିବା ନିଯୁକ୍ତିଦାତାମାନଙ୍କ ପାଇଁ 31 ମାର୍ଚ୍ଚ, 2025 ପର୍ଯ୍ୟନ୍ତ ଦାଖଲ କରାଯାଇଥିବା ପୁରୁଣା ମାମଲାର ସମାଧାନ କରିବା ପାଇଁ ଏବଂ ନିଜର ବ୍ୟବସାୟକୁ ସୁରକ୍ଷିତ କରିବାର ସୁଯୋଗ



ଇ.ଏସ୍.ଆଇ.ସି ପଞ୍ଜିକୃତ କରିଥିବା ନିଯୁକ୍ତିଦାତାମାନଙ୍କ ପାଇଁ ପାରଦର୍ଶୀ ଏବଂ ସଠିକ ସମୟରେ(6 ମାସ ଭିତରେ)ମଧ୍ୟମରୁ ଦୀର୍ଘକାଳୀନ ମାମଲା/ଚାର୍ଜରୁ ମୁକ୍ତି ପାଇବାର ଏକ ସୁଯୋଗ, ଯାହା ବ୍ୟବସାୟ କରିବା ସହଜ ହେବ ।

ଏଥିରେ କଣ କଣ ସାମିଲ୍ ଅଛି ?
କଭରେଜ୍/ଅଂଶଦାନ ବିବାଦ : ସୁଧ ସହିତ ପ୍ରାପ୍ୟ ଅଂଶଦାନ ପରିଶୋଧ କରନ୍ତୁ : କୌଣସି ଜୋରିମନା ନିଆଯିବ ନାହିଁ । EPFO/ଆୟକର ରେକର୍ଡ ଗ୍ରହଣ କରାଯିବ ।
କ୍ଷତିପୂରଣ : ଯଦି ସଂଗୃହିତ ସୁଧ ସହିତ ଅବଦାନ ପୂର୍ବରୁ ପରିଶୋଧ କରାଯାଇଛି, ତେବେ କ୍ଷତିପୂରଣର 10% ଦେଇ ମାମଲାର ସମାଧାନ କରନ୍ତୁ ।
ପୁରୁଣା ମାମଲା : ବନ୍ଦ ୟୁନିଟ୍ ଗୁଡିକ ପାଇଁ ଯେଉଁଥିରେ ନିୟୋଜକଙ୍କ ଠିକଣା ମିଳୁନାହିଁ ଏବଂ ଦାବି ରାଶି Rs 25000 ରୁ କମ୍ ଅଛି ଏବଂ 15 ବର୍ଷରୁ ଅଧିକ ସମୟ ଧରି ବକେୟା ରହିଛି ସେମାନଙ୍କୁ ଛାଡ କରାଯାଇ ପାରିବ ।
ଅଭିଯୋଜନ ଫେରସ୍ତ : ଧାରା 84 (ରିଫଣ୍ଡ୍) ଧାରା 85 ଏବଂ 85A(ନିଯୁକ୍ତିଦାତା)- ଯେ କୌଣସି ନ୍ୟାୟାଳୟ ସ୍ତରରେ ଅନୁପାଳନର ଅଧିନ
ବିଳମ୍ବ ରିଟର୍ଣ୍ଣ/ଘୋଷଣା: ଅନୁପାଳନ ପରେ ସ୍ୱୀକାର କରାଯିବ ।

କିଏ ଆବେଦନ କରିପାରିବେ ?
ଧାରା 75, 82, 85, 86A ଏବଂ ଅନୁଚ୍ଛେଦ 226 ରେ ଦୀର୍ଘଦିନ ଧରି ବିବାଦ ଥିବା ନିଯୁକ୍ତିଦାତାମାନେ
ଧାରା 84 ଅନୁସାରେ ରିଫଣ୍ଡ ବାଲା ବିମୀତ ବ୍ୟକ୍ତି
ପୁରୁଣା ବାକି, ଜମା କରିନଥିବା, କିମ୍ବା ବିଳମ୍ବରେ ଘୋଷଣା କରିଥିବା ୟୁନିଟ୍‌ଗୁଡିକ

ଆବେଦନ କିପରି କରିବେ:
ନିକଟତମ କ.ରାବି.ନି କ୍ଷେତ୍ରୀୟ/ଉପ କ୍ଷେତ୍ରୀୟ କାର୍ଯ୍ୟାଳୟ ସହ ସଂପର୍କ କରନ୍ତୁ ।
ବିସ୍ତୃତ ବିବରଣୀ ପାଇଁ : www.esic.gov.in ଦେଖନ୍ତୁ
କିମ୍ବା ଟୋଲ୍ ଫ୍ରି ନମ୍ବର 1800-11-2526 ରେ କଲ୍ କରନ୍ତୁ ।
ଅଧିକ ଜାଣିବା ପାଇଁ
QR କୋଡ୍ ସ୍କାନ୍ କରନ୍ତୁ



# ଲାଲୁଙ୍କ ପରିବାରକୁ ନିର୍ବାଚନ ଝଟ୍‌କା

## ଝିଅ ରୋହିଣୀ ଛାଡ଼ିଲେ ରାଜନୀତି, ପରିବାର ସହ ସମ୍ପର୍କ ବି ତୁଟାଇଲେ

ପାଟନା, ୧୫।୧୧(ଏଜେନ୍ସି): ବିହାର ନିର୍ବାଚନରେ ଆରଜେଡିର ଶୋଚନୀୟ ପରାଜୟ ପରେ ସୁପ୍ରିମୋ ଲାଲୁ ପ୍ରସାଦ ଯାଦବଙ୍କ ପରିବାରକୁ ଲାଗିଛି ବଡ଼ ଧରଣର ଝଟକା। ପରାଜୟକୁ ନେଇ ଲାଲୁ ପରିବାର ଚିନ୍ତାରେ ବୁଡ଼ି ରହିଥିବା ବେଳେ ଝିଅ ରୋହିଣୀ ଆଚାର୍ଯ୍ୟ ଆଜି ହଠାତ୍ ଆଉ ଏକ ଝଟକା ଦେଇଛନ୍ତି। ପିତା ଲାଲୁଙ୍କୁ କିଡନୀ ଦାନ କରି ଚର୍ଚ୍ଚାରେ ଥିବା ରୋହିଣୀ ଆଜି ରାଜନୀତିରୁ ସନ୍ୟାସ ଘୋଷଣା କରିବା ସହିତ ପରିବାର ସହିତ ସଂପର୍କ ତୁଟାଇବାକୁ ମଧ୍ୟ ଘୋଷଣା କରିଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି କେବଳ ଲାଲୁ ପରିବାର ନୁହେଁ, ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡିରେ ମଧ୍ୟ କମ୍ପନ ସୃଷ୍ଟି କରିଛି। ସେ ଅଚାନକ ଏଭଳି ନିଷ୍ପତ୍ତି କାହିଁକି ନେଲେ, ତାହା ଜଣାପଡ଼ି ନାହିଁ। ତେବେ ସଂଜୟ ଯାଦବ ଏବଂ ରମିଜଙ୍କ ପରାମର୍ଶ କ୍ରମେ ସେ ଏହି ନିଷ୍ପତ୍ତି ନେଇଥିବା ସୂଚାଇଛନ୍ତି। ସୋସିଆଲ ମିଡିଆ 'ଏକ୍ସ'ରେ ଏହି ଘୋଷଣା କରିଛନ୍ତି ରୋହିଣୀ। ସଞ୍ଜୟ ଯାଦବ ଓ ରମିଜଙ୍କ ପରାମର୍ଶ କ୍ରମେ ଏହି ନିଷ୍ପତ୍ତି ନେଇଛି ବୋଲି ସେ କହିଛନ୍ତି। ସବୁ ଦୋଷ ନିଜ ମୁଣ୍ଡ ଉପରକୁ ନେଉଛି ବୋଲି ମଧ୍ୟ ସେ ଉଲ୍ଲେଖ କରିଛନ୍ତି। ତେବେ ସେ କେଉଁ ଦୋଷ କଥା କହିଛନ୍ତି, ତାହା ସ୍ପଷ୍ଟ କରି ନାହାନ୍ତି। ପରିବାରରେ ଚାଲିଥିବା ଅଶାନ୍ତି ନା ନିର୍ବାଚନରେ ଦଳର ପରାଜୟ? ନିର୍ବାଚନ ପୂର୍ବରୁ ଲାଲୁ ତାଙ୍କ ବଡ଼ ପୁଅ ତେଜ ପ୍ରତାପଙ୍କୁ ପରିବାରରୁ ବାହାର କରିଦେଇଥିଲେ। ପରିବାରର ଏହି ନିଷ୍ପତ୍ତିକୁ ନେଇ ରୋହିଣୀ ଅସନ୍ତୁଷ୍ଟ ଥିଲେ। ତେଜ ପ୍ରତାପ ଗତ ନିର୍ବାଚନରେ ପିତାଙ୍କ ପ୍ରାର୍ଥୀ ବିରୋଧରେ ପ୍ରାର୍ଥୀ ଦେଇଥିଲେ।

ତେବେ ରୋହିଣୀ ତାଙ୍କର ନୋଟ୍‌ରେ ଯେଉଁ ସଞ୍ଜୟ ଓ ରମିଜଙ୍କ କଥା କହିଛନ୍ତି, ସେମାନେ କିଏ? ଏହାକୁ ନେଇ ଆଲୋଚନା ଆରମ୍ଭ ହୋଇଯାଇଛି। ସଞ୍ଜୟ ଆରଜେଡିର ରାଜ୍ୟସଭା ସାଂସଦ ଅଛନ୍ତି। ସେ ହେଉଛନ୍ତି ତେଜସ୍ୱୀଙ୍କ ରାଜନୈତିକ ପରାମର୍ଶଦାତା। ସେହିପରି ଉତ୍ତର ପ୍ରଦେଶର ବଳରାମପୁରରେ ରହୁଥିବା ରମିଜ ମଧ୍ୟ ତେଜସ୍ୱୀଙ୍କ ପୁରୁଣା ଓ ଘନିଷ୍ଠ ବନ୍ଧୁ ବୋଲି କୁହାଯାଉଛି। ସେ ହେଉଛନ୍ତି ଜେଲ୍‌ରେ ଥିବା ପୂର୍ବ ସାଂସଦ ରିଜୱାନ ଜାହିରଙ୍କ ଜ୍ୱାଇଁ। ସେ ଆରଜେଡିର ସୋସିଆଲ ମିଡିଆ ଓ ନିର୍ବାଚନ କାର୍ଯ୍ୟକ୍ରମ ଦାୟିତ୍ୱରେ ରହିଛନ୍ତି। ରମିଜଙ୍କ ପତ୍ନୀ ମଧ୍ୟ ନିର୍ବାଚନ ଲଢ଼ିଛନ୍ତି। ଉଲ୍ଲେଖଥାଉ କି ଗତ ମେ ୨୫ରେ ଲାଲୁ ତାଙ୍କର ବଡ଼ ପୁଅ ତେଜପ୍ରତାପ ଯାଦବଙ୍କୁ ପାର୍ଟି ଓ ପରିବାରରୁ ବହିଷ୍କାର କରିଥିଲେ। ଏଥିପାଇଁ ତେଜପ୍ରତାପ ସଞ୍ଜୟଙ୍କୁ ଦାୟୀ କରିଥିଲେ। ନିର୍ବାଚନରେ ତେଜପ୍ରତାପ ପରାସ୍ତ ହୋଇଥିବା ବେଳେ ତେଜସ୍ୱୀ ଯାଦବ ବିଜୟୀ ହୋଇଛନ୍ତି।

## ନିଲମ୍ବନ ପରେ ବିଜେପି ଛାଡ଼ିଲେ ଆରକେ ସିଂହ

ପାଟଣା, ୧୫।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପରେ ବିଜେପି ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାଜକୁମାର (ଆରକେ) ସିଂଙ୍କୁ ୬ ବର୍ଷ ପାଇଁ ଦଳରୁ ନିଲମ୍ବିତ କରିଛି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ତାଙ୍କୁ ସସପେଣ୍ଡ କରାଯାଇଥିବା ଦଳ ପକ୍ଷରୁ କୁହାଯାଇଛି। ଏ ସଂପର୍କରେ ତାଙ୍କୁ ନୋଟିସ ଦିଆଯାଇଛି ଏବଂ



୭ ଦିନ ମଧ୍ୟରେ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ ପାଇବା ପରେ ଶ୍ରୀ ସିଂହ ବିଜେପିରୁ ଇସ୍ତଫା ଦେଇଛନ୍ତି। ନିର୍ବାଚନ ପୂର୍ବରୁ ସେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ନେଇ ବିଭିନ୍ନ ପ୍ରଶ୍ନ ଉଠାଇଥିଲେ। ବିହାରରେ ୬୦ ହଜାର କୋଟି ଟଙ୍କାର ବିଜୁଳୀ ଦୁର୍ନୀତିରେ ନୀତୀଶ କୁମାର ସରକାର ବିରୋଧରେ ସେ ଗୁରୁତର ଅଭିଯୋଗ ଆଣିଥିଲେ। ସେ ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଜେଡିୟୁ ପ୍ରାର୍ଥୀ ଆନନ୍ଦ ସିଂ, ଆରଜେଡିର ସୂରଜଭାନ ସିଂଙ୍କୁ ହତ୍ୟା ଅଭିଯୁକ୍ତ ବୋଲି କହିଥିଲେ। ଆରକେ ସିଂ ୧୯୭୫ ବ୍ୟାଚ୍‌ର ବିହାର କ୍ୟାଡରର ଆଇପିଏସ୍ ଅଧିକାରୀ ଥିଲେ।

## ବିହାର ନିର୍ବାଚନ

# କାରଣ ଖୋଜୁଛନ୍ତି ବିରୋଧୀ ଦଳ

ନୂଆଦିଲ୍ଲୀ, ୧୫।୧୧(ଏଜେନ୍ସି): ବିହାର ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏର ବିପୁଳ ବିଜୟ ନେଇ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ସୁପ୍ରିମୋ ଶରଦ ପାୱାର ପ୍ରଶ୍ନ ଉଠାଇଛନ୍ତି। ନିର୍ବାଚନର କିଛିଦିନ ପୂର୍ବରୁ ବିହାରରେ ମହିଳାମାନଙ୍କ ବ୍ୟାଙ୍କ ଖାତାକୁ ୧୦-୧୦ ହଜାର ଲେଖାଏ ପଠାଯାଇଥିଲା।



ଏହିକାରଣରୁ ଏନ୍‌ଡିଏ ବିପୁଳ ବିଜୟ ହାସଲ କରିଛି ବୋଲି ସେ କହିଛନ୍ତି। ନିର୍ବାଚନ ପୂର୍ବରୁ ଏହି ଟଙ୍କା ଖାତାକୁ ପଠାଯିବା ପ୍ରକ୍ରିୟା ଏକ ପ୍ରକାର ଦୁର୍ନୀତି। ରାଜ୍ୟ ସରକାର ଖୋଲାଖୋଲି ଭାବେ ଏହି କାର୍ଯ୍ୟ କରିବା ନିନ୍ଦନୀୟ ଓ ଚିନ୍ତାଜନକ ବୋଲି ସେ କହିଛନ୍ତି। ମହାରାଷ୍ଟ୍ର ନିର୍ବାଚନ ପୂର୍ବରୁ ମଧ୍ୟ ବିଜେପି ନେତୃତ୍ୱାଧୀନ ସରକାର ଏପରି କରିଥିଲା। 'ଲଡକି ବହନ ଯୋଜନା' ମାଧ୍ୟମରେ ମହିଳା ଓ ବାଳିକାମାନଙ୍କୁ ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ନିର୍ବାଚନରେ ଅନିୟମିତତା ତଥା ଅସଙ୍ଗତି ହୋଇଥିବା କଥା କଂଗ୍ରେସ ନେତା ଅଜୟ ମାକେନ କହିଛନ୍ତି। ମହାମେଣ୍ଟର ନେତା ମାନେ ନିର୍ବାଚନ ଫଳକୁ ଅପ୍ରତ୍ୟାଶିତ ଓ ଏହାର ଯାଞ୍ଚ ହେବା ଉଚିତ ବୋଲି ମାକେନ କହିଛନ୍ତି। ଅନ୍ୟପଟେ ପ୍ରଶାନ୍ତ କିଶୋରଙ୍କ ଜନ ସୂରାଜ ପାର୍ଟି ମଧ୍ୟ ନିର୍ବାଚନ ଫଳାଫଳ ନେଇ ପ୍ରତିକ୍ରିୟା ଦେଇଛି। ପାର୍ଟିର ରାଜ୍ୟମୁଖ୍ୟ ମନୋଜ ଭାରତୀ କହିଛନ୍ତି ଯେ, ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଛି। ଫଳାଫଳ ଆମ କଳ୍ପନା ବାହାରେ ଥିଲା। ମହିଳାଙ୍କ ଏକାଉଣ୍ଟକୁ ୧୦-୧୦ ହଜାର ଟଙ୍କା ପଠାଯିବା ଫଳାଫଳକୁ ପ୍ରଭାବିତ କରିଥିଲା ବୋଲି ସେ କହିଛନ୍ତି। ତେବେ ଏହି ସବୁ ଅଭିଯୋଗକୁ ବିଜେପି ପ୍ରତ୍ୟାଖାନ କରିଛି। ପରାଜୟ ପରେ

- ■ ଖାତାକୁ ୧୦-୧୦ ହଜାର ଟଙ୍କା ଟ୍ରାନ୍ସଫର ଜିତାଇଲା: ଶରଦ
- ■ ଜାଲିଆତି ହୋଇଛି; ୨ ସପ୍ତାହରେ ପ୍ରମାଣ ଦେବୁ: କଂଗ୍ରେସ

ଏହାକୁ ସ୍ୱୀକାର କରିବା ଆବଶ୍ୟକ। ନିଜ ତ୍ରୁଟି ଓ ଦୋଷ ସ୍ୱୀକାର କରାଯିବା ଉଚିତ। କିନ୍ତୁ ବିରୋଧୀ ଏପରି ନ କରି ଅଯଥା ଆକ୍ଷେପ କରୁଛନ୍ତି ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭିସ ପାୱାରଙ୍କୁ ଜବାବ୍ ଦେଇ କହିଛନ୍ତି।

ବିହାର ନିର୍ବାଚନରେ ପରାଜୟକୁ କଂଗ୍ରେସ ସହଜରେ ଗ୍ରହଣ କରିପାରୁନାହିଁ। ଏବେ ଦଳ ପରାଜୟର କାରଣ ଜାଣିବା ପାଇଁ ମାନସମନ୍ଥନ ଆରମ୍ଭ କରିଦେଇଛି। ଏହି କ୍ରମରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କ ଦିଲ୍ଲୀ ସ୍ଥିତ ବାସଭବନରେ ଦଳର ପ୍ରଥମ ସମୀକ୍ଷା ବୈଠକ ବସିଛି। ଏଥିରେ ଲୋକସଭା ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ, କେସି ବେଣୁଗୋପାଳ ଏବଂ ଅଜୟ ମାକନ ପ୍ରମୁଖ ଉପସ୍ଥିତ ରହିଥିଲେ।। କଂଗ୍ରେସ ନେତା ବେଣୁଗୋପାଳ କହିଲେ ଯେ ଦଳ ଏହି ଜାଲିଆତିର ପ୍ରମାଣ ସଂଗ୍ରହ କରୁଛି। ୨ ସପ୍ତାହ ମଧ୍ୟରେ ଦେଶ ସାମ୍ନାରେ ଏହାର ରଖାଯିବ। ବିହାର ନିର୍ବାଚନ ଫଳାଫଳ କେବଳ କଂଗ୍ରେସ ନୁହେଁ, ବରଂ ଜନତା ଏବଂ ମେଣ୍ଟ ସହଯୋଗୀଙ୍କୁ ମଧ୍ୟ ତାଜୁବ କରିଦେଇଛି। ଲୋକେ ଏହା ଉପରେ ଭରସା କରିପାରୁନାହାନ୍ତି। ଆମେ ସବୁ ତଥ୍ୟ ସଂଗ୍ରହ କରୁଛୁ। ଗମ୍ଭୀରତାର ସହ ଏହାକ ବିଶ୍ଳେଷଣ କରାଯିବ। ସପ୍ତାହେରୁ ଦୁଇ ସପ୍ତାହେ ଭିତରେ ଠୋସ୍ ପ୍ରମାଣ ସଂଗ୍ରହ କରି ସର୍ବସମ୍ମୁଖକୁ ଅଣାଯିବ। ସେହିପରି କଂଗ୍ରେସ ଅଧ୍ୟକ୍ଷଙ୍କୁ ଭେଟିବା ପରେ ଦଳର ବରିଷ୍ଠ ନେତାମାନେ ବିହାର ନିର୍ବାଚନ ଫଳାଫଳ ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛନ୍ତି। ଅଜୟ ମାକନ କହିଛନ୍ତି ଯେ ପ୍ରାରମ୍ଭରୁ ନିର୍ବାଚନ ପ୍ରକ୍ରିୟା ଉପରେ ପ୍ରଶ୍ନ ଉଠୁଛି। ଏଭଳି ଫଳାଫଳ ଚକିତ କରିଦେଇଛି। ୧୯୮୪ରେ ବି କଂଗ୍ରେସକୁ ଏଭଳି ଷ୍ଟ୍ରାଇକ ରେଟ୍ ମିଳି ନ ଥିଲା। ବିଜେପିକୁ ଯେଉଁ ଭଳି ଆସନ ମିଳିଛି ତାହା ସନ୍ଦେହ ସୃଷ୍ଟି କରୁଛି। କିଛି ତ ଜାଲିଆତି ହୋଇଛି। ଅନେକ ସ୍ଥାନରେ ଜାଲିଆତି ହୋଇଥିବା କଂଗ୍ରେସ କର୍ମୀ କହିଛନ୍ତି। ମହାମେଣ୍ଟର ସବୁ ଦଳ ଫଳାଫଳକୁ ଅପ୍ରତ୍ୟାଶିତ କହିଛନ୍ତି।

## ଅର୍ଦ୍ଧାଧିକଙ୍କ ବିରୋଧରେ ଆପରାଧିକ ମାମଲା

ପାଟନା, ୧୫।୧୧(ଏଜେନ୍ସି): ବିହାର ବିଧାନସଭା ନିର୍ବାଚନର ଫଳାଫଳ ବାହାରିବା ପରେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଅର୍ଦ୍ଧାଧିକ ଅର୍ଥାତ ୫୩ ପ୍ରତିଶତ ନିବ- ନିର୍ବାଚିତ ବିଧାୟକଙ୍କ ବିରୋଧରେ ଆପରାଧିକ ମାମଲା ରହିଛି ବୋଲି ଆସୋସିଏସନ ଫର ଡେମୋକ୍ରାଟିକ ରିଫର୍ମ୍ସ (ଏଡିଆର) ଦ୍ୱାରା ପ୍ରକାଶିତ ନୂଆ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ନିର୍ବାଚିତ ୨୪୩ ବିଧାୟକଙ୍କ ମଧ୍ୟରୁ ୧୩୦ ଜଣଙ୍କ ଆପରାଧିକ ମାମଲା ଥିବା କଥା ନିଜ ସତ୍ୟପାଠରେ ଉଲ୍ଲେଖ କରିଛନ୍ତି। ତେବେ ଏହି ସଂଖ୍ୟା ଗତ ନିର୍ବାଚନ ତୁଳନାରେ ଅପେକ୍ଷାକୃତ କମ୍ ବୋଲି କୁହାଯାଇଛି। ଗତ ୨୦୨୦ ନିର୍ବାଚନରେ ୨୪୧ ଜଣ ବିଧାୟକଙ୍କ ମଧ୍ୟରୁ ୧୬୩ ଜଣ ଅର୍ଥାତ ୬୮ ପ୍ରତିଶତ ସଦସ୍ୟଙ୍କ ବିରୋଧରେ ଆପରାଧିକ ମାମଲା ଥିଲା। ଏଥର ୧୦୨ ଅର୍ଥାତ ୪୨ ପ୍ରତିଶତ ବିଧାୟକଙ୍କ ବିରୋଧରେ ଗୁରୁତର ମାମଲା ରହିଛି।୨୦୨୦ରେ ଏହା ୫୧ ପ୍ରତିଶତ ଥିଲା।ଏଥର ବିଜେପିର ୮୯ ବିଧାୟକଙ୍କ ମଧ୍ୟରୁ ୪୩ ଜଣ (୪୮%), ଜେଡିୟୁର ୮୫ରୁ ୨୩ ଜଣ (୨୭%), ଆରଜେଡିର ୨୫ରୁ ୧୪ ଜଣ (୫୬%), ଏଲ୍‌ଜେପିର ୧୯ରୁ ୧୦ ଜଣ (୫୩%), କଂଗ୍ରେସର ୬ରୁ ୩ ଜଣ (୫୦%), ଏଆଇଏମ୍‌ଆଇଏମ୍‌ର ୫ରୁ ୪ ଜଣ (୮୦%)ଙ୍କ ବିରୋଧରେ ଆପରାଧିକ ମାମଲା ରହିଛି।

# ଖେଳ ବିଗାଡ଼ିଲା କିଏ? ବିହାର ରାଜନୀତିରେ ତନାଘନା

ପାଟନା, ୧୫।୧୧ (ଏଜେନ୍ସି): ବିହାର ନିର୍ବାଚନ ଫଳାଫଳ ମହାମେଣ୍ଟ ପାଇଁ ବଡ଼ ଝଟ୍‌କା ହୋଇଥିବାବେଳେ କ୍ଷମତାସୀନ ଏନ୍‌ଡିଏ ପାଇଁ ଡବଲ୍ ଖୁସି ଆଣି ଦେଇଛି। ଉଭୟ ମେଣ୍ଟ ପାଇଁ ଏହି ଫଳାଫଳ ଅପ୍ରତ୍ୟାଶିତ ରହିଛି। ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୨୦୨ ଆସନ ପାଇଥିବାବେଳେ ମହାମେଣ୍ଟ ୩୫ ଆସନରେ ସୀମିତ ରହିଛି। ତେବେ ଏହି ନିର୍ବାଚନରେ କ୍ଷୁଦ୍ର ଦଳଗୁଡ଼ିକ ଚର୍ଚ୍ଚାରେ ଅଛନ୍ତି। କ୍ଷୁଦ୍ର ହୋଇଥିଲେ ମଧ୍ୟ ନିର୍ବାଚନରେ ବଡ଼ ପ୍ରଭାବ ପକାଇଛନ୍ତି। ଏହି ଦଳଗୁଡ଼ିକ ପାଇଁ ଏନ୍‌ଡିଏ ବିଜୟୀ ହୋଇଥିବାବେଳେ ମହାମେଣ୍ଟ ଇଣ୍ଡିଆ ପରାଜୟର ସମ୍ମୁଖୀନ ହେଲା ବୋଲି କୁହାଯାଉଛି। ଏହି ଦଳ ମଧ୍ୟରେ ପ୍ରଶାନ୍ତ କିଶୋରଙ୍କ ଜନସୁରାଜ ପାର୍ଟି, ଅସଦୁଦ୍ଦିନ ଓୱେସୀଙ୍କ ଏଆଇଏମଆଇଏମ ଏବଂ ମାୟାବତୀଙ୍କ ବିଏସପି ରହିଛି। ଗତ ନିର୍ବାଚନରେ ଚିରାଗ ପାଶ୍ୱାନଙ୍କ ଏଲଜେପିଆର ପାଇଁ ନୀତୀଶଙ୍କ ଦଳ ଜେଡିୟୁର କ୍ଷତି ହୋଇଥିଲା। ମାତ୍ର ଚଳିତ ଥର ଜନସୁରାଜ, ଏଆଇଏମଆଇଏମ ଏବଂ ବିଏସପି ଲାଗି ମହାମେଣ୍ଟର ଅପୂରଣୀୟ କ୍ଷତି ହୋଇଛି।

## ଛୋଟ ଦଳ, ପ୍ରଭାବ ବଡ଼

ନିର୍ବାଚନ ରଣନୀତିକାରରୁ ରାଜନେତା ପାଲଟିଥିବା ପ୍ରଶାନ୍ତଙ୍କ ଦଳ ପ୍ରଥମ ଥର ପାଇଁ ବିହାରର ୨୩୮ ଆସନରେ ନିର୍ବାଚନ ଲଢ଼ି ଗୋଟିଏ ହେଲେ ବି ଆସନରେ ଜିତିପାରି ନାହିଁ। ତେବେ ଏହି ଦଳ ୩.୪ ପ୍ରତିଶତ ଭୋଟ ହାତେଇଛି। ଏହା ବଡ଼ ବିଭାଜନକାରୀ ଭାବେ ଉଭା ହୋଇଛି। ଖାତା ଖୋଲି ନ ଥିବା ଏହି ଦଳ ଉଭୟ ମେଣ୍ଟର ଭୋଟ ହ୍ରାସ କରିଛି। ଜନସୁରାଜ ଗୋଟିଏ ଆସନରେ ଦ୍ୱିତୀୟ, ୧୨୯ଟିରେ ତୃତୀୟ, ୭୩ଟିରେ ଚତୁର୍ଥ, ୨୪ଟିରେ ୫ମ ଏବଂ ୧୨ଟିରେ ୬ରୁ ୯ତମ ସ୍ଥାନରେ ରହିଥିଲା। ୩୩ ବିଧାନସଭା କ୍ଷେତ୍ରରେ ଜନସୁରାଜ ପାଇଥିବା ଭୋଟ ବିଜୟ ବ୍ୟବଧାନଠାରୁ ଅଧିକ ଥିଲା। ଏଥିରୁ ୧୮ଟିରେ ଏନ୍‌ଡିଏ ଏବଂ ୧୩ଟିରେ ମହାମେଣ୍ଟ ଜିତିଥିଲା। ନିର୍ବାଚନ ପ୍ରଚାର ସମୟରେ ଦଳ ଉଭୟ ମେଣ୍ଟର



ଭୋଟ ନେବ ବୋଲି ପ୍ରଶାନ୍ତ କହିଥିଲେ। ଏହାର ଝଲକ ଫଳାଫଳରେ ଦେଖିବାକୁ ମିଳିଛି।

୧୮୧ ସିଟ୍‌ରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ମାୟାବତୀଙ୍କ ବିଏସ୍‌ପି ଗୋଟିଏ ଆସନରେ ଜିତିଥିବାବେଳେ ଆଉ ଗୋଟିଏର ଦ୍ୱିତୀୟ ସ୍ଥାନରେ ରହିଥିଲା। ଦୀର୍ଘ ବର୍ଷ ହେଲା ବିରୋଧୀ ଦଳଗୁଡିକ ବିଏସ୍‌ପିକୁ ବିଜେପିର ବି-ଟିମ୍ କହି ଆସୁଥିଲେ। ଉତ୍ତର ପ୍ରଦେଶ ଲୋକସଭା ଏବଂ ବିଧାନସଭା ନିର୍ବାଚନ ପରେ ଏହି ଅଭିଯୋଗ ଲାଗିଥିଲା। ଏହି ନିର୍ବାଚନରେ ବିଏସ୍‌ପି ମହାମେଣ୍ଟର ଅଶେଷ କ୍ଷତି କରିଛି। ୨୦ ଆସନରେ ବିଏସ୍‌ପି ପାଇଥିବା ଭୋଟ ବିଜୟ ବ୍ୟବଧାନଠୁ ଅଧିକ ରହିଛି। ଏଥିରୁ ଏନ୍‌ଡିଏ ୧୮ଟି ଏବଂ ମହାମେଣ୍ଟ ୨ଟି ଆସନ ଜିତିଥିଲା। ୯୦ ପ୍ରତିଶତ ଲାଭ ଏନ୍‌ଡିଏକୁ ମିଳିଥିଲା। ସେହିପରି ଏଆଇଏମଆଇଏମ ୫ଟି ଆସନରେ ଜିତିଥିଲେ ମଧ୍ୟ ୯ଟିରେ ବିଜୟ ବ୍ୟବଧାନଠୁ ଅଧିକ ଭୋଟ ପାଇଥିଲା। ଏଥିରୁ ୬୭ ପ୍ରତିଶତ ଆସନ ଏନ୍‌ଡିଏ ଜିତିଥିବାବେଳେ ୩୩ ପ୍ରତିଶତ ମହାମେଣ୍ଟ ଖାତାକୁ ଯାଇଥିଲା।

ସାମଗ୍ରିକ ଭାବେ ଦେଖିଲେ ଏହି ତିନି ପାଖିଆ ଲଢ଼େଇ ଏନ୍‌ଡିଏକୁ ଲାଭ ଦେଇଥିଲା। ୨୩.୪ ପ୍ରତିଶତ ଭୋଟ ପାଇଥିଲେ ବି ଆରଜେଡି ୨୫ଟିରେ ସୀମିତ ରହିଥିଲା। କିନ୍ତୁ ୨୦.୪ ପ୍ରତିଶତ ଭୋଟ ପାଇଁ ବିଜେପି ଏବଂ ୧୯.୬ ପ୍ରତିଶତର ସହ ଜେଡିୟୁ ତିନି ଗୁଣ ଅଧିକ ଆସନ ହାତେଇ ଥିଲା। ଏନ୍‌ଡିଏ ନିଜ ଭୋଟକୁ ମଜବୁତ କରି ରଖିଥିବାବେଳେ ମହାମେଣ୍ଟର ଭାଗ ଭାଗ ହୋଇ ଯାଇଥିଲା।୨୪୩ରୁ ୬୩ଟିରେ ଜନସୁରାଜ, ବିଏସପି ଏବଂ ଏଆଇଏମଆଇଏମର ପ୍ରତ୍ୟକ୍ଷ ପ୍ରଭାବ ପଡ଼ିଥିଲା। ଏଥିରୁ ୪୪ଟି (୭୦%) ଏନ୍‌ଡିଏ ଏବଂ ମହାମେଣ୍ଟ ୧୯ଟି ଜିତିଥିଲା। ମୁଖ୍ୟତଃ ଏନ୍‌ଡିଏ ବିରୋଧୀ ଭୋଟ ଉପରେ ମହାମେଣ୍ଟ ନିର୍ଭରଶୀଳ। କିନ୍ତୁ ଚଳିତ ଥର ନିର୍ବାଚନ ତିନିପାଖିଆ ହୋଇଥିଲା। ବିଏସ୍‌ପି ଦଳିତ ଭୋଟ, ଏଆଇଏମଆଇଏମ ମୁସଲିମ ଭୋଟ ଏବଂ ଜନସୁରାଜ ଯୁବଗୋଷ୍ଠୀ ଓ ବିକାଶ ଚାହୁଁଥିବା ଲୋକଙ୍କ ଭୋଟ ହାତେଇ ନେଇଥିଲା। ଏହା ଫଳରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ବଦଳରେ ଏନ୍‌ଡିଏ ବୃହତ ବିଜୟ ହାସଲ କରିଥିଲା।

# ଦିଲ୍ଲୀ ବିସ୍ଫୋରଣ: ଆଉ ୫ ଡାକ୍ତର ଗିରଫ, ୨୨ ଡାକ୍ତର ଫେରାର

ନୂଆଦିଲ୍ଲୀ, ୧୫।୧୧ (ଏଜେନ୍ସି): ଦିଲ୍ଲୀର ଲାଲକିଲ୍ଲା ନିକଟରେ ହୋଇଥିବା ବିସ୍ଫୋରଣକୁ ନେଇ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଆତଙ୍କବାଦୀଙ୍କ କାରଖାନା ପାଲଟିଥିବା ଫରିଦାବାଦର ଧୌଜ ଗ୍ରାମ ସ୍ଥିତ ଅଲ-ଫଲାହ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାର କେନ୍ଦ୍ରରେ ରହିଛି। ଜୀବନ ବଞ୍ଚାଇବାକୁ ଡାକ୍ତର ଗଢୁଥିବା ଏହି ବିଶ୍ୱବିଦ୍ୟାଳୟରେ ନିରୀହଙ୍କ ଜୀବନ ନେବା ପାଇଁ କେମିତି ଆତଙ୍କୀ ଗଢ଼ା ଯାଉଥିଲା ତାହାର ଗୁମର ଫିଟିବାରେ ଲାଗିଛି। ଏହି ବିଶ୍ୱବିଦ୍ୟାଳୟର ୪ ଡାକ୍ତରଙ୍କୁ ପୂର୍ବରୁ ଗିରଫ କରାଯାଇଛି। ଆଜି ଦିଲ୍ଲୀ ପୁଲିସର କ୍ରାଇମବ୍ରାଞ୍ଚ ଏହି ଅଲ-ଫଲାହ ବିଶ୍ୱବିଦ୍ୟାଳୟ ବିରୋଧରେ ଦୁଇଟି ଏତଲା ରୁଜୁ କରିଛି। ଜାଲିଆତି ଏବଂ ଠକେଇ ମାମଲାକୁ ନେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଅନିୟମିତତାକୁ ନେଇ ୟୁଜିସି ଏବଂ ନାକ୍‌ର ଅଭିଯୋଗ କ୍ରମେ ଦିଲ୍ଲୀ ପୁଲିସ ନୋଟିସ ଜାରି କରିଛି ଓ ନିର୍ଦ୍ଦିଷ୍ଟ ପ୍ରମାଣପତ୍ର ମାଗି ତଦନ୍ତ ଆରମ୍ଭ କରିଛି। ଏହା ମଧ୍ୟରେ ଆତଙ୍କବାଦୀ ଲିଙ୍କ୍‌କୁ ନେଇ ଆଜି ୫ ଡାକ୍ତରଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ହରିୟାଣା ନୁହର ୩ ଜଣ, ପଶ୍ଚିମବଙ୍ଗ ଏବଂ ପଞ୍ଜାବରୁ ଜଣେ ଲେଖାଏଁ ଡାକ୍ତର ସାମିଲ ଅଛନ୍ତି।

ଅନ୍ୟପଟେ ଏନ୍‌ଆଇଏ, ଦିଲ୍ଲୀ, ଜମ୍ମୁ-କଶ୍ମୀର, ହରିୟାଣା, ୟୁପି ପୁଲିସ ଅଲ-ଫଲାହରେ ଶନିବାର ପହଞ୍ଚି ଯାଞ୍ଚ କରିଛି। ଅନେକ ଘଣ୍ଟା ପର୍ଯ୍ୟନ୍ତ ଏହି ଯାଞ୍ଚ ଜାରି ରହିଥିଲା। ଇମାମଙ୍କୁ ପଚରାଉଚୁରା ମଧ୍ୟ କରାଯାଇଥିଲା। ଏଠାରେ

- ■ ୟୁଜିସି ଓ ନାକ ପକ୍ଷରୁ ଅନିୟମିତତା ଅଭିଯୋଗ
- ■ ଅଲ-ଫଲାହରେ ଚଢ଼ଉ, ଦିଲ୍ଲୀ ପୁଲିସର ଏତଲା ରୁଜୁ
- ■ 'ଡେଡ୍ ଡ୍ରପ' ଇମେଲରେ କଥା ହେଉଥିଲେ ଆତଙ୍କବାଦୀ

ରହୁଥିବା କଶ୍ମୀର ନାଗରିକଙ୍କ ତାଲିକା ପ୍ରସ୍ତୁତ କରି ଘର ଯାଞ୍ଚ କରାଯାଇଥିଲା। ଆତଙ୍କବାଦୀ ଲିଙ୍କ୍ ସାମ୍ନାକୁ ଆସିବା ପରେ ଏହି ବିଶ୍ୱବିଦ୍ୟାଳୟର ୨୨ ଡାକ୍ତର ଫେରାର ଅଛନ୍ତି। ସେମାନଙ୍କ ମୋବାଇଲ ଫୋନ୍ ସ୍ୱିଚଅଫ୍ ରହିଛି। ବିସ୍ଫୋରଣ ମାମଲାରେ ଗିରଫ ଡ. ମୁଜାମିଲ ସହ ଏହି ଡାକ୍ତରଙ୍କ ସମ୍ପର୍କ ଥିଲା। ସେହିପରି ଏହି ବିଶ୍ୱବିଦ୍ୟାଳୟରେ ପଢୁଥିବା ୪୦ ପ୍ରତିଶତ ଡାକ୍ତର କଶ୍ମୀର ବାସିନ୍ଦା ବୋଲି ଜଣାପଡ଼ିଛି। ୨୦୨୧ ମହିଳା ଆତଙ୍କବାଦୀ ଡ. ସାହିନ ପ୍ରାଧ୍ୟାପିକା ଭାବେ ଏଠାରେ ଯୋଗ ଦେଇଥିଲେ। ତାକୁ କଲେଜର ୬ ସଦସ୍ୟ ବିଶିଷ୍ଟ ଫାର୍ମାକୋ ଭିଜିଲାନ୍ସ କମିଟିରେ ଗୁରୁତ୍ୱପୂର୍ଣ୍ଣ ପଦ ଦିଆଯାଇଥିଲା। ସେ ହିଁ ୨୦୨୨ରେ ପୁଲୱାମା ଡ. ମଜାମିଲ ଗନି, ଡ. ଉମର ନବି, ଡ.ସଜାଦ ଅହମ୍ମଦକୁ ଚାକିରି ଦେଇଥିଲା। ଅଲ-ଫଲାହରେ ସାହିନ ଏବଂ ସଜ୍ଜାଦର ବହୁତ ପ୍ରଭାବ ଥିଲା। ସେହିପରି ଅଭିଯୁକ୍ତ ମୁଜାମିଲ ଏବଂ ଉମର ସହ ସମ୍ପର୍କ ରଖିଥିବା ଡ. ମୁସ୍ତକିମକୁ ଧରିବା ପାଇଁ ତଲାସୀ ଅଭିଯାନ ଜାରି ରହିଛି।

ଦିଲ୍ଲୀ ବିସ୍ଫୋରଣରେ ସାମିଲ ଏହି ଆତଙ୍କବାଦୀ ପରସ୍ପର ମଧ୍ୟରେ କଥା ହେବାକୁ ଏବଂ ଷଡ଼ଯନ୍ତ୍ର ପାଇଁ 'ଡେଡ୍ ଡ୍ରପ୍' ଇ-ମେଲ ବ୍ୟବହାର କରୁଥିଲେ। ଏଥିରେ ଇମେଲର ଡ୍ରାଫ୍ଟ ଫୋଲ୍ଡରକୁ ସେଭ କରିଦିଆଯାଇଥାଏ। ପରେ ଏହାକୁ ପଢିବା ପାଇଁ ଅନ୍ୟ ଜଣେ ଲଗ୍ ଇନ କରିଥାଏ। ଏହାର ଡିଜିଟାଲ ଫୁଟପ୍ରିଣ୍ଟର ସନ୍ଧାନ କରିବା ଅତ୍ୟନ୍ତ କଷ୍ଟସାଧ। ତଦନ୍ତରୁ ଜଣାପଡ଼ିଛି ଯେ ଟେରର ମଡ୍ୟୁଲରେ ସାମିଲ ଡାକ୍ତର ପରସ୍ପରକୁ ଇ-ମେଲ ପଠାଉ ନ ଥିଲେ। ଅନ୍ୟପକ୍ଷରେ ମହିଳା ଆତଙ୍କବାଦୀ ଡ. ସାହିନ ବିସ୍ଫୋରଣ ପରେ ଦେଶ ଛାଡ଼ି ପଳାଇବାକୁ ଯୋଜନା କରିଥିଲା। ସେ ଦିଲ୍ଲୀ ବିସ୍ଫୋରଣର ସାତ ଦିନ ପୂର୍ବରୁ ପାସ୍‌ପୋର୍ଟ ଯାଞ୍ଚ କରାଇ ଥିଲା। ସାହିନର କୋଡନେମ 'ମ୍ୟାଡାମ ସର୍ଜନ' ଥିଲା।

## ଶିଶୁକୁ ହତ୍ୟା କଲେ ୪ ଜଣ ମାଉସୀ

ଯୋଧପୁର, ୧୫।୧୧(ଏଜେନ୍ସି): ରାଜସ୍ଥାନର ଯୋଧପୁରରେ ଏକ ୧୭ ଦିନର ନୀରିହ ଶିଶୁକୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଶିଶୁର ୪ ଜଣ ମାଉସୀ ହତ୍ୟା କରିଛନ୍ତି ବୋଲି ଅଭିଯୋଗ ହୋଇଛି। ୪ ଜଣଙ୍କୁ ଗିରଫ କରାଯାଇ ପଚରା ଉଚରା କରାଯାଉଛି। ପ୍ରଥମେ ହାତଗୋଡ ଭାଙ୍ଗିବା ପରେ ଶିଶୁର ତଣ୍ଟି ଚିପି ହତ୍ୟା କରାଯାଉଛି ବୋଲି ତା'ର ପିତା ଅଭିଯୋଗ କରିଛନ୍ତି। ଶିଶୁଟିର ଚୁଟି ମଧ୍ୟ ଟଣା ଯାଇଥିଲା। ଗୁଣିଗାରେଡ଼ି କାରଣରୁ ଶିଶୁକୁ ହତ୍ୟା କରାଯାଇଛି ବୋଲି ପୁଲିସ ସନ୍ଦେହ କରୁଛି। ନେହରୁ ନଗର କଲୋନୀରେ ଏହି ଘଟଣା ଘଟିଛି। ପତି ପୁନାରାମ ଓ ପତ୍ନୀ ସୁମନ ୧୭ ଦିନ ତଳେ ପିତାମାତା ହେବାର ସୌଭାଗ୍ୟ ଲାଭ କରିଥିଲେ। ଶୁକ୍ରବାର ରାତିରେ ସୁମନ ଗାଧୁଆଘର ଯାଇଥିବା ବେଳେ ତାଙ୍କର ୪ ଭଉଣୀ ପୁଅ ପ୍ରତ୍ୟୁଷକୁ ହତ୍ୟା କରିଥିଲେ। ମୋର ଶ୍ୱଶୁର ଘର ଲୋକେ ଅନ୍ଧବିଶ୍ୱାସି ରହିଆସିଛନ୍ତି। ଏହି କାରଣରୁ ୪ ଜଣ ମାଉସୀ ସାଥି ହୋଇ ପୁଅକୁ ହତ୍ୟା କରିଛନ୍ତି ବୋଲି ପୁନାରାମ ଅଭିଯୋଗ କରିଛନ୍ତି। ପୁନାରାମଙ୍କ ଶ୍ୱଶୁର ତଥା ସୁମନଙ୍କ ପିତା ଦିଲ୍ଲୀରେ ବାୟୁସେନାରେ କାର୍ଯ୍ୟକରନ୍ତି। ତାଙ୍କ ୭ ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ସୁମନ ତାଙ୍କର ଦ୍ୱିତୀୟ ଝିଅ। ଶିଶୁର ୪ ମାଉସୀଙ୍କ ବିରୋଧରେ ପୁଲିସ ମାମଲା ରୁଜୁ କରିଛି। ନ୍ୟାସନାଲ ଫ୍ୟାମିଲ ହେଲଥ ସର୍ଭେ ଅନୁସାରେ ୨୦୨୨ରେ ଶିଶୁ ମୃତ୍ୟୁହାର ୩୯ ପ୍ରତିଶତ ରହିଛି। କିନ୍ତୁ ୨୦୨୩ରେ ଏଥିରେ ସୁଧାର ହୋଇଛି ଓ ହାର ୨୯ ପ୍ରତିଶତ ରହିଛି।

# ଗାଜା ଦୁଇ ଭାଗ କରିବାକୁ ଆମେରିକାର ଯୋଜନା

ୱାସିଂଟନ, ୧୫।୧୧(ଏଜେନ୍ସି): ଆମେରିକା ଗାଜାକୁ ଦୁଇ ଭାଗରେ ବିଭକ୍ତ କରିବାକୁ ପ୍ରସ୍ତୁତି କରୁଛି। ଏଥିପାଇଁ ଏକ ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରାଯାଉଛି। ଗୋଟିଏ ଭାଗ ଇଣ୍ଟରନ୍ୟାସନାଲ ଫୋର୍ସ (ଆଇଏସ୍‌ଏଫ୍) ଓ ଇସ୍ରାଏଲ ସେନାର ନିୟନ୍ତ୍ରଣରେ ରହିବ ଓ ଏହାକୁ ଗ୍ରୀନ୍ ଜୋନ କୁହାଯିବ। ଅନ୍ୟପଟେ ପାଲେଷ୍ଟାଇନ ନାଗରିକ ରହୁଥିବା ଅଞ୍ଚଳକୁ ଭଗ୍ନାବଶେଷ ସ୍ଥଳି ଭାବେ ରହିବାକୁ ଦିଆଯିବ ଓ ଏହାକୁ ରେଡ୍ ଜୋନ ବୋଲି କୁହାଯିବ। ପାଖାପାଖି ସବୁ ପାଲେଷ୍ଟାଇନ ନାଗରିକ ରେଡ୍ ଜୋନକୁ ବିସ୍ଥାପିତ ହୋଇଛନ୍ତି। ବ୍ରିଟେନ ଜଣାଶୁଣା ଖବର କାଗଜ 'ଦି ଗାର୍ଡିଆନ୍' ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଏହା ଉଲ୍ଲେଖ କରାଯାଇଛି। ଆମେରିକୀୟ ସେନାର ଗୁଇନ୍ଦା କାଗଜପତ୍ର ଓ ଅଧିକାରୀମାନଙ୍କ ବ୍ୟକ୍ତିଗତ ମନ୍ତବ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ରିପୋର୍ଟ ଅନୁସାରେ ଏହି ଯୋଜନାକୁ ଲାଗୁ କରିବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି କୁହାଯାଇଛି।



- ■ ଗ୍ରୀନ ଜୋନ୍‌ରେ ଇସ୍ରାଏଲ୍‌ର ନିୟନ୍ତ୍ରଣ
- ■ ପାଲେଷ୍ଟାଇନ୍ ନାଗରିକଙ୍କୁ ରେଡ୍ ଜୋନ୍

ଗାଜାର ପୂର୍ବ ଅଂଶକୁ ଗ୍ରୀନ୍ ଓ ପଶ୍ଚିମ ପଟକୁ ରେଡ୍ ଜୋନ୍‌ରେ ବିଭକ୍ତ କରାଯିବ। ଗ୍ରୀନ୍ ଜୋନରେ ଇସ୍ରାଏଲ ସମେତ ବିଦେଶୀ ସୈନିକ ମଧ୍ୟ ନିୟୋଜିତ ହେବେ। ପ୍ରଥମେ କେତେଶହ ସୈନିକଙ୍କୁ ଓ ପରେ ଏହି ସଂଖ୍ୟାକୁ ୨୦ ହଜାରକୁ ବୃଦ୍ଧି କରାଯିବ। କୌଣସି ବିଦେଶୀ ସୈନିକଙ୍କୁ ଗ୍ରୀନ୍ ଜୋନ ବାହରକୁ ଯିବା ପାଇଁ ଅନୁମତି ଦିଆଯିବ ନାହିଁ। ଅନ୍ୟପଟେ ରେଡ୍ ଜୋନ୍ ଯୁଦ୍ଧ ଯୋଗୁଁ ବହୁତ କ୍ଷତିଗ୍ରସ୍ତ ହୋଇ ଧ୍ୱଂସସ୍ତୁପରେ ପରିଣତ ହୋଇଛି। ଏଠାରେ କୌଣସି ପୁନଃନିର୍ମାଣ କାର୍ଯ୍ୟ କରାଯିବ ନାହିଁ। ଏହି ଜୋନରେ ୨୦ ଲକ୍ଷ ପାଲେଷ୍ଟାଇନ୍ ନାଗରିକ ଫସି ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ହୋଇଥିବା ଅସ୍ତ୍ରବିରତି ଚୁକ୍ତିକୁ ନେଇ ଏହି ଯୋଜନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେବେ ଗାଜାକୁ ଏକାଠି କରି ପାଲେଷ୍ଟାଇନ୍ ଶାସନ ଲାଗୁ କରାଯିବ ବୋଲି ଟ୍ରମ୍ପ ପ୍ରଶାସନ ତରଫରୁ କୁହାଯାଇଛି।

## ଜିଅନ୍ତା ଜଳିଗଲେ ପରିବାରର ୫ ସଭ୍ୟ

ମୁଜାଫରପୁର, ୧୫।୧୧(ଏଜେନ୍ସି): ବିହାରର ମୁଜାଫରପୁରରେ ଗୋଟିଏ ପରିବାରର ୫ ସଦସ୍ୟ ଜିଅନ୍ତା ଜଳିଯିବା ସହ ମୃତ୍ୟୁବରଣ କରିଛନ୍ତି। ମୃତକଙ୍କ ମଧ୍ୟରେ ସ୍ୱାମୀ-ସ୍ତ୍ରୀ, ସେମାନଙ୍କ ଦୁଇ ପିଲା ଓ ମା ସାମିଲ ରହିଛନ୍ତି। ଏହି ଘଟଣାରେ ଅନ୍ୟ ୫ ଜଣ ମଧ୍ୟ ଜଳିଯାଇଛନ୍ତି। ଏମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ରହିଛି ଓ ଏମାନଙ୍କୁ ଚିକିତ୍ସା ପାଇଁ ଶ୍ରୀ କ୍ରିଷ୍ଣା ମେଡିକାଲ କଲେଜ (ଏସ୍‌କେଏମ୍‌ସି)ରେ ଭର୍ତ୍ତି କରାଯାଇଛି। ଆହତଙ୍କ ଶରୀରର ୯୮ ପ୍ରତିଶତ ଜଳିଯାଇଛି। ସେହିପରି ଜଣେ ଯୁବକ ମାମୁଲି ଭାବେ ଆହତ ହୋଇଛନ୍ତି ଓ ମୋତିପୁର ପିଏଚ୍‌ସିରେ ତାଙ୍କୁ ଚିକିତ୍ସା କରାଯାଉଛି। ମୋତିପୁରର ୧୩ ନଂ ୱାର୍ଡରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ଘରେ ନିଆଁ ଲାଗିଥିଲା। ସେତେବେଳେ ପରିବାର ଲୋକେ ଶୋଇ ରହିଥିଲେ। ଫଳରେ ସେମାନେ ନିଜକୁ ରକ୍ଷା କରିବାର ସୁଯୋଗ ପାଇ ନଥିଲେ। ତୃତୀୟ ମହଲାରେ ନିଆଁ ଲାଗିଥିଲା। ଏଥିରେ ୫ ଜଣ ମୃତ୍ୟୁବରଣ କରିଥିବା ବେଳେ ୫ ଜଣ ଆହତ ହୋଇଛନ୍ତି ବୋଲି ସ୍ଥାନୀୟ ଡିଏସ୍‌ପି ସୁଚିତ୍ରା କୁମାରୀ କହିଛନ୍ତି। ଏହି ଘଟଣା ଯାଞ୍ଚ୍ କରାଯାଉଛି। ସର୍ଟ ସର୍କିଟ କାରଣରୁ ଏହି ନିଆଁ ଲାଗିଥିଲା ବୋଲି ଆଶଙ୍କା କରାଯାଉଛି।

## ରାଜ୍ୟରେ ଚିନ୍ତାଜନକ ସ୍ଥିତିରେ ଦୁର୍ଘଟଣା

# ଦିନକୁ ଗଡୁଛି ୧୬ ମୁଣ୍ଡ

ଭୁବନେଶ୍ୱର,୧୫ ।୧୧(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଏବେ ସମସ୍ତଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି । ପରିବହନ ବିଭାଗଠାରୁ ଆରମ୍ଭ କରି ଟ୍ରାଫିକ୍ ପୁଲିସ ପର୍ଯ୍ୟନ୍ତ, ସବୁ ସ୍ତରରେ କଡ଼ାକଡ଼ି ଯାଞ୍ଚ ହେଉଥିଲେ ବି ଦୁର୍ଘଟଣା ଓ ଦୁର୍ଘଟଣାଜନିତ ମୃତ୍ୟୁ ହାରରେ ରୋକ୍

- ଗତବର୍ଷ ତୁଳନାରେ ବଢ଼ିଛି ୬.୭୫ ପ୍ରତିଶତ
- ୧୦ ବର୍ଷରେ ମଲେଣି ୪୮ ହଜାର
- ଫାଶ ବସାଇଛି ପର୍ଯ୍ୟଟନ ଋତୁ
- ରାଜ୍ୟରେ ୧୯୫ ବ୍ଲାକସ୍ପଟ୍ ଚିହ୍ନଟ

ଲାଗିପାରୁନି । ଯେତିକି ମରୁଛନ୍ତି, ତା'ଠାରୁ ଢେର୍ ଅଧିକ ସବୁଦିନ ପାଇଁ ପଙ୍ଗୁ ହୋଇଯାଉଛନ୍ତି । ସରକାରୀ ତଥ୍ୟ ମୁତାବକ, ପ୍ରତିବର୍ଷ ଦେଶରେ ଦେଢ଼ଲକ୍ଷ ଲକ୍ଷ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି । ଏ ଅଲୋଡ଼ା ରେକର୍ଡରେ ଓଡ଼ିଶାର ଭାଗ ଅଧିକ । ଦୁର୍ଘଟଣା ରାଜ୍ୟରେ ପ୍ରତିବର୍ଷ ୫ ହଜାର ଜୀବନ ନେଉଛି । ଗତ ୧୦ ବର୍ଷର ତଥ୍ୟ ଉପରେ ଆଖି ପକାଇଲେ, ରାଜ୍ୟରେ ଏହା(ଦୁର୍ଘଟଣା) ମହାମାରୀଠାରୁ ବି ଭୟଙ୍କର ବୋଲି ଜଣାଯାଇଛି । ଏହି ଅବଧି ମଧ୍ୟରେ ଓଡ଼ିଶାରେ ୪୮ ହଜାରରୁ ଅଧିକ ଲୋକଙ୍କ ଜୀବନ ନେଇଛି ଦୁର୍ଘଟଣା । ଖାଲି ସେତିକି ନୁହେଁ, ଏକ ଲକ୍ଷରୁ ଅଧିକ ଲୋକେ ଗୁରୁତର ଆହତ ହୋଇଛନ୍ତି । ଏହି ଆଧାରରେ ଦେଖିବାକୁ ଗଲେ, ଦୁର୍ଘଟଣାରେ ରାଜ୍ୟରେ ଦିନକୁ ହାରାହାରି ୧୬ ଜଣଙ୍କ ମୁଣ୍ଡ ଗଡୁଛି ।




୨୦୨୩ ମସିହାରେ ରାଜ୍ୟରେ ମୋଟ ୧୧ହଜାର ୯୯୨ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୫ହଜାର ୭୩୯ଟି ଅମୂଲ୍ୟ ଜୀବନ ଯାଇଛି । ସେହିପରି ଗତବର୍ଷ ରାଜ୍ୟରେ ୧୨ ହଜାର ୩୭୫ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୬ ହଜାର ୧୪୨ଜଣ ପ୍ରାଣ ହରାଇଛନ୍ତି । ଚଳିତବର୍ଷ ଅର୍ଥାତ୍ ୨୦୨୫ ଜୁଲାଇ ମଧ୍ୟରେ ୭୫୩୬ଟି ସଡ଼କ ଦୁର୍ଘଟଣାରେ ୩ ହଜାର ୮୯୧ ଲୋକ ମୃତ୍ୟୁବରଣ କରିଛନ୍ତି । ୨୦୨୪ ଓ ୨୦୨୫ର ଜାନୁୟାରୀରୁ ଜୁଲାଇ ମାସ ମଧ୍ୟରେ ହୋଇଥିବା ଦୁର୍ଘଟଣା ତଥ୍ୟ ତୁଳନା କରିବା ପରେ ସାଙ୍ଘାତିକ କଥା ପଦାକୁ ଆସିଛି । ଗତବର୍ଷ ତୁଳନାରେ ଚଳିତବର୍ଷ ରାଜ୍ୟରେ ଦୁର୍ଘଟଣା ହାର ୬.୭୫ ପ୍ରତିଶତ ବୃଦ୍ଧି ପାଇଛି । ଦୁର୍ଘଟଣା ହାର ବୃଦ୍ଧି ପାଇବା ରାଜ୍ୟରେ ସଡ଼କ ଦୁର୍ଘଟଣାର ଚିନ୍ତାଜନକ ସ୍ଥିତି ସାମ୍ନାକୁ ଆସିଛି ।

ସେପଟେ ୨୦୨୩ ମସିହା ତଥ୍ୟକୁ ଦେଖିଲେ, ସମୁଦାୟ ଦୁର୍ଘଟଣାର ୩୭ ପ୍ରତିଶତ ଦୁର୍ଘଟଣା ଜାତୀୟ ରାଜପଥରେ ଘଟିଛି । ଆଉ ୩୭ ପ୍ରତିଶତ ବା ପ୍ରାୟ ୨୧୦୦ ଜଣ ଜାତୀୟ ରାଜପଥରେ ହିଁ ପ୍ରାଣ ହରାଇଛନ୍ତି । ସେହିବର୍ଷ ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ସର୍ବାଧିକ ଦୁର୍ଘଟଣା ଓ ତଦ୍‌ଜନିତ ମୃତ୍ୟୁ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ଏଭଳି ହେବାର କାରଣ ମଧ୍ୟ ଆଶ୍ଚର୍ଯ୍ୟଜନକ । ଅକ୍ଟୋବରରୁ ଫେବୃୟାରୀ ମଧ୍ୟରେ ପର୍ଯ୍ୟଟନ ଋତୁ ହୋଇଥିବାରୁ ଜାତୀୟ ରାଜପଥରେ ଅଧିକ ଗାଡ଼ି ଚଳାଚଳ କରୁଛି । ଲୋକମାନେ ବଣଭୋଜି ଓ ତୀର୍ଥସ୍ଥଳୀ ସ୍ଥଳକୁ ଯାଉଥିବା ବେଳେ କୁହୁଡ଼ି ଯୋଗୁଁ ରାସ୍ତା ଠିକ୍‌ରେ ଦୃଶ୍ୟମାନ ହେଉନାହିଁ । ଫଳରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି । ସେହିପରି ରାଜପଥରେ ବେଆଇନ ପାର୍କିଂ ଓ ମଦ୍ୟପାନ ଜନିତ ଗାଡ଼ି ଚାଳନା ଏହାର ଅନ୍ୟତମ କାରଣ । ରାଜ୍ୟରେ ୧୯୫ଟି ବ୍ଲାକସ୍ପଟ୍ ଚିହ୍ନଟ ହୋଇଥିବା ବେଳେ ସେଠାରେ ଯେପରି ଭାବେ ସତର୍କତା ଅବଲମ୍ବନ କରିବା କଥା, ତାହା କରାନଯିବା ମଧ୍ୟ ଆଉ ଏକ କାରଣ ବୋଲି କୁହାଯାଉଛି ।

### ଆଜିଠୁ ଶୂନ୍ୟ ମୃତାହତ ପକ୍ଷ

ଭୁବନେଶ୍ୱର, ୧୫ ।୧୧(ସମିସ): ଆସନ୍ତା ୧୬ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଶୂନ୍ୟ ମୃତାହତ ପକ୍ଷ ପାଳନ ହେବ । ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏନେଇ ସାରା ରାଜ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ସମୟରେ, ୪ଟି 'ଇ' ଯଥା- ଏନଫୋର୍ସମେଣ୍ଟ, ଇଂଜିନିୟରିଂ, ଏଜୁକେସନ୍ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯିବ । ବିଭାଗୀୟ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଆଜି ଏହି ସୂଚନା ଦେଇଛନ୍ତି । ଆଜି ଏ ସମ୍ପର୍କରେ ଅନୁଷ୍ଠିତ ଏକ ବୈଠକରେ ମନ୍ତ୍ରୀ ଶ୍ରୀ ଜେନା ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଏବଂ ପରିବହନ କମିଶନର ଅମିତାଭ ଠାକୁରଙ୍କ ସହ ଆଲୋଚନା କରିଛନ୍ତି । ଶୂନ୍ୟ ମୃତାହତ ପକ୍ଷ ପାଳନକୁ ସଫଳ କରିବା ନେଇ ମନ୍ତ୍ରୀ ଶ୍ରୀ ଜେନା ବିଭିନ୍ନ ପରାମର୍ଶ ଦେଇଛନ୍ତି । ସୂଚନାନୁଯାୟୀ, ଏହି ଅବଧି ମଧ୍ୟରେ ସଡ଼କ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ କରାଯିବ । ସାରା ରାଜ୍ୟରେ ଯାଞ୍ଚ ପ୍ରକ୍ରିୟାକୁ କଡ଼ାକଡ଼ି କରାଯିବ । ଏଥିପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ବିଭାଗ ପକ୍ଷରୁ ଏକ ମାର୍ଗଦର୍ଶିକା ପ୍ରଦାନ କରାଯାଇଛି ।

## ବାଇକ୍‌କୁ ଧକ୍କା ଦେଲା ଟ୍ରକ; ୩ ମୃତ

ପରଜଙ୍ଗ,୧୫ ।୧୧(ସମିସ): ୫୯ ନମ୍ବର ଜାତୀୟରାଜପଥର ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅନ୍ତର୍ଗତ ଜିଏମ୍ ଆଇରନ କାରଖାନା ସମ୍ମୁଖରେ ଅଜଣା ଟ୍ରକ୍ ଧକ୍କାରେ ୩ ଯୁବକଙ୍କ ଶୋଚନୀୟ ମୃତ୍ୟୁ ଘଟିଛି । ୩ ଜଣଯାକ ଏକ ବାଇକ୍ ଯୋଗେ ଯାଉଥିବା ବେଳେ ଏକ ଟ୍ରକ୍ ଦ୍ରୁତଗତିରେ ଆସି ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ସମସ୍ତଙ୍କ ମୃତ୍ୟୁ ହୋଇଯାଇଥିଲା । ମୃତକମାନଙ୍କ ପରିଚୟ ମିଳିନାହିଁ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

## ଯୁବକଙ୍କ ଯୌନାଙ୍ଗ କାଟି ମାରିଦେଲେ

ବୀରମହାରାଜପୁର, ୧୫।୧୧ (ସମିସ): ଯୁବକଙ୍କ ଯୌନାଙ୍ଗ କାଟି ହତ୍ୟା । ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଥାନା ଅଞ୍ଚଳରେ ଆଜି ଏପରି ଏକ ଘଟଣା ଘଟିଛି । ମୃତକ ହେଲେ, ଭଜବଲପୁର ଗାଁର ରାକେଶ ବରିହା (୨୫) । ରଥପୁର ଛକ ନିକଟସ୍ଥ ରୁଗୁଡ଼ିମୁଣ୍ଡା ବନ୍ଧହିଡ଼ରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଛି । ସୂଚନାନୁଯାୟୀ, ସକାଳୁ ବନ୍ଧହିଡରେ ରାକେଶଙ୍କ ମୃତଦେହ ପଡ଼ିଥିବା ରାସ୍ତାରେ ଯାଉଥିବା କିଛି ଲୋକ ଦେଖି ପୁଲିସକୁ ଖବର ଦେଇଥିଲେ । ବୀରମହାରାଜପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତନାଘନା କରିଥିଲା । ରାକେଶଙ୍କ ମୁଣ୍ଡ ଓ ବାମ ଆଖିରେ ଆଘାତ ଲାଗିଥିବା ବେଳେ ତାଙ୍କ ଯୌନାଙ୍ଗକୁ କାଟି ଦିଆଯାଇଥିଲା । ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ବ୍ୟବଚ୍ଛେଦ ପରେ ଅପରାହ୍ଣରେ ରାକେଶଙ୍କ ଶବକୁ ତାଙ୍କ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି । ପୁଲିସ ଏହି ହତ୍ୟାକାଣ୍ଡର ସବୁ ଦିଗକୁ ନେଇ ତଦନ୍ତ ଚଳାଇଛି । କିଛି ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ସକାଳ ସାଢ଼େ ୪ଟାରେ ମର୍ଣ୍ଣିଂୱାକ୍‌ରେ ଗଲା ବେଳେ ସେମାନେ ବନ୍ଧ ପାଖରେ ଏକ ବଲୋରୋ ଗାଡ଼ି ଛିଡ଼ା ହୋଇଥିବା ଦେଖିବାକୁ ପାଇଥିଲେ । ଦୁର୍ବୃତ୍ତମାନେ ରାକେଶଙ୍କୁ ଅନ୍ୟତ୍ର ହତ୍ୟା କରିବା ପରେ ଉକ୍ତ ଗାଡ଼ିରେ ଏଠାରେ ଫିଙ୍ଗି ଦେଇଥିବା ପୁଲିସ ସନ୍ଦେହ କରୁଛି । ତେଣୁ ପୁଲିସ ଉକ୍ତ ଗାଡ଼ିକୁ ଠାବ କରିବା ପାଇଁ ଚେଷ୍ଟା ଚଳାଇଛି । ସେହିପରି ରାକେଶଙ୍କ ସହ କାହାର ଶତ୍ରୁତା ଥିଲା, ସେନେଇ ତାଙ୍କ ପରିବାରଲୋକଙ୍କୁ ମଧ୍ୟ ପୁଲିସ ପଚରାଉଚରା କରିଛି । ଘଟଣାର ଅଧିକ ତଦନ୍ତ ଜାରି ରହିଛି ଏବଂ ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ବୀରମହାରାଜପୁର ଥାନା ଅଧିକାରୀ କହିଛନ୍ତି ।

### ରାଜ୍ୟସ୍ତରୀୟ ଜନଜାତୀୟ ଗୌରବ ଦିବସ

## ସ୍ୱାଧୀନତା ସଂଗ୍ରାମରେ ବିର୍ସା ମୁଣ୍ଡା ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ: ମୁଖ୍ୟମନ୍ତ୍ରୀ

ରାଉରକେଲା, ୧୫ ।୧୧ (ସମିସ): ଜଣେ ଦେଶପ୍ରେମୀ ସଂଗ୍ରାମୀ ଭାବେ ବିର୍ସା ମୁଣ୍ଡା ଭାରତ ଇତିହାସରେ ସବୁଦିନ ପାଇଁ ଅମର ହୋଇ ରହିଛନ୍ତି । ବ୍ରିଟିଶ୍ ସରକାରର ଅନ୍ୟାୟ, ଅତ୍ୟାଚାରକୁ ସେ ଦୃଢ଼ ବିରୋଧ କରୁଥିଲେ । ବିହାର, ଝାଡ଼ଖଣ୍ଡ ଅଞ୍ଚଳର ସଂଗ୍ରାମୀମାନଙ୍କୁ ନେଇ ଏକ ବଡ଼ଧରଣର ବିପ୍ଳବ କରି ସେ ଦେଶର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଏକ ସ୍ୱତନ୍ତ୍ର ଫର୍ଦ୍ଦ ଯୋଡ଼ିଥିଲେ । ସହିଦ ବିର୍ସା ମୁଣ୍ଡାଙ୍କ ୧୫୧ତମ ଜୟନ୍ତୀ ଅବସରରେ ରାଉରକେଲାଠାରେ ଆୟୋଜିତ ରାଜ୍ୟସ୍ତରୀୟ 'ଜନଜାତୀୟ ଗୌରବ ଦିବସ'ରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଏହା କହିଛନ୍ତି ।



- ୧୩୪୫ କୋଟିର ପ୍ରକଳ୍ପ ଉଦ୍‌ଘାଟନ
- ହନୁମାନ ବାଟିକା-ପାୱାର ହାଉସ୍ ରାସ୍ତା ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ନାମିତ

ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ମୁଖ୍ୟମନ୍ତ୍ରୀ ଆହୁରି କହିଥିଲେ ଯେ କିଶୋର ବୟସରୁ ବିର୍ସା ଉପନିବେଶବାଦୀ ଶୋଷଣ ବିରୋଧୀ ଜନପ୍ରତିରୋଧର ନେତୃତ୍ୱ ନେଇଥିଲେ । ବ୍ରିଟିଶ୍ ଶାସନ ଓ ସ୍ଥାନୀୟ ଜମିଦାରଙ୍କ ଶୋଷଣ ଓ ଅତ୍ୟାଚାରରେ ନିଷ୍ପେସିତମାନଙ୍କ ସାମାଜିକ ଓ ଆର୍ଥିକ ଅଧିକାର ପାଇଁ ଲଢ଼େଇ ଜାରି ରଖିଥିଲେ । ବିର୍ସାଙ୍କ ବିଦ୍ରୋହ ଝାଡ଼ଖଣ୍ଡ, ଓଡ଼ିଶା, ବିହାର, ପଶ୍ଚିମବଙ୍ଗ ଏବଂ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ଇଂରେଜ ସରକାର ବିରୋଧରେ ତାହା ଏକ ବିରାଟ ଆଦିବାସୀ ଆନ୍ଦୋଳନର ରୂପ ନେଇଥିଲା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁନ୍ଦରଗଡ଼ ଜିଲ୍ଲା ପାଇଁ ୧୩୪୫ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କରିବା ସହ ୬୦୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହାସହ ରାଉରକେଲା ସହରର ହନୁମାନ ବାଟିକା ଛକରୁ ପାୱାର ହାଉସ୍ ଛକ ପର୍ଯ୍ୟନ୍ତ ରାସ୍ତାକୁ ଭଗବାନ ବିର୍ସା ମୁଣ୍ଡା ରାସ୍ତା ଭାବେ ନାମିତ କରିଛନ୍ତି ।

କାର୍ଯ୍ୟକ୍ରମରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ, ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗାଚରଣ ତନ୍ତୀ ପ୍ରମୁଖ ଉପସ୍ଥିତ ଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍ ସ୍ୱାଗତ ଭାଷଣ ଦେଇଥିଲେ । ସୁନ୍ଦରଗଡ଼ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟରୁ ସହିଦ ବିର୍ସା ମୁଣ୍ଡାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି ।

### ଏସ୍‌ଆଇ ଚାକିରି ବିକ୍ରି ଘଟଣା

## ତୁରନ୍ତ ପରୀକ୍ଷା ଦାବିରେ ଆଶାୟୀଙ୍କ ଆନ୍ଦୋଳନ

ଭୁବନେଶ୍ୱର,୧୫ ।୧୧(ସମିସ): ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରା ପଡ଼ିଲା; କ୍ରାଇମ୍‌ବ୍ରାଞ୍ଚ ଠାରୁ ତଦନ୍ତ ଭାର ସିବିଆଇ ନେଲା । ହେଲେ ପରୀକ୍ଷା କେବେ ହେବ ଏବଂ କିଏ ପରୀକ୍ଷା ପରିଚାଳନା କରିବ ସେ ସମ୍ପର୍କରେ କେହି ପଦୁଟିଏ କହୁନାହାନ୍ତି । ବାରମ୍ବାର ଦାବି ସତ୍ତ୍ୱେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ପକ୍ଷରୁ କୌଣସି ଉତ୍ତର ନ ପାଇବା ପରେ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଭୁବନେଶ୍ୱରରେ ଥିବା ଓପିଆର୍‌ବି କାର୍ଯ୍ୟାଳୟ ସମ୍ମୁଖରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଆନ୍ଦୋଳନ କରୁଥିବା ଆଶାୟୀମାନେ ପରୀକ୍ଷା କେବେ ହେବ, ସେନେଇ ସ୍ପଷ୍ଟୀକରଣ ଦେବାକୁ ଦାବି କରିଛନ୍ତି ।



- ଆଶାୟୀଙ୍କ ସହ ଆଲୋଚନା କଲେନି ଓପିଆର୍‌ବି ଅଧ୍ୟକ୍ଷ
- ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଦାବି

ଆଶାୟୀଙ୍କ କହିବା କଥା, ଚାକିରି ବିକ୍ରି ଘଟଣାରେ ସିବିଆଇ ତଦନ୍ତ ଆରମ୍ଭ କରିଛି । ରାକେଟ୍‌ର ମୂଳ ପର୍ଯ୍ୟନ୍ତ ତଦନ୍ତକାରୀ ସଂସ୍ଥା କେବେ ପହଞ୍ଚିବ ଓ କେବେ ତଦନ୍ତ ସରିବ, ସେନେଇ କୌଣସି ସ୍ପଷ୍ଟତା ନାହିଁ । ୨୦୨୪ ଡିସେମ୍ବରରେ ୯୩୩ଟି ପଦରେ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାକୁ ପ୍ରାୟ ବର୍ଷେ ପୂରିବ । ଏହାରି ମଧ୍ୟରେ ଦୁଇ ଥର ପରୀକ୍ଷା ବାତିଲ୍ ହେଲାଣି । ଅନିଶ୍ଚିତତା ମଧ୍ୟରେ ଥିବା ଏହି ପରୀକ୍ଷା ପାଇଁ ପଢ଼ିବା ସହ ଶାରିରୀକ ପ୍ରସ୍ତୁତି ଜାରି ରଖିବା ପିଲାଙ୍କ ମାନସିକ ସ୍ଥିତିକୁ ଦୁର୍ବଳ କରୁଛି । ଗୋଟିଏ ପଟେ ତଦନ୍ତ ଚାଲୁଥିବାବେଳେ ସମାନ୍ତରାଳ ଭାବେ ପୁନଃ ପରୀକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନି । ଏଣୁ ତ୍ୱରିତ ପରୀକ୍ଷା ପାଇଁ ପଦକ୍ଷେପ ନେବା ସହ ପରୀକ୍ଷା କେବେ ହେବ ସେନେଇ ଲିଖିତ ଭାବେ ଜଣାଇବାକୁ ଆଶାୟୀମାନେ ଦାବି କରିଛନ୍ତି । ସକାଳୁ ଆନ୍ଦୋଳନରେ ବସିଥିବା ଆଶାୟୀଙ୍କ ସହ ବିଳମ୍ବିତ ରାତି ଅର୍ଥାତ୍ ଖବର ଲେଖା ହେବା ପର୍ଯ୍ୟନ୍ତ ଓପିଆର୍‌ବି ଅଧ୍ୟକ୍ଷ ଆଲୋଚନା ନ କରିବାକୁ ନେଇ ଆଶାୟୀମାନେ ଅସନ୍ତୋଷ ଝାଡ଼ିଛନ୍ତି । ବ୍ୟାପକ କେଳେଙ୍କାରୀରେ ସମ୍ପୃକ୍ତ ଓପିଆର୍‌ବି ଅଧ୍ୟକ୍ଷଙ୍କୁ ପଦଚ୍ୟୁତ କରି ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସେମାନେ ଦାବି କରିଛନ୍ତି ।

ସରକାର ଗଠନ ଠାରୁ ଦୁଇ ବର୍ଷ ମଧ୍ୟରେ ୬୫ ହଜାର ନିଯୁକ୍ତି ଦେବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ । ହେଲେ ଦୀର୍ଘ ବର୍ଷେ ହେବ କୌଣସି ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇନାହିଁ । ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳିବାର ଅଧିକାର କାହାର ନାହିଁ; ସରକାର ମଧ୍ୟ ସେମାନଙ୍କ ଜୀବନ ସହ ଖେଳିବାକୁ ପ୍ରୟାସ ନ କରନ୍ତୁ ବୋଲି ଆଶାୟୀମାନେ ଚେତାବନୀ ଦେଇଛନ୍ତି ।

## ସ୍ୱତନ୍ତ୍ର ଓଟିଇଟି ପାସ୍ କଲେ ୪୮୧୫୩

କଟକ,୧୫ ।୧୧(ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଟିଚର୍ ଏଲିଜିବିଲିଟି ଟେଷ୍ଟ(ଓଟିଇଟି)-୨୦୨୫ର ଫଳ ଆଜି ପ୍ରକାଶ ପାଇଛି । ବୋର୍ଡ ୱେବ୍‌ସାଇଟ୍‌ରେ ଏହି ଫଳ ଉପଲବ୍ଧ କରାଯାଇଛି । ଏହି ପରୀକ୍ଷାର ଦୁଇଟି ପେପର୍‌ରେ ମୋଟ୍ ପାସ୍ ହାର ୬୬.୫୦ ପ୍ରତିଶତ ହୋଇଛି ଓ ମୋଟ ୪୮ ହଜାର୧୫୩ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଯୋଗ୍ୟ ପ୍ରାର୍ଥୀମାନେ ସେମାନଙ୍କ ଡିଜିଟାଲ ପ୍ରମାଣପତ୍ରକୁ ବୋର୍ଡ ୱେବ୍‌ସାଇଟ୍‌ରୁ ଆଜିଠାରୁ ୨୦୨୬ ଜାନୁଆରୀ୧୫ ପର୍ଯ୍ୟନ୍ତ ଡାଉନ୍‌ଲୋଡ୍ କରିପାରିବେ । ଅକୃତକାର୍ଯ୍ୟ ହୋଇଥିବା ପ୍ରାର୍ଥୀମାନେ ବୋର୍ଡ ୱେବସାଇଟ୍‌ରୁ ୨୨ ତାରିଖ ପର୍ଯ୍ୟନ୍ତ ସେମାନଙ୍କର ଓଏମ୍‌ଆର୍ ଉତ୍ତରଖାତାକୁ ଡାଉନଲୋଡ୍ କରିପାରିବେ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

### ନୂଆପଡ଼ା ପରାଜୟ ପରେ କଂଗ୍ରେସରେ ଚାପା ଗୁଞ୍ଜରଣ

## ପ୍ରଶ୍ନ ଘେରରେ ଭକ୍ତଙ୍କ ରଣନୀତି

ଭୁବନେଶ୍ୱର, ୧୫।୧୧ (ସମିସ): ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାରେ କଂଗ୍ରେସର ବିପର୍ଯ୍ୟୟ ପରେ ରାଜ୍ୟରେ କଂଗ୍ରେସର ମଙ୍ଗ ଧରିଥିଲେ ବରିଷ୍ଠ ନେତା ଭକ୍ତଚରଣ ଦାସ । ଭକ୍ତଙ୍କ ଆଗମନ ପରେ କଂଗ୍ରେସ ଶିବିର ଚଳଚଞ୍ଚଳ ହୋଇ ଉଠିଥିବା ବେଳେ ଦଳ ତାଙ୍କ ନେତୃତ୍ୱରେ ଭଲ କରିବ ବୋଲି ସାଧାରଣରେ ଏକ ଚର୍ଚ୍ଚା ଆଲୋଚନା ଆରମ୍ଭ ହୋଇଥିଲା । ମାତ୍ର ସଭାପତି ଦାୟିତ୍ୱ ଗ୍ରହଣ ପରେ ନୂଆପଡ଼ା ଉପନିର୍ବାଚନ ଭକ୍ତଙ୍କ ପାଇଁ ଏକ 'ଏସିଡ୍ ଟେଷ୍ଟ' ଥିଲା । ବିଭିନ୍ନ ସମୀକରଣକୁ ଦୃଷ୍ଟିରେ ରଖି ଉପନିର୍ବାଚନରେ କଂଗ୍ରେସରୁ ପ୍ରାର୍ଥୀ ହୋଇଥିବା ଘାସିରାମ ବିଜୟ ଲାଭ କରିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ଏବଂ ଦଳର ଅନ୍ୟନେତାମାନେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ମାତ୍ର ନୂଆପଡ଼ା ଫଳ ବାହାରିବା ସହ ଭକ୍ତଙ୍କ ସବୁ ରଣନୀତି ଫେଲ୍ ମାରିଛି । ଦଳ ଦ୍ୱିତୀୟ ସ୍ଥାନରେ ରହିବା ଭକ୍ତ ତଥା କଂଗ୍ରେସ ପାଇଁ ଏକମାତ୍ର ଭଲ ଖବର ହୋଇଥିଲେ ହେଁ ନିର୍ବାଚନୀ ବିଫଳତା ପରେ ଦଳରେ ତାଙ୍କର ନିର୍ବାଚନ ପରିଚାଳନା ଓ ରଣନୀତିକୁ ନେଇ ପ୍ରଶ୍ନ ଉଠିଛି ।

ଗତ ୨୦୨୪ ସାଧାରଣ ନିର୍ବାଚନରେ ଘାସିରାମ ମାଝୀ ସ୍ୱାଧୀନ ଭାବେ ଲଢ଼ି ୫୦,୯୪୧ ଖଣ୍ଡ ଭୋଟ ପାଇଥିବା ବେଳେ ଦଳୀୟ ପ୍ରାର୍ଥୀ ଶରତ ପଟ୍ଟନାୟକ ୧୫,୫୦୧ ଖଣ୍ଡ ଭୋଟ ପାଇଥିଲେ । ଅର୍ଥାତ୍ କଂଗ୍ରେସ ପାଖରେ ମୋଟ ୬୬,୪୪୨ ଖଣ୍ଡ ଭୋଟ ଥିଲା । ମାତ୍ର ବର୍ଷଟିଏ ମଧ୍ୟରେ ଉଭୟ ଘାସିରାମ ଏବଂ କଂଗ୍ରେସର

- ଦେଢ଼ ବର୍ଷରେ ୨୬ ହଜାର ଭୋଟ୍ ହରାଇଛି ଦଳ
- ଖରାପ ପ୍ରଦର୍ଶନର ଏକାଧିକ କାରଣ ଦର୍ଶାଇଲେ ସମୀକ୍ଷକ


ମିଳିତ ଭୋଟ ପ୍ରାୟ ୨୬ ହଜାର ହ୍ରାସ ପାଇଛି । ନୂଆପଡ଼ାରେ କଂଗ୍ରେସର ପରାଜୟ ପଛରେ ଭକ୍ତଙ୍କ ଅତ୍ୟଧିକ ଆତ୍ମବିଶ୍ୱାସ, ଅର୍ଥର ଘୋର୍ ଅଭାବ ଏବଂ କେନ୍ଦ୍ରୀୟ ନେତାଙ୍କ ଓଡ଼ିଶା ପ୍ରତି ଅନାଗ୍ରହ କାରଣରୁ କଂଗ୍ରେସ ଆଶାନୁଯାୟୀ ଫଳ ପାଇପାରିଲା ନାହିଁ ବୋଲି ଆଲୋଚନା ଜୋର୍ ଧରିଛି । ଏହିକ୍ରମରେ ରାଜ୍ୟ କଂଗ୍ରେସର କିଛି ବରିଷ୍ଠ ନେତାଙ୍କର ମତାମତକୁ ନେଇ ଦଳରେ ଚାପା ଗୁଞ୍ଜରଣ ଆରମ୍ଭ ହୋଇଛି ।

ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ ବିଜେପି ପାଇଁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ପ୍ରଚାର କରିବାକୁ ଆସିଲେ । ବିଜେଡି ପାଇଁ ନବୀନ ପଟ୍ଟନାୟକ ଦୁଇ ଦୁଇଥର ପ୍ରଚାର କଲେ; ମାତ୍ର ଆମେ ସେହିଭଳି ସଭା କରିପାରିଲୁ ନାହିଁ । ସେହିପରି ଆଦିବାସୀ ଭୋଟ ବ୍ୟାଙ୍କକୁ ଗତଥର ପରି ନିଜ ପାଖରେ ରଖି ପାରିଲୁ ନାହିଁ ବୋଲି କହିଛନ୍ତି ବରିଷ୍ଠ ନେତା ସନ୍ତୋଷ ସିଂ ସାଲୁଜା । ନିଜେ ଘାସିରାମ ମଧ୍ୟ ନିର୍ବାଚନରେ ଟଙ୍କାର ଘୋର ଅଭାବ ଏବଂ କେନ୍ଦ୍ରୀୟ ନେତୃତ୍ୱଙ୍କ ସହଯୋଗ ନେଇ ନିଜର ବକ୍ତବ୍ୟ ରଖି ସାରିଛନ୍ତି । ଅପରପକ୍ଷେ ପିସିସି ସଭାପତି ଭକ୍ତଚରଣ ଦାସ କିନ୍ତୁ ଏନେଇ ଭିନ୍ନ ମତ ରଖିଛନ୍ତି । ସେ କହିଛନ୍ତି ଯେ ଆମେ ହିଁ ରାଜ୍ୟରେ ମୁଖ୍ୟ ବିରୋଧୀ ଦଳ । ଆମେ ହିଁ ବିଜେପିର ପ୍ରକୃତ ବିକଳ୍ପ ବୋଲି ପ୍ରମାଣିତ କରିଛୁ ।

### ବିଲରୁ ଛାଡୁନି ପାଣି; କେମିତି କରିବେ ଅମଳ

## ଗଜା ଧାନରେ ନିଆଁ ଲଗାଇଦେଲା ଚାଷୀ

ଧରାକୋଟ, ୧୫ ।୧୧(ସମିସ): ଆଖି ଆଗରେ ବର୍ଷକର ପରିଶ୍ରମ ବରବାଦ ହୋଇଗଲା । ବିଲରୁ ପାଣି ନ ଛାଡ଼ିବାରୁ ଏକର ଏକର ଜମିରେ ଧାନରୁ ଗଜା ବାହାରିଗଲା । ଦଇବ ଯାହା ଦାଉ ସାଧିଲା, ତାକୁ ଆଉ କେତେ ଦିନ ଧରି ବସିବ ଭାବି ବିଲରେ ନିଆଁ ଲଗାଇଦେଲା ଚାଷୀ । ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ରେ ଏମିତି ଦୃଶ୍ୟ ଦେଖିବାକୁ



ମିଳିଛି । ଧରାକୋଟ ବ୍ଲକର ଧରାକୋଟ, ମୁଣ୍ଡମରାଇ, ଶରଧାପୁର, ବାହାରପୁର, ମାଣିକପୁର, ମଛାକୋଟ, ଢଉଗାଁ ଆଦି ପଞ୍ଚାୟତରେ ଥିବା କେନାଲ ପାର୍ଶ୍ୱ ଜମି, ଗହୀର ମଥାରେ ଥିବା ଚାଷ ଜମି ବର୍ତ୍ତମାନ ସୁଦ୍ଧା ପାଣି ଘେରରେ ରହିଛି । ଧାନ ପାଣିରେ ଲୋଟି ରହିଛି । ପାଣି ଛାଡ଼ି ନଥିବାରୁ ମେସିନ ସାହାଯ୍ୟରେ କିମ୍ବା ଲୋକଙ୍କ ଦ୍ୱାରା ଚାଷୀ ଧାନ କାଟି ପାରୁନାହିଁ । ଫଳରେ ଦିନକୁ ଦିନ ଅଧିକ ପରିମାଣରେ ଧାନ ଗଜା ହେବାରେ ଲାଗିଛି ।

ଚଳିତବର୍ଷ ଆବଶ୍ୟକତାଠାରୁ ଅଧିକ ବର୍ଷା ହେବାରୁ ଚାଷୀର ମେରୁଦଣ୍ଡ ଦୋହଲି ଯାଇଛି । ଯଦିଓ ଧାନ ଫସଲ ଭଲ ହୋଇଛି ଏବଂ ଠିକ ସମୟରେ ଲଘୁଚାପ ଟଳି ଯିବାରୁ ଅମଳ ପାଇଁ ପାଗ ଅନୁକୂଳ ରହିଛି; ହେଲେ ଗହୀରିଆ ଜମିରୁ ଏଯାଏଁ ପାଣି ଛାଡ଼ିନି । ଫଳରେ ଦୀର୍ଘ ଦିନ ଧରି ଧାନ ଗଛ ସବୁ ଭୂମିରେ ଲୋଟି ରହିବାରୁ ଅଧିକାଂଶ ଜମିରେ ଧାନ ଗଜା ହୋଇଗଲାଣି । ଆଖି ଆଗରେ ବର୍ଷକର ଫସଲ ଉଜୁଡ଼ି ଯାଉଥିବା ଦେଖି ଚାଷୀ ମନ ଥୟ ଧରୁନି । ତେଣୁ, ଦଇବକୁ ଦୋଷ ଦେଇ ନିଜ ହାତରେ କରିଥିବା ଫସଲରେ ନିଆଁ ଲଗାଇ ଦେଉଛି । ଚାଷୀଙ୍କ କହିବା କଥା, ଧାନ ତ ଆଉ ଅମଳ ହେବନି, ତେଣୁ ନିଆଁ ଲଗାଇଦେଲୁ । ଜମି ଶୁଖିଲେ ବିରି, ମୁଗ ବୁଣି କିଛି ରୋଜଗାର ହେବ । କିନ୍ତୁ କିଛି ଚାଷୀ ଧୈର୍ଯ୍ୟ ହରାଇନାହାନ୍ତି । ଜମିରୁ ପାଣି ନିଷ୍କାସନ ପାଇଁ ନାଳ ବାହାର କରି ଅପେକ୍ଷାରେ ଅଛନ୍ତି । ଅନ୍ୟପଟରେ ପ୍ରଶାସନ ତରଫରୁ ଚଳିତ ବର୍ଷ କ୍ଷୟକ୍ଷତି ଆକଳନ ପାଇଁ ଏପର୍ଯ୍ୟନ୍ତ ତତ୍ପରତା ପ୍ରକାଶ ପାଇନାହିଁ । ଏଣୁ ଚାଷୀ ହତୋତ୍ସାହିତ ହୋଇ ନିଜ ଆଖି ଆଗରେ ନଷ୍ଟ ହୋଇଯାଇଥିବା ଫସଲରେ ନିଆଁ ଲଗାଇ ଦେଉଥିବା ଦେଖିବାକୁ ମିଳିଛି ।

## ପୁଲିସ କବ୍‌ଜାରେ ବିହାରୀ ବନ୍ଧୁକ ବିକ୍ରି ଗ୍ୟାଙ୍ଗ୍

ଭୁବନେଶ୍ୱର,୧୫।୧୧(ସମିସ): କମିସନରେଟ୍ ପୁଲିସ ପଞ୍ଝାରେ ବନ୍ଧୁକ ବେପାରୀ । ଭୁବନେଶ୍ୱର ମାଳିସାହି ନିକଟରୁ ସ୍ପେସାଲ କ୍ରାଇମ୍ ୟୁନିଟ୍ ଆଜି ଦୁଇ ବନ୍ଧୁକ ବେପାରୀଙ୍କୁ ଗିରଫ କରିଛି । ସେମାନେ ହେଲେ, ବିହାର ରାଜ୍ୟ ଖଗରିଆ ଜିଲ୍ଲାର ଦିବ୍ୟାଂଶୁ କୁମାର ଏବଂ ଚନ୍ଦନ କୁମାର । ସେମାନଙ୍କ ନିକଟରୁ ପୁଲିସ ଗୋଟିଏ

- ୨ ଗିରଫ; ଗ୍ରାହକ ବେଶରେ ମାଡି ବସିଲା ପୁଲିସ
- ଗୋଟିଏ କାର୍ବାଇନ୍ ରାଇଫଲ୍, ଦୁଇ ମାଗାଜିନ୍, ୫ମାଉଜର, ୯ ଗୁଳି ଜବତ
- ମାଳିସାହି ନିକଟରେ ହୋଇଥିଲା ଡିଲ୍

କାର୍ବାଇନ୍ ରାଇଫଲ, ୫ଟି ମାଉଜର୍, ୯ଟି ଗୁଳି ଜବତ କରିଛି । ବନ୍ଧୁକ ଡେଲିଭରି ଦେବାକୁ ଆସିଥିବା ବେଳେ ଗ୍ରାହକ ବେଶରେ ପୁଲିସ ଦୁହିଁଙ୍କୁ ଗିରଫ କରିଛି । ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ଜଗତସିଂହପୁର ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଏମାନଙ୍କ ଚେର ଲମ୍ବିଥିବା ପୁଲିସ ଜାଣିବାକୁ ପାଇଛି । ଏମାନେ କିଛି ନାମୀ ଦାମୀ ଅପରାଧୀଙ୍କୁ ବନ୍ଧୁକ ବିକୁଥିଲେ । ତେବେ ଏମାନଙ୍କ ସହ ଆଉ କିଏ କିଏ ସାମିଲ ଅଛନ୍ତି, ଏମାନେ କେଉଁଠୁ ବନ୍ଧୁକ ଆଣିଥିଲେ, ଏଠି କାହାକୁ ଦେଇଥା'ନ୍ତେ, ଆଗରୁ କେତେଥର ବନ୍ଧୁକ ବିକିଛନ୍ତି, ସେ



ସଂପର୍କରେ ପୁଲିସ ଉଭୟଙ୍କୁ ଜେରା କରୁଥିବା ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସୂଚନା ଦେଇଛନ୍ତି ।

ଅଭିଯୁକ୍ତଦ୍ୱୟ ବିହାରରୁ ବନ୍ଧୁକ ଆଣି ଏଠାରେ ବିକ୍ରି କରନ୍ତି । ଏମାନେ କେବଳ ସପ୍ଲାୟର୍ । କଟକ, ଭୁବନେଶ୍ୱର ଓ ଆଖପାଖ ଅଞ୍ଚଳର ବହୁ ଅପରାଧୀଙ୍କୁ ଏମାନେ ଏକାଧିକବାର ବନ୍ଧୁକ ଯୋଗଇଛନ୍ତି । ହେଲେ କେବେ ଧରାପଡ଼ିନାହାନ୍ତି । ନିକଟ ଅତୀତରେ ପୁଲିସ ବନ୍ଧୁକ ରଖିଥିବା ଜଣେ ଯୁବକକୁ ଧରିଥିଲା । ତା' ସୂଚନା ଆଧାରରେ ପୁଲିସ ଏହି ବିହାରୀ ବନ୍ଧୁକ ବ୍ୟବସାୟୀଙ୍କ ପାଖରେ ପହଞ୍ଚିଥିବା ଜଣାଯାଇଛି । ଦୀର୍ଘ ଦିନ ହେବ ପୁଲିସ ଏହି ଗ୍ୟାଙ୍ଗ୍ ଉପରେ ନଜର ରଖିଥିଲା । କିନ୍ତୁ ସେମାନେ ବିହାର ପଳାଇଥିବାରୁ ପୁଲିସ ପାଉନଥିଲା । ତେଣୁ ସେମାନଙ୍କୁ ଧରିବା ପାଇଁ ପୁଲିସ ଜାଲ ବିଛାଇଥିଲା । ଗ୍ରାହକ ଭାବେ ପୁଲିସ ସେମାନଙ୍କ ସହ ଯୋଗାଯୋଗ କରିଥିଲା । ଶେଷରେ ୬ଟି ବନ୍ଧୁକ ପାଇଁ ଡିଲ୍ ଫାଇନାଲ ହୋଇଥିଲା ।

ତେବେ କେଉଁ ସ୍ଥାନରେ ଡେଲିଭରି ହେବ, ତାହା ଅଭିଯୁକ୍ତଦ୍ୱୟ ସ୍ଥିର କରିଥିଲେ । ସେମାନଙ୍କ ସବୁ ସର୍ତ୍ତ ମାନି ପୁଲିସ ମାନି ନେଇଥିଲା । ଏପରିକି, ବିଶ୍ୱାସ ଜନ୍ମାଇବା ପାଇଁ ପୁଲିସ ଅଗ୍ରିମ ଆକାରରେ କିଛି ଟଙ୍କା ମଧ୍ୟ ଦେଇଥିଲା । ଟଙ୍କା ମିଳିବା ପରେ ଅଭିଯୁକ୍ତଦ୍ୱୟ ବିହାରରୁ ବାହାରିଥିଲେ । ସେମାନେ ଟ୍ରେନ୍‌ରେ ଭୁବନେଶ୍ୱରରେ ପହଞ୍ଚିବା ପରେ ଯୋଗାଯୋଗ କରିଥିଲେ । ୧୪ ତାରିଖ ରାତିରେ ଷ୍ଟେସନ ନିକଟସ୍ଥ ମାଳିସାହି ପାଖରେ ବନ୍ଧୁକ ମିଳିଯିବ ବୋଲି କହିଥିଲେ । ସେମାନଙ୍କ କହିବାନୁଯାୟୀ ପୁଲିସ ଠିକ୍ ସମୟରେ ସେଠାରେ ପହଞ୍ଚି ଯାଇଥିଲା । ସେମାନେ ବନ୍ଧୁକ ଦେବା ବେଳେ ପାଖରେ ଉପସ୍ଥିତ ଥିବା ଅନ୍ୟ ପୁଲିସ ଅଧିକାରୀମାନେ ଅଭିଯୁକ୍ତଦ୍ୱୟଙ୍କୁ କାବୁ କରିନେଇଥିଲେ । ଅପରେସନ୍ ଏତେ ସତର୍କତାର ସହ କରାଯାଇଥିଲା ଯେ ସେମାନଙ୍କୁ ବିରୋଧ କରିବା କିମ୍ବା ହାତାହାତି କରିବାକୁ ବି ପୁଲିସ ସୁଯୋଗ ଦେଇନଥିଲା ।



# ଭୁବନେଶ୍ୱର ସିଟି

**୨୦୨୪ ବାଲିଯାତ୍ରା ଅଘଟଣ**

# ମୃତ ୫ ଜଣଙ୍କ ପରିବାରକୁ ମିଳିନି ସହାୟତା

କଟକ,୧୫ ।୧୧(ସମିସ): ଐତିହାସିକ ବାଲିଯାତ୍ରା ଗତ ୧୩ ତାରିଖରେ ଶେଷ ହୋଇଛି । ଏକାଧିକ ଅବ୍ୟବସ୍ଥା ଭିତରେ ୯ମ ଦିନ ସନ୍ଧ୍ୟାରେ ବଲିଉଡ୍ ସିଙ୍ଗର୍ ଶ୍ରେୟା ଘୋଷାଲ୍ଙ୍କ କାର୍ଯ୍ୟକ୍ରମରେ ୨ଜଣ ଦର୍ଶକ ଦଳାଚକଟାରେ ବେହୋସ ହୋଇଯାଇଥିଲେ । ତେବେ ଗତବର୍ଷ ଅର୍ଥାତ ବାଲିଯାତ୍ରା-୨୦୨୪ରେ ମଧ୍ୟ ଯାତ୍ରା ପଡ଼ିଆରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା । ସେମାନଙ୍କୁ ଖୁବ୍‌ଶୀଘ୍ର ପ୍ରଶାସନିକ ସହାୟତା ଯୋଗାଇ ଦେବାକୁ ଘୋଷଣା କରାଯାଇଥିଲା । ଚଳିତ ବର୍ଷ ବାଲିଯାତ୍ରା ଶେଷହୋଇଥିବାବେଳେ ମୃତକଙ୍କ ପରିବାର ସହାୟତା ରାଶି ପାଇପାରିନାହାଁନ୍ତି ।

ସୂଚନା ଅନୁସାରେ, ଜଗତସିଂହପୁର ଜୟବଡର ପ୍ରଭାକର ମନ୍ଥନଙ୍କ ପୁଅ ବିଶ୍ୱପ୍ରକାଶ ମନ୍ଥନ କଟକର ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଯୁକ୍ତ ଦୁଇରେ ପଢୁଥିଲେ । ସେ ବାଲିଯାତ୍ରା ଦେଖିବା ପାଇଁ ଆସିଥିଲେ । ବିଶ୍ୱପ୍ରକାଶ ଅନ୍ୟ କିଛି ସାଙ୍ଗଙ୍କ ସହିତ ବାଲିଯାତ୍ରା ବୁଲିଥିଲେ । ୨୦୨୪ ବାଲିଯାତ୍ରାରେ ବିଶ୍ୱପ୍ରକାଶ ଓ ତାଙ୍କର କିଛି ସାଙ୍ଗ ଗିବନ୍ଧର ଗୋଟିଏ ପଟ ରାସ୍ତାରୁ ଆରପଟକୁ ଯିବା ପାଇଁ ଦୁଇ ରାସ୍ତା ମଝିରେ ଥିବା ମିଡଭର୍ସକୁ ଡେଇଁଥିଲେ । ଏତିକିବେଳେ ଦୁଇ ରାସ୍ତା ମଝିରେ ଥିବା ବାଡରେ ସଜାଯାଇଥିବା ଲିଚୁ ଲାଇଟ ତାର ସଂସ୍ପର୍ଶରେ ଆସି ବିଶ୍ୱପ୍ରକାଶ ଗୁରୁତର ହୋଇଥିଲେ । ପୁଲିସ ଓ ପ୍ରଶାସନ ତାଙ୍କୁ ଏସ୍‌ସିବି ପଠାଇଥିବା ବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ଏହାପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ମୃତ ଛାତ୍ର ବିଶ୍ୱପ୍ରକାଶଙ୍କ ପରିବାରକୁ ସହାୟତା ରାଶି ଦିଆଯିବ ବୋଲି ଘୋଷଣା କରାଯାଇଥିଲା । ହେଲେ ଏପର୍ଯ୍ୟନ୍ତ ମୃତକଙ୍କ ପରିବାର ସହାୟତା ରାଶି ପାଇ ପାରିନାହାନ୍ତି ।



- ପ୍ରଶାସନିକ ନିଷ୍ପତ୍ତି ସତ୍ତ୍ୱେ ଭୁଲିଗଲେ ସରକାର
- ଭିଆଇପି ଓ ଭିଭିଆଇପି ସେବାରେ ଲାଗିଥିଲା ପ୍ରଶାସନ

ସେହିପରି ପ୍ରମୋଦ ନାଥ ନାମକ ଜଣେ ଯୁବକ ତାଙ୍କର ୪ ଜଣ ସାଙ୍ଗଙ୍କ ସହ ବାଲିଯାତ୍ରା ପଡିଆରେ ବୁଲୁଥିଲେ । ବୁଲାବୁଲି ଭିତରେ ଖାଇବା ସହ ଦୋଳି ଖେଳି ଥିଲେ । ପରେ ସାଙ୍ଗମାନେ ଏକାଠି ହୋଇ ବୋଇତ ଗେଟ୍ ସମ୍ମୁଖରେ ସେଲ୍‌ଫି ନେଉଥିଲେ । ଏତିକିବେଳେ ପ୍ରମୋଦ ହଠାତ ଅସୁସ୍ଥ ହୋଇ ତଳେ ଗଳିପଡିଲେ । ସାଙ୍ଗମାନେ ତାଙ୍କ ମୁହଁରେ ପାଣି ଆଣି ଛିଞ୍ଚିଥିଲେ ବି ସେ ଉଠିନଥିଲେ । ଏହା ଦେଖି ନିକଟସ୍ଥ ଏଡପୋଷ୍ଟରୁ ପୁଲିସ କର୍ମଚାରୀ ଓ ପ୍ରଶାସନିକ କର୍ମଚାରୀ ଆସି ତାଙ୍କୁ ଏସ୍‌ସିବି ମେଡିକାଲ ପଠାଇଥିଲେ । ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ପ୍ରଶାସନ ମୃତ ପ୍ରମୋଦଙ୍କୁ ସହାୟତା ରାଶି ଦେବ ବୋଲି ବାଲିଯାତ୍ରାରେ ଘୋଷଣା କରିଥିଲା । ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଟଙ୍କାଟିଏ ବି ମିଳିନାହିଁ ।

ପୁରୀ ଗୋପ ବ୍ଲକ ଅନ୍ତର୍ଗତ ଇଚ୍ଛାପୁର ଗାଁର ୭୬ ବର୍ଷୀୟ ଘନଶ୍ୟାମ ବାରିକ ଓରମାସର ଷ୍ଟଲ ନମ୍ବର ୨୦୬ରେ କାମ କରୁଥିଲେ । ସେ କାମ କରୁଥିଲା ବେଳେ ହଠାତ ତଳେ ପଡି ଯାଇଥିଲେ । ତାଙ୍କୁ ତୁରନ୍ତ ଥାନା ଗାଡିରେ ଏସସିବି ନିଆଯାଇଥିଲା । ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କୁ ମଧ୍ୟ ପ୍ରଶାସନିକ ସହାୟତା ରାଶି ଦିଆଯାଇ ନାହିଁ ।

ଅନ୍ୟପଟେ ବାଲିଯାତ୍ରା ବୋଇତ ଗେଟ ନିକଟ ଗିବନ୍ଧ କଡରୁ ଜଣେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ମୃତଦେହ ମିଳିଥିଲା । ପାଖରେ ଏକ ଟ୍ରାଇ ସାଇକଲ ରହିଥିଲା । ତାଙ୍କର ପରିଚୟ ଅସ୍ପଷ୍ଟ ରହିଥିଲା । ପ୍ରଶାସନ ଓ ପୁଲିସ ପରବର୍ତ୍ତୀ ପର୍ଯ୍ୟାୟରେ ତାଙ୍କ ପରିଚୟ ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ସହାୟତା ପ୍ରଦାନ କରିନାହାନ୍ତି ।

ଗତବର୍ଷ ବାଲିଯାତ୍ରାରେ ଉଦାସ ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଯଜ୍ଞେଶ୍ୱରାନନ୍ଦ ତଳ ପଡିଆରେ ଯଜ୍ଞାନୁଷ୍ଠାନ ଓ ମହାନଦୀ ମହାଆଳତି ସାରିବା ପରେ କିଛି ଆନୁଗତ୍ୟଙ୍କ ସହ ଓରମାସ ଷ୍ଟଲ ବୁଲିବାକୁ ଯାଇଥିଲେ । ସେଠାରେ କିଛି ଖାଦ୍ୟ ଓ ମାଟି ନିର୍ମିତ ସାମଗ୍ରୀ କିଣାକିଣି କରି ଶିଷ୍ୟଙ୍କ ମଧ୍ୟରେ ବଣ୍ଟନ କରିଥିଲେ । ଏହାପରେ ଶିଶୁ ସୁରକ୍ଷା ଷ୍ଟଲରେ ବାଲ୍ୟ ବିବାହ ବନ୍ଦ ସହ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ସଚେତନ କରିଥିଲେ । ପରେ ସେ ଅସୁସ୍ଥ ହୋଇ ଯନ୍ତ୍ରଣା ଅନୁଭବ କରି ଯାତ୍ରା ପଡ଼ିଆରେ ଟଳି ପଡ଼ିଥିଲେ । ତାଙ୍କୁ ମର୍କତନଗର ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ନିଆଯାଇଥିଲା । ହେଲେ ସେଠାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା ।

ଏପରି ଭାବେ ବାଲିଯାତ୍ରା-୨୦୨୪ରେ ୫ଜଣଙ୍କ ମୃତ୍ୟୁ ଘଟିଥିଲା । ପ୍ରଶାସନ ବାଲିଯାତ୍ରାରୁ ଲକ୍ଷାଧିକ ଟଙ୍କା ଲାଭ କରୁଥିବା ବେଳେ ସେଠାରେ ମୃତ୍ୟୁ ଘଟିଥିବା କୌଣସି ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରୁନାହିଁ । କେବଳ ଘୋଷଣାରେ ସୀମିତ ରହୁଛି ପ୍ରଶାସନିକ ସହାୟତା । ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷେପ କରି ମୃତକଙ୍କୁ ସହାୟତା ପ୍ରଦାନ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

## ଗାଁ ପରିବେଶରେ ମନ ହଜିଯାଏ



ଗାଁର ପରିବେଶରେ ସବୁବେଳେ ମନ ହଜିଯାଏ । କାରଣ ଏଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ରହିଛି ଭରପୁର । କେତେବେଳେ ପାହାଡ଼ ତ କେତେବେଳେ ନଦୀ ଓ ଝରଣା ମନକୁ ବେଶ ଆନନ୍ଦ ଦିଅନ୍ତି । ଗାଁ ଦାଣ୍ଡରେ କଟିଛି ଖେଳକୁଦଭରା ପିଲାଦିନ । ସେ ସମୟ ବିତିଛି ଆଉ ସହର ବି ବଦଳିଛି, ହେଲେ ମନରୁ ଲିଭିନି ସେସବୁ ସ୍ମୃତି । ବେଳେ ବେଳେ ପଛକୁ ଫେରି ଯିବାକୁ ମନ ହୁଏ । ସେ ସମୟକୁ ପୁଣିଥରେ ଜିଇଁବାକୁ ଇଚ୍ଛା ହୁଏ ।

ନିଜ ଭାବନାର ଶବ୍ଦରେ ଗାଁର ଛବି ଆଙ୍କୁଥିଲେ । ପିଲା ଦିନକୁ ମନେ ପକାଇ ଗାଁକୁ ଏଭଳି ଝୁରୁଥିବା ମଣିଷ ହେଲେ ସିପାଞ୍ଜଳି ସାହୁ । ଘର ତାଙ୍କର ନୟାଗଡ଼ ଜିଲ୍ଲା ମାଧପୁର ଗ୍ରାମରେ । ହେଲେ ଅନେକ ବର୍ଷ ହେବ ରାଜଧାନୀର ବରମୁଣ୍ଡାସ୍ଥିତ ପାଲା ମଣ୍ଡପ ନିକଟରେ ରହୁଛନ୍ତି । ସେ ଜଣେ ଗୃହିଣୀ, ଗାଁକୁ ସେ ଖୁବ ଭଲପାନ୍ତି । କଥାରେ କଥାରେ ସେଠାକାର ବିଲ ବାଡି ଆଉ ଚାଷ କଥା କୁହନ୍ତି । ସନ୍ଧ୍ୟା ହେଲେ ଭାଗବତ ଟୁଙ୍ଗୀର ମେଳି ଏବଂ ଆଧ୍ୟାତ୍ମିକ ଚର୍ଚ୍ଚା ସବୁକିଛି ଗାଁର ପ୍ରତ୍ୟେକ ଲୋକଙ୍କୁ ଯୋଡି ରଖେ । ମାଣବସା ସମୟରେ ଗାଁ ଦାଣ୍ଡର ଝୋଟିକୁ ସାଙ୍ଗମାନଙ୍କ ଗହଣରେ ମିଶି ଯିବାର ଖୁସି ନିଆରା ବୋଲି କୁହନ୍ତି । କେବଳ ସେତିକି ନୁହଁ ରଜରେ ଦୋଳି ଖେଳ, ନାନପ୍ରକାରର ପ୍ରତିଯୋଗିତା, ଦୋଳ ଆଦି ସମୟରେ ପୁରା ଗାଁ ଉତ୍ସବମୁଖର ହୋଇ ଉଠେ । ହେଲେ ଏଠି ରାଜଧାନୀରେ ଘରୁ ବାହାରିଲେ କେବଳ ଗାଡି ମଟରର ଶବ୍ଦ, ମାଳମାଳ କୋଠାବାଡି ମନକୁ ଅସ୍ତବ୍ୟସ୍ତ କରିପକାନ୍ତି । ସହର ଜାଣିନି ଗାଁର ଭାଇଚାରା ସମ୍ପର୍କ । ସେହିପରି କାର୍ତ୍ତିକ ମାସ ଆସିଲେ ପ୍ରତିଦିନ ସନ୍ଧ୍ୟାରେ ସମସ୍ତେ ଏକାଠି ହୋଇ ଭାଗବତ ପଢ଼ିବା ସହ ଆଲୋଚନା କରନ୍ତି । ଗାଁରେ ରାମଲୀଳା ମଧ୍ୟ ହୋଇଥାଏ । ସେଠାରେ ଗୋ ମାତାଙ୍କୁ ପୂଜା କରାଯାଏ । ଏଠାରେ ବଢୁଥିବା ପିଲାମାନଙ୍କ ମଧ୍ୟରେ ସେ ଉତ୍ସାହ ଦେଖିବାକୁ ମିଳେନି ବରଂ, ଫୋନ ସହ ସେମାନେ ଅଧିକ ଜଡିତ । ପିଲାଦିନର ଖେଳ ଯାହା ସବୁ ଗାଁ ଦାଣ୍ଡ କିମ୍ବା ପଡ଼ିଆରେ ଖେଳାଯାଏ କବାଡି, କିତ କିତ, ଲୁଚକାଳି ଆଦି ସହରୀ ପିଲା ଜାଣି ନାହାନ୍ତି । କହିବାକୁ ଗଲେ ଖେଳକୁଦ କରିବାକୁ ମଙ୍ଗୁନାହାନ୍ତି କେବଳ ପାଠପଢ଼ା ଚିନ୍ତାରେ ସମୟ ବିତୁଛି । ଗାଁର ସେ ଆମ୍ବ ତୋଟା, ବାଡି ବରକୋଳି କେତେ ଯେ ସ୍ମୃତି ସାଇତିଛି କହିଲେ ହୁଏତ ସମୟ କମ ପଡ଼ିବ । ଗାଁ ସବୁବେଳେ ମନରେ ଶ୍ରେଷ୍ଠ ସ୍ଥାନରେ ରହିବ ।

**ଆମେ ଗାଁରୁ ଆସିଛୁ**

## ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବ ଉଦ୍‌ଯାପିତ

ଭୁବନେଶ୍ୱର, ୧୫ ।୧୧(ସମିସ): ଅଞ୍ଜଳି ଶିଶୁ ଓ ଯୁବ ଉତ୍ସବ ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ସରକାରଙ୍କ ଆବାସ ଏବଂ ନଗର ଉନ୍ନୟନ ବିଭାଗର ପ୍ରଧାନ ସଚିବ ଉଷା ପାଢ଼ୀ ଯୋଗ ଦେଇଥିବା ବେଳେ ସ୍ୱାଭିମାନର ପ୍ରତିଷ୍ଠାତା ଡକ୍ଟର ଶ୍ରୁତି ମହାପାତ୍ର, କ୍ୟୁରବୟର ପ୍ରତିଷ୍ଠାତା ପ୍ରିୟଦର୍ଶୀ ମହାପାତ୍ର, ଓରାଲ୍ ଆଣ୍ଡ ମ୍ୟାକ୍ସିଲୋଫେସିଆଲ୍ ସର୍ଜନ୍ ଏବଂ ଅଞ୍ଜଳିର ସ୍ୱେଚ୍ଛାସେବୀ ଡାଃ ତାପସ ଦାସ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ଅଞ୍ଜଳି ଆୱାର୍ଡ ଏବଂ ଅଞ୍ଜଳି ସ୍କଲାର୍ସଙ୍କୁ ସମ୍ମାନିତ କରାଯାଇଥିଲା । ନିରଞ୍ଜନ ମୁଣ୍ଡା ଏବଂ କାନ୍ତିଲତା ଶୁ, ଦିବ୍ୟାଙ୍ଗ ହୋଇ ମଧ୍ୟ ଉଚ୍ଚ



ଶିକ୍ଷାରେ ସଫଳତା ହାସଲ କରିଛନ୍ତି, ସେମାନଙ୍କୁ ବିଶେଷ ସମ୍ମାନ ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତା ବିଜେତାଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା । ଅପରାହ୍ଣରେ ଏସ୍‌ସିପିଆର୍ ଅଧ୍ୟକ୍ଷା ବବିତା ପାତ୍ର ଯୋଗ ଦେଇ ଅଞ୍ଜଳିରେ 'ଆନନ୍ଦର ଉତ୍ସବ (ଫେଷ୍ଟିଭାଲ ଅଫ୍ ଜୟ)' ଉଦ୍‌ଘାଟିତ କରିଥିଲେ । ସନ୍ଧ୍ୟାରେ ରାମ୍ପ ଚାଲି ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀରୁ ଆସିଥିବା ଟିମ୍ ଦ୍ୱାରା ରାମାୟଣ ଅନ୍ ହ୍ୱିଲ୍ସ୍, ୱିଆର୍ ୱାନ୍ ପ୍ରଦର୍ଶନ କରାଯାଇଥିଲା । କସ୍ତୁରୀ ମିଶ୍ର, ଚନ୍ଦନା ଦାସ, ମନସ୍ମିତା ଖୁଣ୍ଟିଆ, ଡା. ଅମିତାଭ ବେହେରା, ପ୍ରଫେସର ସୁସ୍ମିତା ଜେନା, ଶ୍ରୀ ରାଜେଶ ପଣ୍ଡା ଓ ପ୍ରିୟା ସାହୁ ଏହି ଉତ୍ସବରେ ଉପସ୍ଥିତ ରହିଥିଲେ ।

## ସିନେପଲିସ ଇଣ୍ଡିଆ ପକ୍ଷରୁ 'ଲେଟ୍‌ସ ଅଲ ଗୋ ଟୁ ସିନେପଲିସ'



ଭୁବନେଶ୍ୱର, ୧୫।୧୧(ସମିସ): ରାଉଣ୍ଡ ଟେବୁଲ ଇଣ୍ଡିଆ ସହଯୋଗରେ ସନେପଲିସ ଇଣ୍ଡିଆ 'ଲେଟ୍‌ସ ଅଲ ଗୋ ଟୁ ସିନେପଲିସ' ଅଭିଯାନର ଦଶମ ସଂସ୍କରଣ ଅନୁଷ୍ଠିତ ହୋଇଛି । ଏହି ଅବସରରେ ୪୦ଟି ସ୍ଥାନରେ ଥିବା ସିନେପଲିସରେ ୧୩ ହଜାରରୁ ଅଧିକ ଶିଶୁଙ୍କ ପାଇଁ କମ୍ପ୍ଲିମେଣ୍ଟାରୀ ମର୍ଣ୍ଣିଂ ସୋ ଆୟୋଜିତ ହୋଇଥିଲା । ପିଲାମାନେ ହିନ୍ଦୀ ଓ ତେଲୁଗୁ ଭାଷାରେ ମହାଯୋଦ୍ଧା ରାମ ଏବଂ ତାମିଲ ଓ କନ୍ନଡ ଭାଷାରେ କାନ୍ତାରା ଦେଖିଥିଲେ । ଏହି ଅଭିଯାନକୁ ନେଇ ସିନେପଲିସ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଦେବାଙ୍ଗ ସମ୍ପତ କହିଛନ୍ତି, ଏକ ସରଳ ଆଇଡିଆରୁ 'ଲେଟ୍‌ସ ଅଲ ଗୋ ଟୁ ସିନେପଲିସ' ଆରମ୍ଭ ହୋଇଥିଲା । ପ୍ରତ୍ୟେକ ଶିଶୁ ଏକ ନିରାପଦ ସ୍ୱାଗତପୂର୍ଣ୍ଣ ପରିବେଶ ମଧ୍ୟରେ ବିଗ ସ୍କିନ୍ ର ଅନୁଭୂତ ନେଉଛନ୍ତି । ସେହିପରି ରାଉଣ୍ଡ ଟେବୁଲ ଇଣ୍ଡିଆର ସଭାପତି ରଚିତ ବଂଶଲ ସିନେପଲିସ ସହିତ ତାଙ୍କର ସହଯୋଗିତା ବିଷୟରେ ବକ୍ତବ୍ୟ ରଖିଥିଲେ । ଶିଶୁ ଦିବସରେ ଏହି ସହଯୋଗିତା ମାଧ୍ୟମରେ ପ୍ରତିବର୍ଷ ଶିଶୁମାନଙ୍କୁ ଏକ ସୁବ୍ୟବସ୍ଥିତ ଆଉଟିଂ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି ।

## ଡିଏଭି ୟୁନିଟ୍-୮ ରେ 'ଆଲଫା ଜେନେସିସ୍'




ଭୁବନେଶ୍ୱର, ୧୫।୧୧(ସମିସ): ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ଏହାର କଳାତ୍ମକ ପରିପ୍ରକାଶ ଲକ୍ଷ୍ୟ ନେଇ ଡିଏଭି ପବ୍ଲିକ୍ ସ୍କୁଲ ୟୁନିଟ୍-୮ ପରିସରରେ ବାର୍ଷିକ ପ୍ରକଳ୍ପ ପ୍ରଦର୍ଶନୀ 'ଆଲଫା ଜେନେସିସ' ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ସନ୍ତୋଷ ଉପାଧ୍ୟାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରକଳ୍ପ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଏଥିରେ ବିଦ୍ୟାଳୟର ପ୍ରାୟ ୯ଶହ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ, କମ୍ପ୍ୟୁଟର, ବାଣିଜ୍ୟ, ହ୍ୟୁମାନିଟି, ଚିତ୍ରାଙ୍କନ ଆଧାରରେ ପ୍ରାୟ ୩୦ ଷ୍ଟଲରେ ୨୯୬ରୁ ଅଧିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ମୁଖ୍ୟତଃ ସୌରଶକ୍ତି ପ୍ରୟୋଗ, ସ୍ମାର୍ଟ ସିଟି, ବର୍ଜ୍ୟବସ୍ତୁ ପରିଚାଳନା, ବହୁମୁଖୀ ସଫେଇ ଯନ୍ତ୍ର, ଯାନବାହନ ପରିଚାଳନା, ପ୍ରଦୂଷଣ ନିୟନ୍ତ୍ରଣ, ସବୁଜ ଶକ୍ତି ବ୍ୟବହାର, ସୁସ୍ଥ ପରିବେଶ ଆଦି ବିଷୟ ଉପରେ ପ୍ରଦର୍ଶନୀରେ ଗୁରତ୍ୱ ଆରୋପ କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ଆସର ସମସ୍ତଙ୍କୁ ଆକୃଷ୍ଟ କରିଥିଲା । ଆୟୋଜିତ ପୁରସ୍କାର ବିତରଣୀ ସଭାରେ ସିବିଏସ୍‌ଇ ଭୁବନେଶ୍ୱର କାର୍ଯ୍ୟାଳୟର ଆଞ୍ଚଳିକ ଅଧିକାରୀ ଲଳିତ କୁମାର କପିଲ ମୁଖ୍ୟଅତିଥି ଭାବେ ଯୋଗଦେବା ସହ ଶ୍ରେଷ୍ଠ ପ୍ରକଳ୍ପ ପ୍ରସ୍ତୁତକାରୀଙ୍କୁ ପୁରସ୍କୃତ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷା ଈପ୍‌ସିତା ଦାସ ପିଲାମାନଙ୍କର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ ।

## ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସରେ ଦୃଷ୍ଟିବାଧିତ ମହିଳା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଭୁବନେଶ୍ୱର, ୧୫।୧୧(ସମିସ): ଆସନ୍ତା ଡିସେମ୍ବର ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ରାଜ୍ୟସ୍ତରୀୟ ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ-୨୦୨୫ ପାଳନ କରାଯିବ । ସୋଆ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତିକ ଭିନ୍ନକ୍ଷମ ଦିବସ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ । ସେହିପରି ସୋଆ ସ୍ଥିତ ଖେଳପଡ଼ିଆରେ ଦୃଷ୍ଟିବାଧିତ ମହିଳାମାନଙ୍କ ମଧ୍ୟରେ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯିବ । ଏହି ଅବସରରେ ଭିନ୍ନକ୍ଷମ ବ୍ୟକ୍ତି, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଅନୁଷ୍ଠାନ ତରଫରୁ ବିଭିନ୍ନ ଷ୍ଟଲ ଖୋଲିଯିବାର ବ୍ୟବସ୍ଥା କରାଯାଇଥିବା ବେଳେ ବିଭାଗୀୟ ୱେବ୍‌ସାଇଟ୍‌ରେ ଷ୍ଟଲ ପାଇଁ ରେଜିଷ୍ଟ୍ରେସ୍ କରାଯିବ ବୋଲି ଶନିବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ନିର୍ଦ୍ଦେଶିକା ସୁଶ୍ରୀ ପାରୁଲ ପଟାୱାରୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି । କ୍ୟାପିଟାଲ ହସ୍‌ପିଟାଲସ୍ଥିତ ରାଜ୍ୟ ଭିନ୍ନକ୍ଷମ ପ୍ରତିଷ୍ଠାନ ସମ୍ମିଳନୀ କକ୍ଷରେ ପ୍ରସ୍ତୁତି ବୈଠକ ଆୟୋଜନ କରାଯାଇଥିଲା । ବୈଠକରେ ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାୟ, ଭାସ୍କର ରଇତୋ ଓ ସନ୍ତୋଷ ବେହେରା ଯୋଗ ଦେଇଥିଲେ ।

## ଆସନ୍ତା ୧୭ରେ ବ୍ରହ୍ମାକୁମାରୀଜ୍ ଭୁବନେଶ୍ୱରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ



ଭୁବନେଶ୍ୱର, ୧୫ ।୧୧(ସମିସ): ଆସନ୍ତା ୧୭ ତାରିଖରେ ବ୍ରହ୍ମାକୁମାରୀଜ୍ ଭୁବନେଶ୍ୱରର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଜନତା ମୈଦାନରେ ଆୟୋଜିତ ହେବ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବେ । ଏଥି ସହିତ ସନ୍ଧ୍ୟାରେ ଆନ୍ତର୍ଜାତୀୟ ପ୍ରେରକ ବକ୍ତା ଏବଂ ରାଜଯୋଗ ଶିକ୍ଷିକା ବି.କେ. ଶିବାନୀ ଯୋଗଦେଇ 'ସିକ୍ରେଟ ଅଫ କନଷ୍ଟାଣ୍ଟ ହାପିନେସ' ବିଷୟରେ ସେସନ୍ ଆରମ୍ଭ କରିବେ । ଏହି କାର୍ଯ୍ୟକ୍ରମ ସନ୍ଧ୍ୟା ୫.୩୦ ମିନିଟରେ ଆରମ୍ଭ ହେବ ।

ରେଜିଷ୍ଟ୍ରେସନ୍ ପାଇଁ ଆଗ୍ରହୀ ଶ୍ରୋତାମାନେ ଅଧଘଣ୍ଟା ଆଗୁଆ ଆସିବାକୁ ବିଶେଷ ଅନୁରୋଧ କରାଯାଇଛି । ଯଦି ଅଧିକ ଲୋକ ହୁଅନ୍ତି ତେବେ ସୁବିଧା ପାଇଁ ସ୍ପଟ ରେଜଷ୍ଟ୍ରେସନ କାଉଣ୍ଟର ସୁବିଧା କରାଯିବ । ଏହି ଉତ୍ସବ ପରେ ୧୮ ରୁ ୨୦ ତାରିଖ ଯାଏଁ ଡ଼. ଦାମିନୀ (ଗୁଜରାଟ) ଦ୍ୱାରା ମାଗଣା ଧ୍ୟାନ କୋର୍ସ ଆୟୋଜିତ ହେବ ବୋଲି ଶନିବାର ବ୍ରହ୍ମାକୁମାରୀଜ୍ ସବ ଜୋନ ମୁଖ୍ୟ ବିକେ ଗୀତା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

## 'ରକ୍ତ ଗୋଲାପ'ର ପ୍ରଥମ ପୋଷ୍ଟର ରିଲିଜ




ଭୁବନେଶ୍ୱର, ୧୫।୧୧(ସମିସ): ଚର୍ଚ୍ଚିତ ଚଳଚ୍ଚିତ୍ର 'ରକ୍ତ ଗୋଲାପ'ର ପ୍ରଥମ ଅଫିସିଆଲ ପୋଷ୍ଟର ଉନ୍ମୋଚିତ ହୋଇଯାଇଛି । ଯେଉଁଥିରେ ନାୟିକା ଏଲିନା ସାମନ୍ତରାୟଙ୍କୁ ଦେଖିବାକୁ ମିଳିଥିବା ବେଳେ ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଅଶ୍ରୁଜିତ ମହାପାତ୍ର ଓ ଶୋଭନ ଦାସ ଏବଂ ନିର୍ଦ୍ଦେଶନା ଦେଇଛନ୍ତି ଶିଶିର କୁମାର ସାହୁ ଓ ପିନାକୀ ସିଂ । ଅନ୍ୟମାନଙ୍କ ମଧ୍ୟରେ ଅଭିଷେକ ଗିରି, ସମରେଶ ରାଉତରାୟ, ଚୌଧୁରୀ ଜୟପ୍ରକାଶ ଦାସ, ହର ରଥ ଓ ଉଦିତ ଗୁରୁଙ୍କୁ ପ୍ରମୁଖ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି । ସିନେମାରେ ସଙ୍ଗୀତ ନିର୍ଦ୍ଦେଶନା ଆଶିଷ ପ୍ରଧାନ ଦେଇଥିବା ବେଳେ ଚିତ୍ରନାଟ୍ୟ ତଥା ସଂଳାପ ରଚନା କରିଛନ୍ତି ଅମିତ କୁମାର ଦାସ ଓ ଅନିଲ ବାରିକ ।

**ରାସ୍ତାକଡ଼ରେ ଶୀତବସ୍ତ୍ର ପସରା**

# ଶୀତ ବଢ଼ିଲେ ବେପାର ଜମିବ

ଭୁବନେଶ୍ୱର, ୧୫।୧୧(ସମିସ): ରାଜଧାନୀରେ ଖୋଲିଲାଣି ଶୀତବସ୍ତ୍ର ବଜାର । ତେବେ ଚଳିତ ବର୍ଷ ସଅଳ ଆସିଛି ଶୀତ । ତା' ପ୍ରଭାବରେ ଥରି ଉଠୁଛି ସହର । ତେଣୁ ଘରେ ଘରେ ଖୋଜା ପଡ଼ିଲାଣି ଶୀତବସ୍ତ୍ର । ସେହି ପରିପ୍ରେକ୍ଷୀରେ ରାଜଧାନୀର ବିଭିନ୍ନ ସ୍ଥାନରେ ଖୋଲିଗଲାଣି ଶୀତବସ୍ତ୍ର ବଜାର । ଆଗକୁ ଶୀତ ବଢ଼ିଲେ ବେପାର ଭଲ ହେବ ବୋଲି ଆଶା ବାନ୍ଧିଛନ୍ତି ବେପାରୀ ।



**ରାସ୍ତାକଡ଼ରେ ରାଜସ୍ଥାନୀ ବେପାରୀ, ସଅଳ ଶୀତ ଯୋଗୁଁ ଭଲ ବେପାର ଆଶା**

ବିଭିନ୍ନ ମାର୍କେଟ, ଛକ, ଓ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ବାହାର ରାଜ୍ୟରୁ ବ୍ୟବସାୟୀମାନେ ଆସର ଜମେଇଛନ୍ତି । ବିଶେଷକରି ଖଣ୍ଡଗିରି ଛକ, ସହିଦନଗର, ଏକ ନଂ ହାଟରେ ଆରମ୍ଭ ହୋଇଛି । ବର୍ତ୍ତମାନର ଚାହିଦାକୁ ଦେଖି ବେପାରୀମାନେ ବିଭିନ୍ନ ପ୍ରକାରର ଟ୍ରେଣ୍ଡି ସ୍ୱେଟର, ଜାକେଟ୍, ସାଲ କମ୍ବଳ, ଟୋପି, ମଫଲର୍ ଆଦି ସାଙ୍ଗରେ ନେଇ ଆସିଛନ୍ତି । ଯେଉଁଥିରେ କଶ୍ମୀରୀ ସାଲ, ରାଜସ୍ଥାନୀ ସ୍ୱେଟର, ସେରିନୋ ଉଲ ଯାକେଟ୍, ସ୍ରଗ୍ ଆଦି ଭେରାଇଟି ରହିଛି । ଖଣ୍ଡଗିରି ଟ୍ରାଫିକ୍ ଛକ ନିକଟରେ ଗତ ୪ ଦିନ ହେବ ଆରମ୍ଭ ହୋଇଛି ଶୀତବସ୍ତ୍ର ମେଳା । ଯେଉଁଠି କେବଳ ରାଜସ୍ଥାନୀମାନଙ୍କ ଷ୍ଟଲ୍ ରହିଛି । ଏସବୁର ମୂଲ୍ୟ ୧୫୦ ଟଙ୍କାରୁ ଆରମ୍ଭ ହୋଇ ୩ ହଜାର ପର୍ଯ୍ୟନ୍ତ ରହିଛି । ଏହି ମେଳା ଫେବ୍ରୁଆରୀ ୧୫ ଯାଏଁ ଚାଲିବ । ଚଳିତ ବର୍ଷ ଶୀତକୁ ଦେଖି ଭଲ ବେପାର ହେବା ନେଇ ଆଶାବାନ୍ଧି ରହିଛନ୍ତି ବ୍ୟବସାୟୀ । ଗତ କିଛିଦିନ ହେଲା ବେପାର ଆରମ୍ଭ ହୋଇଥିଲେ ହେଁ ଲୋକ ଏଥର ଷ୍ଟଲ ମୁହାଁ ହେଉଛନ୍ତି ଏବଂ ବିକ୍ରି ମଧ୍ୟ ଆରମ୍ଭ ହେଲାଣି ବୋଲି ରାଜସ୍ଥାନରୁ ଆସିଥିବା ବ୍ୟବସାୟୀ ଦେବେନ୍ଦ୍ର କହିଛନ୍ତି ।

ଅନ୍ୟପଟେ ଗତ କିଛିବର୍ଷ ଧରି ରାଜଧାନୀରେ କମ ଶୀତ ଯୋଗୁଁ ଆଶାନୁଯାୟୀ ଶୀତବସ୍ତ୍ର ବେପାର ହେଉ ନ ଥିବାରୁ, ତିବ୍ବତୀୟ, ବଙ୍ଗୀୟ ଓ ନେପାଳୀ ବ୍ୟବସାୟୀଙ୍କୁ ଆଉ ଦେଖିବାକୁ ମିଳୁନାହିଁ । ନଭେମ୍ବର ପ୍ରଥମ ସପ୍ତାହରୁ ନେପାଳ ସମେତ ଓଡ଼ିଶା ବାହାରୁ ବିଭିନ୍ନ ଅଞ୍ଚଳରୁ ରାଜଧାନୀକୁ ଛୁଟି ଆସିଥାନ୍ତି । କମ ବେପାର ଯୋଗୁଁ ଦୁଇ ବର୍ଷ ହେବ ସେମାନେ ଆଉ ଏଠାକୁ ବେପାର ପାଇଁ ଆସୁନାହାନ୍ତି । ତେଣୁ ରାଜସ୍ଥାନୀ ବେପାରୀ ବିଭିନ୍ନ ଅଞ୍ଚଳରେ ଶୀତବସ୍ତ୍ର ଷ୍ଟଲ୍ ଖୋଲିଛନ୍ତି । ଏଥିସହ କେତେକ ରାସ୍ତାକଡ଼ଠାରୁ ଆରମ୍ଭ କରି ବିଭିନ୍ନ ମଲ୍‌ରେ ବି ଶୀତବସ୍ତ୍ରର ଭଳିକିଭଳି ଡିଜାଇନ୍‌ର କଲେକ୍ସନ ଉପଲବ୍ଧ ହେଲାଣି ।

## ଜାତୀୟ ଥାଲାସେମିଆ ଦିବସ

ଭୁବନେଶ୍ୱର, ୧୫।୧୧(ସମିସ): ଭୁବନେଶ୍ୱରସ୍ଥିତ ମ୍ୟୁନିସିପାଲଟି ସଭାଗୃହରେ ଟାସୱାଲ ତରଫରୁ ଜାତୀୟ ଥାଲାସେମିଆ ଦିବସ ପାଳିତ ହୋଇଯାଇଛି । ଟାସୱାଲ ଓଡ଼ିଶାର ସାଧାରଣ ସମ୍ପାଦକ ଶ୍ରୀନିବାସ ପାଣିଗ୍ରାହୀ ସଭାଟିକୁ ପରିଚାଳନା କରିଥିବା ବେଳେ ରାଜନେତ୍ରୀ ରଶ୍ମୀ ମହାପାତ୍ର, ମ୍ୟୁନିସିପାଲିଟି ହସ୍ପିଟାଲର ମୁଖ୍ୟ ଚିକିତ୍ସାଧିକାରୀ ଡା ସିଦ୍ଧାର୍ଥ ଶଙ୍କର ରାୟ, ରକ୍ତ ଭଣ୍ଡାରର ଅଧିକାରୀ ଡା ସର୍କାର, ସାମାଜିକ କଲ୍ୟାଣ ବୋର୍ଡ଼ର ଅଧ୍ୟକ୍ଷା କସ୍ତୁରୀ ପଟ୍ଟନାୟକ, ପୂର୍ବତନ ରକ୍ତ ଭଣ୍ଡାରର ଅଧିକାରୀ ଡା ଦେବୀ ପ୍ରସାଦ ରଥ, ଚନ୍ଦ୍ରଶେଖର ମହାପାତ୍ର, ଚଳଚ୍ଚିତ୍ର ନିର୍ଦ୍ଦେଶକ ଚନ୍ଦ୍ରଭାନୁ କର ଯୋଗ ଦେଇଥିଲେ ।

**BEST OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

9437015112



# ବନ୍ଧୁକ ମାଫିଆଙ୍କ ଟାର୍ଗେଟ୍ ଟୁଇନ୍‌ସିଟି





ଭୁବନେଶ୍ୱର, ୧୫।୧୧(ସମିସ): ଭୁବନେଶ୍ୱର ଏବଂ କଟକ ଟୁଇନ୍‌ସିଟି ଶାନ୍ତିପ୍ରିୟ ସହର ଭାବେ ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଟୁଇନ୍‌ସିଟିର ଏହି ଶାନ୍ତକୁ ଦେଖି ସହି ପାରୁନାହାନ୍ତି ଉତ୍ତର ଭାରତର ବନ୍ଧୁକ ବ୍ୟବସାୟୀ। ପରିସ୍ଥିତି ବିଗାଡ଼ିବାକୁ ଏହା ଉପରେ ଦୁଇ ସହର ଉପରେ ଲୋଲୁପ ଦୃଷ୍ଟି ପକାଇଛନ୍ତି। ବନ୍ଧୁକ ବ୍ୟବସାୟ କରି ସହରର ଶାନ୍ତିକୁ ଭଙ୍ଗ କରିବାକୁ ଏମାନେ ଜୋରସୋର୍‌ରେ ଉଦ୍ୟମ ଚଳାଇଛନ୍ତି। ପ୍ରତ୍ୟେକ ଅପରାଧୀଙ୍କ ହାତରେ ଅଟୋମେଟେଡ୍ ବନ୍ଧୁକ ଯୋଗାଇଦେବା ଲକ୍ଷ୍ୟରେ ଏମାନେ ସିନା ମୋଟା ଅଙ୍କର ଟଙ୍କା ରୋଜଗାର କରୁଛନ୍ତି କିନ୍ତୁ ପରିଣାମରେ ଅଶାନ୍ତ ହୋଇପଡୁଛି ରାଜଧାନୀ ସହର ସମେତ ପୂରା ଟୁଇନ୍ ସିଟି।

ପୂର୍ବରୁ ଏହି ବ୍ୟବସାୟୀମାନେ ଟୁଇନ୍‌ସିଟିରେ କାଁ ଭାଁ ସକ୍ରୀୟ ହେଉଥିଲେ। ଗୋଟିଏ ଦୁଇଟି ବନ୍ଧୁକ ଆଣି ବ୍ୟବସାୟ କରୁଥିଲେ। ହେଲେ ଏବେ କିନ୍ତୁ ଉତ୍ତର ଭାରତ ବନ୍ଧୁକ ବ୍ୟବସାୟୀ ବର୍ଷ ତମାମ୍ ସକ୍ରିୟ ରହୁଛନ୍ତି। ଟୁଇନ୍‌ସିଟିରେ ଏମାନେ ନିଜର ପାଦଚିହ୍ନ ବଢ଼ାଇବାରେ ଲାଗିଛନ୍ତି। ନିଜର ଜଡ ମଜଭୁତ କରୁଛନ୍ତି। ବିଗତ କିଛି ବର୍ଷ ଧରି ଗୋଟିଏ ଦୁଇଟି ବଡ ଚଢଉ ହେଉଥିଲା। ଯେଉଁଥିରେ ୫କିମ୍ବା ଏହାଠାରୁ ଅଧିକ ବନ୍ଧୁକ ଜବତ ହେଉଥିଲା। ଚଳିତବର୍ଷରେ ଟୁଇନ୍‌ସିଟିରେ ବନ୍ଧୁକକୁ ନେଇ ଅନେକ ଛୋଟ ମୋଟ ଚଢଉ ହୋଇଥିଲା ବେଳେ ୪ଟି ବଡ଼ ଚଢଉ ହୋଇଛି। ଏହି ୪ ଚଢ଼ଉରେ ଏକ ବନ୍ଧୁକ କାରଖାନା, ୫୦ବନ୍ଧୁକ ଏବଂ ୩୯ ଜୀବନ୍ତ ଗୁଳି ଜବତ ହୋଇଛି। ଯାହା ଏବେ ପୁଲିସ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି।

ପ୍ରତ୍ୟେକଟି ବଡ ଚଢଉରେ ଉତ୍ତର ଭାରତର ବ୍ୟବସାୟୀ ଏବଂ ଅପରାଧୀଙ୍କ ଲିଙ୍କ୍ ଥାଏ। ଏମାନେ କଟକ ୪୨ମୌଜାରେ ବନ୍ଧୁକ କାରଖାନା ବସାଇ ବହୁ ବନ୍ଧୁକ ବିକ୍ରି କରିଛନ୍ତି। ଏହି ଗୋଟିଏ ଘଟଣାକୁ ଛାଡିଦେଲେ ଅନ୍ୟ ସମସ୍ତ ଘଟଣାରେ ପୁଲିସ ମାଷ୍ଟରମାଇଣ୍ଡ ପାଖରେ ପହଞ୍ଚି ପାରୁ ନାହିଁ। କେବଳ ବନ୍ଧୁକ ସପ୍ଲାୟର୍ସଙ୍କୁ ଗିରଫ କରୁଛି। ଏମାନେ କାହାକୁ ବନ୍ଧୁକ ଯୋଗଇଛନ୍ତି ତାହା ମଧ ଜାଣି ପାରୁନାହିଁ। ଯାହା ଚିନ୍ତାର ମୁଖ୍ୟ କାରଣ। ଟୁଇନ୍‌ସିଟିରେ ବନ୍ଧୁକ ବ୍ୟବସାୟ ବଢ଼ିଲେ ଅପରାଧ ବୃଦ୍ଧି ପାଇବ। ଅଧିକରୁ ଅଧିକ ଯୁବଗୋଷ୍ଠୀ ଅପରାଧ ମୁହାଁ ହେବ। ହତ୍ୟା, ଲୁଟ୍, ଗ୍ୟାଙ୍ଗ୍‌ୱାର, ବଟି ଆଦାୟ, ଡକାୟତି, ଚୋରି ଭଳି ଅପରାଧ ବଢ଼ିବ। ଯାହା ଦୁଇ ସହରର ଶାନ୍ତିପୂର୍ଣ୍ଣ ସାମାଜିକ ପରିସ୍ଥିତିକୁ ଦୃଢ ମାତ୍ରାରେ ପ୍ରଭାବିତ କରିବ।

- ବିହାର ପରେ ମାତିଲେଣି ପୂରା ଉତ୍ତରଭାରତ ବେପାରୀ
- ବହୁ ପରିମାଣରେ ଯୋଗାଉଛନ୍ତି ବନ୍ଧୁକ
- ବର୍ଷକରେ ୪ ବଡ଼ ଚଢ଼ଉ; ୫୦ ବନ୍ଧୁକ, ୩୯ ଗୁଳି ଜବତ

## ୪୨ମୌଜାରେ ଉତ୍ତର ଭାରତ ଗ୍ୟାଙ୍ଗ ଚଳାଇଥିଲେ କାରଖାନା



ମାର୍ଚ୍ଚ ମାସ ୧୩ ତାରିଖରେ କମିସନରେଟ୍ ପୁଲିର ଅଞ୍ଚଳ ୪୨ ମୌଜାରେ ବିଦେଶୀ ବନ୍ଧୁକ କାରଖାନା ଠାବ ହୋଇଥିଲା। ଯାହା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଉପକୂଳ ଜିଲ୍ଲାରେ ଏଭଳି କାରଖାନା ଦେଖି ଠାବ କରିଥିବା ସଂସ୍ଥା ଏସ୍‌ଟିଏଫ୍ ବି ଆଶ୍ଚର୍ଯ୍ୟ ହୋଇଯାଇଥିଲା। ଏକ ଫାର୍ମ ହାଉସର ଚାଳଘରେ ଚାଲିଥିବା ଏହି କାରଖାନାରୁ ମିଳିଥିଲା ୨୯ ବନ୍ଧୁକ। ମୋଟର, ଲେଦ୍, ୧୪ ସ୍ଲାଇଡର, ୧୫ ବାରେଲ୍। ଉତ୍ତରପ୍ରଦେଶ ଫେରନ୍ତା ଜଣେ ସ୍ଥାନୀୟ ବ୍ୟକ୍ତିଙ୍କ ସହାୟତାରେ ଉତ୍ତର ଭାରତ ବନ୍ଧୁକ ବ୍ୟବସାୟୀ ଗ୍ୟାଙ୍ଗ୍ ଚଳାଇଥିଲେ ବନ୍ଧୁକ କାରଖାନା। ଏଥିରେ ଉତ୍ତର ପ୍ରଦେଶ ହଜରତଗଞ୍ଜ ଅଞ୍ଚଳର ଏମ୍‌ଡି. ହୁସେନ୍ ଏବଂ ବିହାର ମୁଙ୍ଗେର ଅଞ୍ଚଳର ମହମ୍ମଦ କାଲୁ ଏବଂ ପଶ୍ଚିମବଙ୍ଗର ଏମ୍‌ଡି. ବୁଧୁଙ୍କୁ ଗିରଫ କରିଥିଲା। ଏମାନେ ବର୍ଷେରୁ ଅଧିକ ସମୟ ଧରି ବନ୍ଧୁକ ପ୍ରସ୍ତୁତ କରି ରାଜ୍ୟରେ ବହୁ ଅପରାଧୀଙ୍କୁ ବିକ୍ରି କରିଥିବା ଏସ୍‌ଟିଏଫ୍ ସାମ୍ନାରେ ସ୍ୱୀକାର କରିଥିଲେ।

## ଜୁନ୍‌ରେ ଧରାପଡ଼ିଥିଲେ ୟୁପି, ବିହାରର ୫ ଅଭିଯୁକ୍ତ

ଚଳିତବର୍ଷ ଜୁନ୍‌୧୩ ତାରିଖରେ କମିସନରେଟ୍ ପୁଲିସ ଉତ୍ତରପ୍ରଦେଶ ଏବଂ ବିହାରରୁ ବନ୍ଧୁକ ଓଡ଼ିଶା ଆଣି ବ୍ୟବସାୟ କରୁଥିବା ଏକ ଗ୍ୟାଙ୍ଗ୍‌କୁ ପୁଲିସ ମାଡି ବସିଥିଲା। ଏହି ୨ରାଜ୍ୟର ୫ ଅଭିଯୁକ୍ତଙ୍କୁ ଠାରୁ ୬ବନ୍ଧୁକ ଏବଂ ୧୮ ଗୁଳି ଜବତ ହୋଇଥିଲା।



## ଦୁଇ ମାସ ତଳେ ଧଉଳିରୁ ଧରାପଡ଼ିଥିଲା ୧୦ ବନ୍ଧୁକ

ଗତ ସେପ୍ଟେମ୍ବର ମାସରେ ଭୁବନେଶ୍ୱର ଧଉଳି ଅଞ୍ଚଳରୁ ସ୍ପେଶାଲ କ୍ରାଇମ୍ ୟୁନିଟ୍ ବିପୁଳ ୧୦ ସେମିଆଟୋମେଟେଡ୍ ବନ୍ଧୁକ, ୧୮ ଗୁଳି ଜବତ କରିଥିଲା। ଧଉଳି ଥାନା ଅଞ୍ଚଳରେ ବନ୍ଧୁକ ସପ୍ଲାୟର ସେଖ୍ ନଦୀମ୍‌କୁ ପୁଲିସ ଭୋରୁ ଭୋରୁ ପୁଲିସ ମାଡ଼ିବସିଥିଲା। ତାଙ୍କ ଘର କୃଷ୍ଣନନ୍ଦନପୁର ଅଞ୍ଚଳରେ ହୋଇଥିଲା ବେଳେ ସେ ଉତ୍ତର ଭାରତର ଆର୍ମସ୍ ଡିଲରଙ୍କ ଲିଙ୍କ୍‌ରେ ରହି ଏଭଳି କାରବାର କରୁଥିବା ଚର୍ଚ୍ଚା ହୋଇଥିଲା। ସେ ସେଠାରୁ ବନ୍ଧୁକ ଆଣି ରାଜଧାନୀକୁ ବନ୍ଧୁକ ସପ୍ଲାଏ କରୁଥିଲେ।

## ମୁଙ୍ଗେର ବନ୍ଧୁକକୁ ଜବତ କରିଥିଲା ମାଲଗୋଦାମ ପୁଲିସ

୨୬ ଜୁଲାଇରେ ମାଲଗୋଦାମ ଥାନାକୁ ଗୁଇନ୍ଦା ସୂଚନା ମିଳିଲା ଯେ ଥାନା ଅଞ୍ଚଳରେ ମୁଙ୍ଗେରୁ ଆସିଥିବା ବନ୍ଧୁକ କାରବାର ହେଉଛି। ତୁରନ୍ତ ପୁଲିସ ଟିମ୍ ଛାପା ମାରି ୫ବନ୍ଧୁକ ଏବଂ ୧୩ ଜୀବନ୍ତ ଗୁଳି ଜବତ କଲା। ଏହାସହ ୬ଜଣଙ୍କୁ ଗିରଫ କରିଥିଲା। ଏହି ୬ଜଣ ବିହାରୀ ବନ୍ଧୁକ ବ୍ୟବସାୟୀ ଗ୍ୟାଙ୍ଗ୍‌ର ଅଂଶ ଥିଲେ। ଏମାନେ ବିହାରୀ ଗ୍ୟାଙ୍ଗ୍ ଠାରୁ ବନ୍ଧୁକ ଆଣି ନିୟମିତ ଭାବେ କଟକ ଏବଂ ଭୁବନେଶ୍ୱରରେ ଅପରାଧୀଙ୍କୁ ବନ୍ଧୁକ ଯୋଗାଉଥିଲେ।

## ଡକାୟତଙ୍କୁ ବିକ୍ରି ହେଉଛି ବନ୍ଧୁକ

ସୁନା ଦୋକାନରେ ଡକାୟତି କରୁଥିବା ଗ୍ୟାଙ୍ଗ୍ ଏମାନଙ୍କ ପ୍ରଥମ କଷ୍ଟମର୍। ଏମାନେ ପ୍ରାରମ୍ଭିକ ପର୍ଯ୍ୟାୟରେ ଏମାନଙ୍କୁ ହିଁ ବନ୍ଧୁକ ଯୋଗାଉଛନ୍ତି। ୪୨ ମୌଜା ବନ୍ଧୁକ କାରଖାନା ଲିଙ୍କ ଖୋଜୁ ଖୋଜୁ ଖୋଜୁ ଏମ୍‌ଡି. ଆସଲମ୍ ଏସ୍‌ଟିଏଫ୍ ହାତରେ ଧରାପଡ଼ିଥିଲେ। ପରେ ତଦନ୍ତରୁ ଜଣାପଇଥିଲା ପାଣିକୋଇଲି ଜୁଏଲାରୀ ସପ୍ ମାଲିକଙ୍କୁ ହତ୍ୟାରେ ଏହି ବନ୍ଧୁକ ବ୍ୟବହାର କରାଯାଇଥିଲା। ସେହିପରି ସମ୍ବଲପୁର ଗୋଲ୍ଡ ଲୋନ୍ କାର୍ଯ୍ୟାଳୟ ସମ୍ମୁଖ ହତ୍ୟାକାଣ୍ଡରେ ମଧ ଏହି ବନ୍ଧୁକ ବ୍ୟବହାର କରାଯାଇଥିଲା।

## ବନ୍ଧୁକ କିଣୁଛନ୍ତି ବ୍ରାଉନ୍‌ସୁଗରର ସପ୍ଲାୟର୍ସ

ଡାକାୟତଙ୍କ ପରେ ଏମାନଙ୍କ ବ୍ରାଉନ୍‌ସୁଗର ସପ୍ଲାୟର୍ସଙ୍କ ପାଖରେ ଏମାନଙ୍କ ବନ୍ଧୁକ ଚାହିଦା କାହିଁରେ କଣ। ରାଜ୍ୟର ନିଶା କାରବାର ନେଟ୍‌ୱର୍କ ଏମାନଙ୍କ ବନ୍ଧୁକ ସହାୟତରେ ରାଜ୍ୟରେ ବର୍ତ୍ତମାନ ସବୁଠାରୁ ସକ୍ରୀୟ। ଅବଶ୍ୟକ ହେଲେ ଏହି ବନ୍ଧୁକରେ ପୁଲିସକୁ ବି ଗୁଳି ଚଳାଇବାକୁ ପଛାଉ ନାହାନ୍ତି।

## ପୂର୍ବରୁ କେବଳ ଗ୍ୟାଷ୍ଟରଷ୍ଟରଙ୍କୁ ଯୋଗାଉଥିଲେ ଏବେ ସମସ୍ତଙ୍କୁ ବିକ୍ରି କରୁଛନ୍ତି

ଉତ୍ତର ଭାରତର ବନ୍ଧୁକ ବେପାରୀ ପୂର୍ବରୁ କେବଳ ରାଜ୍ୟରେ କିଛି ଗ୍ୟାଙ୍ଗ୍‌ଷ୍ଟରଙ୍କୁ ବନ୍ଧୁକ ଯୋଗାଉଥିଲେ। ହେଲେ ଏମାନଙ୍କ ପାଖରେ ସପ୍ଲାୟର୍ସ ବଢ଼ି ଗଲେଣି। ଏଣୁ ଯାହାକୁ ପାରୁଛନ୍ତି ବିକ୍ରି କରୁଛନ୍ତି।

## ଡାର୍କ ୱେବ୍‌ରେ ଖୋଲିଛନ୍ତି ବନ୍ଧୁକ ଦୋକାନ

ଏମାନେ ଡାର୍କ ୱେବ୍‌ରେ ଖୋଲିଛନ୍ତି ବନ୍ଧୁକ ଦୋକାନ। ପ୍ରଥମେ ବନ୍ଧୁକ କିଣିବାକୁ ଏମାନଙ୍କ ପାଖକୁ ଯିବାକୁ ପଡୁଥିଲା। ପରେ ଏମାନେ ସପ୍ଲାୟର୍ସ ପଠାଇ ବନ୍ଧୁକ ବିକ୍ରିକଲେ। ଏବେ କିନ୍ତୁ ଇଣ୍ଟରନେଟ୍‌ର ଡାର୍କ ୱେବ୍‌ରେ ଏମାନେ ବନ୍ଧୁକ ବିକ୍ରି କରୁଛନ୍ତି। କେବଳ ସପ୍ଲାୟର୍ସ ଡେଲିଭରୀ ଦେବାକୁ ଆସୁଛି।

# ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧୫।୧୧(ସମିସ): ବ୍ରାଉନ୍‌ସୁଗର କାରବାର ଅଭିଯୋଗରେ ଅବକାରୀ ଥାନା ପୁଲିସ ମହିଁସା ଖାଲ ଅଞ୍ଚଳର ସୁଧୀର ନାୟକଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲଣ କରିଛି। ତାଙ୍କ ଠାରୁ ୭୨ଗ୍ରାମ୍ ବ୍ରାଉନ୍‌ସୁଗର ଜବତ କରାଯାଇଛି। ସେ ଜଣେ ଅଭ୍ୟାସଗତ ଅପରାଧୀ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ସେ ଏଠାରେ ବହୁଦିନ ହେବ ବ୍ରାଉନ୍‌ସୁଗର ବ୍ୟବସାୟ କରି ଆସୁଥିଲେ। ଗୁଇନ୍ଦା ସୂଚନା ଆଧାରରେ ଅବକାରୀ ଥାନା ପୁଲିସ ଖବର ପାଇ ମହିଁସାଖାଲରେ ଚଢଉ କରି ତାଙ୍କୁ ଗିରଫ କରିଥିଲା।

# ୫ ମାସରେ ମୋବାଇଲ ଚୋର ଦୋଷୀ ସାବ୍ୟସ୍ତ



ଭୁବନେଶ୍ୱର, ୧୫।୧୧ (ସମିସ): ଭରତପୁର ଥାନା ଅଞ୍ଚଳର ଏକ ମୋବାଇଲ ଚୋରି ମାମଲାର ରାୟ ୫ ମାସରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ଜେଏମଏଫସି (୫ମ)ର ବିଚାରପତି ଇତିଶ୍ରୀ ମହାପାତ୍ର ଚୋରି ମାମଲାର ବିଚାର କରି ଆସାମୀ ବ୍ରଜମୋହନ କହଁରକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଗତ ଜୁନ୍ ୧୩ ତାରିଖ ଦିନ ଭରତପୁର ଭଗବତୀ କଲୋନୀର ବିକାଶ ନାୟକ ଘରେ ଶୋଇଥିଲେ। ସେହି ସମୟରେ ବ୍ରଜମୋହନ ତାଙ୍କ ଘରେ ପଶି ମୋବାଇଲ ଫୋନ, ବାଇକ୍ ଚାବି ଓ ୨ ହଜାର ଟଙ୍କା ଚୋରି କରିନେଇଥିଲେ। ବିକାଶ ଏନେଇ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ତଦନ୍ତକାରୀ ଅଧିକାରୀ ସବ୍ ଇନ୍ସପେକ୍ଟର ଶାନ୍ତନୁ କୁମାର ବେହେରା ବ୍ରଜମୋହନଙ୍କୁ ଗିରଫ କରିବା ସହ ନିର୍ଦ୍ଧାରିତ ସମୟରେ ଅଦାଲତରେ ଚାର୍ଜସିଟ ଦାଖଲ କରିଥିଲେ। ଅଦାଲତ ଘଟଣାର ସମ୍ପୃକ୍ତ ସାକ୍ଷୀ ଓ ବିଭିନ୍ନ ଦସ୍ତାବିଜ ଆଧାରରେ ବ୍ରଜମୋହନଙ୍କୁ ୫ ମାସର କାରାଦଣ୍ଡ ଶୁଣାଇଛନ୍ତି। ସୂଚନାଯୋଗ୍ୟ ଯେ, ଭୁବନେଶ୍ୱର ସହରାଞ୍ଚଳ ଜିଲ୍ଲାରେ ଚଳିତବର୍ଷ ମୋଟ ୮୪ ମାମଲାର ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇ ସାରିଲେଣି।

# କବାଟ ତାଲା ଭାଙ୍ଗି ନେଇଗଲେ ୩ ଲକ୍ଷର ମେଣ୍ଢା

ବାଲିଅନ୍ତା, ୧୫ ।୧୧(ସମିସ): ବାଲକାଟି ଫାଣ୍ଡି ଅଧୀନ ସାତକାଣିଆ ଗ୍ରାମର ଜୟୀରାମ ବେହେରାଙ୍କ ଗୁହାଳ ତାଲା ଭାଙ୍ଗି ଦୁର୍ବୃତ୍ତ ୪୦ଟି ମେଣ୍ଢା ଲୁଟି ନେଇଛନ୍ତି। ଯାହାର ମୂଲ୍ୟ ୩ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଜୟୀରାମ ଏ ସଂକ୍ରାନ୍ତରେ ବାଲକାଟି ଫାଣ୍ଡିରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ବାଲକାଟି ଫାଣ୍ଡି ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଥିଲେ। ହେଲେ ଲୁଟ ମେଣ୍ଢା ଓ ଲୁଟେରାଙ୍କ ସମ୍ପର୍କରେ ପୁଲିସକୁ କିଛି ସୂଚନା ମିଳିପାରି ନାହିଁ। ସୂଚନା ଅନୁସାରେ ଜୟୀରାମଙ୍କ ଗୁହାଳ ଘର ଠାରୁ ଅଳ୍ପ ଦୂରରେ। ଦୁର୍ବୃତ୍ତ ମେଣ୍ଢାମାନଙ୍କ ମୁହଁରେ ନିଶା ଔଷଧ ସ୍ପ୍ରେ କରି ଲୁଟ କରିଥିଲେ। ୮ଟି ଛୁଆ ମେଣ୍ଢା ଛାଡି ଦେଇ ଯାଇଛନ୍ତି। ମେଣ୍ଢା ଗୁଡିକୁ ବୋଲେରୋ କିମ୍ବା ଟାଟାଏସ ଗାଡିରେ ଲଦି ପଳାଇଥିଲେ।

# ନୂଆପଲ୍ଲୀରୁ ହଟିଲା ଜବରଦଖଲ, ମୁକ୍ତ ହେଲା ୫ ହଜାର ବର୍ଗଫୁଟ୍ ଜମି



ଭୁବନେଶ୍ୱର, ୧୫।୧୧(ସମିସ): ନୂଆପଲ୍ଲୀ ଅଞ୍ଚଳରୁ ବିଡିଏ ପକ୍ଷରୁ ଜବରଦଖଲ ମୁକ୍ତ କରାଯାଇଛି। ୨ଦିନ ଧରି ଚାଲିଥିବା ଜବରଦଖଲ ମୁକ୍ତ ଅଭିଯାନରେ ପ୍ରାୟ ୫୦୦୦ବର୍ଗଫୁଟ୍ ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ସୁରକ୍ଷାକୁ ଦୃଷ୍ଟିରେ ରଖି ଗୋଟିଏ ପ୍ଲାଟୁନ୍ ପୁଲିସ ଫୋର୍ସ ମୁତୟନ କରାଯାଇଥିଲ। ଦ୍ୱିତୀୟ ଦିନରେ ୬ଟି ଘର, ୬ ଶୌଚାଳୟ ଗୋଟିଏ ଅର୍ଦ୍ଧନିର୍ମିତ ଘର ଏବଂ ପାଚେରି ଉଚ୍ଛେଦ କରାଯାଇଛି। ତେବେ ମାମଲା କୋର୍ଟରେ ଥିବାରୁ କିଛି ଘରକୁ ଛାଡି ଦିଆଯାଇଛି।

# ଏକାମ୍ର ପୁସ୍ତକ ମହୋତ୍ସବର ପୁରସ୍କାର ଘୋଷଣା

**ସତ୍ୟବ୍ରତ ନନ୍ଦଙ୍କୁ ଡାକ୍ତର କବିପ୍ରସାଦ ମିଶ୍ର ସ୍ମୃତିସମ୍ମାନ**

ଭୁବନେଶ୍ୱର, ୧୫ ।୧୧(ସମିସ): ଏକାମ୍ର ପୁସ୍ତକ ମହୋତ୍ସବ କମିଟି ତରଫରୁ ଭେଷଜ ବିଶେଷଜ୍ଞ, ସାହିତ୍ୟିକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କୁ ଡାକ୍ତର କବିପ୍ରସାଦ ସ୍ମୃତି ସମ୍ମାନ ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏକାମ୍ର ପୁସ୍ତକ ମହୋତ୍ସବର ପଞ୍ଚଦଶ ମହୋତ୍ସବରେ 'ଅନୁଭୂତିରେ ଶ୍ରୀଜଗନ୍ନାଥ' ସଂଧ୍ୟାରେ ଭୁବନେଶ୍ୱର ସହିଦ ନଗର ଦୁର୍ଗାପୂଜା ପଡ଼ିଆଠାରେ ଆସନ୍ତା ୧୬ ତାରିଖ ରବିବାର ସଂଧ୍ୟାରେ ଏହି ଅନୁଷ୍ଠିତ ହେଉଥିବା ରାଜଧାନୀ ସମ୍ମାନ ପ୍ରଦାନ କରାଯିବ ଯିବ। ସଂସ୍କୃତି, ସମାଜସେବା ଓ ଆଧ୍ୟାତ୍ମିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ରଶ୍ମୀରଞ୍ଜନ ରାୟ, ପ୍ରମୋଦ କୁମାର ମିଶ୍ର ସୀତାକାନ୍ତ ଦାସ, ଚିତ୍ତରଞ୍ଜନ ପଟ୍ଟନାୟକ, ବନ୍ଦନା ପଣ୍ଡା, ମୀରା ସେଠ, ସରିତା ସିଂ ମହାନ୍ତି ଓ ରେଣୁବାଳା ମହାପାତ୍ରଙ୍କୁ ସମ୍ମାନୀତ କରାଯିବ। ଏହି ସଂଧ୍ୟାରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଅନୁଭୂତିମୂଳକ ଆଲୋଚନାଚକ୍ରରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ଲେଖକ ଡାକ୍ତର ଇନ୍ଦ୍ରମଣି ଜେନା, ଲେଖିକା ବନଜ ଦେବୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ତଥା ଶ୍ରୀମନ୍ଦିର ପ୍ରାକ୍ତନ ଉପପ୍ରଶାସକ ଡ. ଭାସ୍କର ମିଶ୍ର ଓ ସୁଭଦ୍ରା ବାଡ଼ଗ୍ରାହୀ ସେବକ ରାମଚନ୍ଦ୍ର ଦାସମହାପାତ୍ର ଯୋଗଦେବେ। ଏହି ସଭାରେ ଡ. ଭାସ୍କର ମିଶ୍ରଙ୍କ ପୁସ୍ତକ ପୁରାଣ ଇତିହାସରେ ଶ୍ରୀକ୍ଷେତ୍ର, ଶ୍ରୀମନ୍ଦିର ଓ ଶ୍ରୀଜଗନ୍ନାଥ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହେବ। ଉକ୍ତ ସଭାରେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ସାଧାରଣ ସମ୍ପାଦକ ଭାସ୍କର ଜେନା ଅନୁରୋଧ କରିଛନ୍ତି।

# ଗଞ୍ଜେଇ ଭର୍ତ୍ତି ୨ କାର୍ ଜବତ; ୬ ଗିରଫ

- ୪୩ କିଲୋ ଗଞ୍ଜେଇ ଜବତ କଲା ପୁଲିସ
- ଫୁଲବାଣୀରୁ ଭୁବନେଶ୍ୱର ହେଉଥିଲା ଚାଲାଣ




ଭୁବନେଶ୍ୱର, ୧୫।୧୧ (ସମିସ): ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ୬ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଓଡ଼ଗାଁ ଥାନା କୃଷ୍ଣପ୍ରସାଦର ସୁରେନ୍ଦ୍ର କୁମାର ଦାସ (୩୦), ଧଖୋଲାର ଲୁନା ନାୟକ (୩୦), କନ୍ଧମାଳ ଖଜୁରୀପଡ଼ାର ସ୍ୱନ୍ଦନ ମିଶ୍ର (୩୪), ବାଲିପାଟଣା ଥାନା ବନମାଳୀପୁର ଅଞ୍ଚଳର ମିର୍ ଜମିଲ୍ ଅଲ୍ଲୀ କାଲା ବାବୁ (୪୪), ରାଧାକାନ୍ତ ସାହୁ (୬୨) ଓ ନରଦାର ଟୁକୁନା ବେହେରା (୩୨)।

ପୁଲିସ ସୂଚନାନୁସାରେ, ଦୁଇଟି କାରରେ ଫୁଲବାଣୀରୁ ଭୁବନେଶ୍ୱରକୁ ବେଆଇନ ଗଞ୍ଜେଇ ଚାଲାଣ ହେଉଥିବା ଖଣ୍ଡଗିରି ଥାନା ପୁଲିସକୁ ଖବର ମିଳିଥିଲା। ଥାନାର ସ୍ୱତନ୍ତ୍ର ଟିମ୍ ବରମୁଣ୍ଡା ରମାମଣି ପେଟ୍ରୋଲ ପମ୍ପ ନିକଟରେ ଚଢ଼ଉ କରି ଦୁଇଟି ସନ୍ଦିଗ୍ଧ ଗାଡ଼ିକୁ ଅଟକାଇଥିଲେ। ଯାଞ୍ଚ ପରେ ଦୁଇଟି କାର ଭିତରେ ଜରି ବ୍ୟାଗରେ ଗଞ୍ଜେଇ ଥିବା ଜାଣିବାକୁ ପାଇଥିଲେ। ପ୍ରଥମ କାରରୁ ସୁରେନ୍ଦ୍ର, ଲୁନା ଓ ସ୍ୱନ୍ଦନକୁ ଗିରଫ କରି ୨୧ କିଲୋ ୪୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରିଥିଲା। ଆଉ ଏକ କାରରୁ ୨୧ କିଲୋ ୩୦୦ ଗ୍ରାମ ଓଜନର ଗଞ୍ଜେଇ ଜବତ କରି ମୀର ଜମିଲ ଅଲ୍ଲୀ, ରାଧାକାନ୍ତ ଓ ଟୁକୁନାକୁ ଗିରଫ କରିଥିଲା। ସେମାନେ ଫୁଲବାଣୀରୁ ଗଞ୍ଜେଇ ସଂଗ୍ରହ କରି ଆଣି ରାଜଧାନୀର ବ୍ୟବସାୟୀଙ୍କୁ ଯୋଗାଉଥିବା ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ। ଏନେଇ ଖଣ୍ଡଗିରି ଥାନା ପୁଲିସ ଏନଡିପିଏସ୍ ଆକ୍ଟରେ ମାମଲା ରୁଜୁ କରିଥିଲା। ମୋଟ ୪୨ କିଲୋ ୭୦୦ ଗ୍ରାମ ଗଞ୍ଜେଇ, ଦୁଇଟି କାର ଜବତ କରି ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରିଛି।

# ପରିବେଶ ପାଇଁ ବୋଝ ଇ-ବର୍ଜ୍ୟବସ୍ତୁ

- ବୈଦ୍ୟୁତିକ ସାମଗ୍ରୀର ବ୍ୟବହାର ୩ ଦଶନ୍ଧୀରେ ବଢ଼ିଛି ୧୦ ଗୁଣା
- ଓଡ଼ିଶାରୁ ବାହାରୁଛି ବାର୍ଷିକ ୭ରୁ ୮ ଟନ୍ ଇ-ଆବର୍ଜନା

ଭୁବନେଶ୍ୱର, ୧୫ ।୧୧(ରଞ୍ଜନା ନାୟକ): ବର୍ଜ୍ୟବସ୍ତୁ ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଦିନକୁ ଦିନ ବିଭିନ୍ନ ସାମଗ୍ରୀର ବହୁଳ ବ୍ୟବହାର ହେଉଥିବାରୁ ଏହାର ବର୍ଜ୍ୟବସ୍ତୁ ବଢ଼ିବାରେ ଲାଗିଛି। ଲୋକମାନେ ନିଜର ସଉକ ପାଇଁ କମ୍ପ୍ୟୁଟର, ମୋବାଇଲ, ଟିଭି, ଫ୍ରିଜ୍, ୱାସିଙ୍ଗ୍ ମେସିନ୍ ପରି ଅନେକ ସାମଗ୍ରୀ ଆଣି ବର୍ଜ୍ୟବସ୍ତୁ ସୃଷ୍ଟି କରିଚାଲିଛନ୍ତି। ବର୍ଜ୍ୟବସ୍ତୁ ସଂଗ୍ରହ ଓ ପୁନଃ ପ୍ରକ୍ରିୟାକରଣ ହେଉ ନ ଥିବାରୁ ଦିନକୁ ଦିନ ପରିବେଶରେ ଇ-ବର୍ଜ୍ୟବସ୍ତୁର ବୋଝ ବଢ଼ି ଚାଲିଛି।

ପୂର୍ବପେକ୍ଷା ଗତ ୩ ଦଶନ୍ଧୀ ମଧ୍ୟରେ ବୈଦ୍ୟୁତିକ ସାମଗ୍ରୀର ବ୍ୟବହାର ୧୦ ଗୁଣା ବୃଦ୍ଧି ପାଇଛି। ଏହି ତୁଳନାରେ ଓଡ଼ିଶାରୁ ବାର୍ଷିକ ୭ରୁ ୮ ଟନ୍ ଇ-ଆବର୍ଜନା ବାହାରୁଛି। ହେଲେ ଏ ପର୍ଯ୍ୟନ୍ତ ଏହି ଇବର୍ଜ୍ୟବସ୍ତୁକୁ ପରିଚାଳନା କରିବା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। ଏହି ଆବର୍ଜନାକୁ ଇୱେଷ୍ଟ ସଂଗ୍ରହକାରୀ ସଂସ୍ଥା ଏହି ଆଜର୍ବନାକୁ ସଂଗ୍ରହ କରି ରିସାଇକେଲକୁ ଦେବେ ହେଲେ ଆମ ରାଜ୍ୟରେ କେହି ବି ଜଣେ ହେଲେ ସାଇକେଲର କେହିବି ନାହାନ୍ତି ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ର ବିଭାଗର ଜଣେ ଅଧିକାରୀ କହିଛନ୍ତି।

ଏହି ପରିପ୍ରେକ୍ଷୀରେ ରାଜଧାନୀରେ ମଧ ଇ-ବର୍ଜ୍ୟବସ୍ତୁ ବ୍ୟବହାର ଦିନକୁ ଦିନ ବଢ଼ିବାରେ ଲାଗିଛି। କିଛିଦିନ ବ୍ୟବହାର କରିବା ପରେ ଆମେ ଯେଉଁ ବୈଦ୍ୟୁତିକ ସାମଗ୍ରୀକୁ ବାହାରେ ଫୋପାଡ଼ି ଦେବା ପରେ ଏହି ଇ-ବର୍ଜ୍ୟରେ ସୀସା, ପାରଦ ଏବଂ କ୍ୟାଡ଼ମିୟମ, ଆଲୁମିନିୟମ୍, ତମ୍ବା, ଇସ୍ପାତ ସହ ଲିଡ୍ ଓ ଭଳି ବିପଦପୂର୍ଣ୍ଣ ପଦାର୍ଥ ରହିଥାଏ। ଏହି ସବୁ ପଦାର୍ଥ ମାଟି ଓ ପାଣିରେ ମିଶିବା ସହ ପରବର୍ତ୍ତୀ ସମୟରେ ଗୁରୁତର ପରିବେଶଗତ ଏବଂ ସ୍ୱାସ୍ଥ୍ୟ ବିପଦ ସୃଷ୍ଟି ସହ କ୍ୟାନ୍‌ସର ରୋଗର କାରଣ ସାଜିଥାଏ। ଏହି ଇ ବର୍ଜ୍ୟକୁ ପୌରସଂସ୍ଥା ପକ୍ଷରୁ ସପ୍ତାହରେ କେବଳ ଗୋଟିଏ ଦିନ ସଂଗ୍ରହ ହୋଇଥାଏ। ହେଲେ ବି ଲୋକମାନେ ସଚେତନତା ଅଭାବରୁ ଏହି ଇବର୍ଜ୍ୟକୁ ବାହାରେ ଏଣେତେଣେ ଫୋପାଡୁଛନ୍ତି। ଯେଉଁଥିପାଇଁ ଏହି ଇଆବର୍ଜନା ମାଟିରେ ବିଘଟନ ହେବା ପରିବର୍ତ୍ତେ ମାସ ମାସ ପଡ଼ିରହୁଛି। ଯେଉଁଥିପାଇଁ ମୃତ୍ତିକା ଦିନକୁ ଦିନ ଅବକ୍ଷୟ ହେବାରେ ଲାଗିଛି।

ଇ-ବର୍ଜ୍ୟର ଅନୁପଯୁକ୍ତ ନିଷ୍କାସନ ସମ୍ବଳ ହ୍ରାସର କାରଣ ହୋଇଥାଏ। ସୁନା ଏବଂ ତମ୍ବା ପରି ମୂଲ୍ୟବାନ ଧାତୁ ପ୍ରାୟତଃ ନଷ୍ଟ ହୋଇଯାଏ। ହେଲେ ଇ-ବର୍ଜର ପ୍ରଭାବକୁ ହ୍ରାସ କରିବା ଏକ ଦାୟିତ୍ୱପୂର୍ଣ୍ଣ ବ୍ୟବହାରକୁ ଉତ୍ସାହିତ କରିବା ଭଳି ଦର୍ଶାଇଥାଏ। ଏହି ମଣିଷ ତଥା ଗ୍ରହ ଉଭୟର କ୍ଷତି ହ୍ରାସ କରିବା ନିମନ୍ତେ ପୁନଃଚକ୍ରଣ କାର୍ଯ୍ୟକ୍ରମ ଏବଂ ନିରନ୍ତର ନିଷ୍କାସନ ପଦ୍ଧତି ଅତ୍ୟାବଶ୍ୟକ ବୋଲି କହିଛନ୍ତି ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ। ସେହିଭଳି ସରକାରଙ୍କର ବିସ୍ତାରିତ ଉତ୍ପାଦନକାରୀ ଦାୟିତ୍ୱ (ଇପିଆର୍) ପରି ପଦକ୍ଷେପ ମଧ ଏସବୁ ପଦାର୍ଥର ନିର୍ମାଣକାରୀଙ୍କୁ ଇ-ବର୍ଜ୍ୟର ସଂଗ୍ରହ ଏବଂ ପୁନର୍ବ୍ୟବହାର ନିମନ୍ତେ ପ୍ରୋତ୍ସାହିତ କରେ। ଏହି ସମସ୍ୟାକୁ ଗମ୍ଭୀରତାର ସହ ଗ୍ରହଣ ନ କଲେ ଆଗାମୀ ଦିନରେ ଏସବୁ ମୂଲ୍ୟବାନ ପଦାର୍ଥ ଉପଲବ୍ଧ ହେବନାହିଁ। ନ ହେଲେ ପରିବେଶ ଓ ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ହେବା ଦିଗରେ ଗତି କରିବ ବୋଲି ଶ୍ରୀ ପାଣିଗ୍ରାହୀ କହିଛନ୍ତି।



## ଦୁଇଟି ମିନିଗପ



### ମାଛି



ପୀତାମ୍ବର ତରାଇ

ଗୋଧୂଳି ବେଳ । ତଥାପି ପିଲାମାନଙ୍କ ଖେଳ ସରୁନି । ପିଲାଙ୍କ ଅଜ୍ଞାତରେ ଦୁଇଟି ମାଛି ନିଜ ଭିତରେ ଗପସପ ହୋଇ ସେହି ଛୋଟ ବଗିଚା ଭିତରେ ଗଣଗଣ ହୋଇ ଉଡ଼ି ବୁଲୁଥିଲାବେଳେ ଜଣେ ପିଲାର ନଜର ପଡ଼ିଯିବାରୁ ସେ ଦୁଇଟି ମାଛିକୁ ନିରୀକ୍ଷଣ କଲା । ପିଲାଟି ଅନୁଭବ କଲା ଦୁଇଟି ମାଛି ଭିତରେ ବନ୍ଧୁତ୍ୱ ନିବିଡ଼, ଅଭିନ୍ନ । କିଛି ସମୟ ପରେ ଗୋଟେ ମାଛି ଗୋଟେ ଫୁଲ ଉପରେ ବସି ସୁରଭି ଆଘ୍ରାଣ କରୁଥିବା ବେଳେ ଆର ମାଛିଟି ବଗିଚା କୋଣରେ ଥିବା ଅପରିଷ୍କାର ସ୍ଥାନରେ ବସି ଦୁର୍ଗନ୍ଧ ଗ୍ରହଣରେ ମଗ୍ନ ଅଛି ।

ପିଲାଟି ଭାବିଲା, ଏ କି ବ୍ୟବସ୍ଥା । ଗୋଟେ ମାଛି ଫୁଲ ବାସକୁ ଆଦର କରୁଥିବା ବେଳେ ଆଉ ଗୋଟେ ମାଛି ଅପରିଷ୍କାର ସ୍ଥାନରେ ଦୁର୍ଗନ୍ଧକୁ ନେଇ ସୁଖ ପାଉଛି । ପିଲାଟି ନିଜକୁ ବୁଝାଇ ପାରୁ ନଥାଏ ।

ସନ୍ଧ୍ୟା ବେଳ । ଜଣେ ସାଧୁ ବଗିଚା ଭିତରକୁ ପ୍ରବେଶ କରିବା ମାତ୍ରେ ପିଲାଟି ପଚାରିଲା, "ହେ ସାଧୁ ମହାଶୟ ! ମାଛି ଦୁଇଟି ଦେଖିବାକୁ ଏକାପରି । କିନ୍ତୁ ଗୋଟିଏ ମାଛି ଫୁଲ ଉପରେ ତ ଆଉ ଗୋଟିଏ ମାଛି ଅପରିଷ୍କାର ଜାଗାରେ ବସିବାକୁ ଭଲ ପାଉଛି । ଏହା ଅର୍ଥ ବୁଝାଇ ଦିଅନ୍ତୁ ।"

ସାଧୁ କହିଲେ, "ଶୁଣ ବତ୍ସ ! ଦୁଇଟି ମାଛି ଦେଖିବାକୁ ସିନା ଏକାପରି, କିନ୍ତୁ ଯାହାର ସ୍ୱଭାବ ଯେପରି ସେ ବଞ୍ଚିବ ସେପରି । ନିକୃଷ୍ଟ ବ୍ୟକ୍ତିର ରୁଚି ସହ ଉତ୍କୃଷ୍ଟ ବ୍ୟକ୍ତିର ରୁଚି ସମାନ ହେବ କେମିତି? ଠିକ୍ ଏହିପରି ଦୁଇଟି ମାଛିଙ୍କ ଚରିତ୍ର ।"

ସାଧୁଙ୍କ ମଧୁର ବଚନ ଶୁଣି ପିଲାଟି ମାଛି ଦୁଇଟିକୁ ଖୋଜିଲା ବେଳକୁ କେଉଁ ଆଡ଼େ ଅନ୍ତର୍ଦ୍ଧାନ ହୋଇ ସାରିଥିଲେ ।

### ଧର୍ମ ବିଚାର



ଯମରାଜାଙ୍କ ଦରବାର ବସିଥାଏ । ଦୁଇ ଜଣଙ୍କ ବିଚାର ଚାଲିଥାଏ । ଜଣେ ଦେହଜୀବୀ ଓ ଆଉ ଜଣେ ବେଇମାନ । ସମସ୍ତ ବିଚାର ପ୍ରକ୍ରିୟା ସାରି ଯମରାଜ ନ୍ୟାୟ ଘୋଷଣା କଲେ, ଦେହଜୀବୀ ମାତ୍ର ମାସେ ରଡ଼ ନିଆଁରେ ଚାଲିବ, କିନ୍ତୁ ବେଇମାନ ତତଲା ତେଲ କଡ଼େଇରେ ଚାରି ମାସ ଛଣା ହେବ ।

ଏ ପ୍ରକାର ନ୍ୟାୟ ମନ୍ତ୍ରୀ ଚିତ୍ରଗୁପ୍ତଙ୍କ ମନକୁ ସନ୍ତୁଷ୍ଟ କରି ପାରିଲା ନାହିଁ । ପଚାରିଲେ, "ହେ ଧର୍ମରାଜ ! ଦେହଜୀବୀକୁ ଦଣ୍ଡ କମ୍, ବେଇମାନକୁ ଅଧିକ ଦଣ୍ଡ, ନ୍ୟାୟଟା ଅସଙ୍ଗତି ଲାଗୁଛି ।"

ଯମରାଜ କହିଲେ, "ପେଟଭୋକ ପାଇଁ ବିଚରା ମହିଳା ନିରୁପାୟ ହୋଇ ଦେହକୁ ବିକ୍ରି କଲା ଓ ଗ୍ରାହକର କାମନା ନିଆଁକୁ ନିର୍ବାପିତ କଲା । କିନ୍ତୁ ବେଇମାନ ବିଶ୍ୱାସରେ ବିଷ ଦେଇଥିବାରୁ ଧର୍ମ ବିଚାରରେ ଦେହଜୀବୀଠୁ ବେଇମାନ ବଡ଼ ଅପରାଧୀ ।

ମନ୍ତ୍ରୀ ଚିତ୍ରଗୁପ୍ତ ବିଚାର ଦସ୍ତାବିଜରେ ଉଲ୍ଲେଖ କଲେ ବରଂ ଦେହଜୀବୀକୁ ଛାଡ଼ ଅଛି । କିନ୍ତୁ ବେଇମାନକୁ ଧର୍ମ ଦୁଆରେ ଛାଡ଼ ନାହିଁ ।

ମୋ: ୯୪୩୭୧୬୩୪୨୧

## କ୍ଷଣ କ୍ଷଣକେ ଆନ



ଜୟନ୍ତୀ ରଥ

ବୋଉ ମୁଁ ଆଜି ନନ୍ଦୀନାଗରୀ ଲିପି ଶିଖିଲି
ନଣ୍ଡା ବାଗୁଲି ଖାଉରୁ
ହଉ ଖାଆ, ଖାଆ
ଭଲ ହଜମ ହେବ ।
ନା- ବୋଉକୁ ଶୁଭୁ ନାହିଁ
ତାକୁ କିଛି ବୁଝାଇ
କହି ହେବନି ।
ଆଉ, ସେ ଯାହା
ନିଜ ଆଡୁ କହୁଚି କହୁ...

ଦିଅଁ ପୂଜିବାକୁ
ରାତି ଚାରିଟାରେ ଉଠି
ଗାଧୋଉଥିଲା
ଏବେ ଅପରାହ୍ନ ସାଢ଼େ ପାଞ୍ଚ
କହୁଚି, କେତେ ଡେରି ହେଲାଣି
ମୋତେ ଉଠେଇ ଦେଲନି ଟିକେ
ନିଆଁ ଲଗା ନିଦଟା
ଅବେଳରେ ଆସୁଚି
ଆଉ ସମସ୍ତେ ଶୋଇଲାବେଳେ
ପତା ପଡୁନି ଆଖିର

ଭାସ୍କର ବେଲପତ୍ର ଆଣିଚି?
ତାକୁ କହିଥିଲି
ସବୁ ସଂକ୍ରାନ୍ତିରେ ହୋମ ହେବ
ବୋହୂ ମାଆ ଏକୁଟିଆ
ପାରିବନି ।
ତୁ ଆସି ଯୋଗାଡ଼ି ଦେବୁ
ଏବେ ସବୁ କଥାକୁ
ଗାଳଉଚି –
ପରା ଟୋକାଟା ।

ଓହୋ ବୋଉ ।
ସବୁ ପୂଜା ଠିକ୍‌ଠାକ୍ ଚାଲିଚି
ତୁ ଜମା ବ୍ୟସ୍ତ ହ'ନା
ବୋଉ ଉଦାସ ହୋଇ
କହୁଚି
ବ୍ୟସ୍ତ ହୋଇ
କ'ଣ କରିବି
ମୁଁ ତ ମଲାଗଲା
ହୋଇ ପଡ଼ିଚି
ଜ୍ୱାଇଁଙ୍କ ପାଇଁ
ମିଠା ଦହି ଅଛି
ଫ୍ରିଜ୍‌ରେ
ଗଲାବେଳେ ମନେ କରି
ନେଇଯିବୁ

ମୁଁ ବୁଝି ଗଲି
କ୍ଷଣ କ୍ଷଣକେ ଆନ
ଏବେ ବୋଉର ପୃଥିବୀ...
ଦିନେ ମୋର ବି
ଏଇ ଦଶା ହେବ ।

ଭୁବନେଶ୍ୱର
ମୋ: ୮୮୯୫୬୧୭୯୫୬

## ମରୁଥାଏ ବାରମ୍ବାର



ଚିତ୍ତରଞ୍ଜନ ମିଶ୍ର

ସେଦିନ କାଶ୍ମୀର ଘାଟିରେ
ମରିଥିଲି ଗୁଳି ଖାଇ ଆତଙ୍କବାଦୀର
ଆଉଥରେ ଗାଜାରେ ନିଖୋଜ ହୋଇ
ଛତ୍ରରେ ମୁଠାଏ ଖାଦ୍ୟ
ଖୋଜିଥିଲି ଭୋକ ବିକଳରେ ।
ଜୀବନ ବଞ୍ଚାଇବାକୁ ୟୁକ୍ରେନର
ସୀମା ପାର ହେବା ବେଳେ
ମରିଥିଲି, ମରିଥିଲି ଆଉଥରେ
ବଙ୍ଗଳାଦେଶରେ
ଘର ମୋର ଜଳିଗଲାପରେ
ମରିଥିଲି ମୁର୍ଶିଦାବାଦରେ
ମରିଥିଲି ସେ ଝିଅଟି ଜଳିଯିବା ବେଳେ
ନିଜକୁ ଅଙ୍ଗାର କରି ନ୍ୟାୟ ଅପେକ୍ଷାରେ
ମରିଥିଲି ଉତ୍ତରାଖଣ୍ଡରେ
ପାଦତଳୁ ପାହାଡ଼ଟି ଧସି ଯିବା ପରେ
ମରିଥିଲି ମଦ୍ୟପଙ୍କ ପଞ୍ଝାରେ, ଦାନ୍ତରେ
ପୀଡ଼ିତାର ଚିରା ଦେହ ଛପା ଛବି
କାଗଜରେ ଚିରି ଯିବାପରେ
କିଏ ବା ବଞ୍ଚାଇଥିଲା ଯେତେବେଳେ
ଚାରି ବରଷର ଶିଶୁ
ଫଡ଼ା ଫଡ଼ା ମାଂସ ହୋଇଗଲା
ବୁଲା କୁକୁରଙ୍କ ମେଳେ

ରକ୍ତାକ୍ତ ରାସ୍ତାରେ ?
କେତେଥର ମରିଛି ମୁଁ, ମରୁଛି ମୁଁ
ଧିକ୍ ମୋର ମରିବାକୁ
ବାରମ୍ବାର, ବଞ୍ଚିଥାଇ ଗୋଟେ ଜୀବନରେ
ଜଗତ ନର୍କରେ ଏବେ
କିଏ ଏଠି କାହାକୁ ଉର୍ଦ୍ଧ୍ୱରେ ?

ମଞ୍ଜୁଳା, ୱାଟର ୱର୍କ୍ସ ରୋଡ୍
ପୁରୀ - ୭୫୨୦୦୨



## ପୁସ୍ତକ ପରିଚୟ

### ବାଞ୍ଝ

ସୁଚରିତା ମହାନ୍ତି






ଶାନ୍ତିସେନା ପବ୍ଲିକେଶନ୍‌ସ
ଜଗତସିଂହପୁର
ପ୍ରଥମ ସଂସ୍କରଣ ୨୦୨୫
ମୂଲ୍ୟ : ୧୫୦ ଟଙ୍କା

ଗାଳ୍ପିକା ସୁଚରିତା ମହାନ୍ତିଙ୍କ ଗଳ୍ପ ସଂକଳନ 'ବାଞ୍ଝ' ପ୍ରକାଶ ପାଇଛି । ୩୩ଟି ଗଳ୍ପ ଏହି ପୁସ୍ତକରେ ସଂକଳିତ ହୋଇଛି । 'ବଡ଼ ଅଫିସର',, 'ଅଗ୍ନି ପରୀକ୍ଷା', 'ଶେଷ ଥର', 'ବାଞ୍ଝ', 'ସଂପର୍କ', 'ଅଲିଭା ଗାର', 'ଉଦାସିଆ ଆଖି', 'କନ୍ୟାଦାନ', 'ଅସ୍ତଗାମୀ ସୂର୍ଯ୍ୟ', 'ଶେଷ ପାହାଚ', 'ରେବତୀ', 'ଆମାବାସ୍ୟାର ଚନ୍ଦ୍ର', 'ସମୟ ଖେଳ', 'ବୁଢ଼ୀ ମା'ର କାହାଣୀ ପେଡ଼ି' ପ୍ରଭୃତି ଗଳ୍ପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗ, ମଣିଷ ଜୀବନର ଆଶା, ନିରାଶା, ଦ୍ୱନ୍ଦ୍ୱ ସଂଘର୍ଷର ଚିତ୍ର ପ୍ରତିଫଳିତ ହୋଇଛି । ମାତୃତ୍ୱ ଲାଭ କରିବା ନାରୀ ଜୀବନର ବଡ଼ ଉପଲବ୍ଧି । କିନ୍ତୁ ଜନ୍ମ କଲା ସନ୍ତାନମାନେ ଯଦି ବଡ଼ ହୋଇ ବାପାମାଆଙ୍କୁ ଅସମ୍ମାନ ଓ ଅନାଦର କଲେ ସେମାନଙ୍କ ଜୀବନ ହୋଇଉଠେ ଦୁର୍ବିସହ । ଜୀବନର ଏହି ବାସ୍ତବତା ତାହା ଚିତ୍ରିତ ହୋଇଛି 'ବାଞ୍ଝ' ଗଳ୍ପରେ । ସେଥିପାଇଁ ଅବହେଳିତ ଶାଶୁ ଜଣକ ଜରାଶ୍ରମ ଖଟିରେ ପଡ଼ି ଥର ଥର କଣ୍ଠରେ କହୁଥିଲେ "ମୁଁ ବାଞ୍ଝ ହୋଇଥିଲେ ଭଲ ହୋଇଥାଆନ୍ତି ।" ଏହି ପୁସ୍ତକର ଅନେକ ଗପରେ ନାରୀ ଜୀବନ ଅକୁହା ବେଦନା, ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ବାଞ୍ଝ'ର ଗପଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

### ଅପାସୋରା ମଣିଷ

ସଂପାଦକ: ଡକ୍ଟର ବନଜ କୁମାର ବିଶ୍ୱାଳ






ଗୋପାଳ ଚରଣ ମହାନ୍ତି ସ୍ମୃତି ସଂସଦ
ମଲ୍ଲୀପୁର, କିଶୋରନଗର, କଟକ
ପ୍ରଥମ ପ୍ରକାଶ : ୨୦୨୧
ମୂଲ୍ୟ : ୨୦ ଟଙ୍କା

କଟକ ଜିଲ୍ଲା କିଶୋରନଗର ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି, ସମାଜ ମନସ୍କ ସ୍ୱର୍ଗତ ଗୋପାଳ ଚରଣ ମହାନ୍ତିଙ୍କ ସ୍ମୃତି ଉଦ୍ଦେଶ୍ୟରେ ଡକ୍ଟର ବନଜ କୁମାର ବିଶ୍ୱାଳ ସଂପାଦନାରେ ପ୍ରକାଶ ପାଇଛି 'ଅପାସୋରା ମଣିଷ' ପୁସ୍ତକ । ଏହି ପୁସ୍ତକରେ ସ୍ୱର୍ଗତ ମହାନ୍ତିଙ୍କ ସମାଜ ପ୍ରତି ଅବଦାନ, ପରୋପକାର, ନିରାଡ଼ମ୍ବର ବ୍ୟକ୍ତିତ୍ୱ, ବ୍ୟକ୍ତିଗତ ଜୀବନ ସଂପର୍କରେ ସ୍ମୃତି ଚାରଣ କରାଯାଇଛି । ଡକ୍ଟର ଅରବିନ୍ଦ ପଟ୍ଟନାୟକ, ଡାକ୍ତର ଅଶୋକ କୁମାର ଦାସ, ଡାକ୍ତର ଆଲୋକ କାନୁନ୍‌ଗୋ, ଡକ୍ଟର ଉମେଶ ଚନ୍ଦ୍ର ପଟ୍ଟନାୟକ, ଡକ୍ଟର କବିତା ଖଟାଇ, ପ୍ରାଧ୍ୟାପକ କିଶୋର କୁମାର ବିଶ୍ୱାଳ, ଡକ୍ଟର କିଶୋର ଚନ୍ଦ୍ର ଦାସ, ଡକ୍ଟର ଜ୍ୟୋତିର୍ମୟୀ ମହାନ୍ତି, ପ୍ରାଧ୍ୟାପକ ଦେବେନ୍ଦ୍ରନାଥ ବାରିକ, ଡକ୍ଟର ପାବକ କାନୁନ୍‌ଗୋ, ଡକ୍ଟର ତରଣୀ ସେନ୍ ବାରିକ ପ୍ରମୁଖ ବିଶିଷ୍ଟ ବ୍ୟକ୍ତିମାନେ ସ୍ୱର୍ଗତ ମହାନ୍ତିଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ଉପରେ ଆଲୋଚନା କରି ସ୍ମୃତିଚାରଣ କରିଛନ୍ତି । ସ୍ୱର୍ଗତ ମହାନ୍ତିଙ୍କ ଜୀବନ ଶୈଳୀ ଥିଲା ନିରାଡ଼ମ୍ବର । ସାଧାରଣ ଲୋକଙ୍କ ସୁଖଦୁଃଖରେ ସେ ସାମିଲ ହେଉଥିଲେ । ସ୍ୱର୍ଗତ ଗୋପଳଚରଣ ମହାନ୍ତିଙ୍କ ସୁଗୁଣାବଳୀ ଉତ୍ତର ପିଢ଼ିଙ୍କ ଉଦ୍‌ବୁଦ୍ଧ କରି ବୋଲି ଆଶା କରାଯାଏ ।

### କାକ୍‌ଟସ୍‌ର ଲୁହ

ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟ





ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ନେଳିଆବାଗ, ବାଲେଶ୍ୱର
ପ୍ରଥମ ପ୍ରକାଶ : ୨୦୨୫
ମୂଲ୍ୟ : ୧୫୦ ଟଙ୍କା

"ବସ୍ତୁବାଦୀ ଦୁନିଆର ଲମ୍ବାରାସ୍ତା,/ ଛଳନା ପ୍ରତାରଣାର କଂକ୍ରିଟ୍ ନିର୍ମିତ/ଆବୁଡ଼ା ଖାବୁଡ଼ା ଚଟାଣର ଦେହ,/ ଆଉ ଥରେ ପୁଣି ସଜାଡ଼ି ଯାଉଛି ।" (ଭଙ୍ଗା ବିଶ୍ୱାସର ପୋଲ) ଆଶା ଓ ବିଶ୍ୱାସ ହିଁ ମଣିଷକୁ ଜୀବନ ବଞ୍ଚିବା ପାଇଁ ପ୍ରେରଣା ଦିଏ । ତେବେ ବସ୍ତୁବାଦୀ ଦୁନିଆରେ ବେଳେବେଳେ ମଣିଷ ଧକ୍କା ଖାଏ । ତଥାପି ବିଶ୍ୱାସ ହିଁ ତାକୁ ଜୀବନର ଆବୁଡ଼ା ଖାବୁଡ଼ା ରାସ୍ତାରେ ଚାଲିବାକୁ ସାହସ ଓ ଶକ୍ତି ଦିଏ । ଏମିତି ଜୀବନର ବାସ୍ତବ ଚିତ୍ର ପ୍ରତିଫଳିତ ଡକ୍ଟର ଜଗତବନ୍ଧୁ ଆଚାର୍ଯ୍ୟଙ୍କ 'କାକ୍‌ଟସ୍‌ର ଲୁହ' ପୁସ୍ତକର ଅନେକ କବିତାରେ । ଏହି ପୁସ୍ତକର 'ଆଉ ଏକ ଦୃଶ୍ୟ', 'ବିଭାଜନ', 'ଏକ ବିସ୍ଥାପିତ ଇଚ୍ଛା', 'ଜୀବନ ଗଣିତ', 'ଶବ୍ଦର ସ୍ୱରୂପ', 'ଧୈର୍ଯ୍ୟ', 'ଯନ୍ତ୍ରଣା', 'ଆଶଙ୍କା', 'ସମୁଦ୍ର ସ୍ନାନ', 'ଦୁଃଖୀଲୋକ', 'ପିତୃପୁରୁଷ', 'କକ୍‌ଟସ୍‌ର ଲୁହ' ଆଦି କବିତାଗୁଡ଼ିକ ମନଛୁଆଁ ହୋଇଛି । ଏହି କବିତାଗୁଡ଼ିକରେ କବି ଜୀବନର ବାସ୍ତବ ଚିତ୍ର ଦେବାରେ ବେଶ୍ ସଫଳ ହୋଇଛନ୍ତି । ସେହିପରି 'ବର୍ଷା', 'ପ୍ରକୃତି ମାୟାରେ ବନ୍ଧା', 'ଏକ ବରଗଛର ସ୍ମୃତିରେ' ଆଦି କବିତାରେ ପ୍ରକୃତିର ଜୀବନ୍ତ ଚିତ୍ର ମାର୍ମିକ ଭାବେ ଫୁଟି ଉଠିଛି । 'କାକ୍‌ଟସ୍‌ର ଲୁହ' ପୁସ୍ତକର କବିତାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ ।

## ରାଧାନାଥୀୟ ପ୍ରତିଭାର ଅଭିଜାତ ଐଶ୍ୱର୍ଯ୍ୟ



ଡ. ପ୍ରଫୁଲ୍ଲ କୁମାର ସାହୁ

ଯୁଗପ୍ରବର୍ତ୍ତକ କବି ରାଧାନାଥ ରାୟ । ଆଧୁନିକ ଓଡ଼ିଆ କାବ୍ୟ ସାହିତ୍ୟର ଅନୁପମ ବିଦ୍ଧାଣି । ରୀତିଯୁଗର ଆଳଙ୍କାରିକ ପଦଲାଳିତ୍ୟ ଓ ଯୌବନୋଚ୍ଛଳ ପ୍ରେମ ପ୍ରଣୟକୁ ଆଦୌ ପରିହାର ନ କରି ମଧ ଭଞ୍ଜୀୟ ପୃଷ୍ଠଭୂମି ଉପରେ ଗଢ଼ି ଦେଇଛନ୍ତି ଆଧୁନିକ କାବ୍ୟ ଚେତନାର ଏକ ବିଶାଳ ଓ ସୁରମ୍ୟ ହର୍ମ୍ୟ । ସେଥିପାଇଁ କିଏ ତାଙ୍କୁ ଯୁଗପ୍ରବର୍ତ୍ତକ କହେ ତ କିଏ କହେ ବିପ୍ଳବୀ ରାଧାନାଥ ।

କବିବର ରାଧାନାଥ ଥିଲେ ଶୁଦ୍ଧ ସୌନ୍ଦର୍ଯ୍ୟବାଦୀ । ପ୍ରକୃତିର ଉପାସକ । ଅସାଧାରଣ ତାଙ୍କ ଆହରଣ ଦକ୍ଷତା ଓ ସମୀକରଣ କୌଶଳ । ଚମତ୍କାର ତାଙ୍କ ଗଳ୍ପଗୁମ୍ଫନ କୌଶଳ । କଥାରେ ଅଛି "ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତହିଁର ଖବର ।" ଜଗତର ବିଶାଳତାକୁ ଅନୁଭବ କରିବା ପାଇଁ ନିଜ ମନପକ୍ଷୀକୁ ଉଡ଼େଇ ଦେଇଛନ୍ତି ଦୂର ଆକାଶରେ । ଓଡ଼ିଆ, ବଙ୍ଗଳା, ସଂସ୍କୃତ, ଇଂରାଜୀ, ପାର୍ସୀ ଓ ଉର୍ଦ୍ଦୁ ଆଦି ବିଭିନ୍ନ ଭାଷାରେ ପାରଦର୍ଶିତା ଯୋଗୁଁ ଓଡ଼ିଶାର ଇତିହାସ, କିମ୍ବଦନ୍ତୀ ଓ ପୌରାଣିକ ଆଖ୍ୟାନଠାରୁ ଆରମ୍ଭ କରି ଗ୍ରୀକ୍ ଓ ରୋମ୍ ସାହିତ୍ୟ ପର୍ଯ୍ୟନ୍ତ ଲମ୍ବି ଯାଇଥିଲା ତାଙ୍କ କଳ୍ପନାର ଚାରଣ ଭୂମି । ଗଭୀର ଅଧ୍ୟୟନ ଓ ଅଭିଜ୍ଞାନ ବଳରେ ବିଶ୍ୱର ବିଭିନ୍ନ କ୍ଷେତ୍ରରୁ ଚିନ୍ତା ଓ ସୌନ୍ଦର୍ଯ୍ୟର ପୁଷ୍ପ ଚୟନ କରି ସେ ନିର୍ମାଣ କରିଛନ୍ତି ଆପଣା କାବ୍ୟ ତପୋବନ । ବିଷୟବସ୍ତୁ କିମ୍ବଦନ୍ତୀୟ ହେଉ କି ପାଶ୍ଚାତ୍ୟ ଜନଶ୍ରୁତିର ରୂପକଥା ହେଉ, ତା'ର ଭାବକଳ୍ପର ଶିରାରେ ଶିରାରେ ଭରି ଦେଇଛନ୍ତି ଉତ୍କଳୀୟତାର ସ୍ପନ୍ଦନ । ଗ୍ରୀକ୍ କବି ଓଭିଡଙ୍କ 'ମେଟାଫରସିସ୍' ପୁସ୍ତକର ଆପୋଲ ଡାଫିନଙ୍କୁ ଆଣି ଓଡ଼ିଶା ମାଟିରେ ପହଞ୍ଚେଇ ଦେଇଛନ୍ତି, ଯିଏ କୋଣାର୍କର ବେଳାଭୂମିରେ ବିଚରଣ କରିଛନ୍ତି ସୂର୍ଯ୍ୟଦେବ ଓ ଚନ୍ଦ୍ରଭାଗା ରୂପରେ । ଏହା ହୋଇପାରେ ଏକ ବିଦେଶୀ କଥାବସ୍ତୁର ଓଡ଼ିଆ କରଣ, ମାତ୍ର କବିଙ୍କ ଲେଖନୀରେ ବିଭୂତିମଣ୍ଡିତ ହୋଇ ଚନ୍ଦ୍ରଭାଗା ପାଲଟି ଯାଇଛି ଏକ ତୀର୍ଥକ୍ଷେତ୍ର । ତା' ସହିତ ଯୋଡ଼ି ହୋଇଯାଇଛି ମାଘସପ୍ତମୀ ଓ ବାରୁଣିସ୍ନାନ । କବି କଳ୍ପନାର ଏହି ଇନ୍ଦ୍ରଜାଲ ଭିତରେ ଛନ୍ଦିହୋଇ ପାଠକ ବିଚାରା ବୁଝି ପାରେନି ଚନ୍ଦ୍ରଭାଗା କାହାର ନାମ ନାରୀର ନା ନଦୀର ?

କେବଳ ପ୍ରାଚ୍ୟ ଓ ପାଶ୍ଚାତ୍ୟର ସମୀକରଣ ନୁହେଁ, ଓଡ଼ିଶାର ଦେବଦେବୀ, ରାଜାମହାରାଜା, ମାଟି,ପାଣି, ପବନ, ନଦନଦୀ, ଶିଳା, ଶାଳଗ୍ରାମ ଆଦିର ସମାବେଶ ତଥା ଉତ୍କଳ ଗୌରବ ଗାଥାର ପୁନଃ ସ୍ଥାପନ ହିଁ ତା'ର ମୂଳକଥା । ରାଧାନାଥଙ୍କ ପୂର୍ବରୁ ଓଡ଼ିଆ ସାହିତ୍ୟରେ ଅନେକ ଉଚ୍ଚକୋଟୀର କାବ୍ୟ ଲେଖା ସାରିଥିଲେ ବି ସେଥିରେ କାବ୍ୟ ରୂପ ପାଇ ନଥିଲା ଜାତୀୟ ଅସ୍ମିତାର ସମକାଳୀନ ଚିନ୍ତନ । ଓଡ଼ିଆ ବାଙ୍ମୟ ଅଭିବ୍ୟକ୍ତିରେ ଊଣା ଥିଲା ଇତିହାସ ଦୃଷ୍ଟି । ଏହାକୁ ଅନୁଭବ କରି ଉତ୍କଳର ଭୂପ୍ରକୃତି,ଲୋକଜୀବନ ତଥା ତା'ର ଗୌରବମୟ ଅତୀତକୁ ଆଣି କବି ଠିଆ କରେଇ ଦେଲେ ଉତ୍କଳଲକ୍ଷ୍ମୀ 'ଚିଲିକା' କୂଳରେ । ରକ୍ତବାହୁ ଯବନର ପତନ, ମାଣିକ ଗଉଡୁଣୀ ଓ କାଞ୍ଚି ବିଜୟ କାହାଣୀକୁ ନେଇ ଓଡ଼ିଆ ଅସ୍ମିତାର ଏକ ବିମ୍ବ ହୋଇ ଠିଆ ହେଲା ମରାଳ ମାଳିନୀ ନୀଳାମ୍ବୁ ଚିଲିକା । କେବଳ 'ଚିଲିକା' ନୁହେଁ, ବିଦ୍ରୂପାତ୍ମକ କାବ୍ୟ 'ଦରବାର'ଠାରୁ 'ମହାଯାତ୍ରା' ପର୍ଯ୍ୟନ୍ତ ପ୍ରଲମ୍ବିତ ତାଙ୍କ ଜାତୀୟ ଅସ୍ମିତାର ଜୟଯାତ୍ରା । ମହାଯାତ୍ରା କାବ୍ୟରେ ସେ ପାଣ୍ଡବମାନଙ୍କୁ ସାରା ଓଡ଼ିଶା ବୁଲେଇଛନ୍ତି ଏବଂ ଉତ୍କଳର ମହିମା ଗାନ କରିବାକୁ ଯାଇ ଅଗ୍ନିଦେବଙ୍କ ଜରିଆରେ କହିଛନ୍ତି- "ପର୍ଣ୍ଣଦଳେ ଶ୍ରେଷ୍ଠ ଯେହ୍ନେ ପ୍ରସୂନ ଲଳିତ, ଶ୍ରେଷ୍ଠ ଏ ଉତ୍କଳ ଭୂମି ଗୁଣେ ଗରୀୟସୀ... ।"

ରାଧାନାଥଙ୍କ ଶବ୍ଦର ଇନ୍ଦ୍ରଜାଲରେ ଓଡ଼ିଶାର ଗିରି ହୋଇଛି ଗିରୀନ୍ଦ୍ର, ସର ହୋଇଛି ସାଗର, ଶିମୁଳି ଗଛ ବି ଲଭିଛି ଶାଶ୍ମଳୀ ତରୁର ମର୍ଯ୍ୟାଦା । କବିଙ୍କ ଭାଷାରେ- "ଶାଶ୍ମଳୀ ଶଇଳୁଁ ତିନି ସ୍ଥାନେ ତିନି ତଟିନୀ ଝରେ, ଲଙ୍ଘି ନାନା ବନ ଜନପଦ ମିଶେ ବଙ୍ଗ ସାଗରେ ।" ମହାପ୍ରଭୁ ଶ୍ରୀଜଗନ୍ନାଥ ଓଡ଼ିଆ ଜାତିର ଆରାଧ୍ୟ ଦେବତା ଏବଂ ଶ୍ରୀକ୍ଷେତ୍ର ହେଉଛି ଓଡ଼ିଶାର ସାଂସ୍କୃତିକ ରାଜଧାନୀ । ସେହି ପବିତ୍ର ଧାମର ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବାକୁ ଯାଇ ସେ ଲେଖିଛନ୍ତି – "ପୁଷ୍ପକୁଣ୍ଡେ ଶ୍ରେଷ୍ଠ ତାର କେଶର ଯେସନେ, ଶ୍ରେଷ୍ଠ ଏ ନୀଳାଦ୍ରିଧାମ ସମଗ୍ର ଉତ୍କଳେ ।" ଏଥିସହ ଶ୍ରୀକ୍ଷେତ୍ରକୁ ଏକ ସାଂସ୍କୃତିକ ପରିମଣ୍ଡଳ ଭାବରେ ଗଢ଼ିବାକୁ ଯାଇ ତାକୁ ସେ ଯୋଡ଼ିଛନ୍ତି 'ପାର୍ବତୀ', 'ଚନ୍ଦ୍ରଭାଗା' ଓ 'ଚିଲିକା' ଆଦି କାବ୍ୟ ସହିତ ।

ରାଧାନାଥଙ୍କ ବ୍ୟକ୍ତିତ୍ୱର ସ୍ୱାଭାବିକ ଗୁଣଟି ଥିଲା ପ୍ରକୃତି ଉପାସନା । ଶୈଶବରୁ ବିଜନତା ମଧ୍ୟରେ ନିମଜ୍ଜନ ତାଙ୍କୁ ଶିଖେଇ ଥିଲା ପ୍ରକୃତିର ମହାଭାବ ସହିତ ଏକାତ୍ମ ହେବାର ରହସ୍ୟ । କବି ସେହି ରହସ୍ୟମୟ ଭାବମୟତାର ଚିତ୍ରକର । ପ୍ରକୃତି ବର୍ଣ୍ଣନା ଓଡ଼ିଆ କାବ୍ୟରେ କିଛି ନୂଆ କଥା ନୁହେଁ, ବରଂ ଖୁବ୍ ବିସ୍ତୃତ ଓ ମାର୍ମିକ । ଏହା ରୀତି କାବ୍ୟରେ ଯେତିକି ପ୍ରାଣସ୍ପର୍ଶୀ, ରାଧାନାଥଙ୍କ ସମସାମୟିକ ସ୍ୱଭାବ କବି ଗଙ୍ଗାଧର ମେହେର ଓ ଭକ୍ତକବି ମଧୁସୂଦନ ରାଓଙ୍କ ସୃଷ୍ଟିରେ ସେତିକି ଆବେଗସ୍ନାତ । ମାତ୍ର ପ୍ରକୃତିକୁ କେନ୍ଦ୍ରରେ ରଖି ଗୋଟେ କାବ୍ୟ ଯେ ଲେଖା ଯାଇପାରେ, ରାଧାନାଥଙ୍କ ପୂର୍ବରୁ କେହି କେବେ କଳ୍ପନା କରି ନ ଥିଲେ ଏକଥା । ରୀତି ସାହିତ୍ୟରେ ପ୍ରକୃତି ଥିଲା ଏକ ଚିତ୍ର । ତାକୁ ଚରିତ୍ରରେ ପରିଣତ କରିଦେଲା ରାଧାନାଥୀୟ ପ୍ରତିଭା । ଚିଲିକା ହ୍ରଦଟିଏ ହେଲେ ବି କବି କଲମରେ ସେ ପାଲଟିଗଲା ଏକ ହାସ୍ୟମୟୀ ଓ ଲାସ୍ୟମୟୀ ନାରୀ, ଯେଉଁ କାବ୍ୟ ନାୟିକାର ରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି- "ଆହା ଏ ଶୋଭାର ନାହିଁ ପଟାନ୍ତର, ଥିଲେ ଥିବ ସ୍ୱର୍ଗେ ମର୍ତ୍ତ୍ୟେ ଅଗୋଚର ।" କବି ଦୃଷ୍ଟିରେ ପ୍ରକୃତି ନିର୍ବାକ ଓ ନିସ୍ପନ୍ଦ ନୁହେଁ, ତାହା ପ୍ରାଣବନ୍ତ ଓ ବାଙ୍ମୟ । ସେ ହିଁ ଓଡ଼ିଆ ସାହିତ୍ୟର ପ୍ରଥମ କବି, ଯିଏ ପ୍ରକୃତି ଉପରେ ଆରୋପ କରିଛନ୍ତି ମାନବିକ ଗୁଣ । ଓଡ଼ିଆ କାବ୍ୟ କବିତାରେ ବର୍ଷାବର୍ଣ୍ଣନା ତ ବିସ୍ତୃତ । ମାତ୍ର ସେ ବର୍ଣ୍ଣନାରେ ନ ଥିଲା ବାହ୍ୟ ପ୍ରକୃତି ସହିତ ଅନ୍ତଃପ୍ରକୃତିର ତୁଳନା । କବି ସେଭଳି ତୁଳନାତ୍ମକ ଚିତ୍ର ଆଙ୍କିବାର ପରମ୍ପରା ଆରମ୍ଭ କଲେ, ଯା'ର ଦୃଷ୍ଟାନ୍ତ ହେଉଛି- "ବହି ଯାଉଛି ବାରି ଭେଦି କିଆରି, ମର୍ଯ୍ୟାଦା ଲଙ୍ଘେ ଯଥା ସ୍ୱତନ୍ତ୍ରା ନାରୀ ।" (ତୁଳସୀ ସ୍ତବକ)

ମଣିଷ ଜୀବନର ମୌଳ ଆବେଗ ହେଉଛି ପ୍ରେମ ଏବଂ ଏହା ହିଁ ସବୁ କଳା କଳ୍ପନାର ମୂଳକଥା । ଜୀବନର ଏହି ଅଭିଜାତ ଐଶ୍ୱର୍ଯ୍ୟରେ ଖୁବ୍ ଐଶ୍ୱର୍ଯ୍ୟବନ୍ତ ଥିଲା ରୀତିଯୁଗୀୟ କାବ୍ୟକଳା । ମାତ୍ର ତା'ର ବିଷୟ ବିନ୍ୟାସରେ ନ ଥିଲା ବ୍ୟଞ୍ଜନାମୟ ବୈଚିତ୍ର୍ୟ । ସୁଖଦୁଃଖ, ହସକାନ୍ଦ ମିଶାମିଶି ଜୀବନ ହିଁ ମଣିଷର ଅଲଙ୍ଘନୀୟ ଭାଗ୍ୟ । ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ମିଳନାତ୍ମକ ପରିସମାପ୍ତି ଥିଲା ରୀତିକାବ୍ୟର ପରଂପରା । ତା'ର ଏହି ଗତାନୁଗତିକ ପରିପାଟୀରେ ରାଧାନାଥ ଆଣିଲେ ଭିନ୍ନତା । ପ୍ରେମ ପାଇଁ ଜୀବନ ବିସର୍ଜି ଦେବାକୁ ଆଗେଇ ଆସିଲେ ତାଙ୍କ କାବ୍ୟର ନାୟକ ନାୟିକା କେଦାର ଓ ଗୌରୀ । କେବଳ 'କେଦାରଗୌରୀ' ନୁହେଁ, 'ପାର୍ବତୀ', 'ନନ୍ଦିକେଶରୀ', 'ଚନ୍ଦ୍ରଭାଗା' ଆଦି ଅନେକ କାବ୍ୟରେ ଦୁଃଖଦ ଉପସଂହାରକୁ ନେଇ ଉଦ୍‌ଘାଟିତ ହେଲା କଳାର ଏକ ଅଭିନବ ଦିଗନ୍ତ ।

ରାଧାନାଥ ଥିଲେ କାବ୍ୟିକ ଭାଷାର ପ୍ରଥମ ସଂସ୍କାରକ । କାବ୍ୟର ଆଙ୍ଗିକ ପରିବର୍ତ୍ତନ କରିବାକୁ ଯାଇ ସେ ହିଁ ପ୍ରଥମେ ପ୍ରୟୋଗ କଲେ ଅମିତ୍ରାକ୍ଷର ଛନ୍ଦ । ତାଙ୍କ ସରଳ, କୋମଳ, ମଧୁର ଓ ମଞ୍ଜୁଳ ଶବ୍ଦ ସଂଯୋଜନା ଯୋଗୁଁ ଆଉ ଅଳଙ୍କାରର ପ୍ରାବଲ୍ୟରେ ଭାରାକ୍ରାନ୍ତ ହେଲା ନାହିଁ କାବ୍ୟସୁନ୍ଦରୀ । ବରଂ ସବୁ ବର୍ଗର ପାଠକଙ୍କୁ ଆମୋଦିତ ଓ ଆହ୍ଲାଦିତ କଲା ତାଙ୍କ ଉପମା ପ୍ରୟୋଗର ସୂକ୍ଷ୍ମ ଚାତୁରୀ ଓ ଲଳିତ ପଦ ବିନ୍ୟାସ । ଅର୍ଥବୋଧ, ରସବୋଧ ଓ ଭାବ ସଞ୍ଚରଣଶୀଳତା ନିମନ୍ତେ ଆଉ ରହିଲାନି ପ୍ରତି ପଦରେ ଅଭିଧାନ ଅଣ୍ଡାଳିବାର ଭଞ୍ଜୀୟ ଝିଙ୍ଗଟ । ରାଧାନାଥ ଥିଲେ ଜଣେ ନିର୍ଭୀକ ତଥା ବାସ୍ତବବାଦୀ ସ୍ରଷ୍ଟା । ନିଜର ପ୍ରଜ୍ଞା, ପ୍ରତିଭା ଓ ଅଧ୍ୟବସାୟ ବଳରେ ସେ ବହୁ ସମ୍ମାନର ଅଧିକାରୀ ହୋଇଛନ୍ତି ସତ, ହେଲେ କେବେ କିଛି ଲେଖି ନାହାଁନ୍ତି ଅନୁଗୃହୀତ ହେବା ଲକ୍ଷ୍ୟରେ । ତାଙ୍କୁ ରାୟ ବାହାଦୁର ଉପାଧିରେ ଭୂଷିତ କରିଛନ୍ତି ଇଂରେଜ ସରକାର । ବାମଣ୍ଡା ରାଜଦରବାରରୁ ସେ ପାଇଛନ୍ତି କବିବର ଉପାଧି । ଅଥଚ ଇଂରେଜ ସରକାର ହୁଅନ୍ତୁ କି ଦେଶୀୟ ରାଜା ହୁଅନ୍ତୁ, ସେମାନଙ୍କ ପ୍ରଜା ଶୋଷଣ ନୀତିକୁ ସେ ଖୁବ୍ ବିଦ୍ରୂପ କରିଛନ୍ତି 'ଦରବାର' କାବ୍ୟରେ । ରାଧାନାଥ ଥିଲେ ସମକାଳୀନ ବାସ୍ତବତା ଓ ନିଜ ବିଷାଦରେ ଆଚ୍ଛନ୍ନ ଏକ ବିମର୍ଶ କବି ପ୍ରତିମା । ଜୀବନ ବିମୁଖତା ସତ୍ତ୍ୱେ ପ୍ରତିଟି ପରିବୋଧନୀୟ ମୁହୂର୍ତ୍ତର ଆତ୍ମିକ ଉପଲବ୍ଧିକୁ ବୌଦ୍ଧିକତାରେ ରସାଣିତ କରି ସେ ଶୁଣେଇଛନ୍ତି ଅନେକ ଦାର୍ଶନିକ ବାଣୀ । ଏକ ଉଚ୍ଚତର ଆଧ୍ୟାତ୍ମିକ ଜୀବନବୋଧ ପ୍ରତି ଆସ୍ପୃହା ନେଇ ଗାଇଛନ୍ତି- "ଧର୍ମ ଏକା ସିନା ମହତ ପଣିଆ, ଆଉ ବଡ଼ପଣ ଅଡ଼େଇ ଦିନିଆ ।" (ଦରବାର)

ଅବସରପ୍ରାପ୍ତ ଅଧ୍ୟକ୍ଷ,
ବିଜୁପଟ୍ଟନାୟକ ନଗର ଭଦ୍ରକ
ମୋ: ୬୩୭୧୬୪୨୪୬୪

■ ସରକାରୀ ନିୟମର ଉଲ୍ଲଙ୍ଘନ

## ନିଯୁକ୍ତି ବୟସ ସୀମା ୩୨ ବର୍ଷକୁ କମାଇଲା ଓଏଚପିସି

ଭୁବନେଶ୍ୱର, ୧୫।୧୧ (ସମିସ): ନିଯୁକ୍ତି ପାଇଁ ସରକାରଙ୍କ ନିୟମକୁ ରାଜ୍ୟ ପିଏସୟୁ ସଂସ୍ଥା ମାନୁ ନାହାନ୍ତି । ସରକାରଙ୍କ ନୀତି ନିୟମକୁ ଅଣଦେଖା କରି ଇଚ୍ଛା ଅନୁଯାୟୀ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରୁଛନ୍ତି । ନିଯୁକ୍ତି ପାଇଁ ବୟସ ସୀମା ୪୨ ବର୍ଷକୁ ରାଜ୍ୟ ସରକାର ବଢ଼ାଇଥିବା ବେଳେ ରାଜ୍ୟ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚପିସି) ଏହାକୁ ୩୨ ବର୍ଷ କରିଛି । ଏହାକୁ ନେଇ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ସେମାନେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଅଭିଯୋଗ କରିଛନ୍ତି ।

ସୂଚନାନୁଯାୟୀ, ମୋଟ୍ ୨୭ଟି ପଦରେ ନିଯୁକ୍ତି ପାଇଁ ଓଏଚପିସି ପକ୍ଷରୁ ଗତ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଗତ ୧୨ ତାରିଖରୁ ଆବେଦନ ଆରମ୍ଭ ହୋଇ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ । ଏହି ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସସୀମା ୩୨ବର୍ଷ ଧାର୍ଯ୍ୟ କରାଯାଇଛି । ଯାହାକୁ ନେଇ ଆଶାୟୀମାନେ ପ୍ରଶ୍ନ କରିଛନ୍ତି । ସରକାର ନିଯୁକ୍ତି ବୟସ ସୀମାକୁ ୪୨ ବର୍ଷ କରିଥିବା ବେଳେ

### ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ ହେଲେ ଆଶାୟୀ

ରାଜ୍ୟ ସରକାରଙ୍କ ଅଧୀନରେ ଥିବା ପିଏସୟୁ ସଂସ୍ଥା ଏହାକୁ କିପରି ଉଲ୍ଲଙ୍ଘନ କରୁଛି ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି । ଶେଷଥର ପାଇଁ ୨୦୨୨ରେ ପ୍ରକାଶିତ ବିଜ୍ଞପ୍ତିରେ ସର୍ବୋଚ୍ଚ ବୟସ ସୀମା ୩୮ ବର୍ଷ ଥିଲା । ଚଳିତଥର ଏହାକୁ ବଢ଼ାଇବା ବଦଳରେ କମାଇ ଦିଆଯାଇ ଥିବାରୁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଏ ସମ୍ପର୍କରେ ଓଏଚପିସି କର୍ତ୍ତୃପକ୍ଷଙ୍କ କହିବା କଥା, କୋଭିଡ୍ ପାଇଁ ୨୦୨୨ରେ ବୟସ ସୀମାରେ କୋହଳ କରାଯାଇଥିଲା । ଯାହାକୁ ଚଳିତ ଥର ଉଠାଇ ଦିଆଯାଇ ୩୨ ବର୍ଷ କରାଯାଇଛି । ସରକାରଙ୍କ ନିୟମକୁ ଉଲ୍ଲଙ୍ଘନ କରି ବୟସ ସୀମା କମାଇ ଦିଆଯାଇଥିବାରୁ ଆଶାୟୀମାନେ ରାଜ୍ୟପାଳଙ୍କ ସମେତ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଓଏଚପିସି ଏମ୍‌ଡିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ନିୟମିତ ବ୍ୟବଧାନରେ ନିଯୁକ୍ତି ବାହାରୁ ନଥିବାରୁ ବୟସ ସୀମା ୪୨ ବର୍ଷ କରିବା ପାଇଁ ତ୍ୱରିତ ନିର୍ଦ୍ଦେଶ ଦେବା ସହ ଓଏଚପିସିରେ ଖାଲି ଥିବା ମୋଟ୍ ୨୦୩୪ଟି ପଦରେ ନିଯୁକ୍ତି ଦେବାକୁ ଆଶାୟୀ ସୁନିଲ କୁମାର ମିଶ୍ର, ବିକାଶ ପାତ୍ର, ପରମେଶ୍ୱର ବଳ ଓ ରଜତମାୟା ମିଶ୍ର ପ୍ରମୁଖ ଦାବି କରିଛନ୍ତି ।

### ଡିସେମ୍ବର ୨୪ରୁ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ମହୋତ୍ସବ

## ଆରମ୍ଭ ହେଲା କଳାକାର ଚୟନ

ବରଗଡ଼, ୧୫।୧୧ (ସମିସ): ଆସନ୍ତା ଡିସେମ୍ବର ୨୪ତାରିଖରୁ ବୃହତ୍ ମୁକ୍ତାକାଶ ରଙ୍ଗମଞ୍ଚ ୭୮ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବ । ଏଥିପାଇଁ କଳାକାର ଚୟନ ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଛି । ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ୍ ହଲ ପରିସରରେ କଂସ ମହାରାଜଙ୍କ ସମେତ ଅନ୍ୟ ପ୍ରମୁଖ ଚରିତ୍ର ପାଇଁ କଳାକାର ଚୟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଜି ଦେବକୀ, ନାରଦ, ଚାଣୁର, ମୁଷ୍ଟିକ, ସାରଙ୍ଗି, ବସୁଦେବ, ଅକ୍ରୁର ଏବଂ ଉଗ୍ରସେନ ପ୍ରଭୃତି ଚରିତ୍ର ନିମନ୍ତେ ଅଡିସନ୍ ନିଆଯାଇଛି । ସେହିପରି ୧୬ ତାରିଖରେ ମହାମନ୍ତ୍ରୀ ଓ ସେନାପତି ଏବଂ ୧୭ ତାରିଖ ଦିନ କଂସ ମହାରାଜ ସକାଶେ ସାକ୍ଷାତକାର ଅନୁଷ୍ଠିତ



ହେବ । ଆଜି ବିଚାରକ ଭାବେ ସୁବାସ ପ୍ରଧାନ, ମିହିର ମେହେର, ପରମେଶ୍ୱର ମୁଣ୍ଡ, ପ୍ରଦୀପ ପଣ୍ଡା, ସୁଜିତ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ପ୍ରଥମ ଦିନ ଧନୁଯାତ୍ରାର ଚୟନ ପ୍ରକ୍ରିୟାରେ ବହୁ କଳାକାର ଅଂଶଗ୍ରହଣ କରି ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିଥିଲେ । ନାରଦ ଚରିତ୍ର ପାଇଁ ୧୮ ଜଣ, ବସୁଦେବ ପାଇଁ ୨୫, ଅକ୍ରୁର ପାଇଁ ୧୭, ମୁଷ୍ଟିକ ପାଇଁ ୧୩, ସାରଙ୍ଗି ପାଇଁ ୧୫, ଉଗ୍ରସେନ୍ ପାଇଁ୧୦, ଚାଣୁର ପାଇଁ୧୦, ଦେବକୀ ପାଇଁ ୮ଜଣ କଳାକାର ଚୟନ ପ୍ରକ୍ରିୟାରେ ସାମିଲ ହୋଇଥିଲେ । କଳାକାର ଚୟନ ସମିତିର ସମ୍ପାଦକ ଅଶୋକ ବେହେରା, ବରିଷ୍ଠ ଆଇନଜୀବୀ ପୂର୍ଣ୍ଣଚନ୍ଦ୍ର ଦାଶଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ ହେବେ ହ୍ୟୁମାନ ସାଗର!

ଭୁବନେଶ୍ୱର, ୧୫।୧୧(ସମିସ): ଓଲିଉଡ୍‌ର ଲୋକପ୍ରିୟ ଗାୟକ ହ୍ୟୁମାନ ସାଗରଙ୍କ ଅବସ୍ଥା ଅତ୍ୟନ୍ତ ସଂକଟାପନ୍ନ ରହିଛି । ଭୁବନେଶ୍ୱର ଏମ୍ସରେ ତାଙ୍କର ଚିକିତ୍ସା ଜାରି ରହିଛି । ତାଙ୍କୁ ଭେଣ୍ଟିଲେଟର୍ ସପୋର୍ଟରେ ରଖାଯାଇଛି । ଆଗାମୀ ୭୨ ଘଣ୍ଟା ହ୍ୟୁମାନଙ୍କ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଏମ୍ସ ପକ୍ଷରୁ କୁହାଯାଇଛି । ତେବେ ଗତ ୨୪ ଘଣ୍ଟାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ହେଉ ନଥିବାରୁ ପରିବାରଲୋକ ବ୍ୟସ୍ତ ହୋଇପଡ଼ିଛନ୍ତି । ଆଜି ହ୍ୟୁମାନ୍‌ଙ୍କ ମା' ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମୋ' ପୁଅର ସ୍ୱାସ୍ଥ୍ୟ ଅତ୍ୟନ୍ତ ଗମ୍ଭୀର ରହିଛି । ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସୁନଥିବା ଡାକ୍ତର କହୁଛନ୍ତି । ତେଣୁ ତାଙ୍କୁ ବାହାରକୁ ନେଇ ଚିକିତ୍ସା କରିବାକୁ ଚାହୁଁଛି । ଏଥିପାଇଁ ଓଡ଼ିଶାବାସୀ ଓ ସରକାରଙ୍କୁ ସାହାଯ୍ୟ ପାଇଁ ସେ ନିବେଦନ କରିଛନ୍ତି । ତେବେ ହ୍ୟୁମାନଙ୍କୁ ଦିଲ୍ଲୀ ଏମ୍ସକୁ ଏୟାରଲିଫ୍ଟ କରାଯାଇପାରେ ବୋଲି ସୂଚନା ମିଳିଛି ।

ଅପରପକ୍ଷେ, ହ୍ୟୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ଚିନ୍ତା ପ୍ରକାଶ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏମ୍ସର ଡାକ୍ତରମାନଙ୍କ ସହ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ହ୍ୟୁମାନ ସାଗର ଓଡ଼ିଶାର ଜଣେ ଲୋକପ୍ରିୟ ପ୍ରତିଭାବାନ ସଙ୍ଗୀତଜ୍ଞ ।



ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ମୁଖ୍ୟମନ୍ତ୍ରୀ

ତାଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ପାଇଁ ଡାକ୍ତରମାନେ ସର୍ବୋତ୍ତମ ଉଦ୍ୟମ ଜାରି ରଖନ୍ତୁ । ଆବଶ୍ୟକ ହେଲେ ଦିଲ୍ଲୀ ଏମ୍ସକୁ ତାଙ୍କୁ ସ୍ଥାନାନ୍ତର କରାଯାଇ ଚିକିତ୍ସା ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ସୂଚନା ଅନୁସାରେ, ହ୍ୟୁମାନ୍ ଗତ କିଛି ସପ୍ତାହ ହେଲା କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ଗତକାଲି ଅପରାହ୍ଣରେ ତାଙ୍କୁ ଏମ୍ସରେ ଭର୍ତ୍ତି କରାଯାଇଥିଲା । ବରିଷ୍ଠ ଇଣ୍ଟେନ୍ସିଭିଷ୍ଟ ଏବଂ ଇସିଏମଓ ସ୍ପେଶାଲିଷ୍ଟ ଡାକ୍ତର ଶ୍ରୀକାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଏମ୍‌ଆଇସିୟୁରେ ତାଙ୍କର ଚିକିତ୍ସା ଚାଲିଛି ।

## ସୃଷ୍ଟି ହେଲା ୪୪୩୩ଟି ନର୍ସିଂ ଅଫିସର ପଦ

ଭୁବନେଶ୍ୱର, ୧୫।୧୧(ସମିସ): ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଅଧିକ ଶୃଙ୍ଖଳିତ ଏବଂ ଲୋକାଭିମୁଖୀ କରିବା ପାଇଁ ୪୪୩୩ ଟି ନୂତନ 'ନର୍ସିଂ ଅଫିସର' ପଦ ସୃଷ୍ଟି କରିଛନ୍ତି । ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଅନୁମୋଦନ ପରେ ଓଡ଼ିଶା ନର୍ସିଂ ସେବା କ୍ୟାଡର୍‌ର ଏହି ପଦଗୁଡିକ ସୃଷ୍ଟି କରାଯାଇଛି । ଏହି ପଦାଧିକାରୀମାନେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ସବ୍ ହେଲ୍‌ଥ ସେଣ୍ଟରଗୁଡିକରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭାବେ କାର୍ଯ୍ୟ କରିବେ । ଏହି ନୂଆ ପଦବୀ ସୃଷ୍ଟିକୁ ଅର୍ଥ ବିଭାଗର ସହମତି ମିଳିଥିବାବେଳେ ଖୁବ୍‌ଶୀଘ୍ର ପରୀକ୍ଷା, ପ୍ରଶିକ୍ଷଣ ଓ ନିଯୁକ୍ତି ନେଇ ବିଭାଗ ପକ୍ଷରୁ ନିୟମାବଳୀ ପ୍ରକାଶ କରାଯିବ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଡ଼ିଗଲା ଥାନା...

ଘଟିଥିବା କୁହାଯାଉଛି । କିନ୍ତୁ ତାଙ୍କୁ ଚିହ୍ନଟ କରାଯାଇପାରିନାହିଁ । କୁହାଯାଉଛି ଯେ ଥାନାରେ ୩୬୦ କେଜି ବିସ୍ଫୋରକ ରଖାଯାଇଥିଲା ।

ତେବେ ଏହି ବସ୍ଫୋରଣ ଏକ ଦୁର୍ଘଟଣା ଥିଲା ବୋଲି ଜମ୍ମୁ-କଶ୍ମୀର ଡିଜିପି ନୀଲମ ପ୍ରଭାତ କହିଛନ୍ତି । ନମୁନା ସଂଗ୍ରହ ବେଳେ ବି।।ସ୍ଫୋରଣ ଘଟିଥିଲା । ଏହି ବିସ୍ଫୋରକ ଫରିଦାବାଦ୍‌ରୁ ଗିରଫ ହୋଇଥିବା ଡା ମୁଜାମିଲ ଗନୋଇର ଭଡ଼ା ଘରୁ ଜବତ କରାଯାଇଥିଲା ।। ପୁଲିସ ଏବେ ସମ୍ପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରିଦେଇଛି । ମୃତକଙ୍କ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିଛନ୍ତି । ପୁଲିସ ସେମାନଙ୍କୁ ଭିତରକୁ ଛାଡୁନାହିଁ । ବିସ୍ଫୋରଣ କାରଣ ନେଇ ଯାଞ୍ଚ୍ କରାଯାଉଛି ବୋଲି ଜମ୍ମୁ-କଶ୍ମୀର ଡିଭିଜନର ଗୃହ ମନ୍ତ୍ରଣାଳୟ ତରଫରୁ କୁହାଯାଇଛି । ଇତିମଧ୍ୟରେ ସିଆରପିଏଫ୍‌ର ଆଇଜି ଘଟଣାସ୍ଥଳକୁ ଯାଇଛନ୍ତି ।

### ନୀତୀଶଙ୍କୁ ନେଇ...

ପରେ କହିଥିଲେ ଯେ ନୀତୀଶ ହିଁ ମୁଖ୍ୟମନ୍ତ୍ରୀ ରହିବେ । କିନ୍ତୁ ଆଜି ଦଳ ପକ୍ଷରୁ ସେପରି କିଛି କୁହାଯାଉ ନାହିଁ । ଗତକାଲି ବିଭିନ୍ନ ସ୍ଥାନରେ ପାର୍ଟି ପକ୍ଷରୁ ପୋଷ୍ଟର ଲଗାଯାଇଥିଲା । 'ଟାଇଗର ଅଭି ଜିନ୍ଦା ହେଁ' ଏବଂ 'ହମାରେ ବିହାର କା ଏକ ଷ୍ଟାର, ହର ବାର ନୀତୀଶ କୁମାର' ବୋଲି ପୋଷ୍ଟରରେ କୁହାଯାଇଥିଲା । କିନ୍ତୁ ଆଜି ସମସ୍ତେ ନିରବ ରହିଛନ୍ତି । କେବଳ ଦଳୀୟ ନେତା ଶ୍ୟାମ ରଜାକ କହିଛନ୍ତି ଯେ 'କେବଳ ନୀତୀଶ କୁମାର ହିଁ ମୁଖ୍ୟମନ୍ତ୍ରୀ ହେବେ । ଶପଥ ଗ୍ରହଣ ଉତ୍ସବ କେବେ ହେବ, ତାହା ନୀତୀଶ କୁମାର ହିଁ ସ୍ଥିର କରିବେ ।'

ଅନ୍ୟପକ୍ଷରେ ବିଜେପି ନେତାମାନେ ଏହାକୁ ନେଇ ଚୁପ୍ ରହିଛନ୍ତି । କେନ୍ଦ୍ର କିମ୍ବା ରାଜ୍ୟର କୌଣସି ନେତା ଏସଂପର୍କରେ ମୁହଁ ଖୋଲୁ ନାହାନ୍ତି । ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ଯେ ଏଥର ମୁଖ୍ୟମନ୍ତ୍ରୀ ପଦ ବିଜେପିକୁ ମିଳିବା ଉଚିତ ବୋଲି ରାଜ୍ୟର ନେତାମାନେ ଜୋରଦାର ଦାବି କରିଛନ୍ତି । ସେମାନେ ଯୁକ୍ତି କରିଛନ୍ତି ଯେ ନିର୍ବାଚନରେ ଜେଡିୟୁଠାରୁ ବିଜେପି ଅଧିକ ଆସନ ପାଇଛି ଏବଂ ଦ୍ୱିତୀୟତଃ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ କରାଯିବ ବୋଲି ଦଳ ପକ୍ଷରୁ ନିର୍ବାଚନ ପୂର୍ବରୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନାହିଁ । ନୀତୀଶ ରାଜି ନହେଲେ ଅନ୍ୟ ଦଳ ସହାୟତାରେ ବିଜେପି ସରକାର ଗଠନ କରିପାରିବ ବୋଲି ସେମାନେ କହିଛନ୍ତି । ଏହାକୁ ନେଇ ବିଜେପି ଭିତରେ ବିଚାର ଆଲୋଚନା ଚାଲିଛି । ତେବେ ଚୂଡ଼ାନ୍ତ ନିଷ୍ପତ୍ତି ହାଇକମାଣ୍ଡ ନେବେ ବୋଲି ସେମାନେ କହିଛନ୍ତି ।

ଗତକାଲି ଘୋଷିତ ଫଳାଫଳ ଅନୁଯାୟୀ ୨୪୩ ଆସନ ମଧ୍ୟରୁ ବିଜେପିକୁ ସର୍ବାଧିକ ୮୯ଟି ଆସନ ମିଳିଥିବା ବେଳେ ଜେଡିୟୁକୁ ୮୫, ପାଶ୍ୱାନଙ୍କ ଏଲଜେପିକୁ ୧୯, ହାମ୍‌କୁ ୫ ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାକୁ ୪ଟି ଆସନ ମିଳିଛି । ସରକାର ଗଠନ ପାଇଁ ୧୨୨ ବିଧାୟକଙ୍କ ସମର୍ଥନ ଆବଶ୍ୟକ ଥିବା ବେଳେ ବିଜେପିକୁ ଆଉ ୩୩ ବିଧାୟକଙ୍କ ସମର୍ଥନ ଦରକାର । କୁହାଯାଉଛି ଯେ ନୀତୀଶ ମୁଖ୍ୟମନ୍ତ୍ରୀ ପଦ ଛାଡ଼ିବାକୁ ରାଜି ନହେଲେ ଜେଡିୟୁକୁ ବାଦ ଦେଇ ଅନ୍ୟ ଛୋଟ ଛୋଟ ଦଳର ବିଧାୟକଙ୍କର ସମର୍ଥନ ନେଇ ବିଜେପି ସରକାର ଗଠନ କରିପାରିବ । ଏଥିରେ ଏଲ୍‌ଜେପିର ୧୯, ହାମ୍‌ର ୫ ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚାର ୪ ବିଧାୟକ ରହିଛନ୍ତି । ଏମାନଙ୍କୁ ମିଶାଇଲେ ବିଜେପିକୁ ୧୧୭ ବିଧାୟକଙ୍କ ସମର୍ଥନ ମିଳିଯାଉଛି । ଆଉ ୫ ବିଧାୟକଙ୍କ ସମର୍ଥନ ଯୋଗାଡ଼ କରାଯାଇପାରିବ ବୋଲି ରାଜ୍ୟ ଦଳୀୟ ନେତା ଜଣାଇଥିବା କୁହାଯାଉଛି । ତେବେ କେନ୍ଦ୍ରୀୟ ନେତା ନିରବ ରହିଥିବାରୁ ସ୍ପଷ୍ଟ ଭାବେ କିଛି ଜଣାପଡୁ ନାହିଁ ।

### ଆଳୁ କେଜି...

ଏହି ଆଳୁ ବର୍ଷକୁ କେବଳ ୧୦୦ ଟନ୍ ଉତ୍ପାଦନ ହେଉଛି । ପ୍ରତି ବର୍ଷ ମେ' ଏବଂ ଜୁନ୍‌ରେ ଏହାର ବିକ୍ରି ହୋଇଥାଏ । ଆଟଲାଣ୍ଟିକ ମହାସାଗରର ଲୋଇରା ଅଞ୍ଚଳ ସ୍ଥିତ ଫ୍ରାନ୍ସର 'ନୋଇରମୌସିର' ଦ୍ୱୀପରେ ଏହି ଆଳୁ ଚାଷ କରାଯାଉଛି । ନିଆରା ସ୍ୱାଦ କାରଣରୁ ଏହାର ଚାହିଦା ଅଧିକ ରହିଛି । ଉତ୍ପାଦନ ଅଧିକ ହେଉ ନ ଥିବାରୁ ଏହାର ମୂଲ୍ୟ ବଢ଼ି ବଢ଼ି ଚାଲିଛି । ସ୍ଥାନୀୟ ଚାଷୀ 'ବିନୋଇଟ ବିନୋଟେ'ଙ୍କ ନାମରେ ଏହି ଆଳୁର ନାମକରଣ ହୋଇଛି । ପାରମ୍ପରିକ ଉପାୟରେ ଏହି ଆଳୁ ଚାଷ କରାଯାଉଛି । ଉତ୍ପାଦନରେ ମେସିନର ବ୍ୟବହାର କରାଯାଏ ନାହିଁ । ଏହି ଆଳୁ ଛୋଟ ହୋଇଥିଲେ ମଧ ଚୋପା ବହୁତ ପତଳା । ସାଧାରଣତଃ ଏହାକୁ ସିଝାଇ ଲୁଣ ଏବଂ ଲହୁଣୀ ସହ ଖିଆ ଯାଇଥାଏ ।

### ଜାଡ଼ରେ ଥରୁଛି...

ଡିଗ୍ରୀ ରେକର୍ଡ କରାଯାଇଛି । ଅପରପକ୍ଷେ ରବିବାର ଝାରସୁଗୁଡ଼ା, କନ୍ଧମାଳ ଓ ସୁନ୍ଦରଗଡ଼ରେ ଶୀତ ଲହରୀ ଅନୁଭୂତ ହେବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି ।

ଶିମିଳିପାଳରେ ଆଜି ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ରେକର୍ଡ ହୋଇଛି । ଶୁକ୍ରବାର ସକାଳ ୬ଟାରେ ଅଭୟାରଣ୍ୟର ଉତ୍ତର ବନଖଣ୍ଡ ଅଧୀନ ଉପରବାରହାକାମୁଡ଼ା (ୟୁବିକେ) ରେଞ୍ଜରେ ୩, ଚହଲା ରେଞ୍ଜରେ ୭, ବରେହିପାଣିରେ ୯, ଗୁଡୁଗୁଡିଆରେ ୧୦, ରାମତୀର୍ଥ ଓ ସାତକୋଶିଆରେ ୧୪ ଓ କିଆଝରୀରେ ୧୩ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି । ଏହା ଚଳିତ ବର୍ଷର ଅଦ୍ୟାବଧି ସର୍ବନିମ୍ନ ତାପମାତ୍ରା ୫ବାଲି କୁହାଯାଉଛି ।

### ଦୁଇ ଦିନରେ...

ମଧ୍ୟରୁ ୧୨ଜଣ ସ୍ପିନରଙ୍କ ଶିକାର ହୋଇଥିଲେ । ଭାରତର ଅଧିନାୟକ ଶୁବମନ୍ ଗିଲ ରିଟାୟାର୍ଡ ହର୍ଟ ହୋଇ ପାଭିଲିୟନ ଫେରିଥିଲେ । ପିଚ୍ ସଂପର୍କରେ ଇଂଲଣ୍ଡର ପୂର୍ବତନ କ୍ରିକେଟର ମାଇକେଲ୍ ଭନ୍ ଏହା ଏକ 'ଭୟଙ୍କର' ପିଚ୍ ବୋଲି କହିଥିବା ବେଳେ ଅନୀଲ୍ କୁମ୍ବଲେ ବାମହାତୀ ବ୍ୟାଟ୍ସମ୍ୟାନ୍‌ଙ୍କୁ ଏହି ପିଚ୍ ସୁହାଇଥାଏ ବୋଲି କହିଛନ୍ତି । ଅନ୍ୟପକ୍ଷରେ ଟେଷ୍ଟ କ୍ରିକେଟରେ ଏଭଳି ଫଳାଫଳ ଦେଖି ବହୁ ଦର୍ଶକ ଓ କ୍ରିକେଟ୍ ଫ୍ୟାନ୍‌ମାନେ ଇଡେନ୍‌ରେ ଆଉ ଟେଷ୍ଟ ମ୍ୟାଚ୍ ଆୟୋଜନ ନ କରିବାକୁ ଦାବି କରିଛନ୍ତି ।


**AFFIDAVIT**

I, Babita Jena, aged about 42 years, W/o- Pramod Kumar Jena, resident of At- Dolamandap Sai, Patia, PS- Infocity, Bhubaneswar, PIN-751001, Dist- Khordha, Odisha declared by this affidavit No. 46, dtd-12/11/2025 that now onwards I shall be known as **BEBITA JENA** for all future purposes instead of Babita Jena.

**AFFIDAVIT**

By virtue of an affidavit (CF No.10, dtd- 14/11/2025) sworn before the Notary Public, Padampur. I, **Bina Suna,** W/o Bihari Suna, resident of Khuntpali, PS- Gaisilat, Dist- Bargarh, PIN-768036, Odisha declare that I have changed the name of my minor son from **Donraj Suna** (old name) to **Akant Prasad Suna** (new name). Henceforth, he shall be known as **Akant Prasad Suna** for all purposes.

**Bina Suna**

**AFFIDAVIT**

I, Tellavadu, aged about 60 years, S/o- G Enkeya, resident of At- Plot No. 62/3726, Jagannath Nagar, GGP Colony, Rasulgarh, Bhubaneswar, PS- Mancheswar, Dist- Khordha, PIN- 751010, Odisha declared by this affidavit No. 2331, dtd-15/11/2025 that now onwards I shall be known as **G TELEDU** for all future purposes.

**AFFIDAVIT**

By virtue of an affidavit no-1642 sworn before the Executive Magistrate, Dhenkanal on dtd-09/10/2025, I **Mita Padhan,** resident of At- Chhadasingh, Po- Badanagena, Ps- Sadar, Dist- Dhenkanal, Pin- 759014, Odisha, I have changed my name from **Rasmita Dehury** (old name) to **Mita Padhan** (new name). Henceforth, both name **Rasmita Dehury** and **Mita Padhan** is one & same person & I will be known as **Mita Padhan** for all future purposes.

**Sd/- Mita Padhan**

**IN THE COURT OF THE CIVIL JUDGE (SR. DIVISION) RANAPUR**

C.S. No 249/18

ମନୋଜ କୁମାର ଭୁୟାଁ ...ବାଦୀ

ବନାମ

ଅମରୀ ଦଉ ଏବଂ ଅନ୍ୟମାନେ ...ପ୍ରତିବାଦୀ

Summon U/O R.5. Rule.20 C.P.C

ପ୍ରାପ୍ତେଷୁ,

ଧରଣୀଧର ମଣ୍ଡଳ, ପିତା- ରଘୁ ମଣ୍ଡଳ, ସା- ପାଟବେରଣା, ପୋ- ସାରଙ୍ଗଧରପୁର, ଥାନା- ରଣପୁର, ଜିଲ୍ଲା-ନୟାଗଡ଼ ।

ଉପରଲିଖିତ ବାଦୀ ଏହି ଭାଗ ବଣ୍ଟା ମକଦ୍ଦମା ତୁମ ବିପକ୍ଷରେ ଆଣିଛନ୍ତି ଓ ଏଥିରେ ତୁମ ପାଖକୁ ପଠାଯାଇଥିବା ଅଦାଲତ ସମନକୁ ତୁମେ ଉପେକ୍ଷା କରିଛ ଏଥିନିମନ୍ତେ, ତୁମକୁ ଆଦେଶ ଦିଆଯାଉଛି କି ତୁମେ ଏହି ଦିନ ତା. ୦୮/୧୨/୨୦୨୫ ସମୟ ୧୦.୩୦ମିରେ ଅଦାଲତରେ ଉପସ୍ଥିତ ରହିବ ଅଥବା ତୁମ ବିନା ଉପସ୍ଥିତିରେ ଏହି ମୋକଦ୍ଦମା ଶୁଣାଣି ହେବ ।

ଜମିଜମା ବିବରଣୀ- ତହସିଲି-ଥାନାରଣପୁର ଜିଲ୍ଲା-ନୟାଗଡ଼, ମୌ-ରଣପୁରଗଡ଼, ଖା -ନଂ- ୬୧, ଖା-ନଂ୧୫, 'ଖା-ନଂ୨୨୭, ଖା-ନଂ ୬୮ ଏଥିରେ ମୋର ଦସ୍ତଖତ ସହିତ କୋର୍ଟର ସିଲ୍ ଦିନ୧୩-୧୧-୨୦୨୫ ।

ସିଭିଲ୍ ଜଜ୍ (ସି) ଡିଭିଜନ ରଣପୁର

**LOST**

**I, Khageswar Behera, S/o- Late Panchanan Behera,resident of At-Dharosyamsundarpur,P.O-Sukleswar, P.s- Mahanga, Dist-Cuttack. Declare that my original Sale deed vide No-433 dated 16/03/1996 has been lost at any where inspite of my best efforts I could not able trace it out.If anybody has got interest in any manner on the above property in question, may put forth his grievance/complain with supporting documents within 15days of this publication notice, before the advocate mentioned below.**

**Name- Diptimayee sahoo,**

**Mobile no - 7978874629.**

**AFFIDAVIT**

I, Birendra Kishore Tripathy Sharma, aged about 71 years, S/o- Narasingh Tripathy resident of At: Plot No-1533p, Lane-9, Kukuteswar Colony, Aerodrome Area, Bhubaneswar, Dist- Khurda, Pin- 751020, Odisha declare by this affidavit No.2331, dtd- 15/11/2025, that now onwards I shall be known as **BIRENDRA KISHORE TRIPATHY** for all future purposes.

**AFFIDAVIT**

By virtue of an affidavit sworn before the Notary Public, Swampatna, dated-14/11/2025 vide No.5249, I Rani Kisku, D/o- Jamuna Tudu, resident of At/Po- Damahuda, Ps- Patna, Dist- Keonjhar, Odisha declare that I have changed my name from **Rani Kisku,** D/o- Jamuna Tudu to **Rani Tudu,** D/o- Jamuna Tudu. Henceforth, I shall be known as **Rani Tudu,** D/o- Jamuna Tudu for all future purposes.

**Rani Tudu**

**AFFIDAVIT**

I, Mohammad Hamid Akhter, aged about 61 years, H/o- Farzana Rahman, Resident of Flat No: 4/A4-08, Hi-Tech Heaven Apartment, Matiapada-II, Po- Govindpur, Dist-Puri, Odisha, Pin- 752104 declare by this affidavit No. 947, dated- 15/11/2025 that now onwards I shall be known as **MD HAMID AKHTAR** for all future purposes.

**ଘୋଷଣାନାମା**

ଶ୍ରୀ ଗଦାଧର ବେହେରା ପି.: ୰ ପ୍ରାଣବନ୍ଧୁ ବେହେରା, ଗ୍ରା/ପୋ-ବଡ ଖଲାଡି, ଥାନା- କପ୍ତିପଦା, ଜିଲ୍ଲା- ମୟୂରଭଞ୍ଜ, ପି. କୋଡ- ୭୫୭୦୪୦, ଏତଦ୍ୱାରା ଘୋଷଣା କରୁଅଛୁ କି ମୋର ପୁଅର ନାମ ସାଧୀନ ଭାରତ ଥିଲା । ଏହି ନାମଟି ତାହାର ଜନ୍ମ ପ୍ରମାଣ ପତ୍ର, ସମସ୍ତ ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର, ଆଧାର କାର୍ଡ, ପାନ କାର୍ଡ ଆଦିରେ ସାଧୀନ ଭାରତ ଭାବେ ସ୍ଥାନ ପାଇଅଛି । ତାହାର ପାସପୋର୍ଟ ଓ ଅନ୍ୟାନ୍ୟ କାଗଜାତ ନିମନ୍ତେ ବର୍ତ୍ତମାନ ତାହାର ନାମକୁ ସାଧୀନ ରଖାଗଲା ଓ ସଂଜ୍ଞା ଭାବରେ ଭାରତ ରଖାଗଲା । ଉକ୍ତ ବିଷୟ Executive Magistrate cum Addl. Tahasildar, ବାରିପଦାଙ୍କ ସମ୍ମୁଖରେ ଏଫିଡେଭିଟ କରାଯାଇଛି । ବର୍ତ୍ତମାନ ଠାରୁ ତାର ନାମ ସାଧୀନ ଏବଂ ସଂଜ୍ଞା ଭାରତ ଭାବେ ପରିଚୟ ପାଇବେ ।

ସା/- ଗଦାଧର ବେହେରା

**AFFIDAVIT**

By virtue of an affidavit No. 6029 sworn before the Executive Magistrate, Champua on dated-01/11/2025, I **Pabani Mahanta,** W/O- Pramod Mahanta resident of Vill- Banguriposi, Po- Padua, Ps- Baria, Dist- Keonjhar, Odisha, Pin-758032, I have changed my minor daughter's name from **Rreetimai Mahanta To Preetimayee Mahanta.** Henceforth she shall be known as **Preetimayee Mahanta** for all future purposes.

**Pabani Mahanta**

यूनियन बैंक ऑफ़ इंडिया Union Bank of India — भारत सरकार का उपक्रम — A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**

ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଚ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)**

{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଶାଖା ଏବଂ ଯୋଗାଯୋଗ ନଂ. / ଋଣଗ୍ରହୀତା / କୋ-ଓବ୍ଲିଗାଣ୍ଟ / କୋ-ଆପ୍ଲିକାଣ୍ଟ/ ବନ୍ଧକଦାତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିଗୁଡିକର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୯୪୮୬୦୯୮୬୫୩ /** ଋଣଗ୍ରହୀତାମାନେ: ୧) **ଶ୍ରୀମତୀ ଗାୟତ୍ରୀ ବସନ୍ତିଆ,** ସ୍ୱାମୀ: ମନୋରଞ୍ଜନ ପ୍ରଧାନ, ୨) **ଶ୍ରୀ ଦୁଷ୍ମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ୩) **ଶ୍ରୀମତୀ ସୋରାଜୁ ବସନ୍ତିଆ,** ସ୍ୱାମୀ: ଦେବରାଜ ବସନ୍ତିଆ, ୪) **ଶ୍ରୀ ହେମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ୫) **ଶ୍ରୀ ସୁକାନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା / **କୋ-ଓବ୍ଲିଗାଣ୍ଟ: ଶ୍ରୀ ଦୁର୍ଗା ପ୍ରସାଦ ପ୍ରଧାନ,** ପିତା: ଉମାକାନ୍ତ ପ୍ରଧାନ, ସା: ବଡ଼ସାହି, ସାହାପୁର, ପୋ.: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶା | ୧) **ଶ୍ରୀମତୀ ଗାୟତ୍ରୀ ବସନ୍ତିଆ,** ସ୍ୱାମୀ: ମନୋରଞ୍ଜନ ପ୍ରଧାନ, ୨) **ଶ୍ରୀ ଦୁଷ୍ମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ୩) **ଶ୍ରୀମତୀ ସୋରାଜୁ ବସନ୍ତିଆ,** ସ୍ୱାମୀ: ଦେବରାଜ ବସନ୍ତିଆ, ୪) **ଶ୍ରୀ ହେମନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ୫) **ଶ୍ରୀ ସୁକାନ୍ତ ବସନ୍ତିଆ,** ପିତା: ଦେବରାଜ ବସନ୍ତିଆ, ସମସ୍ତଙ୍କ ଠିକଣା- ଗ୍ରାମ/ପୋ.: ସୁନାଥର, ଭାୟା: ଭାଟକୁମରଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୦୩, ଓଡ଼ିଶାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ (ମିଳିତ ସମ୍ପତ୍ତି) ଯାହାର ପ୍ଲଟ୍ ନଂ.: ୪୫୨୩, ଖାତା ନଂ.: ୧୮୬୩, କ୍ଷେତ୍ର: ଏକର୦.୦୩୫ ଡିସିମିଲି, ଗ୍ରାମ/ମୌଜା: ସୁନାଥର, ରେଭିନ୍ୟୁ ସର୍କଲ: ପୁରୁଷୋତ୍ତମପୁର, ଥାନା: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ଓଡିଶା, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ବସନ୍ତିଆଙ୍କ ଜମି, ପଶ୍ଚିମ: ଶ୍ରୀ ତ୍ରିନାଥ ବସନ୍ତିଆଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୯.୦୮.୨୦୨୩ / ୦୨.୦୧.୨୦୨୪ / ୧୪.୧୧.୨୦୨୫ |
| **ପୁରୁଷୋତ୍ତମପୁର ଶାଖା-୨, ଫୋନ୍: ୯୩୨୬୯୦୩୦୩୧ /** **ଋଣଗ୍ରହୀତା: ମେସର୍ସ ଜଗନ୍ନାଥ ଗ୍ରୋସରୀ ସପ୍, ସ୍ୱତ୍ୱାଧିକାରୀ: ସୁକେଶ କୁମାର ପଣ୍ଡା,** ଗ୍ରାମ: ଜଳଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା / **ଗ୍ୟାରେଣ୍ଟିଦାତା/କୋ-ଓବ୍ଲିଗାଣ୍ଟ: ସୁଶିଳା ପଣ୍ଡା,** ଗ୍ରାମ: ଜଳଶ୍ୱରଖଣ୍ଡି, ପୋ: ପ୍ରତାପପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା | **ଶ୍ରୀମତୀ ସୁଶିଳା ପଣ୍ଡା,** ସ୍ୱାମୀ: ୰ ହରିହର ପଣ୍ଡା, ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଜିଲ୍ଲା: ଗଞ୍ଜାମଙ୍କ ନାମରେ ଏକଦାଣ୍ଡ ଷ୍ଟ୍ରିଟ୍‌ର ସାଉଦର୍ଣ୍ଣ ରୋଡରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖତିୟାନ କ୍ର.ନଂ.: ୪୦୮, ପ୍ଲଟ୍ ନଂ.: ୧୬୨୪, ରେଭିନ୍ୟୁ ମୌଜା/ଗ୍ରାମ: ଜଳଶ୍ୱରଖଣ୍ଡି, ପୋ.: ପ୍ରତାପପୁର, ଏସ୍‌ଆରଓ/ ତହସିଲ: ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୪୫ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଲକ୍ଷ୍ମୀ ଚରଣ ପାଣିଗ୍ରାହୀଙ୍କ ଗୃହ, ପଶ୍ଚିମ: ବିଶ୍ୱନାଥ ଦାସଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଋଷିକୂଲ୍ୟା ନଦୀ | ୦୨.୦୬.୨୦୨୨ / ୨୬.୦୮.୨୦୨୨ / ୧୪.୧୧.୨୦୨୫ |
| **ଗୋସାଣୀନୂଆଗାଁ ଶାଖା, ଫୋନ୍: ୭୬୮୨୮୨୦୩୫୩ /** **ଋଣଗ୍ରହୀତା: ମେସର୍ସ କାଜଲ ପ୍ଲାଏଉଡ୍ସ, ସ୍ୱତ୍ୱାଧିକାରୀ: ଭଞ୍ଜରାମ ମହାରଣା,** ସା: ପିଡବ୍ଲୁଡି ଅଫିସ୍ ଏବଂ ଲକ୍ଷ୍ମୀ ନାଏକ କଲ୍ୟାଣୀ ମଣ୍ଡପ ନିକଟ, ହିଲପାଟଣା, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୪ / **ଋଣଗ୍ରହୀତା/ବନ୍ଧକଦାତା: ଭଞ୍ଜରାମ ମହାରଣା,** ପିତା: ଅର୍ଜ୍ଜୁନ ମହାରଣା, ସା: ଭବାନୀ ନଗର ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ / **ଗ୍ୟାରେଣ୍ଟିଦାତା: ଲକ୍ଷ୍ମୀ ମହାରଣା,** ସ୍ୱାମୀ: ଭଞ୍ଜରାମ ମହାରଣା, ସା: ଭବାନୀ ନଗର ୧ମ ଲାଇନ୍, ଗେଟ୍ ବଜାର, ବ୍ରହ୍ମପୁର, ଓଡ଼ିଶା-୭୬୦୦୦୧ | **ଭଞ୍ଜରାମ ମହାରଣା**ଙ୍କ ନାମରେ ଥିବା ଗୃହ ସମ୍ପତ୍ତି (ଘରବାରୀ) ଯାହାର ରେଭିନ୍ୟୁ ମୌଜା: ରାଜେନ୍ଦ୍ରପୁର, ରେଭିନ୍ୟୁ ସର୍କଲ: ଗୋଇଲୁଣ୍ଡି, ଥାନା: ବୈଦ୍ୟନାଥପୁର, ତହସିଲ/ ଏମ୍‌ସି: ବ୍ରହ୍ମପୁର, ଏସ୍‌ଆରଓ: ବ୍ରହ୍ମପୁର-୧, ଗଞ୍ଜାମ, ଓଡିଶା, ଖାତା ନଂ.: ୨୩୦/ ୭୮୦, ପ୍ଲଟ୍ ନଂ.: ୩୪୮/୧୯୯୧, କ୍ଷେତ୍ର: ଏକର୦.୦୧୨ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ମହାରଣାଙ୍କ ଗୃହ, ପଶ୍ଚିମ: ମାନସ ପାଣିଗ୍ରାହୀଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ଲେନ୍ | ୨୯.୦୪.୨୦୨୫ / ୩୦.୧୦.୨୦୨୫ / ୧୪.୧୧.୨୦୨୫ |
| **ବାଉଁଶିଆପଡା ଶାଖା, ଫୋନ୍: ୯୮୧୯୪୧୦୯୫୧ /** ୧) **ମେସର୍ସ ମା ଲକ୍ଷ୍ମୀ ସବ୍‌ଜୀ ଭଣ୍ଡାର, ସ୍ୱତ୍ୱାଧିକାରୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ସା: ରାମଚନ୍ଦ୍ରପୁର, ପୋ: ହରେକୃଷ୍ଣପୁର, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୨) **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୩) **ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା,** ପିତା: ଶ୍ରୀ ସଂସାରୀ ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା, ୪) **ଶ୍ରୀମତୀ ଲକ୍ଷ୍ମୀରାଣୀ ସାମନ୍ତରା,** ସ୍ୱାମୀ: ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା, ଗ୍ରାମ: ଡମୁଣି, ପୋ: ମହିପୁର, ଥାନା: ନୂଆଗାଁ, ଜିଲ୍ଲା: ନୟାଗଡ଼, ଓଡ଼ିଶା | **ଶ୍ରୀ ଗୋବିନ୍ଦ ଚନ୍ଦ୍ର ସାମନ୍ତରା ଏବଂ ଶ୍ରୀ ଗୋପାଳ ଚନ୍ଦ୍ର ସାମନ୍ତରା**ଙ୍କ ନାମରେ ଥିବା ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୯୯୦, ଖାତା ନଂ.: ୧୮୦/୬୯, କ୍ଷେତ୍ର: ଏକର୦.୧୨ ଡିସିମିଲି ଏବଂ ପ୍ଲଟ୍ ନଂ.: ୯୯୧/୧୧୩୮, ଖାତା ନଂ.: ୧୮୦/୨୬, କ୍ଷେତ୍ର: ଏକର୦.୦୭ ଡିସିମିଲି, ମୌଜା: ଗାଡିରି, ତହସିଲ: ନୂଆଗାଁ, ଆର୍.ଆଇ ସର୍କଲ: ମହିପୁର, ଜିଲ୍ଲା: ନୟାଗଡ଼ | ୦୨.୦୮.୨୦୧୮ / ୧୮.୦୨.୨୦୧୯ / ୧୪.୧୧.୨୦୨୫ |
| **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨ /** **ଋଣଗ୍ରହୀତା: ଏନ୍ ସୀମା ପାତ୍ର,** ପିତା: ଏନ୍. ବାୟା ପାତ୍ର / **କୋ-ଆପ୍ଲିକାଣ୍ଟ: ଏନ୍. ପର୍ଶୁରାମ ପାତ୍ର,** ପିତା: ଏନ୍. ସୀମା ପାତ୍ର, ଉଭୟଙ୍କ ଠିକଣା- ସା: ବ୍ରାହ୍ମଣିଆପଲ୍ଲୀ, ପୋ.: ଛତ୍ରପୁର, ଗଞ୍ଜାମ-୭୬୧୦୨୦ | ଏନ୍ ସୀମା ପାତ୍ରଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୭୯୩/୧୭୮୩, ଖାତା ନଂ.: ୨୯୬/୧୫୫, ମୌଜା: ବ୍ରାହ୍ମଣିଆପଲ୍ଲୀ, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୧୦୦ଡିସିମିଲି ଯାହା ୪୩୫୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: କେ. ବୁଦ୍ଧିଆ ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୨), ପଶ୍ଚିମ: ପ୍ଲଟ୍ ନଂ.: ୭୮୬ ଏବଂ ୭୮୭, ପିଏଚ୍‌ଡି ରୋଡ୍, ଉତ୍ତର: ଏନ୍. ସୀମା ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୮୯), ଦକ୍ଷିଣ: ବି. ଚନ୍ଦ୍ର ପାତ୍ରଙ୍କ ସମ୍ପତ୍ତି (ପ୍ଲଟ୍ ନଂ.: ୭୯୩) | ୩୧.୦୩.୨୦୨୧ / ୩୦.୧୦.୨୦୨୧ / ୧୪.୧୧.୨୦୨୫ |
| **ନୀଳକଣ୍ଠନଗର ଶାଖା,ଫୋନ୍: ୯୮୬୧୨୮୧୨୩୪/** ୧) **ମିସ୍ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ,** ପିତା: ଅଭିମନ୍ୟୁ ବିଶ୍ୱାଳ/ ସୁରକ୍ଷା ବିଶ୍ୱାଳ, ସା: ରାମ ନଗର ୨ୟ ଲେନ୍, କମାପଲ୍ଲୀ, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୦୦୦୨, ୨) **ଶ୍ରୀ ନୀଳକଣ୍ଠ ମହାନ୍ତି,** ପିତା: ଶ୍ରୀ ସୁଦର୍ଶନ ମହାନ୍ତି, ସା: ଶାସ୍ତ୍ରୀ ନଗର-୨, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା- ୭୬୧୦୧୮ | **ଶ୍ରୀ ନୀଳକଣ୍ଠ ମହାନ୍ତି**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ସହରାଞ୍ଚଳ ଜମି ଯାହାର ଖାତା ନଂ.: ୧୫୩୦/୭୯୪୦, ପ୍ଲଟ୍ ନଂ.: ୪୨୬୭/୧୫୬୩୯/ ୧୬୮୩୬, କ୍ଷେତ୍ର: ଏକର୦.୦୧୪୫/୧୦ ଡିସିମିଲି, ରେଭିନ୍ୟୁ ମୌଜା: ଭାବିନିପୁର, ଅଳକାପୁରୀ, ୟୁସି ଇଞ୍ଜିନିୟରିଙ୍ଗ୍ ସ୍କୁଲ ନିକଟ, ତହସିଲ: କନିସି, ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାଜଲକ୍ଷ୍ମୀ ପଣ୍ଡାଙ୍କ ସମ୍ପତ୍ତି, ପଶ୍ଚିମ: ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ, ଉତ୍ତର: ପ୍ଲଟ୍ ନଂ.: ୪୨୪୪, ଦକ୍ଷିଣ: ରାସ୍ତା | ୦୧.୧୦.୨୦୧୯ / ୦୩.୦୧.୨୦୨୦ / ୧୪.୧୧.୨୦୨୫ |
| **କୁଲ୍ଲାଡ ଶାଖା, ଫୋନ୍: ୭୨୦୫୫୮୧୪୭୧ /** ୧) **ମେସର୍ସ ପାତ୍ର ଜୁଏଲାରୀ, ସ୍ୱତ୍ୱାଧିକାରୀ: ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୨) **ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୩) **ପି ସଂଯୁକ୍ତା ପାତ୍ର,** ସ୍ୱାମୀ: ପି ଗୌରୀ ଶଙ୍କର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, ୪) **୰ ପି ଦେବେନ୍ଦ୍ର ପାତ୍ର(ବନ୍ଧକଦାତା)ଙ୍କ ଆଇନଗତ ଉତ୍ତରାଧିକାରୀମାନେ: କ) ପି ତେଜଲକ୍ଷ୍ମୀ ପାତ୍ର,** ସ୍ୱାମୀ: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **ଖ) ପି ଗୌରୀ ଶଙ୍କର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **ଗ) ପି କୈଳାସ ଚନ୍ଦ୍ର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **ଘ) ପି ତ୍ରିପତି ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା, **ଙ) ପି ପୂର୍ଣ୍ଣ ଚନ୍ଦ୍ର ପାତ୍ର,** ପିତା: ୰ ପି ଦେବେନ୍ଦ୍ର ପାତ୍ର, ସା/ପୋ: କୁଲ୍ଲାଡ଼, ବଡ଼ଦାଣ୍ଡ, ଥାନା: ଭଞ୍ଜନଗର, ଗଞ୍ଜାମ, ଓଡ଼ିଶା | ୧) **୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ),** ପିତା: ୰ ନର୍ସୁ ପାତ୍ରଙ୍କ **ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୮୦, ଖାତା ନଂ.: ୭୨୨, କ୍ଷେତ୍ର: ଏକର୦.୦୫୭ ଡ଼ିସିମିଲି ଯାହା ୨୪୮୩ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଗୌରୀଶଙ୍କର ପାତ୍ରଙ୍କ ଗୃହ, ପଶ୍ଚିମ: ସନ୍ତୋଷ ସାହୁଙ୍କ ଗୃହ, ଉତ୍ତର: ବଡ଼ ନଦୀ, ଦକ୍ଷିଣ: ରାଜ ଦାଣ୍ଡ, ୨) **୰ ପି ଦେବେନ୍ଦ୍ର ପାତ୍ର (ସମ୍ପତ୍ତିର ମାଲିକ),** ପିତା: ୰ ନର୍ସୁ ପାତ୍ରଙ୍କ **ଆଇନଗତ ଉତ୍ତରାଧିକାରୀମାନଙ୍କ** ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୨୦୭୯, ଖାତା ନଂ.: ୬୧୮, କ୍ଷେତ୍ର: ଏକର୦.୦୩୮ ଡ଼ିସିମିଲି ଯାହା ୧୫୭୫ ବର୍ଗଫୁଟ, ମୌଜା: କୁଲ୍ଲାଡ଼, ଜିଲ୍ଲା: ଗଞ୍ଜାମ, ଓଡ଼ିଶା ଏବଂ ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ପି ସୁବାଷ ଚନ୍ଦ୍ର ପାତ୍ରଙ୍କ ଗୃହ, ପଶ୍ଚିମ: ପି ଦେବେନ୍ଦ୍ର ପାତ୍ରଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ୦୪.୦୯.୨୦୨୦ / ୧୦.୧୨.୨୦୨୧ / ୧୪.୧୧.୨୦୨୫ |
| **ବାରାକ୍ସ ଶାଖା, ଫୋନ୍: ୭୮୦୦୦୧୬୮୦୦ /** **ଋଣଗ୍ରହୀତା/ବନ୍ଧକଦାତା: ଶ୍ରୀମତୀ ଭି ଜ୍ୟୋତି,** ସ୍ୱାମୀ: ଭି କାଳି / **ଗ୍ୟାରେଣ୍ଟିଦାତା: ଶ୍ରୀ ଭି ଭୋଟିକଳା କାଳି,** ପିତା: ଭି ଦଣ୍ଡାସି, ଉଭୟଙ୍କ ଠିକଣା- ସା: କାମ୍ପ ସାହି, କାପୁ ଷ୍ଟ୍ରିଟ୍, ୧ମ ଲେନ୍, କେ ସି ଟାଉନ୍ ହାଇ ସ୍କୁଲ ନିକଟ, ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା-୭୬୦୦୦୧ | ଆଇନଗତ ମତାମତ ଅନୁଯାୟୀ **ଶ୍ରୀମତୀ ଭି ଜ୍ୟୋତି**ଙ୍କ ନାମରେ ଥିବା ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୪୮/୯୪୯, ଖାତା ନଂ.: ୮୯/୨୦୨, କ୍ଷେତ୍ର: ଏକର୦.୦୦୬ ଡିସିମିଲି ଏବଂ ପ୍ଲଟ୍ ନଂ.: ୧୪୭, ଖାତା ନଂ.: ୧୨୯, କ୍ଷେତ୍ର: ଏକର୦.୦୦୮ ଡିସିମିଲି, ରେଭିନ୍ୟୁ ମୌଜା: ସତ୍ୟନାରାୟଣପୁର, ରେଭିନ୍ୟୁ ସର୍କଲ: ବ୍ରହ୍ମପୁର, ଥାନା: ଟାଉନ୍ ଥାନା, ଏସ୍‌ଆରଓ: ବ୍ରହ୍ମପୁର, ଗଞ୍ଜାମ, ଓଡିଶା | ୧୪.୦୯.୨୦୨୩ / ୦୮.୧୨.୨୦୨୩ / ୧୪.୧୧.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ଉପରଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା । ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୬/୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ଉପରଦର୍ଶିତ ତାରିଖରେ ସମ୍ପତ୍ତିଗୁଡ଼ିକୁ ଦଖଲ ନେଇଛନ୍ତି । ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି । ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିଗୁଡିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି । ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ । ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ ।

ସ୍ଥାନ: ବ୍ରହ୍ମପୁର
ତାରିଖ: ୧୫.୧୧.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

### ଆସନ୍ତା ବଜେଟରେ ମଲ୍ଟି ଇୟର ସିଲିଂ ବ୍ୟବସ୍ଥା

# ପ୍ରସ୍ତୁତ ହେବ ୩ ବର୍ଷୀୟା ଖସଡ଼ା

ଭୁବନେଶ୍ୱର, ୧୫।୧୧ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଫେବ୍ରୁଆରୀ ତୃତୀୟ ସପ୍ତାହରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପୂର୍ଣ୍ଣାଙ୍ଗ ବଜେଟ ଆଗତ କରିବେ। ବଜେଟ ପାଇଁ ଅର୍ଥ ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ବେଳେ ଆସନ୍ତା ଡିସେମ୍ବର ୨୫ ତାରିଖ ସୁଦ୍ଧା ବିଭାଗଗୁଡ଼ିକ ନିଜ ନିଜର ପ୍ରସ୍ତାବ ଦାଖଲ କରିବାକୁ ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏଥର ବଜେଟ ଖସଡ଼ା ପ୍ରସ୍ତୁତିରେ ସରକାର ଟିକେ ଭିନ୍ନତା ଆଣିବାକୁ ଯାଉଛନ୍ତି। ଆସନ୍ତା ବଜେଟରେ ବିଭାଗଗୁଡ଼ିକୁ ୨୦୨୬-୨୭ ଆର୍ଥିକ ବର୍ଷ ସହ ଏହାର ପରବର୍ତ୍ତୀ ଦୁଇ ବର୍ଷ ପାଇଁ ଯୋଜନା ପ୍ରସ୍ତୁତି ଏବଂ ଏଥିପାଇଁ ଖର୍ଚ୍ଚ କରିବାକୁ ଅନୁମତି ମିଳିବ। ଏହାଦ୍ୱାରା ଆର୍ଥିକ ଶୃଙ୍ଖଳା ଆସିବା ସହ ବିଭାଗଗୁଡ଼ିକର କାର୍ଯ୍ୟଦକ୍ଷତା ଏବଂ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ ବୋଲି ସରକାର ଆଶା ରଖିଛନ୍ତି।

**ଆଗୁଆ ଯୋଜନା ପ୍ରସ୍ତୁତି ସହ ବିଭାଗ ଦାଖଲ କରିବେ ବ୍ୟୟ ଅଟକଳ**

୨୦୩୬ ଆର୍ଥିକ ବର୍ଷ ସୁଦ୍ଧା ଓଡ଼ିଶାକୁ ୫୦୦ ବିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବା ଲକ୍ଷ୍ୟରେ ସରକାର ଭିଜନ ଡକ୍ୟୁମେଣ୍ଟ ୨୦୩୬ ପ୍ରସ୍ତୁତ କରିଛନ୍ତି। ଏହି ଲକ୍ଷ୍ୟକୁ ସାକାର କରିବା ପାଇଁ ବଜେଟ ପ୍ରସ୍ତୁତି ବେଳେ ମଲ୍ଟି ଇୟର ସିଲିଂ ବ୍ୟବସ୍ଥା ଆପଣେଇବାକୁ ଅର୍ଥ ବିଭାଗ ପକ୍ଷରୁ ସମସ୍ତ ବିଭାଗକୁ କୁହାଯାଇଛି। ଏହି ମଲ୍ଟି ଇୟର ସିଲିଂ ବ୍ୟବସ୍ଥା ଆସନ୍ତା ଆର୍ଥିକ ବର୍ଷ ସହ ଏହାର ପରବର୍ତ୍ତୀ ଦୁଇ ଆର୍ଥିକ ବର୍ଷ ପାଇଁ କାର୍ଯ୍ୟକାରୀ ହେବ। ଏଥିରେ ବିଭାଗ ପ୍ରଚଳିତ ଆର୍ଥିକ ବର୍ଷ ପରିବର୍ତ୍ତେ ୩ ବର୍ଷ ପାଇଁ ଯୋଜନା ପ୍ରସ୍ତୁତ କରିବାକୁ ଥିବାବେଳେ ଏଥିପାଇଁ ଅର୍ଥ ଯୋଗାଇ ଦିଆଯିବ। ଏହା ବଜେଟ ବର୍ଷ(ୱାଇ), ୱାଇ+୧ ଏବ ୱାଇ+୨ ଆଧାରରେ କାର୍ଯ୍ୟ କରିବ। ଯାହାଫଳରେ ବିଭାଗଗୁଡ଼ିକୁ ଯୋଜନା କାର୍ଯ୍ୟକାରୀ ପାଇଁ ୩ ବର୍ଷ ପର୍ଯ୍ୟପ୍ତ ସମୟ ମିଳିବ ଏବଂ ଏଥିପାଇଁ ଆଗୁଆ ବ୍ୟୟ ଅଟକଳ ମଧ୍ୟ କରାଯାଇପାରିବ। ଏହାଫଳରେ ସରକାରଙ୍କୁ ଏକାଧିକ ଲାଭ ମିଳିବା ନେଇ ମତ ରଖିଛନ୍ତି ଅର୍ଥନୀତି ବିଶେଷଜ୍ଞ। ଏହାଦ୍ୱାରା ବିଭାଗଗୁଡ଼ିକ ବହୁ ବର୍ଷୀୟ ପରିଯୋଜନାକୁ କ୍ରିୟାନ୍ୱୟନ କରିବାରେ ସହଜତା ଲଭିପାରିବେ। ସେହିପରି ବିଭାଗ ଗୁଡ଼ିକୁ ନିଜ ନିଜର ଖର୍ଚ୍ଚ ବ୍ୟୟ ପରିସୀମା ସମ୍ପର୍କରେ ସ୍ପଷ୍ଟ ଚିତ୍ର ମିଳିବାକୁ ଥିବାବେଳେ ଏହାଦ୍ୱାରା ଆର୍ଥିକ ଶୃଙ୍ଖଳା ମଧ୍ୟ ବଜାୟ ରହିପାରିବ। ଏହାଦ୍ୱାରା ବିଭାଗ ଗୁଡ଼ିକର କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଇବାକୁ ଥିବାବେଳେ ଦାୟିତ୍ୱବୋଧତା ମଧ୍ୟ ବଢ଼ିବ ବୋଲି ମତପ୍ରକାଶ ପାଇଛି।

■ ନାବାଳକ ସହ ଅପ୍ରାକୃତିକ ଯୌନସମ୍ପର୍କ

## ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍

କଟକ,୧୫ ।୧୧(ସମିସ): ପ୍ରଲୋଭନ ଓ ଧମକଚମକ ଦେଇ ୧୧ବର୍ଷ ବୟସର ଜଣେ ନାବାଳକ ସହ ବାରମ୍ବାର ଅପ୍ରାକୃତିକ ଯୌନ ସମ୍ପର୍କ ଅଭିଯୋଗରେ ଅଭିଯୁକ୍ତ ଗଜପତି ଜିଲ୍ଲା ଉରାଙ୍ଗି ଗ୍ରାମର ମୂଳ ବାସିନ୍ଦା ତଥା କଟକ ମାଲଗୋଦାମ ଥାନା ଅନ୍ତର୍ଗତ ଯୋବ୍ରା ପାରେଶ୍ୱର ସାହିରେ ରହୁଥିବା କାଳିଆ ଓରଫ ପ୍ରଶାନ୍ତ ସ୍ୱାଇଁ(୩୦)କୁ ୨୦ ବର୍ଷ ସଶ୍ରମ ଜେଲ ଓ ୧୦ହଜାର ଟଙ୍କା ଜରିମାନା ଦଣ୍ଡ ପ୍ରଦାନ କରିଛନ୍ତି କଟକ ଆଡହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ଫାଷ୍ଟଟ୍ରାକ୍ କୋର୍ଟ। ପୋକସୋ ସଂଶୋଧିତ ଆଇନ-୨୦୧୯ର ଧାରା ୪ ଓ ଭାରତୀୟ ନ୍ୟାୟ ସଂହିତା(ବିଏନଏସ)ର ଦଫା ୧୩୭(୨),୩୫୧(୩)ରେ ଆସାମୀକୁ ଅଦାଲତ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡ ପ୍ରଦାନ କରିଛନ୍ତି। ଏଥିସହ ପୀଡ଼ିତ ନାବାଳକଙ୍କୁ ୪ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

# ପୁଲିସକୁ ହତ୍ୟା କରି ପୋତିଦେଲେ

ପୁରୁଣା କଟକ/ହରଭଙ୍ଗା, ୧୫।୧୧ (ସମିସ): ଜଣେ ପୁଲିସ କର୍ମଚାରୀଙ୍କୁ ପଥରରେ ଛେଚି ହତ୍ୟା କରିବା ସହ ତାଙ୍କ ଶବକୁ ଅଳିଆ ଗଦାରେ ପୋତିଦେବା ଭଳି ଘଟଣା ବୌଦ୍ଧ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ର କରି ପୁରୁଣା କଟକ ଥାନା ଅନ୍ତର୍ଗତ ବାଲିସାଇ ଗ୍ରାମରେ ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତ ପୁଲିସ କର୍ମଚାରୀ ହେଲେ, ବାଲିସାଇ ଗ୍ରାମର ଉଦୟ ରଞ୍ଜନ ପଟ୍ଟନାୟକ। ବାଲିଗୁଡ଼ା ଥାନାରେ ସେ କନେଷ୍ଟବଳ ଭାବେ କାର୍ଯ୍ୟରତ ଥିଲେ। ୪ ଦିନ ତଳେ ତାଙ୍କୁ ହତ୍ୟା କରାଯାଇଥିବା ବେଳେ ପୁଲିସ ଆଜି ତାଙ୍କ ଗଳିତ ଶବକୁ ଅଳିଆ ଗଦାରୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏହାସହ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସଞ୍ଜୟ ନାଏକକୁ ଗିରଫ କରିଛି।



**୪ ଦିନ ପରେ ଅଳିଆଗଦାରୁ କନେଷ୍ଟବଳଙ୍କ ଶବ ଉଦ୍ଧାର**

ସୂଚନାନୁଯାୟୀ, ଉଦୟ ଓ ସଞ୍ଜୟ ଦୁଇ ପଡ଼ୋଶୀ। ୪ ଦିନ ତଳେ କୌଣସି କଥାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହେବାରୁ ଏଥିରେ ସଂଜୟ ଉତ୍କ୍ଷିପ୍ତ ହୋଇ ଉଦୟଙ୍କ ମୁଣ୍ଡକୁ ପଥରରେ ଛେଚି ହତ୍ୟା କରିଥିଲା। ପରେ ପ୍ରମାଣ ଲୁଚାଇବା ପାଇଁ ତାଙ୍କ ଶବକୁ ଘର ପଛ ପାଖରେ ଥିବା ଏକ ଅଳିଆ ଗଦାରେ ପୋତି ଦେଇଥିଲା। ତେବେ ଉଦୟଙ୍କ ପୁଅ ଏ ସଂପର୍କରେ ଜାଣିବାରୁ ସଞ୍ଜୟ ତାକୁ ବି ହତ୍ୟା ଧମକ ଦେଇଥିଲା। ତେବେ ଆଜି ଉକ୍ତ ସ୍ଥାନରୁ ଉତ୍କଟ ଦୁର୍ଗନ୍ଧ ହେବାରୁ ଗାଁ ଲୋକଙ୍କ ସନ୍ଦେହ ହୋଇଥିଲା। ଗାଁ ଲୋକଙ୍କଠାରୁ ସୂଚନା ପାଇ ପୁଲିସ ଗାଁରେ ପହଞ୍ଚି ତଦନ୍ତ କରିଥିଲା। ଅଳିଆ ଗଦାରେ ଖୋଜାଖୋଜି କରି ପୁଲିସ ଉଦୟଙ୍କ ଶବ ଜବତ କରିଥିଲା। ପୁରୁଣାକଟକ ପୁଲିସ, ବୌଦ୍ଧ ଏସ୍‌ଡିପିଓ ଲରେନ୍ସ ରାଉତରାୟ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ, ଡଗ୍ ସ୍କ୍ୱାଡ୍ ସହାୟତାରେ ଘଟଣାର ସରଜମିନ ତଦନ୍ତ କରି ନମୁନା ସଂଗ୍ରହ କରିଥିଲେ। ଉଦୟଙ୍କ ବଡ଼ଭାଇ ବିହାରୀ ରଞ୍ଜନ ପଟ୍ଟନାୟକଙ୍କ ଅଭିଯୋଗ ଆଧାରରେ ପୁରୁଣାକଟକ ପୁଲିସ ଏନେଇ ଏକ ହତ୍ୟା ମାମଲା ରୁଜୁ କରିବା ସହ ଅଭିଯୁକ୍ତ ସଂଜୟକୁ ଗିରଫ କରିଛି। ହତ୍ୟାକାଣ୍ଡରେ ବ୍ୟବହୃତ ପଥରକୁ ମଧ୍ୟ ପୁଲିସ ଜବତ କରିଛି। ଏନେଇ ପୁରୁଣାକଟକ ଥାନାରେ ୧୯୪/୨୫ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିବା ଆଇଆଇସି ଅରୁଣ ସିଂ ସୂଚନା ଦେଇଛନ୍ତି।

## ଗିରଫ ବ୍ୟକ୍ତିଙ୍କୁ ଗିରଫଦାରୀର ଆଧାର ଅବଗତ କରାଯିବା ବାଧ୍ୟତାମୂଳକ: ହାଇକୋର୍ଟ

କଟକ, ୧୫ ।୧୧(ସମିସ): ବିଭିନ୍ନ ମାମଲାରେ ଗିରଫ ହେଉଥିବା ବ୍ୟକ୍ତିଙ୍କୁ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଅବଗତ କରାଯିବ ଉଚିତ। ଅଟକ ଅବା ଗିରଫ ବ୍ୟକ୍ତି ପଢ଼ି, ବୁଝିପାରୁଥିବା ଭାଷାରେ ଗିରଫଦାରୀର ଆଧାର ସମ୍ପର୍କରେ ଗିରଫ କରିଥିବା ଅଧିକାରୀ ଜଣାଇବା ବାଧ୍ୟ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଗିରଫଦାରୀର ଆଧାର ଅଭିଯୁକ୍ତଙ୍କୁ ଅବଗତ କରାଯାଇ ନ ଥିବାରୁ ଏକ ହତ୍ୟା ମାମଲାରେ ଦୁଇ ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ମଞ୍ଜୁର କରି ଏପରି ରାୟ ଦେଇଛନ୍ତି।

ରାଜେନ୍ଦ୍ର ନାୟକ ଓ ହେମନ୍ତ ନାୟକଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ରାୟ ପ୍ରଦାନ କରିଛନ୍ତି। ୫୦ହଜାର ଟଙ୍କାର ଜଣେ ଲେଖାଏଁ ଜାମିନଦାରଙ୍କ ବଦଳରେ ନିମ୍ନ ଅଦାଲତ ଆବେଦନକାରୀଙ୍କୁ ଜାମିନରେ ଛାଡ଼ିବେ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିୟମ ଅନୁସାରେ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଅବଗତ କରାନଯାଇ ଆବେଦନକାରୀଙ୍କୁ ହାଜତକୁ ପଠାଯିବା ବେଆଇନ। ବିଏନ୍‌ଏସର ଧାରା ୪୭ ଅନୁସାରେ ଗିରଫ ବ୍ୟକ୍ତିଙ୍କୁ ଗିରଫଦାରୀର ଆଧାର ସଂକ୍ରାନ୍ତରେ ଗିରଫ କରୁଥିବା ଅଧିକାରୀ ଅବଗତ କରିବା ବାଧ୍ୟତାମୂଳକ। ସେହିଭଳି ସମ୍ବିଧାନର ଧାରା ୨୨(୧)ରେ ଥିବା ଏହି ବ୍ୟବସ୍ଥା ପାଳନ କରାଯାଇ ନଥିବାରୁ ଆବେଦନକାରୀଙ୍କୁ ଜାମିନ ପ୍ରଦାନ କରାଯିବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି।

ମାମଲାରୁ ପ୍ରକାଶ ଯେ ଥୁଆମୂଳ ଥାନାରେ ରୁଜୁ ଏକ ହତ୍ୟା ମାମଲାରେ ଆବେଦନକାରୀଙ୍କୁ ଗିରଫ କରାଯାଇଥିଲା। କଳାହାଣ୍ଡି ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହୋଇଥିଲା। ଗିରଫଦାରୀର ଆଧାର ସଂକ୍ରାନ୍ତରେ ଅବଗତ କରାଯାଇ ନ ଥିବାରୁ ଗିରଫ କରାଯିବା ଓ ରିମାଣ୍ଡରେ ପଠାଯିବା ବେଆଇନ ବୋଲି ଦର୍ଶାଇ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣୀତ ନବୀନ

# ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସୁରକ୍ଷା, ଜୀବିକା ଓ କ୍ରୀଡ଼ାରେ ଆଣିଛନ୍ତି ଉଲ୍ଲେଖନୀୟ ପରିବର୍ତ୍ତନ

ଭୁବନେଶ୍ୱର, ୧୫।୧୧ (ସମିସ): ପିଢ଼ି ପରେ ପିଢ଼ି ଲୋକଙ୍କୁ ନ୍ୟାୟ, ସମାନତା ଓ ଅଧିକାର ପାଇଁ ଲଢ଼ିବାର ପ୍ରେରଣା ଦେଇ ଆସୁଥିବା ଭଗବାନ ବିର୍ସା ମୁଣ୍ଡାଙ୍କ ପ୍ରେରଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଦିବାସୀମାନଙ୍କ ଉତ୍‌ଥାନ ତଥା କଲ୍ୟାଣ ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଏହା ଦେଶର ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଶନିବାର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ଅବସରରେ ବିଜେଡି ମିଡିଆ ସଂଯୋଜକ ଡ. ଲେନିନ୍ ମହାନ୍ତି ଓ ମୁଖପାତ୍ର ଡ. ପ୍ରିୟବ୍ରତ ମହାନ୍ତି ଭାରତର ବୀର ସ୍ୱାଧୀନତା ସଂଗ୍ରାମୀ ତଥା ଆଦିବାସୀଙ୍କ ଗର୍ବ ଭଗବାନ ବିର୍ସା ମୁଣ୍ଡାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ ଏହା କହିଛନ୍ତି।

ଡ. ମହାନ୍ତି କହିଥିଲେ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶା ଜନଜାତି ସଶକ୍ତୀକରଣ ଓ ସମାବେଶୀ ଶାସନର ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ଶ୍ରୀ ପଟ୍ଟନାୟକ ଭଗବାନ ବିର୍ସା ମୁଣ୍ଡାଙ୍କ ଆଦର୍ଶ ପରମ୍ପରାକୁ ଜୀବନ୍ତ କରି ରଖିବାରେ ପଶ୍ଚାତ୍‌ପଦ ଦେଇ ନାହାନ୍ତି। ବିର୍ସା ମୁଣ୍ଡାଙ୍କ ଆଦର୍ଶରେ ଅନୁପ୍ରାଣିତ ଶ୍ରୀ ପଟ୍ଟନାୟକ

**ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲା ବିଜେଡି**

ତାଙ୍କ ୨୪ ବର୍ଷର ଶାସନକାଳରେ ଓଡ଼ିଶାକୁ ସମାବେଶୀ ବିକାଶର ଏକ ମଡେଲ ରାଜ୍ୟରେ ପରିଣତ କରିଥିଲେ। ବିଶେଷକରି ଆଦିବାସୀ ସଶକ୍ତୀକରଣ ଦିଗରେ ବିଜେଡି ସରକାର ସାରା ଦେଶ ପାଇଁ ଉଦାହରଣ ସୃଷ୍ଟି କରିଥିଲା। ଆଦିବାସୀଙ୍କ କଲ୍ୟାଣ ବିନା ଓଡ଼ିଶାର ସମୃଦ୍ଧି ସମ୍ଭବ ନୁହେଁ ନୀତିରେ ବିଶ୍ୱାସ ରଖୁଥିବା ଶ୍ରୀ ପଟ୍ଟନାୟକ ମର୍ମେମର୍ମେ ଅନୁଭବ କରିଥିଲେ। ଡ. ପ୍ରିୟବ୍ରତ ମାଝୀ କହିଥିଲେ ଯେ ଶିକ୍ଷାର ପ୍ରଭାବକୁ ସୁଦୂର ପ୍ରସାରୀ କରିବା ଲକ୍ଷ୍ୟରେ ନବୀନ ପଟ୍ଟନାୟକ '୫-ଟି' ବିଦ୍ୟାଳୟ ରୂପାନ୍ତରଣ ଯୋଜନା ଅଧୀନରେ ୨୫୦୦ରୁ ଅଧିକ ଜନଜାତୀୟ ଶିକ୍ଷା ପ୍ରତିଷ୍ଠାନରେ ଆଧୁନିକ ସୁବିଧା, ସ୍ମାର୍ଟ କ୍ଲାସ୍, ଇ-ଲାଇବ୍ରେରି ଓ ଉନ୍ନତ ପରିମଳ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଆଦିବାସୀ ଗ୍ରାମଗୁଡ଼ିକରେ ୪୪୦୦ ପବିତ୍ର ଉପବନ ଏବଂ ୨୦୨୨ ସାଂସ୍କୃତିକ କ୍ଲବ ନିର୍ମାଣ କରି ଜନଜାତି ସଂସ୍କୃତିର ସୁରକ୍ଷାକୁ ଆଉ ଏକ ପାଦ ଆଗକୁ ନେଇଥିଲେ। ଲାଭ ଯୋଜନା (ଲଘୁ ବନଜାତୀୟ ଦ୍ରବ୍ୟ କ୍ରୟ ଯୋଜନା)ରେ ଶତପ୍ରତିଶତ ରାଜ୍ୟ ଅନୁଦାନ ସହ ମିଶନ ଶକ୍ତି ମାଧ୍ୟମରେ ପ୍ରାୟ ଏକ କୋଟି ଜନଜାତି ପରିବାରକୁ ସାମିଲ କରାଯାଇଛି।

## ବି.ସି ରାଉତ ସ୍ମାରକୀ ବକ୍ତୃତା ଆଜି

ଭୁବନେଶ୍ୱର, ୧୬ ।୧୧ (ସମିସ): ପ୍ରଫେସର୍ ବିଷ୍ଣୁଚରଣ ରାଉତଙ୍କ ସ୍ମୃତିରେ ୪ର୍ଥ ପ୍ରଫେସର୍ ବି.ସି ରାଉତ ସ୍ମାରକୀ ବକ୍ତୃତା ଆସନ୍ତାକାଲି (ରବିବାର) ଭୁବନେଶ୍ୱରସ୍ଥିତ ଗୀତଗୋବିନ୍ଦ ସଦନରେ ସଂଧ୍ୟା ୬ଟାରେ ଅନୁଷ୍ଠିତ ହେବ। ଖ୍ୟାତନାମା ଶିକ୍ଷାବିତ୍, ଜବାହାରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍ୟୁ), ନୂଆଦିଲ୍ଲୀର ସ୍କୁଲ ଅଫ୍ ଇଣ୍ଟରନାସନାଲ ଷ୍ଟଡିଜର ଡିନ୍ ପ୍ରଫେସର୍ ଡ. ଅମିତାଭ ମାଟୁ ଏଥିରେ ଯୋଗଦେଇ ସ୍ମାରକୀ ବକ୍ତୃତା ପ୍ରଦାନ କରିବେ। 'ବିକଶିତ ଭାରତ : ଭାରତର ବିଦେଶ ସମ୍ପର୍କ ଏବଂ ନୂତନ ଭାରତର ଦୃଷ୍ଟିଭଙ୍ଗୀ' ବିଷୟ ଉପରେ ସେ ବକ୍ତୃତା ଦେବେ ବୋଲି ଜଣାଯାଇଛି। ସୂଚନାଯୋଗ୍ୟ, ଗତ ତିନି ବର୍ଷ ଧରି ପ୍ରଫେସର୍ ବି.ସି. ରାଉତଙ୍କ ପରିବାର ପକ୍ଷରୁ ଏହି ସ୍ମାରକୀ ବକ୍ତୃତା କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ଏହା ତାଙ୍କର ଜୀବନ ଦର୍ଶନ, ଶିକ୍ଷା ସେବା ଏବଂ ଚିନ୍ତାଧାରାକୁ ସ୍ମରଣ କରି ଆଗାମୀ ପିଢ଼ିକୁ ପ୍ରେରିତ କରିଥାଏ।

### ୬୦୦ ଜମାକାରୀଙ୍କଠାରୁ ୭ କୋଟି ଠକେଇ ଘଟଣା

## ଅଭିଯୁକ୍ତ ଚିଟ୍‌ଫଣ୍ଡ କମ୍ପାନୀ ନିର୍ଦ୍ଦେଶକଙ୍କ ଜାମିନ ହାଇକୋର୍ଟରେ ଖାରଜ

କଟକ,୧୫ ।୧୧(ସମିସ): ୬୦୦ରୁ ଅଧିକ ଜମାକାରୀଙ୍କୁ ୭ କୋଟି ଟଙ୍କା ଠକେଇ ଅଭିଯୋଗରେ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା ଦ୍ୱାରା ଗିରଫ ଏକ ଚିଟ୍‌ଫଣ୍ଡ କମ୍ପାନୀ ଆଇଏଏଭିଆଇସିର ନିର୍ଦ୍ଦେଶକ ଅର୍ପଣ ପଟେଲଙ୍କ ଜାମିନ ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଶ୍ରୀ ପଟେଲଙ୍କ ନିୟମିତ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପୂର୍ବରୁ ଆବେଦନକାରୀଙ୍କୁ ହାଇକୋର୍ଟ ଅନ୍ତରୀଣ ଜାମିନ ପ୍ରଦାନ କରିଥିଲେ ହେଁ ଏହି ଅବଧି ଶେଷ ପରେ ତୁରନ୍ତ ସେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରିନଥିଲେ। ୨୦୨୩ ଡିସେମ୍ବର ୧୮ ରୁ ୨୦୨୫ ଜୁନ୍ ୨୬ ପର୍ଯ୍ୟନ୍ତ ସେ ଫେରାର୍ ଥିଲେ। ତେବେ ଏନ୍‌ବିଡବ୍ଲୁ ଆଦେଶ ବଳରେ ଗିରଫ ହୋଇଥିଲେ। ଏଣୁ ଉପରୋକ୍ତ ଜାମିନ ଆବେଦନକୁ ସରକାରୀ ଓକିଲ ବିରୋଧ କରିଥିଲେ।

ପ୍ରକାଶଥାଉକି ହରେଶ ରଞ୍ଜନ ଦାଶ ନାମକ ଜଣେ ଜମାକାରୀ ଉକ୍ତ କମ୍ପାନୀରେ ଟଙ୍କା ନିବେଶ କରି ଲାଭ ପାଇବାକୁ ବିଫଳ ହେବାରୁ କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖାରେ ଏତଲା ଦେଇଥିଲେ। ଓଡ଼ିଶା, ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, କର୍ଣ୍ଣାଟକ, ରାଜସ୍ଥାନର ୬୬୩ ନିବେଶକ ପ୍ରାୟ ୬ କୋଟି ୯୯ ଲକ୍ଷ ୩୫ ହଜାର ୭୦୦ ଟଙ୍କା ଏହି କମ୍ପାନୀରେ ନିବେଶ କରିଥିଲେ। ତାହା ଆତ୍ମସାତ୍ କରାଯାଇଥିବା ଜଣାପଡ଼ିବା ପରେ ଆବେଦନକାରୀ ଓ ସହଅଭିଯୁକ୍ତ ଆଦ୍ୟଜ୍ୟୋତି ନାୟକଙ୍କୁ ଗିରଫ କରାଯାଇଥିଲା।

## ଗୁଣି ସନ୍ଦେହରେ ମଦରେ ବିଷ ମିଶାଇ ବୃଦ୍ଧଙ୍କୁ ହତ୍ୟା

### ପୁଅ ମୃତ୍ୟୁର ପ୍ରତିଶୋଧ; ୨ ଗିରଫ

କୋରୁକୋଣ୍ଡା,୧୫ ।୧୧(ସମିସ): ଗୁଣିଆ ସନ୍ଦେହରେ ବୃଦ୍ଧଙ୍କୁ ମଦରେ ବିଷ ମିଶାଇ ହତ୍ୟା। ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ୍‌ତୁମସାପାଲ୍ଲୀ ପଞ୍ଚାୟତ ଅଧୀନ କେନ୍ଦୁଗୁଡ଼ା ଗ୍ରାମର ଦେବା ମାଡ଼କାମୀ (୬୧)ଙ୍କ ମୃତ୍ୟୁ ଉପରୁ ପରଦା ହଟାଇ ପୁଲିସ ଏପରି ଚାଞ୍ଚଲ୍ୟକର ତଥ୍ୟ ଦେଇଛି। ଏହି ଘଟଣାରେ ପୁଲିସ ୨ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ, କେନ୍ଦୁଗୁଡ଼ା ଗ୍ରାମର ମୁକେ ମାଡ଼କାମୀ ଓ ମୁକା କବାସୀ। ତେବେ ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ ସୋମା ମାଡ଼କାମୀ ଫେରାର୍ ହୋଇଯାଇଛି। ସେ ଅଭିଯୁକ୍ତ ମୁକେର ସ୍ୱାମୀ। ପୁଲିସ ସୂଚନାନୁସାରେ, ସୋମା ଓ ମୁକେଙ୍କ ପୁଅ ପ୍ରାୟ ୨ ମାସ ପୂର୍ବେ ରୋଗରେ ପୀଡ଼ିତ ହୋଇ ପ୍ରାଣ ହରାଇଥିଲା। ଦେବାଙ୍କ ଗୁଣିଗାରେଡ଼ି ଯୋଗୁଁ ପୁଅର ଅକାଳ ମୃତ୍ୟୁ ହୋଇଥିବା ସେମାନେ ସନ୍ଦେହ କରିଥିଲେ। ଏ ସଂପର୍କରେ ଦୁହେଁ ଗ୍ରାମବାସୀଙ୍କୁ ଜଣାଇଥିଲେ। କିଛି ଦିନ ତଳେ ଏ ନେଇ ଗ୍ରାମରେ ଏକ ବୈଠକ ହୋଇ ଘଟଣାର ସମାଧାନ ହୋଇଥିଲା। କିନ୍ତୁ ଏଥିରେ ଦମ୍ପତିଙ୍କ ମନ ବୁଝି ନଥିଲା। ସେମାନେ ପ୍ରତିଶୋଧ ନିଆଁରେ ଜଳୁଥିଲେ। ଦେବାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। କିଛି ଦିନ ପରେ ଦମ୍ପତି ଉକ୍ତ ଗ୍ରାମର ମୁକା କବାସୀଙ୍କୁ ନିଜ ଘରକୁ ଡାକି ଏକ ବିଷ ମଦ ବୋତଲ ଦେଇଥିଲେ। ତାହାକୁ ଦେବାଙ୍କୁ ଦେବାକୁ କହିଥିଲେ। ଗତ ମାସ ୨୯ ତାରିଖ ରାତିରେ ଦେବା ଉକ୍ତ ବିଷାକ୍ତ ମଦ ପିଇବାରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

## ମଜଭୁତ ହେବ ଉପକୂଳ ତଟ ସୁରକ୍ଷା

ଭୁବନେଶ୍ୱର,୧୫।୧୧(ସମିସ): ମଜଭୁତ ହେବ ଉପକୂଳ ତଟ ସୁରକ୍ଷା। ରାଜ୍ୟର ସବୁ ବନ୍ଦରରେ ରହିବ କୋଷ୍ଟଗାର୍ଡ। ଗୋପାଳପୁର ବନ୍ଦରରେ କୋଷ୍ଟଗାର୍ଡ ଜାହାଜ ମୁତୟନ ହେବ। ପାରାଦୀପ ବନ୍ଦରରେ ବି କୋଷ୍ଟଗାର୍ଡ ଜାହାଜ ସଂଖ୍ୟା ବୃଦ୍ଧି



■ ଗୋପାଳପୁର ବନ୍ଦରରେ ମୁତୟନ ହେବ କୋଷ୍ଟଗାର୍ଡ ଜାହାଜ
■ ପାରାଦୀପରେ ବଢ଼ିବ କୋଷ୍ଟଗାର୍ଡ ଜାହାଜ ସଂଖ୍ୟା

କରାଯିବ। ଗୋପାଳପୁର ଓ ଧାମରା ବନ୍ଦରରେ ଜେଟି, କୋଷ୍ଟଗାର୍ଡ ଶାଖା କେନ୍ଦ୍ର ଖୋଲିବ। ଧାମରା ବନ୍ଦରରେ ରହିବ କୋଷ୍ଟଗାର୍ଡର ଡ୍ରୋନ୍ ୟୁନିଟ୍। ଏହି ମର୍ମରେ ଆଜି କୋଷ୍ଟଗାର୍ଡ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଦିଆଯାଇଛି। ପାରାଦୀପରେ କୋଷ୍ଟଗାର୍ଡ ଆଇଜି ଇକବାଲ୍ ସିଂ ଚୌହ୍ୱାନ ଏହି ସୂଚନା ଦେଇଛନ୍ତି।

ସମୁଦ୍ରରେ ପାଟ୍ରୋଲିଂ ବଢ଼ାଇବା ସହ ଜଳଦସ୍ୟୁ, ଆତଙ୍କବାଦୀ ଏବଂ ଅନୁପ୍ରବେଶ ରୋକିବାକୁ ଏଭଳି ପଦକ୍ଷେପ ଗ୍ରହଣ କରାଯିବ। ତଟ ସୁରକ୍ଷାବାହିନୀ ପକ୍ଷରୁ କିଛି ଦିନ ତଳେ ଏକ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଥିଲା। ବେଆଇନ ଅସ୍ତ୍ରଶସ୍ତ୍ର ଚାଲାଣ ହେଉ କିମ୍ବା ଜାଲନୋଟ୍ କାରବାର ଅଥବା ବାଂଲାଦେଶ ଅନୁପ୍ରବେଶକାରୀଙ୍କୁ ଜଳପଥ ବେଶ୍ ସୁହାଉଛି। ସେହି ରାସ୍ତାରେ ଗୋଟିଏ ବୋଟ୍ ଜରିଆରେ ସେମାନେ ନିଜ ଗନ୍ତବ୍ୟସ୍ଥଳରେ ପହଞ୍ଚିବାରେ ସକ୍ଷମ ହେଉଛନ୍ତି। ଏଠାରେ ପହଞ୍ଚିବା ପରେ ଅପରାଧ ପାଇଁ ବ୍ଲୁ-ପ୍ରିଣ୍ଟ ତିଆରି କରୁଛନ୍ତି। ତେଣୁ ଏଭଳି ରାସ୍ତାକୁ ବନ୍ଦ କରିବା ସହ ଆପରାଧିକ କାର୍ଯ୍ୟକଳାପ ଉପରେ ଲଗାମ ଲଗାଇବା ପାଇଁ ଏଭଳି ବ୍ୟବସ୍ଥା କରାଯିବ। ଧାମରା ଓ ପାରାଦୀପ ବନ୍ଦର ମଧ୍ୟରେ ପରିବହନ ପାଇଁ ଏକାଧିକ ଜାହାଜ ଚଳାଚଳ କରୁଛି। ପୂର୍ବରୁ ସର୍ଭେଲାନ୍ସ କଡ଼ାକଡ଼ି କରିବା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ନେଇ ଗଠନ ହୋଇଥିବା 'ସାଗର ରକ୍ଷକ ଦଳ'କୁ ନିୟୋଜିତ କରାଯାଇଛି।

### ଚାକିରି କରାଇ ଦେବାକୁ ୧୫ ଲକ୍ଷ ଠକେଇ

## ମହିଳା ନେତ୍ରୀ କମଳିନୀ ଗିରଫ


ନୟାଗଡ଼,୧୫।୧୧(ସମିସ): ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ପୁଲିସ ଚାକିରି କରାଇ ଦେବାକୁ କହି ଅର୍ଥ ଠକେଇ କରିଥିବା ମହିଳା ନେତ୍ରୀ କମଳିନୀ ପାଟ୍ଟଶାଣୀକୁ ଗିରଫ କରିଛି। ୭ ଜଣ ଲୋକଙ୍କଠାରୁ ୧୫ ଲକ୍ଷ ଟଙ୍କା ଠକେଇ ଅଭିଯୋଗ ହୋଇଛି। ଇଟାମାଟି ଥାନା ଅନ୍ତର୍ଗତ ହରେକୃଷ୍ଣପୁର ଗ୍ରାମର ରାକେଶ କୁମାର ଜେନାଙ୍କ ଅଭିଯୋଗ ଆଧାରରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।



ପୁଲିସ, ଏମ୍ସ ହସ୍ପିଟାଲ ପ୍ରଭୃତି ସ୍ଥାନରେ ଚାକିରି କରାଇ ଦେବାକୁ କହି ଅନେକ ଲୋକଙ୍କଠାରୁ କମଳିନୀ ଠକେଇ କରିଥିଲା। ଏହି ଠକେଇ କାର୍ଯ୍ୟରେ ଖୋର୍ଦ୍ଧା ଜିଲ୍ଲା ବାଘମାରି ଅଞ୍ଚଳର ଜଣେ ବ୍ୟକ୍ତି ଏବଂ କମଳିନୀଙ୍କ ଭାଇ ମଧ୍ୟ ସମ୍ପୃକ୍ତ ଥିବା ପୁଲିସ କହିଛନ୍ତି। ୩ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ବେଳେ ପୁଲିସ ପ୍ରାଥମିକ ପଦକ୍ଷେପ ସ୍ୱରୁପ କମଳିନୀଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟ ଦୁଇ ଜଣଙ୍କ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଇଟାମାଟି ଥାନା ଅଧିକାରୀ କହିଛନ୍ତି।

## ୪୦ କୋଟି ଟଙ୍କାର ରାସାୟନିକ ପଦାର୍ଥ ଜବତ

ଜୟପୁର,୧୫ ।୧୧(ଏଜେନ୍ସି): ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଓ ରାଜସ୍ଥାନ ପୁଲିସ ମିଳିତ ଭାବେ ଚଢ଼ାଉ କରି ରାଜସ୍ଥାନ ସିରୋହି ଜିଲ୍ଲାରେ ଏକ ଦୁର୍ଗମ ଦାନତ୍ରାଇ ଗାଁରେ ଶହ ଶହ କେଜି ରାସାୟନିକ ପଦାର୍ଥ ଜବତ କରିଛି। ଏହାକୁ ବ୍ୟବହାର କରି ୧୦୦ କେଜି ମେଫେଡ୍ରୋନ ଉତ୍ପାଦନ କରାଯାଇଥାନ୍ତା। ଏହାର ମୂଲ୍ୟ ୪୦ କୋଟି ଟଙ୍କା ବୋଲି କୁହାଯାଇଛି। ଏହି ମାମଲାରେ ମୁଖ୍ୟ



**ମାଷ୍ଟରମାଇଣ୍ଡ ସହ ୪ ଗିରଫ**

ଅଭିଯୁକ୍ତ ତଥା ମାଷ୍ଟରମାଇଣ୍ଡ ରାମ ସହ ପୁଲିସ ମୋଟ୍ ୪ ଜଣଙ୍କୁ ଗିରଫ କରିଛି। ରାଜସ୍ଥାନ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ତଥା ଅନ୍ୟ ରାଜ୍ୟଗୁଡିକରେ ମେଫେଡ୍ରୋନ ଅଧିକରୁ ଅଧିକ ବ୍ୟବହୃତ ହେଉଛି। ଏକ ଗୁପ୍ତ ସ୍ଥାନରେ ରାସାୟନିକ ପଦାର୍ଥ ତଥା ପରୀକ୍ଷାଗାର ଥିବା ନେଇ ସୂଚନା ମିଳିବା ପରେ ଏହି ଚଢ଼ାଉ କରାଯାଇଥିଲା। ଏହାକୁ ଦେଇ ଯାଞ୍ଚ ଏଜେନ୍ସିଗୁଡିକ ଚକିତ ହୋଇଥିଲେ। ରାମ ହେଉଛି ଏହାର ମାଷ୍ଟରମାଇଣ୍ଡ। ସାଧାରଣତଃ ଶୂନଶାନ ସ୍ଥାନରେ ହିଁ ଗୁପ୍ତ ପରୀକ୍ଷା ଗାରରେ ଏହି ଭଳି ରାସାୟନିକ ପଦାର୍ଥ ପ୍ରସ୍ତୁତ କରାଯାଇଥାଏ। ଡ୍ରଗ୍ସ ବିରୋଧରେ କେନ୍ଦ୍ର ସରକାରଙ୍କ ଶୂନ୍ୟ ସହନଶୀଳତା ଆଭିମୁଖ୍ୟ ଦୃଷ୍ଟିକୋଣରୁ ଏନ୍‌ସିବିର ଏହି ପଦକ୍ଷେପ ବେଶ୍ ଗୁରୁତ୍ୱ ବହନ କରୁଛି।

# ନକଲି ଯାତ୍ରୀ ଗୁମାସ୍ତାଙ୍କ ପାଇଁ ବଦ୍‌ନାମ ହେଉଛି ଶ୍ରୀମନ୍ଦିର

**ପୁରୀ,୧୫।୧୧(ସମିସ):** ଶ୍ରୀମନ୍ଦିରରେ ପୁଣି ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କୁ ସହଜରେ ମହାପ୍ରଭୁଙ୍କ ଦର୍ଶନ କରାଇଦେବା କହି ଏମାନେ ଠକୁଛନ୍ତି। ରାଜ୍ୟ ବାହାରୁ ଆସୁଥିବା ନିଜ ଯଜମାନମାନଙ୍କୁ ସହଜରେ ମହାପ୍ରଭୁଙ୍କ ଦର୍ଶନ କରାଇଦେବା ସମେତ ମହାପ୍ରସାଦ କିଣିବାରେ ସାହାଯ୍ୟ କରିବା ପାଇଁ ଶ୍ରୀମନ୍ଦିରରେ ସେବା କରୁଥିବା ସେବାୟତଙ୍କ ଦ୍ୱାରା ରହିଛନ୍ତି ଯାତ୍ରୀ ଗୁମାସ୍ତା। ହେଲେ ଏହି ଯାତ୍ରୀ ଗୁମାସ୍ତାଙ୍କୁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପରିଚୟପତ୍ର ଦିଆଯାଇ ନ ଥିବା ଯୋଗୁଁ ଏହାର ଫାଇଦା ଉଠାଇ କେତେକ ଅସାଧୁ ବ୍ୟକ୍ତି ନିଜକୁ ଯାତ୍ରୀ ଗୁମାସ୍ତା ପରିଚୟ ଦେଇ ଭକ୍ତଙ୍କ ଠାରୁ ଟଙ୍କା ଆଦାୟ କରୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶ୍ରଦ୍ଧାଳୁଙ୍କଠାରୁ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରିବା ସହିତ ଅନେକ ସମୟରେ ଭକ୍ତଙ୍କୁ ଦୁର୍ବ୍ୟବହାର କରିବା ଏବଂ ଟଙ୍କା ନେଇ ପଳେଇ ଯିବାର ଅଭିଯୋଗ ହେଉଛି। ଫଳରେ ବାହାରୁ ଆସୁଥିବା ଶ୍ରଦ୍ଧାଳୁମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଅନ୍ୟପକ୍ଷରେ ଏଭଳି ଘଟଣା ଦ୍ୱାରା ବଦ୍‌ନାମ ହେଉଛି ଶ୍ରୀମନ୍ଦିର।

ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ବଢିଛି। ଫଳରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଏପରିକି, ଛୁଟିଦିନ ଏବଂ ବିଶେଷ ପର୍ବପର୍ବାଣି ଦିନରେ ବ୍ୟାରିକେଡରେ ୫/୬ ଘଣ୍ଟା ଠିଆ ହେଉଛନ୍ତି ଶ୍ରଦ୍ଧାଳୁ। ତେଣୁ ସମସ୍ତେ କିପରି ସହଜରେ ଏବଂ କମ୍ ସମୟରେ ମହାପ୍ରଭୁଙ୍କୁ ଦର୍ଶନ କରିବେ, ସେହି ମାନସିକତାରେ ରହୁଛନ୍ତି। ଏହାର ଫାଇଦା ନେଉଛନ୍ତି ଏହି ନକଲି ଯାତ୍ରୀ ଗୁମାସ୍ତା। ସେମାନେ ବିନା ଧାଡ଼ିରେ ଗଳାବାଟରେ ଶୀଘ୍ର ଦର୍ଶନ କରାଇଦେବାକୁ କହି ଭକ୍ତଙ୍କୁ ଠକୁଛନ୍ତି। ଯେଉଁମାନେ ତରବରରେ ରହୁଛନ୍ତି, ସେମାନେ ଏହି ନକଲି ଯାତ୍ରୀ ଗୁମାସ୍ତାଙ୍କ ଶିକାର ହେଉଛନ୍ତି। ଏଥିପାଇଁ ସେହି ଯାତ୍ରୀ ଗୁମାସ୍ତା ଭକ୍ତଙ୍କଠାରୁ ମୋଟା ଅଙ୍କର ଟଙ୍କା ଦାବି କରୁଛନ୍ତି। ମୂଳଚାଲ ଠିକ୍ ଠାକ ହେବା ପରେ ପ୍ରଥମେ ଟଙ୍କା ନେଇଯାଉଛନ୍ତି। ଶ୍ରୀମନ୍ଦିର ଭିତରକୁ ନେଇ ଗହଳି ଭିତରେ ଛାଡ଼ି ପଳାଇ ଯାଉଛନ୍ତି। ଭକ୍ତଟିଏ ଟଙ୍କା ଦେଇ ଠକେଇର ଶିକାର ହେଉଛି। ଏହାଦ୍ୱାରା ସମ୍ପୃକ୍ତ ଶ୍ରଦ୍ଧାଳୁମାନେ ତିକ୍ତ ଅନୁଭୂତି ନେଇ ଫେରୁଛନ୍ତି। ଶ୍ରୀମନ୍ଦିରରେ ଡ୍ୟୁଟିରେ ଥିବା ପୁଲିସ ଅଣସେବାୟତଙ୍କୁ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ଫଳରେ ଭକ୍ତମାନେ ଠକେଇରୁ ରକ୍ଷା ପାଇପାରିବେ। ସେବାୟତମାନେ ମଧ୍ୟ ଏହା ଉପରେ ଧ୍ୟାନ ରଖିବା ଦରକାର। ଅନେକ ସମୟରେ ଟଙ୍କା ଦେବାକୁ ନେଇ ଭକ୍ତ ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ଶ୍ରୀମନ୍ଦିରକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଯେମିତି ଶୃଙ୍ଖଳିତ ଭାବେ ଦର୍ଶନ ପାଇବେ ପୁଲିସ ପ୍ରଶାସନ ପଦକ୍ଷେପ ନେବା ପାଇଁ ଦାବି ହେଉଛି।

କିଛି ମାସ ତଳେ ପୁଲିସ ଗୋଟିଏ ଦିନରେ ଶ୍ରୀମନ୍ଦିରରୁ ୧୨ ଜଣ ନକଲି ଯାତ୍ରୀ ଗୁମାସ୍ତାଙ୍କୁ କାବୁ କରିଥିଲା। ସେମାନେ କାହାର ଯାତ୍ରୀ ଗୁମାସ୍ତା କାମ କରୁଛନ୍ତି ବୋଲି ପୁଲିସ ଖୋଳତାଡ଼ କରିଥିଲା। ହେଲେ କୌଣସି ସଠିକ୍ ସୂଚନା ସେମାନେ ଦେଇପାରି ନ ଥିଲେ। କେବଳ ଭକ୍ତଙ୍କୁ ଲୁଟିବା ପାଇଁ ସେମାନେ ନକଲି ଯାତ୍ରୀ ଗୁମାସ୍ତା ବେଶ ଧାରଣ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ବୁଲୁଥିଲେ। ପୁଲିସ ସମସ୍ତଙ୍କୁ ଗିରଫ କରିଥିଲା।

ଜଣେ ଶ୍ରଦ୍ଧାଳୁ ପବତ୍ର ମୋହନ ସାହୁ କହିଛନ୍ତି, ନକଲି ଯାତ୍ରୀ ଗୁମାସ୍ତାଙ୍କୁ ନେଇ ଆମକୁ ସତର୍କ ହେବାକୁ ପଡ଼ିବ। ବାସ୍ତବରେ ଯେଉଁମାନେ ଯାତ୍ରୀ ଗୁମାସ୍ତା କାମ କରୁଛନ୍ତି ସେମାନଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ପରିଚୟ ପତ୍ର ଦିଆଯିବା ଦରକାର। ଏହାଦ୍ୱାରା ନକଲି ଯାତ୍ରୀ ଗୁମାସ୍ତା ଚିହ୍ନଟ ହୋଇଯିବେ। ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ଇଚ୍ଛା ଥାଏ ଶୃଙ୍ଖଳିତ ଢଙ୍ଗରେ ମହାପ୍ରଭୁଙ୍କ ଦର୍ଶନ କରିବା। ଯଦି ସେମାନେ ଠକେଇର ଶିକାର ହୁଅନ୍ତି ତେବେ ଶ୍ରୀମନ୍ଦିର ପ୍ରଶାସନ ଓ ସରକାର ବଦ୍‌ନାମ ହେବେ। ସେହିପରି ଯାତ୍ରୀଙ୍କ ସୁରକ୍ଷା ନେଇ ସରକାର ସତର୍କ ରହିବା ଉଚିତ। ଶ୍ରୀମନ୍ଦିରକୁ ପ୍ରତିଦିନ ହଜାର ହଜାର ଭକ୍ତ ଆସୁଛନ୍ତି। ଏଠାରେ ଶୃଙ୍ଖଳିତ ଦର୍ଶନ ଏକ ଗୁରୁତ୍ୱପୂର୍ଣ୍ଣ କଥା। ତେଣୁ ଦଲାଲଙ୍କ ଉପରେ ପୁଲିସ ନଜର ରଖି କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ଶ୍ରୀ ସାହୁ ମତ ଦେଇଛନ୍ତି।

ନିକଟରେ ଏସ୍‌ପି ପ୍ରତୀକ୍ ସିଂ କହିଥିଲେ, 'ନକଲି ଯାତ୍ରୀ ଗୁମାସ୍ତା'ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଶ୍ରୀମନ୍ଦିରରେ ଭକ୍ତଙ୍କୁ ଠକେଇ, ଦୁର୍ବ୍ୟବହାର କରାଗଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲୋକଙ୍କୁ ସଚେତନ କରିବା ପାଇଁ ସୂଚନା ଦିଆଯାଉଛି। ଯଦି ପୁଣି ନକଲି ଯାତ୍ରୀ ଗୁମାସ୍ତାକୁ ନେଇ ଅଭିଯୋଗ ଆସିବ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ତେବେ ପୁଲିସର ଏଭଳି ଆଭିମୁଖ୍ୟ ସତ୍ତ୍ୱେ ଶ୍ରୀମନ୍ଦିରରେ ନକଲି ଯାତ୍ରୀ ଗୁମାସ୍ତାଙ୍କ ପ୍ରାଦୁର୍ଭାବ କିଭଳି ବଢୁଛି, ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଭୁବନେଶ୍ୱର ସିଟି



## କାର୍ତ୍ତିକେଶ୍ୱର ଭସାଣି ରାସ୍ତାଜାମ୍

# ଘଣ୍ଟା ଘଣ୍ଟା ଧରି ଫସିଲେ ଯାତ୍ରୀ

ନନ୍ଦନକାନନ/ତ୍ରିଶୂଳିଆ, ୧୫ ।୧୧(ସମିସ): ବାରଙ୍ଗର ଗଣପର୍ବ କାର୍ତ୍ତିକେଶ୍ୱର ପୂଜାର ଭସାଣି ଉତ୍ସବ ପାଇଁ ଶନିବାର କଟକ ନନ୍ଦନକାନନ ରାସ୍ତା ଦୀର୍ଘ ସମୟ ଧରି ଜାମ୍ ହୋଇଯାଇଥିଲା। ଉଭୟ ପାର୍ଶ୍ୱରେ ହଜାର ହଜାର ଗାଡ଼ିମୋଟର ଅଟକି ରହିଥିଲା। ଅତି ଜରୁରୀ କାମ ପାଇଁ ଅପେକ୍ଷା କରିଥିବା ଯାତ୍ରୀ ଦୀର୍ଘ ସମୟ ଧରି ଉଭୟ ପାର୍ଶ୍ୱରେ ଅଟକି ରହିଥିଲେ। ପରିସ୍ଥିତି ଏଭଳି ହୋଇଥିଲା ଯେ, ଏହି ରାସ୍ତା ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀମାନେ ନାକେଦମ ହୋଇଥିଲେ।



ପ୍ରକାଶ ଥାଉ କି କାର୍ତ୍ତିକେଶ୍ୱର ଭସାଣି ପାଇଁ ପ୍ରାଥମିକ ପର୍ଯ୍ୟାୟରେ ଶୋଭାଯାତ୍ରାରେ ୮ଟି ମେଢ ସାମିଲ ହୋଇଥିଲା। କଳାକାରଙ୍କ ଦ୍ୱାରା ବିଭିନ୍ନ ପାରମ୍ପରିକ ବାଦ୍ୟ ଓ ନୃତ୍ୟରେ କମ୍ପିଥିଲା ବାରଙ୍ଗ। କିନ୍ତୁ ଭସାଣି ଦେଖିବା ପାଇଁ ହଜାର ହଜାର ଲୋକେ ରାସ୍ତା ଜାମ୍ ପରିସ୍ଥିତି ସୃଷ୍ଟି କରିଥିଲେ। ନନ୍ଦନକାନନଠାରୁ ତ୍ରିଶୂଳିଆ ପର୍ଯ୍ୟନ୍ତ ବହୁ ଗାଡ଼ି ଏପରିକି ଆମ୍ବୁଲାନ୍ସ ଆଦି ଘଣ୍ଟା ଘଣ୍ଟା ଧରି ଅଟକି ରହିବା ଫଳରେ ଟ୍ରାଫିକ ଜାମ ସ୍ଥିତି ସୃଷ୍ଟି ହୋଇଥିଲା। ବାରଙ୍ଗ ପୁଲିସ, ଜିଲ୍ଲା ପ୍ରଶାସନ ବିନା ସୂଚନାରେ ଏଭଳି କାର୍ଯ୍ୟକ୍ରମ କରିଥିବାରୁ ଲୋକେ ନାପସନ୍ଦ କରିଛନ୍ତି। ଭସାଣି ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ ପ୍ରାୟ ସବୁ ପୂଜା କମିଟି ପକ୍ଷରୁ ଜୋରଦାର ଉଦ୍ୟମ କରାଯାଇଥିଲା। ଘୋଡାନାଚ, କଣ୍ଡେଇନାଚ, ଘଣ୍ଟ, ପଞ୍ଜାବୀ ବାଜା, ଶିଙ୍ଗ ବାଜା, ଶଙ୍ଖ, ହଳଦିକାଠ, ସମେତ ବହୁ ପାରମ୍ପରିକ ଓ ଆଧୁନିକ ବାଦ୍ୟକୁ ଏଥର ଶୋଭାଯାତ୍ରାରେ ଦେଖିବାକୁ ମିଳିଥିଲା। କାର୍ତ୍ତିକେଶ୍ୱର ଭସାଣି ଉତ୍ସବକୁ ଦେଖିବାପାଇଁ ସନ୍ଧ୍ୟା ପରଠାରୁ ବାରଙ୍ଗ ମୁଖ୍ୟରାସ୍ତା କଡରେ ନାହିଁ ନ ଥିବା ଭିଡ଼ ଲାଗିରହିଥିଲା। ସପ୍ତାହର ଶେଷ କର୍ମଦିବସ ହୋଇଥିବାରୁ ଆଜି ସନ୍ଧ୍ୟାରେ ଭିଡ଼ ଅଧିକ ଥିଲା। ଉଭୟ ପଟରୁ ସରକାରୀ କର୍ମଚାରୀମାନେ ନିଜ ନିଜ ଅଞ୍ଚଳକୁ ଫେରୁଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି କୁହାଯାଉଛି। ସୀତାରାମ ବଜାର ପୂଜା କମିଟି ପକ୍ଷରୁ ସମସ୍ତ ପୂଜା କମିଟିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହ ବିଭିନ୍ନ ବର୍ଗର ଲୋକଙ୍କ ସହ ସମସ୍ତ ପୂଜା କମିଟି ସଦସ୍ୟଙ୍କୁ ସମ୍ମାନିତ କରାଯାଇଛି। ବାରଙ୍ଗ ପୁଲିସ ଓ ବାରଙ୍ଗ ଆଞ୍ଚଳିକ ଶାନ୍ତି କମିଟିର ସଭାପତି ପ୍ରତାପଚନ୍ଦ୍ର ପାଣି, ସମ୍ପାଦକ ସୁରେଶ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଶାନ୍ତିଶୃଙ୍ଖଳାର ସହ ୮ଟି ମେଢ଼ ସାମିଲ ହୋଇଥିଲେ।

## ଆଦିବାସୀ କଂଗ୍ରେସ ପକ୍ଷରୁ ବିର୍ସା ମୁଣ୍ଡା ଜୟନ୍ତୀ



ଭୁବନେଶ୍ୱର, ୧୫ ।୧୧(ସମିସ): ରାଜ୍ୟ ଆଦିବାସୀ କଂଗ୍ରେସ ପକ୍ଷରୁ ଆଦିବାସୀ ସ୍ୱାଧୀନତା ସଂଗ୍ରାମୀ ସହିଦ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଶନିବାର ରାଜ୍ୟ କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଆଦିବାସୀ କଂଗ୍ରେସ ସଭାପତି ଯଶୋବନ୍ତ ସିଂ ଲାଗୁରି ଏହି କାର୍ଯ୍ୟକ୍ରମକୁ ଅଧ୍ୟକ୍ଷତାରେ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ସ୍ମୃତି ସଭାରେ ରାଜ୍ୟ ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଆଇନଜୀବୀ ମାନସ କୁମାର ମଲ୍ଲିକ ମୁଖ୍ୟ ଅତିଥିଭାବେ, ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତି, ପିସିସି ସମ୍ପାଦିକା ଅନିମା ମିଞ୍ଜ, ପିସିସି ସମ୍ପାଦକ ମୋହନ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇଥିଲେ। ସଭାଶେଷରେ ଅବସରପ୍ରାପ୍ତ ପ୍ରଶାସକ କୋଟରାଜ ଡୁଙ୍ଗଡୁଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।

## 'ରମାଦେବୀ'ରେ ଏନ୍ଏସ୍ଏସ୍ ନେତୃତ୍ୱ ବିକାଶ ପ୍ରଶିକ୍ଷଣ



ଭୁବନେଶ୍ୱର, ୧୫ ।୧୧(ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଏକ ତିନିଦିନିଆ ଜିଲ୍ଲା ସ୍ତରୀୟ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ନେତୃତ୍ୱ ବିକାଶ ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ କାଳୀ ପ୍ରସନ୍ନ ମହାପାତ୍ର ଯୋଗଦେଇ ସ୍ୱେଚ୍ଛାସେବୀଙ୍କ ନେତୃତ୍ୱ ଗଠନ, ସମାଜ ପ୍ରତି ପ୍ରତିବଦ୍ଧତା ଏବଂ ସେବା ମନୋଭାବ ଉପରେ ଆଲୋକପାତ କରିଛନ୍ତି। ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ଚଣ୍ଡି ଚରଣ ରଥ ଦେଶ ଗଠନର ଦାୟିତ୍ୱବୋଧ ସମ୍ପର୍କରେ ଆଲୋକପାତ କରିଛନ୍ତି। ଏନ୍ଏସ୍ଏସ୍ ବ୍ୟୁରୋର ସଂଯୋଜିକା ପ୍ରଫେସର ଅଲିଭା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏନ୍ଏସ୍ଏସ୍ ୟୁନିଟ୍୧ର କାର୍ଯ୍ୟକ୍ରମ ଅଧିକାରୀ ଡ. ଗୀତାଞ୍ଜଳି ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍ଏସ୍ଏସ୍ ୟୁନିଟ୍୨ର କାର୍ଯ୍ୟକ୍ରମ ଅଧିକାରୀ ବି.ଆର୍. ଆଭା ଆୟୁଶ୍ରୀ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିବାବେଳେ ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ସମସ୍ତ ମହାବିଦ୍ୟାଳୟରୁ ବହୁ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଛନ୍ତି।

## ସମ୍ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ମଧୁମେହ ଦିବସ

ଭୁବନେଶ୍ୱର, ୧୫।୧୧(ସମିସ): ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ ଆଣ୍ଡ ସମ ହସ୍ପିଟାଲ୍ ପକ୍ଷରୁ ବିଶ୍ୱ ମଧୁମେହ ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ଏସସିବି ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର (ଡ.) ମନୋଜ କୁମାର ବଳିୟାରସିଂହ ଯୋଗ ଦେଇ କହିଛନ୍ତି, ବର୍ତ୍ତମାନ ମୋଟାପଣ ଥିବା ସ୍କୁଲ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରାୟତଃ ଟାଇପ୍-୨ ଡାଇବେଟିସ୍ ସମସ୍ୟା ଦେଖାଦେଉଛି। ଏହିଉପଲକ୍ଷେସଚେତନତାପଦଯାତ୍ରାଅନୁଷ୍ଠିତହୋଇଥିଲା। କାର୍ଯ୍ୟକ୍ରମରେ



ଆଇଏମ୍ଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଡିନ୍ ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିନଟେଣ୍ଡେଣ୍ଟ ପ୍ରଫେସର ଡ. ପୁଷ୍ପରାଜ ସାମନ୍ତସିଂହାର, ଏଣ୍ଡୋକ୍ରାଇନୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ଡ. ଜୟଭାନୁ କନୱର, ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱର ବାଲିଯାତ୍ରା ପାଇଁ ସହଯୋଗ କରିବେ ତିରୁପତି



ଭୁବନେଶ୍ୱର, ୧୫।୧୧(ସମିସ): ମଞ୍ଚେଶ୍ୱର କୁଆଖାଇ ନଦୀପଠାଠାରେ ଆୟୋଜିତ ବାଲିଯାତ୍ରା ମହୋତ୍ସବ -୨୦୨୫ ଉଦ୍‌ଯାପିତ ହୋଇଛି। ଏଥିରେଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ, ରାଜ୍ୟ ବିଜେପି ଭାଇସ୍-ପ୍ରେସିଡେଣ୍ଟ ଗୋଲକ ପ୍ରସାଦ ମହାପାତ୍ର, ବିଜେପି ପ୍ରବକ୍ତା ସୁଦିପ୍ତ କୁମାର ରାଏ ଯୋଗ ଦେଇଥିଲେ। ଦୀର୍ଘ ୧୦ଦିନ ଧରି ବାଲିଯାତ୍ରା ପଡ଼ିଆଠାରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ନିଃଶୁଳ୍କ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯିବା ସହ ଅଗାମୀ ଦିନରେ ବାଲିଯାତ୍ରା ପାଇଁ ସହଯୋଗର ହାତ ବଢ଼ାଇବେ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ବାଲିଯାତ୍ରା କମିଟିର ସମସ୍ତ କର୍ମକର୍ତ୍ତା ଡ. ତିରୁପତି ପାଣିଗ୍ରାହୀଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ୍ ଜଣାଇଛନ୍ତି।

## ଶିଶୁ ବିକାଶ ବିଦ୍ୟାଳୟରେ ଶିଶୁ ଦିବସ



ଯାଁଳା, ୧୫।୧୧(ସମିସ): ଯାଁଳା ଶିଶୁ ବିକାଶ ବିଦ୍ୟା ମନ୍ଦିରରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏଥିରେ ଛୋଟ ଛୋଟ ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଯଥା ନାଚ, ଗୀତ, ଛଦ୍ମବେଶ କରାଯାଇଥିଲା ଏଥିରେ କୃତିତ୍ୱ ହୋଇ ବିଭିନ୍ନ ପ୍ରତିଯୋଗିତାରେ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥି ଭାବରେ ସତ୍ୟବ୍ରତ ସ୍ୱାଇଁ ଏ ସାମ୍ବାଦିକ ବୁଲା ବାରିକ୍ ଉପସ୍ଥିତ ଥିଲେ, ଏହାକୁ ପରିଚାଳନା କରିଥିଲେ ପ୍ରଧାନ ଗୁରୁଜି ଦେଶବନ୍ଧୁ ଚିତରଞ୍ଜନ ଦାସ୍, ପ୍ରଧାନ ଆଚାର୍ଯ୍ୟ ରୀତା ସେଠୀ, ଗୁରୁମା ଶାନ୍ତିଲତା ବେହେରା, ପଦ୍ମିନୀ ଜେନା ଓ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

## ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର, ୧୫।୧୧(ସମିସ): ଓଡ଼ିଶା ମେନୋପଜ୍ ସୋସାଇଟି ଏବଂ ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନ (ଏଓଜିଓ)ଙ୍କ ମିଳିତ ଆନୁକୂଲ୍ୟରେ ପୂର୍ବାଞ୍ଚଳ ମେନୋପଜ୍ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଉଦ୍‌ଘାଟନ କରି କହିଛନ୍ତି ଯେ ମେନୋପଜ୍ କେବଳ ଶାରୀରିକ ସ୍ୱାସ୍ଥ୍ୟ ନୁହେଁ ବରଂ ଭାବନାତ୍ମକ ଏବଂ ସାମାଜିକ ସୁସ୍ଥତାକୁ ମଧ୍ୟ ଏହା ପ୍ରଭାବିତ କରେ। ବ୍ୟାପକ ସଚେତନତା ସୃଷ୍ଟି ପାଇଁ ଆହ୍ୱାନ ଦେଇ ରାଜ୍ୟପାଳ ଭାରତୀୟ




ମେନୋପଜ୍ ସୋସାଇଟିକୁ ଦେଶବ୍ୟାପୀ ଅଭିଯାନର ନେତୃତ୍ୱ ନେବାକୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମେନୋପଜ୍ ସୋସାଇଟିର ଅଧ୍ୟକ୍ଷା ଅନିତା ଶାହା, ଓଡ଼ିଶା ମେନୋପଜ୍ ସୋସାଇଟିର ସଭାପତି ଅଭୟ କୁମାର ପଟ୍ଟନାୟକ, ଓଡ଼ିଶା ଅବଷ୍ଟେଟ୍ରିସିଆନ୍ସ ଆଣ୍ଡ ଗାଇନେକୋଲୋଜିଷ୍ଟସ ଆସୋସିଏସନର ଅଧ୍ୟକ୍ଷା ଡ. ସୁଜାତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଡ. ଏଚ୍.ପି. ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଓରେରା ସିଡିଆର ସେଲ୍ କର୍ମଶାଳା



ଭୁବନେଶ୍ୱର, ୧୫ ।୧୧(ସମିସ): ଓଡ଼ିଶା ରିୟଲଷ୍ଟେଟ୍ ରେଗୁଲେଟରି ଅଥରିଟି ( ଓରେରା) ପକ୍ଷରୁ ସିଡିଆର୍ (କନ୍‌ସିଲିଏସନ୍ ଆଣ୍ଡ ଡିସ୍ପ୍ୟୁଟ୍ ରିଜଲ୍ୟୁସନ ସେଲ୍‌ଫ) ସମ୍ପର୍କିତ କର୍ମଶାଳା ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି। ଓରେରା ଅଧ୍ୟକ୍ଷ ଅସିତ୍ କୁମାର ମହାପାତ୍ର କର୍ମଶାଳାର ଉଦ୍‌ଘାଟନ କରି ସିଡିଆର୍ ସେଲ୍‌ଫର ଉଦ୍ଦେଶ୍ୟ, ଆବଶ୍ୟକତା ଏବଂ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସେଲ୍ ମାଧ୍ୟମରେ ମଧ୍ୟସ୍ଥତା ଦ୍ୱାରା ବିଭିନ୍ନ ବିବାଦର ସୁଗମ ଏବଂ ଶୀଘ୍ର ସମାଧାନ ସମ୍ଭବ ହେବ ବୋଲି ସେ ମତ ଦେଇଥିଲେ। ଓରେରା ପ୍ରଶାସନିକ ସଦସ୍ୟ ରାଜେନ୍ଦ୍ର ମିଶ୍ର କହିଥିଲେ ଯେ, ବିଲ୍ଡର ଏବଂ ଗୃହକ୍ରେତାଙ୍କ ମଧ୍ୟରେ ଉଦ୍ଭାବିତ ବିବାଦର ତ୍ୱରିତ ସମାଧାନ ଦେବା ହେଉଛି ସିଡିଆର୍ ସେଲ୍‌ଫର ପ୍ରମୁଖ ଲକ୍ଷ୍ୟ। ନ୍ୟାୟିକ ସଦସ୍ୟ ଶ୍ୟାମସୁନ୍ଦର ଦାଶ ସେଲ୍‌ଫର ବିଭିନ୍ନ ଆଇନଗତ ଦିଗ ଉପରେ ଆଲୋକପାତ କରିଥିଲେ। ନିରଞ୍ଜନ କୁମାର ଜେନା, ଆଡ୍‌ଜୁଡିକେଟିଂ ଅଫିସର୍, ଓରେରା ସିଡିଆର ସେଲ୍‌ଫର କାର୍ଯ୍ୟ ନିୟମାବଳୀ ଉପରେ ମତ ପ୍ରକାଶ କରିଥିଲେ। କର୍ମଶାଳାରେ ବକ୍ତା ଭାବେ ଯୋଗଦେଇଥିବା ସୋଆ ୟୁନିଭର୍ସିଟିର ଡ. ଅମୃତା ଦାସ, ଏକ୍ସଆଇଏମ୍‌ବିର ଆଇନ ବିଭାଗର ଡ. ବିରଞ୍ଚି ନାରାୟଣ ପଣ୍ଡା, ରାଜ୍ୟ ଭିଜିଲାନ୍ସ ଏକାଡେମୀର ଡେପୁଟି ଡାଇରେକ୍ଟର ଦିଲିପ କୁମାର ଛୋଟରାୟ ଏବଂ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ବିଜୟ ଚନ୍ଦ୍ର ମହାପାତ୍ର ସିଡିଆର୍ ସେଲ୍‌ଫର ବିଭିନ୍ନ ପ୍ରାସଙ୍ଗିକ ଦିଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି, ସଦସ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେଇଥିଲେ। କ୍ରେଡାଇ ଏବଂ ଗୃହକ୍ରେତା ସଂଘଙ୍କ ସଦସ୍ୟମାନେ ସିଡିଆର୍ ସେଲ୍‌ଫର ସଦସ୍ୟ ଭାବେ ଏହି କର୍ମଶାଳାରେ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ଓରେରା ସଚିବ ମାନସୀ ମାନ୍ଧତା ସ୍ୱାଗତ ଅଭିଭାଷଣ ରଖିଥିବା ବେଳେ ଓଏସଡି ଲ୍ୟାଣ୍ଡ ସୁଚିସ୍ମିତା ଦାଶ ପରିଚାଳନା କରିଥିଲେ। ଉପ ସଚିବ(ଅର୍ଥ) ପ୍ରଭାତ କୁମାର କୁଜୁର୍ ଧନ୍ୟବାଦ ଅର୍ପଣ କରିଥିଲେ।

## ସରସ୍ୱତୀ ଶିକ୍ଷା ମନ୍ଦିରରେ ସଂସ୍କାରଭିତ୍ତିକ କାର୍ଯ୍ୟକ୍ରମ

ହଂସପାଳ, ୧୫।୧୧(ସମିସ): ନହରକଣ୍ଟା ସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିର ପରିସରରେ ସଂସ୍କାରଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ଯୁବ ସଂସ୍କାରକ ସେବକ ଗୋପାଳ ଦାସ ଯୋଗ ଦେଇ ଶିଶୁମାନେ କିପରି ନିଜର ପାଠ ପଢ଼ାକୁ ଗୁରୁତ୍ୱ ନ ଦେଇ ମୋବାଇଲ ପ୍ରତି ଆକୃଷ୍ଟ ହୋଇ ଜୀବନର ଲକ୍ଷ ପଥରୁ ଦୂରେଇ ଯାଉଛନ୍ତି ତାହାକୁ ଗୁରୁତ୍ୱ ଦେଇ ଆଲୋଚନା କରିଥିଲେ। ନିଜ ନିଜ ପରିବାର ମଧ୍ୟରେ ସ୍ନେହ ଶ୍ରଦ୍ଧା ଓ ସମ୍ପର୍କ ଠାରୁ ପିଲାମାନେ ଦୂରେଇ ଯାଉଛନ୍ତି। ବାପାମାଆ ଓ ଗୁରୁଜୀ ଗୁରୁମାଙ୍କ କଥାକୁ ଗୁରୁତ୍ୱ ଦେଇ କାର୍ଯ୍ୟ କଲେ ଜୀବନରେ ଜଣେ ଜଣେ ଭଲ ମଣିଷ ହୋଇ ପାରିବେ। ଏବଂ ବିଦ୍ୟାଳୟର ପ୍ରତିଷ୍ଠାତା ସୁରେନ୍ଦ୍ର ଖୁଣ୍ଟିଆ ଛାତ୍ର ଛାତ୍ରୀମାନେ ଜୀବନରେ କିପରି ଶୃଙ୍ଖଳାକୁ ଏକ ବ୍ରତ ଭାବେ ପାଳନ କରିବେ ତାହାକୁ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଶ୍ୱଭୂଷଣ ବାରିକ, ମମତା ସାମଲ, ଅନପୂର୍ଣ୍ଣା ଜେନା, ରୁକ୍ମଣୀ ପ୍ରଧାନ, ସଂଯୁକ୍ତା ରାଉତରାୟ, ବିଜୟ ମହକୁଡଙ୍କ ସମେତ ସମସ୍ତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ।

## ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ବାର୍ଷିକୋତ୍ସବ 'ସେକ୍ଟ୍ରୋ'



ଭୁବନେଶ୍ୱର, ୧୫ ।୧୧(ସମିସ): ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ର ୩୬ତମ ବାର୍ଷିକୋତ୍ସବ 'ସେକ୍ଟ୍ରୋ-୨୦୨୫' (ଲିଜେଣ୍ଡସ୍ ନେଭର୍ ଡ଼ାଏ) ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସାଂସଦ ଡ. ସସ୍ମିତ୍ର ପାତ୍ର ଏବଂ ମିଜୋରାମ ବାଟାଲିଆନ୍‌ର କମାଣ୍ଡିଙ୍ଗ୍ ଅଫିସର କର୍ଣ୍ଣେଲ ସାଗର କେ. ମହାନ୍ତି ଯୋଗଦେଇ ସଫଳ ବ୍ୟକ୍ତିତ୍ୱ ଭାବେ ନିଜକୁ ପ୍ରସ୍ଫୁଟିତ କରିବା ପାଇଁ ଅନବରତ ପ୍ରୟାସ କରିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ଉଦ୍‌ଘାଟନୀ ଉତ୍ସବର ମୁଖ୍ୟ ଅତିଥି ଭାବେ ସାଂସଦ ଡ. ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ସମ୍ମାନିତ ଅତିଥି ଭାବେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକ କାଳି ପ୍ରସନ୍ନ ମହାପାତ୍ର ଯୋଗ ଦେଇଥିଲେ। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ସେବାକ୍ଷେତ୍ରରେ ପ୍ରଶଂଶନୀୟ କାର୍ଯ୍ୟ ପାଇଁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପ୍ରମୁଖ କର୍ମକର୍ତ୍ତା ହିମାଂଶୁ ଶେଖର ନାୟକଙ୍କୁ 'ଓଡିଏମ୍ ସେବା ସମ୍ମାନ-୨୦୨୫' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ପରିଚାଳନା କମିଟି ସଭାପତି ଡ. ପି.କେ. ବାସ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଉପାଧ୍ୟକ୍ଷ ଡ. ସନ୍ଧ୍ୟାରାଣୀ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶେଷରେ ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଭବ୍ୟ ନାରୀଶକ୍ତି ଫାଉଣ୍ଡେସନ୍‌ର ତୃତୀୟ ବାର୍ଷିକୋତ୍ସବ

ଭୁବନେଶ୍ୱର, ୧୫ ।୧୧(ସମିସ): ଭବ୍ୟ ନାରୀଶକ୍ତି ଫାଉଣ୍ଡେସନର ତୃତୀୟ ବାର୍ଷିକୋତ୍ସବ ପୁରୀ ଟାଉନ୍‌ହଲ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବକୁ ସାଂସଦ ଡାକ୍ତର ସମ୍ବିତ ପାତ୍ର ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଫାଉଣ୍ଡେସନ୍‌ର ସଭାପତି ସୁପ୍ରୀତି ଶୁକ୍ଳାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଉତ୍ତରାଞ୍ଚଳ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ର ପ୍ରାକ୍ତନ ଡେପୁଟି ଲିଗାଲ୍ ଆଡଭାଇଜର୍ ରାଜଶ୍ରୀ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦାନ କରି ନାରୀ ସଶକ୍ତୀକରଣରେ ପୁରୀ ଓ ମା' ଲକ୍ଷ୍ମୀଙ୍କ ଭୂମିକାକୁ ଆଲୋଚନା କରିଥିଲେ। ଓଡ଼ିଆ ଫିଲ୍ମ କଳାକାର ସ୍ମିତା ମହାରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଫାଉଣ୍ଡେସନ୍‌ର ସମ୍ପାଦିକା କଳ୍ପନା ମୁଦୁଲି ବାର୍ଷିକ ବିବରଣୀ ପାଠ କରିଥିଲେ। କୋଷାଧ୍ୟକ୍ଷା ସଂଘମିତ୍ରା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ଆଶା କିରଣରେ ସ୍ୱାଗତ ଉତ୍ସବ




ବଡ଼ରଘୁନାଥପୁର, ୧୫।୧୧(ସମିସ): ଆଶା କିରଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍ ପକ୍ଷରୁ ଶନିବାର ସ୍ୱାଗତ ଦିବସ ପାଳନ କରାଯାଇଥିଲା। ଏହି ଅନୁଷ୍ଠାନର ବିବିଏ, ବିସିଏ, କମ୍ପ୍ୟୁଟର ସାଇନସ୍, ଡାଟା ସାଇନସ୍, ନର୍ସିଂ, ଡିପ୍ଲୋମା ଏବଂ ପିଜିଡିଏମର ୨୦୨୫ର ଶିକ୍ଷାବର୍ଷରେ ନାମ ଲେଖାଇଥିବା ୨୦୦୦ ଶିକ୍ଷାର୍ଥୀଙ୍କୁ ସ୍ୱାଗତ ସମାହାରରେ ଏକତ୍ରିତ ଦେଖିବାକୁ ମିଳିଥିଲା। ଅନୁଷ୍ଠାନର ପୂର୍ବ ବର୍ଷର ଛାତ୍ରଛାତ୍ରୀଙ୍କୁ ଫୁଲଚନ୍ଦନ, ମ୍ରିନ୍ନ ସହ ଭବ୍ୟ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନ ର ସେକ୍ରେଟାରୀ ଅବଦୁଲ ମୁତାଲିମ୍ ଖାଁ, ନିର୍ଦ୍ଦେଶିକା ପୂର୍ଣ୍ଣିମା ପଟ୍ଟନାୟକ, ନିର୍ଦ୍ଦେଶକ ରୁଚି ତନ୍ମୟ ଏବଂ ଅଧ୍ୟକ୍ଷ ଭୀମସେନ ସ୍ୱାଇଁ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଗୀତିକାର ବିଷ୍ଣୁ ମୋହନ କବିଙ୍କ ଦ୍ୱାରା ସଙ୍ଗୀତରେ ଝୁମିଥିଲେ ଛାତ୍ରଛାତ୍ରୀ। ଏହା ପରେ ନାଚ, ଗୀତ, ରାପ ସଙ୍ଗ, ଡ୍ରାମା ଏମିତି ଅନେକ ଗୁଡ଼ିଏ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଦୀର୍ଘ ସମୟ ପର୍ଯ୍ୟନ୍ତ ଚାଲିଥିଲା। ଶେଷରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଖୋର୍ଦ୍ଧା ନକଟସ୍ଥ ପାଳାଶପୁରରେ ଗଢିଉଠିଥିବା ଏହି ଅନୁଷ୍ଠାନ ଟି ୮ ବର୍ଷ ଧରି ତାର ଏହି ସ୍ୱତନ୍ତ୍ର ପରମ୍ପରାକୁ ବଜାଇ ରଖି ଆସୁଅଛି।

## ଅଧିକ ରାଜସ୍ୱ ଆଦାୟ ୱାର୍ଡରେ ରହିବେ ଅଧିକ କର୍ମଚାରୀ

# ପାର୍କିଂସ୍ଥଳରୁ ଫି' ଆଦାୟକୁ ଦିଆଯିବ ଗୁରୁତ୍ୱ

ଭୁବନେଶ୍ୱର, ୧୫ ।୧୧(ସମିସ): ବିଏମ୍‌ସିର ବିଭିନ୍ନ ୱାର୍ଡର ରାଜସ୍ୱ ଆଦାୟ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଯେଉଁ ୱାର୍ଡରୁ ଅଧିକ ରାଜସ୍ୱ ଆଦାୟ ହୋଇଛି ସେହି ୱାର୍ଡରେ ଅଧିକ କର୍ମଚାରୀ ନିଯୁକ୍ତ ହେବା ନେଇ ଆଲୋଚନା ହୋଇଥିଲା। ବିଏମ୍‌ସିର ସମସ୍ତ ସମ୍ପତ୍ତି ତାଲିକା ପ୍ରସ୍ତୁତ କରିବା ସହ ଏହା ଉପରେ କିପରି ରାଜସ୍ୱ ଆସିପାରିବ ସେ ସମ୍ପର୍କରେ ଆଲୋଚନା ପୂର୍ବକ କାର୍ଯ୍ୟପନ୍ଥା ଗ୍ରହଣ କରିବା ଏବଂ ପାର୍କିଂ ଅଞ୍ଚଳରେ ସୁଧାର ଆଣିବା ପାଇଁ ବ୍ୟକ୍ତିଗତ ପାର୍କିଂ ଏବଂ ଆନୁଷ୍ଠାନିକ ପାର୍କିଂସ୍ଥାନଗୁଡିକ ଉପରେ ତର୍ଜମା ସହ ପାର୍କିଂସ୍ଥଳଗୁଡିକର ସମୀକ୍ଷା କରାଯିବା ପରେ ସେଠାରୁ କିପରି ରାଜସ୍ୱ ଆଦାୟ କରାଯିବ ସେ ସମ୍ପର୍କରେ କାର୍ଯ୍ୟ କରିବା ପାଇଁ ଏହି ବୈଠକରେ ନିଷ୍ପତ୍ତି ନିଆଯାଇଛି। ସମ୍ପ୍ରତି ବିଏମ୍‌ସିର ସମସ୍ତ ୱାର୍ଡରେ ରାଜସ୍ୱ ଆଦାୟ ଶିବିର ଚାଲୁ ରହିଛି। ସେଠାରେ କିପରି ସ୍ଥାନୀୟ ଲୋକେ, ଆବାସିକ ସଂଗଠନ, ସ୍ଥାନୀୟ କର୍ପୋରେଟର, ଗୋଷ୍ଠୀ, ବ୍ୟବସାୟୀ ସଂଗଠନ ଜାଣି ପାରିବେ, ସେଥିପାଇଁ ପଦକ୍ଷେପ ନେବା ସହ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବା ପାଇଁ କୁହାଯାଇଛି। କେତେକ ୱାର୍ଡରେ ଅଧିକ ରାଜସ୍ୱ ଆଦାୟ ହେବାକୁ ଅଛି। ସେଠାରେ ଯେପରି ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯିବ, ସେଥିପାଇଁ ବ୍ୟବସ୍ଥା କରିବାକୁ ମଧ୍ୟ ଏହା ଉପରେ ଆଲୋଚନା ହୋଇଛି। ବିଏମ୍‌ସି ଅଞ୍ଚଳରେ ଥିବା କଲ୍ୟାଣ ମଣ୍ଡପ ଓ କମ୍ୟୁନିଟ୍ ସେଣ୍ଟରଗୁଡିକୁ ମରାମତି କରି ସେଗୁଡିକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ କରାଗଲେ ସେଠାରୁ ମଧ୍ୟ କିଛି ରାଜସ୍ୱ ଆଦାୟ ହୋଇପାରିବ ସେ ସମ୍ପର୍କରେ କାର୍ଯ୍ୟକରିବାକୁ ମଧ୍ୟ ଆଲୋଚନା ହୋଇଛି। ଗୃହ ନିର୍ମାଣ ପାଇଁ ଅନୁମୋଦନ ଦେଲା ବେଳେ ବ୍ୟବସାୟିକ ପ୍ରତିଷ୍ଠାନ ତଥା ଅନୁଷ୍ଠାନଗୁଡିକ ନିଜ ନିଜର ପାର୍କିଂ ପାଇଁ ଆବଶ୍ୟକ ସ୍ଥାନ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ପ୍ଲାନିଂ ଉପବିଭାଗକୁ କୁହାଯାଇଛି। ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ କମିସନର ରତ୍ନାକର ସାହୁ, ଡେପୁଟି କମିସନର ଅଜୟ କୁମାର ମହାନ୍ତି, ସହକାରୀ କମିସନର ସତ୍ୟଜିତ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ସମସ୍ତ ୱାର୍ଡ ଅଫିସର ଓ ମିସ୍ ସରକାର ଉପସ୍ଥିତ ରହିଥିଲେ।



ସକାଳ THE SAKALA



www.sakalaepaper.com

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୭୬ ● ପାଉଣ୍ଡ ୧୧୭.୨୪
- ୟୁରୋ ୧୦୩.୧୭ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୮,୪୦୦ (ନୂଆଦିଲ୍ଲୀ)
- ରୁପା : ୧,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୪,୫୬୨.୦୦
- ନିଫ୍ଟି ୨୫,୯୦୦.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ପରାଜୟ ପରେ ଭାଙ୍ଗୁଛି ଟ୍ରମ୍ପଙ୍କ ଦମ୍ଭ



## କଫି-ଫଳରୁ ହଟାଇଲେ ଶୁଳ୍କ

ୱାଶିଂଟନ, ୧୫।୧୧ (ଏଜେନ୍ସି): ଭର୍ଜିନିଆ ଏବଂ ନ୍ୟୁଜର୍ସି ନିର୍ବାଚନରେ ହାରିବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଫୁଟାଣୀ ଭାଙ୍ଗି ଯାଇଛି। ପୁଣିଥରେ ଟ୍ରମ୍ପ ପଛଘୁଞ୍ଚା ଦେଇଛନ୍ତି। ସେ ଶୁକ୍ରବାର ଏକ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶରେ ସ୍ୱାକ୍ଷର କରି ଶୁଳ୍କ ହ୍ରାସ କରିଦେଇଛନ୍ତି। କଫି, ଫଳ, ବିଫ୍ ସହିତ ୧୨ରୁ ଅଧିକ କୃଷିଜାତ ପଦାର୍ଥରେ ଲଗାଯାଇଥିବା ଶୁଳ୍କକୁ ହଟାଇ ଦେଇଛନ୍ତି। ଏହା ପଛରେ ଦରଦାମ ବୃଦ୍ଧି ବଡ଼ କାରଣ ରହିଛି। ତେବେ ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଉତ୍ପାଦର ମୂଲ୍ୟକୁ ସ୍ଥିର ରଖିବା ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହା ଉପରେ ଲଗାଯାଇଥିବା ଶୁଳ୍କର ପ୍ରଭାବ ସିଧାସଳଖ ଗ୍ରାହକଙ୍କ ଉପରେ ପଡ଼ିଥିଲା। ଚା, ଫଳରସ, ମସାଲା, କୋକୋ, କଦଳୀ, କମଳା, ଟମାଟୋ ସମେତ ଆଉ କିଛି ଉତ୍ପାଦରୁ ଶୁଳ୍କ ଛାଡ଼ି କରିଦିଆଯାଇଛି। ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ଶୁଳ୍କ ଯୋଗୁ ଆମେରିକୀୟଙ୍କ ଉପରେ ବୋଝ ବଢ଼ିଥିଲା। ପରିବାରର ବାର୍ଷିକ ହାରାହାରି ଆୟ ୨ ଲକ୍ଷରୁ ବଢ଼ି ୮ ଲକ୍ଷ ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା। ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଖାଦ୍ୟସାମଗ୍ରୀ ମୂଲ୍ୟ ୨.୭%, ବିଫ ୭%, କଦଳୀ ୭% ମହଙ୍ଗା ହୋଇଥିଲା। ଏଥିଯୋଗୁ ମାସିକ ବ୍ୟୟ ୯ ହଜାର ଟଙ୍କାରୁ ବଢ଼ି ୬୬ ହଜାର ଟଙ୍କା ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା।

ଟ୍ରମ୍ପଙ୍କ ଶୁଳ୍କ ଯୋଗୁଁ ଆମେରିକାକୁ ଭାରତ ପରି ଅନେକ ଦେଶର ଯୋଗାଣ ହ୍ରାସ ପାଇଛି। ଶୁଳ୍କ ଯୋଗୁଁ ଲୋକଙ୍କ ଉପରେ ପ୍ରଭାବ ପଡ଼ିବ ନାହିଁ ବୋଲି କୁହାଯାଇଥିଲା। କିନ୍ତୁ ଫଳ ବିପରୀତ ହୋଇଥିଲା। ଏବେ ପନିପରିବା ଏବଂ ଫଳ ଆମଦାନୀ ବଢ଼ାଇବାକୁ ଆମେରିକା ନିଷ୍ପତ୍ତି ନେଇଛି।

## ଦେବାଳିଆ ହେଲାଣି ୬୫୫ ବଡ଼ କମ୍ପାନୀ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ଆମେରିକାରେ ନିବେଶ ପାଇଁ ସାରା ବିଶ୍ୱ ଉପରେ ଚାପ ପକାଉଥିବା ଟ୍ରମ୍ପ ଏବେ ନିଜ ଚାପରେ ଅଛନ୍ତି। କାରଣ ଆମେରିକା କମ୍ପାନୀଗୁଡ଼ିକର ସ୍ଥିତି ଦିନକୁ ଖରାପ ହେବାରେ ଲାଗିଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ଦେଶର ୬୫୫ଟି ବଡ଼ କମ୍ପାନୀ ଦେବାଳିଆ ହୋଇଗଲେଣି। ଏହା ଗତ ୧୫ ବର୍ଷରେ ସର୍ବାଧିକ। ଯଦି ଏହି ଧାରା ଜାରି ରହେ ତେବେ ବର୍ଷ ଶେଷ ସୁଦ୍ଧା ପ୍ରାୟ ୮୦୦ଟି କମ୍ପାନୀ ଦେବାଳିଆ ହୋଇଯିବେ। ଗତ ବର୍ଷକୁ ଛାଡ଼ିଦେଲେ ଏହା ୨୦୧୦ ପରେ ସବୁଠୁ ଅଧିକ। ୨୦୨୪ରେ ଆମେରିକାର ୬୮୭ଟି ବଡ଼ କମ୍ପାନୀ ଦେବାଳିଆ ହୋଇଥିଲେ। ଆମେରିକାରେ ଚଳିତ ବର୍ଷ ଅଗଷ୍ଟରେ ୭୬, ସେପ୍ଟେମ୍ବରରେ ୬୬, ଅକ୍ଟୋବରରେ ୬୮ କମ୍ପାନୀ ଦେବାଳିଆ ହୋଇଥିଲା। ଏଗୁଡ଼ିକ ମଧ୍ୟରୁ ୯୮ଟି କମ୍ପାନୀ ଶିଳ୍ପ କ୍ଷେତ୍ର ସହ ଜଡ଼ିତ। ଏହା ପରେ କଞ୍ଜୁମର ଡିସକ୍ରିସନାରୀ (୮୦) ଏବଂ ହେଲ୍‌ଥକେୟାର (୪୫) ରହିଛି। ବିଶ୍ୱର ସବୁଠୁ ବଡ଼ ଅର୍ଥନୀତି ଆମେରିକାରେ ସବୁ କିଛି ଠିକ୍ ନାହି ବୋଲି ଏଥିରୁ ଜଣାପଡୁଛି। ଏହା ପୂର୍ବରୁ ୨୦୧୦ରେ ୮୨୮, ୨୦୧୧ରେ ୬୩୪ଟି, ୨୦୧୬ରେ ୫୭୬, ୨୦୧୭ରେ ୫୨୦, ୨୦୧୮ରେ ୫୧୮, ୨୦୧୯ରେ ୫୮୯, ୨୦୨୧ରେ ୪୦୫ଟି ବଡ଼ କମ୍ପାନୀ ଦେବାଳିଆ ହୋଇଥିଲା।

## ଫ୍ଲିପକାର୍ଟ ପକ୍ଷରୁ ଜିରୋ କମିଶନ ମଡେଲର ଶୁଭାରମ୍ଭ

ଭୁବନେଶ୍ୱର, ୧୫।୧୧ (ସମିସ): ଫ୍ଲିପକାର୍ଟ ପକ୍ଷରୁ ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ସମସ୍ତ ଉତ୍ପାଦଗୁଡ଼ିକ ପାଇଁ ଜିରୋ କମିଶନ ମଡେଲର ଶୁଭାରମ୍ଭ କରି ସେଲର ରେଟ୍ କାର୍ଡ ପାଇଁ ନୂଆ ଘୋଷଣା ହୋଇଛି। ଏହି ନୂଆ ଢାଞ୍ଚା ଅଧିନରେ ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ଉତ୍ପାଦଗୁଡ଼ିକୁ ତାଲିକାଭୁକ୍ତ କରୁଥିବା ସମସ୍ତ ଯୋଗ୍ୟ ସେଲରଙ୍କଠାରୁ କମିଶନ ଫି' ନିଆଯିବ ନାହିଁ। ସପ୍‌ସିରେ ସମସ୍ତ ଉତ୍ପାଦ ଉପରେ ମଧ୍ୟ ଏହି ଜିରୋ କମିଶନ ସୁବିଧା ଉପଲବ୍ଧ। ଫ୍ଲିପକାର୍ଟର ବରିଷ୍ଠ ଉପାଧ୍ୟକ୍ଷ ଓ ମାର୍କେଟପ୍ଲେସ ବିଭାଗ ମୁଖ୍ୟ ସାକେତ ଚୌଧୁରୀ କହିଛନ୍ତି ଯେ ଫ୍ଲିପକାର୍ଟରେ ଆମେ ଅନଲାଇନ ବିକ୍ରିକୁ ସରଳ ଓ ଶକ୍ତିଶାଳୀ କରୁଥିବା ପଦକ୍ଷେପଗୁଡ଼ିକ ମାଧ୍ୟମରେ ଭାରତର ଏମ୍‌ଏସଏମଇ ଓ ନୂତନ ଯୁଗର ଉଦ୍ୟୋଗୀମାନଙ୍କର ବିସ୍ତୃତ ନେଟ୍‌ୱର୍କକୁ ସଶକ୍ତ କରିବାକୁ ପ୍ରତିବଦ୍ଧ। ୧୦୦୦ ଟଙ୍କାରୁ କମ୍ ମୂଲ୍ୟର ଉତ୍ପାଦଗୁଡ଼ିକୁ ତାଲିକାଭୁକ୍ତ କରୁଥିବା ସେଲର ଓ ସପ୍‌ସିର ସମସ୍ତ ସେଲରଙ୍କ ସାମଗ୍ରିକ ଖର୍ଚ୍ଚରେ ୩୦% ପର୍ଯ୍ୟନ୍ତ ହ୍ରାସ ଘଟିବ।

## ଏଚ୍-୧ବି ଭିସା ପ୍ରତ୍ୟାହାର କରିବ ଆମେରିକା

ୱାଶିଂଟନ, ୧୫ ।୧୧ (ଏଜେନ୍ସି): ଆମେରିକାରେ ଭାରତୀୟଙ୍କ ପ୍ରବେଶ ନେଇ ଖୁବ୍‌ଶୀଘ୍ର ସମସ୍ୟା ସୃଷ୍ଟି ହେବାକୁ ଯାଉଛି। ଚାକିରି ପାଇଁ ଏଚ୍-୧ବି ଭିସା ସମ୍ପୂର୍ଣ୍ଣ ଭାବେ ଶେଷ ହେବା ନେଇ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥି ପାଇଁ ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟି ଖୁବ୍‌ଶୀଘ୍ର ବିଲ୍ ଆଣିବାକୁ ଯାଉଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଆମେରିକାରେ ଭାରତୀୟଙ୍କ ଚାକିରି କରିବାର ରାସ୍ତା ବନ୍ଦ ହୋଇଯିବ। ଟ୍ରମ୍ପଙ୍କ ଘନିଷ୍ଠ ତଥା ଆମେରିକା ପ୍ରତିନିଧି ସଭାର ସଦସ୍ୟା ମାର୍ଜୋରୀ ଟେଲର ଗ୍ରୀନ୍ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଏ ନେଇ ଖୁବ୍‌ଶୀଘ୍ର ବିଲ୍ ଅଣାଯିବ। ଆମେରିକା ଫାର୍ଷ୍ଟ ଅର୍ଥାତ ଆମେରିକୀୟଙ୍କ ପ୍ରାଧାନ୍ୟ ଦେବା ପାଇଁ ଏଚ-୧ବି ଭିସା ପ୍ରଦାନ ପ୍ରକ୍ରିୟାକୁ ଶେଷ କରିବାକୁ ହେବ ବୋଲି କୁହାଯାଇଛି। ଏହି ଭିସାର ଅପବ୍ୟବହାର ହେଉଛି ବୋଲି ସେ କହିଛନ୍ତି। ତେବେ ଆଗାମୀ ୧୦ ବର୍ଷ ପାଇଁ ପ୍ରତିବର୍ଷ ୧୦ ହଜାର ଡାକ୍ତରଙ୍କୁ ଏଚ୍-୧ବି ଭିସା ପ୍ରଦାନ ପ୍ରକ୍ରିୟା ଜାରି ରହିବ ବୋଲି ସେ କହିଛନ୍ତି। ଆମେରିକା ପ୍ରତିବର୍ଷ ଦେଉଥିବା ୮୫ ହଜାର ଏଚ୍-୧ବି ଭିସାରୁ ପାଖାପାଖି ୭୦ ପ୍ରତିଶତ ଭାରତୀୟଙ୍କୁ ହିଁ ପ୍ରଦାନ କରାଯାଇଥାଏ।

## ଶିଶୁ ଦିବସରେ ୯ ହଜାରରୁ ଅଧିକ ପିଲାଙ୍କ ପାଖରେ ପହଞ୍ଚିଲା ବେଦାନ୍ତ ଆଲୁମିନିୟମ




ଭୁବନେଶ୍ୱର, ୧୫।୧୧ (ଏଜେନ୍ସି): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଓଡ଼ିଶା, ଛତିଶଗଡ଼ ଏବଂ ଆନ୍ଧ୍ର ପ୍ରଦେଶରେ ଶିଶୁ ଦିବସ ୨୦୨୫ ପାଳନ କରିଛି। ଶିକ୍ଷାଗତ ସହାୟତା, ସାଂସ୍କୃତିକ ସମ୍ପର୍କ, କ୍ରୀଡା ଏବଂ ଦକ୍ଷତା-ନିର୍ମାଣ ଉପରେ କେନ୍ଦ୍ରିତ ଏକ ସମୃଦ୍ଧ ମିଶ୍ରଣ ମାଧ୍ୟମରେ ଏହି ଉତ୍ସବ ୯, ୦୦୦ ରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଥିଲା। ଏହା ଯୁବ ମନକୁ ପୋଷଣ କରିବା ପାଇଁ ବେଦାନ୍ତର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହାର ବ୍ୟାପକ ସିଏସଆର ଦୃଷ୍ଟିକୋଣର ଅଂଶ ଭାବରେ ବେଦାନ୍ତ ଆଲୁମିନିୟମ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡା ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ଦକ୍ଷତାରେ ନିରନ୍ତର ହସ୍ତକ୍ଷେପ ମାଧ୍ୟମରେ ପିଲାମାନଙ୍କର ସାମଗ୍ରିକ ବିକାଶରେ ନିବେଶ ଜାରି ରଖିଛି। ଅତ୍ୟାଧୁନିକ ଡିଜିଟାଲ୍ ଶ୍ରେଣୀଗୃହ ଏବଂ ସୁସଜ୍ଜିତ ବିଜ୍ଞାନ ପ୍ରୟୋଗଶାଳାଠାରୁ ଆରମ୍ଭ କରି ଧନୁଯାତ୍ରା ଏକାଡେମୀ ଏବଂ ବ୍ୟାପକ ଦକ୍ଷତା ବିଦ୍ୟାଳୟ ପର୍ଯ୍ୟନ୍ତ, କମ୍ପାନୀର ପଦକ୍ଷେପଗୁଡ଼ିକ ପିଲା ଏବଂ ଯୁବକମାନଙ୍କୁ ସେମାନଙ୍କର ଉନ୍ନତି ପାଇଁ ଆବଶ୍ୟକ ଉପକରଣ ସହିତ ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଛି। ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, ପିଲାମାନଙ୍କୁ ଜ୍ଞାନ, ସ୍ୱାସ୍ଥ୍ୟ ଏବଂ ଆତ୍ମବିଶ୍ୱାସ ସହିତ ସଶକ୍ତ କରିବା ହେଉଛି ଏକ ଶକ୍ତିଶାଳୀ ଏବଂ ଆତ୍ମନିର୍ଭରଶୀଳ ରାଷ୍ଟ୍ର ଗଠନର ମୂଳଦୁଆ। ଶିଶୁ ଦିବସ ପାଳନ ସେହି ସମାନ ଦର୍ଶନକୁ ପ୍ରତିଫଳିତ କରୁଛି।

## ଟିପିସିଓଡିଏଲର ଅତ୍ୟାଧୁନିକ 'କଷ୍ଟମର୍ କେୟାର୍ ସେଣ୍ଟର୍' ଉଦ୍‌ଘାଟିତ

ଭୁବନେଶ୍ୱର, ୧୫।୧୧ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଭୁବନେଶ୍ୱରର ପାୱର ହାଉସ୍ କଲୋନୀ ନିକଟରେ ଏହାର ବିସିଡିଡି୧ ମଡେଲ୍ ଗ୍ରାହକ ସେବା କେନ୍ଦ୍ର ଉଦଘାଟନ କରିଛି। ଏହା ମାଧ୍ୟମରେ ଭୁବନେଶ୍ୱରର ଚାରି ଲକ୍ଷରୁ ଅଧିକ ଉପଭୋକ୍ତାଙ୍କୁ ଗୋଟିଏ ସ୍ଥାନରେ ସବୁ ସମସ୍ୟାର ସମାଧାନ ପାଇପାରିବେ। ଏହି କେନ୍ଦ୍ରକୁ ଗ୍ରାହକ ସେବାର ଏକ ମଡେଲ୍ ଭାବରେ ପ୍ରତିଷ୍ଠା କରାଯାଇଛି। ଏଠାରେ ଆଧୁନିକ ସୁବିଧା ସହିତ ପ୍ରଯୁକ୍ତିବିଦ୍ୟା ଆଧାରିତ ସେବାଗୁଡିକ ଉପଲବ୍ଧ ରହିଛି। ଏଠାରେ ଡିଜିଟାଲ୍ କିଓସ୍କ, ସ୍ୱୟଂ-ସେବା ବିକଳ୍ପ, ଏକ ଉତ୍ସର୍ଗୀକୃତ ଧାଡ଼ି ପରିଚାଳନା ପ୍ରଣାଳୀ, ବାସ୍ତବ-ସମୟ ମତାମତ ବ୍ୟବସ୍ଥା, ସମ୍ମିଳନୀ କକ୍ଷ ଏବଂ ପର୍ଯ୍ୟାପ୍ତ ପାର୍କିଂ ସୁବିଧା ରହିଛି। ଏହି ସେଣ୍ଟର ଗ୍ରାହକ ସଂପର୍କ ଓ ସଚେତନତାର ଏକ ମୁଖ୍ୟ କେନ୍ଦ୍ର ଭାବେ କାମ କରିବ। ଉଦଘାଟନ ଉତ୍ସବରେ ଟାଟା ପାୱାରର ସିଏଚ୍‌ଆର୍‌ଓ ଏବଂ ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ମୁଖ୍ୟ ହିମଲ ତିୱାରୀ, ଟିପିସିଓଡିଏଲ୍‌ର ସିଇଓ ଅରଭିନ୍ଦ ସିଂହଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀ ହିମଲ ତିୱାରୀ କହିଥିଲେ ଯେ ଏହି କେନ୍ଦ୍ର ସରଳ, ସ୍ୱଚ୍ଛ ଏବଂ ପ୍ରଯୁକ୍ତିବିଦ୍ୟା-ଚାଳିତ ସେବା ଅଭିଜ୍ଞତା ପ୍ରଦାନ ପାଇଁ ଟିପିସିଓଡିଏଲ୍‌ର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।



**ଏମ୍‌ଜଙ୍କ୍‌ସନ୍‌ର ଇସ୍ପାତ ସମ୍ମିଳନୀ**

## ଭାରତର ଇସ୍ପାତକୁ ଅଙ୍ଗାରକମୁକ୍ତ କରିବାର ଚାବି 'ସ୍କ୍ରାପ୍'

ମୁମ୍ବଇ, ୧୫।୧୧ (ସମିସ): ସବୁଜ ଇସ୍ପାତ ନିମନ୍ତେ ସ୍କ୍ରାପ୍ ଏକ ମୁଖ୍ୟ ଉପାଦାନ ଭାବରେ ଉଭା ହେଉଛି ବୋଲି ଦ୍ୱାଦଶ ଇଣ୍ଡିଆନ ଷ୍ଟିଲ ମାର୍କେଟସ୍ କନ୍‌ଫରେନ୍ସରେ ବକ୍ତାମାନେ ଉଲ୍ଲେଖ କରିଛନ୍ତି। 'ଇସ୍ପାତ ଏଭଳି ଏକ ପଦାର୍ଥ ଯାହାକୁ ନିଜର ସାମର୍ଥ୍ୟ ଅଥବା ଗୁଣବତ୍ତା ନ ହରାଇ ଅପରିମିତ କାଳ ପର୍ଯ୍ୟନ୍ତ ପୁନଃଚକ୍ରଣ କରାଯାଇପାରିବ। ଏହା ଇସ୍ପାତକୁ ଶିଳ୍ପ ଅଭିବୃଦ୍ଧିର କେବଳ ମେରୁଦଣ୍ଡ କରି ଗଢିତୋଲୁନାହିଁ, ବରଂ ଦୀର୍ଘସ୍ଥାୟୀ କରିଛି। ଭାରତ ସମ୍ପ୍ରତି ବାର୍ଷିକ ୪୨ ନିୟୁତ ଟନ୍ ସ୍କ୍ରାପ୍ ବ୍ୟବହାର କରୁଛି। ଏହି ପରିମାଣ ବାର୍ଷିକ ୬% ହାରରେ ବୃଦ୍ଧିପାଉଛି। ଦେଶକୁ ପ୍ରତିବର୍ଷ ପ୍ରାୟ ୯ ନିୟୁତ ଟନ୍ ସ୍କ୍ରାପ୍ ଆମଦାନୀ କରାଯାଏ,' ବୋଲି ଏମ୍‌ଜଙ୍କସନ୍ ସର୍ଭିସେସ୍ ଲିମିଟେଡର ଏମ୍‌ଡି ବିନୟ ବର୍ମା କହିଛନ୍ତି। ଦୁଇଦିନିଆ ଦ୍ୱାଦଶ ଇଣ୍ଡିଆନ୍ ଷ୍ଟିଲ ମାର୍କେଟସ୍ କନ୍‌ଫରେନ୍ସର ଉଦ୍‌ଘାଟନୀ ଅଧିବେଶନରେ ସେ ଏହି ଟିପ୍ପଣୀ ଦେଇଛନ୍ତି।



ଇସ୍ପାତ କ୍ଷେତ୍ରକୁ ଅଙ୍ଗାରକମୁକ୍ତ କରିବା ନିମନ୍ତେ ବିଶ୍ୱସ୍ତରରେ ଚିନ୍ତା ପ୍ରକାଶ ପାଉଥିବାବେଳେ ଚଳିତ ବର୍ଷ ଏହି ସମ୍ମିଳନୀର ବିଷୟବସ୍ତୁ 'ଇଣ୍ଡିଆନ ଷ୍ଟିଲ ଭାଲ୍ୟୁ ଚେନ- ରିସାଇକଲ, ରିସେପ୍, ଇନୋଭେଟ, ସଷ୍ଟେନ' ରହିଛି। ସେଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜାଭେଦ ଅହମ୍ମଦ କହିଥିଲ ଯେ ଦୀର୍ଘ ସ୍ଥାୟୀତ୍ୱ ଆଉ ଏକ ଇଚ୍ଛାଧୀନ ବିଷୟ ହୋଇ ରହିନାହିଁ ବରଂ ତାହା ରଣକୌଶଳମୂଳକ ହୋଇସାରିଛି। ସେହିପରି ଏହି କାର୍ଯ୍ୟକ୍ରମରେ ଗିରିଶ କୁମାର କଦମ୍ (ସିନିୟର ଭାଇସ ପ୍ରେସିଡେଣ୍ଟ ଆଣ୍ଡ ଗ୍ରୁପ୍ ହେଡ୍, କର୍ପୋରେଟ ସେକ୍ଟର ରେଟିଂସ୍, ଆଇସିଆରଏ) ଏବଂ ସନ୍ଦୀପ କୁମାର ସାମିଲ (ଟାଟା ଷ୍ଟିଲ ର ମ୍ୟାଟେରିଆଲ୍ସର ଉପାଧ୍ୟକ୍ଷ) ହୋଇ ନିଜ ମତ ରଖିଥିଲେ। ଏମ୍‌ଜଙ୍କସନ ଗତ ତିନିବର୍ଷ ମଧ୍ୟରେ ୧୫ଟି ରାଜ୍ୟରେ ବୃହତ୍ ସମନ୍ୱିତ ଇସ୍ପାତ କାରଖାନା (ଆଇଏସ୍‌ପି) ଗୁଡ଼ିକୁ ୧.୨ ନିୟୁତ ଟନ୍ ସ୍କ୍ରାପ୍ ଯୋଗାଇ ଦେଇଛି ବୋଲି ଶ୍ରୀ ବର୍ମା ଉଲ୍ଲେଖ କରିଥିଲେ।

## ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ମେଗା କୃଷି ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ




ସମ୍ବଲପୁର, ୧୫।୧୨ (ସମିସ): ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ଲାଠୋର ଶାଖା ପକ୍ଷରୁ କୃଷି ଋଣ ସୁବିଧା ସମ୍ବନ୍ଧରେ ସଚେତନତା ସୃଷ୍ଟି ଏବଂ କୃଷକ ସମାଜକୁ ଆର୍ଥିକ ସହାୟତା ପ୍ରଦାନ କରି ସଶକ୍ତ ଉଦ୍ଦେଶ୍ୟରେ ଏକ କୃଷି ଋଣ ସମ୍ପ୍ରସାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କୃଷକ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଆଖପାଖ ଅଞ୍ଚଳର ଗ୍ରାମୀଣ ଉଦ୍ୟୋଗୀଙ୍କ ସମେତ ପ୍ରାୟ ୨୫୦ଜଣ ଋଣଗ୍ରହୀତା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏଥିରେ ବ୍ୟାଙ୍କର ସମ୍ବଲପୁର କ୍ଷେତ୍ରୀୟ ମୁଖ୍ୟ ଦିବ୍ୟେନ୍ଦୁ କୁମାର ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସମୟୋଚିତ କୃଷି ଋଣର ଗୁରୁତ୍ୱ ଏବଂ ବ୍ୟାଙ୍କର ବିଭିନ୍ନ କୃଷି ଉପଯୋଗୀ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। କରୁଆଁଝରର ସରପଞ୍ଚ ଜପସ୍ୱୀନି ସାହୁ ଏଥିରେ ଯୋଗ ଦେଇ ଗ୍ରାମୀଣ ମହିଳାଙ୍କୁ ସଶକ୍ତ କରିବାରେ ସ୍ୱୟଂ ସହାୟକ ଗୋଷ୍ଠୀର ପ୍ରଭାବ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଫସଲ ଋଣ, କୃଷି ମିଆଦୀ ଋଣ ଓ ବିଭିନ୍ନ ଆନୁଷଙ୍ଗିକ କାର୍ଯ୍ୟକଳାପ ପାଇଁ କୃଷି ଋଣଗ୍ରହୀତାଙ୍କୁ ପ୍ରାୟ ୧.୫ କୋଟି ଟଙ୍କର ଋଣ ମଞ୍ଜୁରକରାଯାଇଥିଲା। ଲାଠୋର ବ୍ୟାଙ୍କର ଶାଖା ପ୍ରବନ୍ଧକ ମାଧବ ବିଶି ବ୍ୟାଙ୍କର ବିଭିନ୍ନ କୃଷିଯୋଜନାଗୁଡିକ ବିଷୟରେ ସୂଚନା ଦେଇଥିଲେ।

## ଜୋନାଥନ ଗ୍ରାନଫ୍‌ଙ୍କୁ 'କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର'



ଭୁବନେଶ୍ୱର, ୧୫।୧୧(ସମିସ): ବିଶ୍ୱଶାନ୍ତି, ପରମାଣୁ ନିରସ୍ତ୍ରୀକରଣ ଓ ଆଇନର ଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗ୍ଲୋବାଲ୍ ସିକ୍ୟୁରିଟି ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଜୋନାଥନ୍ ଗ୍ରାନଫ୍‌ଙ୍କୁ ଶନିବାର 'କିସ୍ ଜୀବନବ୍ୟାପୀ ସାଧନା ପୁରସ୍କାର' ପ୍ରଦାନ କରାଯାଇଛି। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଏହି ସମ୍ମାନ ପ୍ରଦାନ କରିଛନ୍ତି। ଗ୍ରାନଫ୍‌ଙ୍କୁ ଏହି ସମ୍ମାନ ପ୍ରଦାନ କରି କିସ୍ ନିଜକୁ ଧନ୍ୟ ମନେ କରୁଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହି ସମ୍ମାନ ଗ୍ରହଣ କରି ଗ୍ରାନଫ୍ କିସ୍‌କୁ ଶିକ୍ଷା ଓ ଶୃଙ୍ଖଳା କ୍ଷେତ୍ରରେ ଏକ ଅସାଧାରଣ ଅନୁଷ୍ଠାନ ଭାବେ ଅଭିହିତ କରିଥିଲେ। ଗ୍ରାନଫ୍ ତାଙ୍କ ଭାଷଣରେ ଅଚ୍ୟୁତ ସାମନ୍ତଙ୍କ ପରିଚାଳିତ ଆର୍ଟ ଅଫ୍ ଗିଭିଂ ସମ୍ପର୍କରେ କହିଲେ, ଏହା ହେଉଛି ଦୟା ଓ ପ୍ରେମର ଏକ ଆନ୍ଦୋଳନ। ଆର୍ଟ ଅଫ୍ ଗିଭିଂ ଜୀବନ ସହିତ ଜ୍ଞାନର ବିକଶିତ କରିଥାଏ। ଗ୍ରାନଫ୍ ଜଣେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଆଇନଜ୍ଞ ଏବଂ ସେ ଦୀର୍ଘ ଦଶନ୍ଧି ଧରି ପରମାଣୁ ନିରସ୍ତ୍ରୀକରଣ ସପକ୍ଷରେ ବିଶ୍ୱବ୍ୟାପୀ ଅଭିଯାନ ଚଳାଇ ଆସୁଛନ୍ତି। ଏନେଇ ସେ ଆମେରିକା ସଂସଦ, ବ୍ରିଟେନ୍ ସଂସଦ ଓ କାନାଡ଼ା ସଂସଦରେ ନିଜର ଯୁକ୍ତି ଉପସ୍ଥାପନ କରିଛନ୍ତି। ଗ୍ରାନଫ୍ ନୋବେଲ୍ ଶାନ୍ତି ପୁରସ୍କାର ବିଜେତାଙ୍କ ବିଶ୍ୱ ସମ୍ମିଳନୀର ବରିଷ୍ଠ ପରାମର୍ଶଦାତା ଭାବେ କାମ କରିବା ସହ ଅନେକ ଆନ୍ତର୍ଜାତିକ ବୋର୍ଡରେ ବିଭିନ୍ନ ପଦବୀରେ ରହିଛନ୍ତି। ଆଇନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ତାଙ୍କୁ ଆମେରିକା ବାର୍ ଆସୋସିଏସନ୍ ଜୀବନବ୍ୟାପୀ ସାଧନା ସମ୍ମାନରେ ସମ୍ମାନିତ କରିଥିଲା।

ପ୍ରାରମ୍ଭରେ କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପ୍ରଶାନ୍ତ କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ।

## ହାତୀଛୁଆର ମୃତଦେହ ଠାବ



ବାରିପଦା, ୧୫।୧୧ (ସମିସ): ବାରିପଦା ରେଞ୍ଜ ଅଧୀନ ହଳଦୀବଣି ଜଙ୍ଗଲରୁ ଏକ ନବଜାତ ହାତୀ ଶାବକର ମୃତଦେହ ଠାବ ହୋଇଛି। ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଶାବକର ଶବ ବ୍ୟବଚ୍ଛେଦ କରାଇବା ସହ ନମୁନା ସଂଗ୍ରହ କରିଛି। ୧୫ ଦିନ ବ୍ୟବଧାନରେ ଦୁଇ ଦୁଇଟି ହାତୀ ଶାବକର ମୃତ୍ୟୁ ଘଟିଥିବାରୁ ଏହି ବୃହତ୍‌କାୟ ପ୍ରାଣୀଙ୍କ ସୁରକ୍ଷାକୁ ନେଇ ପରିବେଶବିତ୍‌ଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ପାଚିଲା ଧାନ ଖାଇବାକୁ ଶିମିଳିପାଳ ଅଭୟାରଣ୍ୟରୁ ଆସିଥିବା ୧୩ ଟିକିଆ ଏକ ହାତୀପଲ ବିଭିନ୍ନ ସଂରକ୍ଷିତ ଜଙ୍ଗଲରେ ଚଳପ୍ରଚଳ କରୁଛନ୍ତି। ଏହି ପଲରେ ଥିବା ଏକ ନବଜାତ ହାତୀ ଶାବକର କୌଣସି କାରଣରୁ ମୃତ୍ୟୁ ଘଟିଛି। ହଳଦୀବଣି ଜଙ୍ଗଲରେ ମରିପଡ଼ିଥିବା ଖବର ପାଇ ବନ ବିଭାଗ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଅକ୍ଟୋବର ୩୦ ତାରିଖରେ ବାଙ୍ଗିରିପୋଷି ଅଞ୍ଚଳରେ ସେହି ପଲରୁ ଏକ ହାତୀ ଶାବକର ମୃତ୍ୟୁ ଘଟିଥିଲା। ସେତେବେଳେ ପଲରେ ଥିବା ଅନ୍ୟ ଗର୍ଭବତୀ ହାତୀ ପରେ ଜନ୍ମ ଦେଇଥିବା କୁହାଯାଉଛି। ତେବେ ଘଞ୍ଚ ଜଙ୍ଗଲ ପରିବର୍ତ୍ତେ ଏହି ହାତୀପଲ ବିଭିନ୍ନ ଧାନକ୍ଷେତ ଓ ଗାଁଗଣ୍ଡା ବୁଲୁଥିବାରୁ ଗୋଟିଏ ପରେ ଗୋଟିଏ ଶାବକ ପ୍ରାଣ ହରାଉଛନ୍ତି। ହାତୀ ମୃତ୍ୟୁର କାରଣ ଓ ସୁରକ୍ଷା ଦିଗରେ ବନବିଭାଗ ପକ୍ଷରୁ ପ୍ରୟାସ ଜରୁରୀ ବୋଲି ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ତଥା ରାଜ୍ୟ ବନ ଉନ୍ନୟନ ନିର୍ଦ୍ଦେଶକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

# ଶିମିଳିପାଳରେ ବାଘ ଗଣନା ଆରମ୍ଭ

- ୨୦୨୬ ମସିହା ମାର୍ଚ୍ଚରେ ଶେଷ ହେବ
- ୧୫ଶହ ଟ୍ରାପ୍ କ୍ୟାମେରା ଜରିଆରେ ଗଣନା



ବାରିପଦା, ୧୫।୧୧ (ସମିସ): ଜାତୀୟ ଉଦ୍ୟାନ ଶିମିଳିପାଳର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଆଜିଠାରୁ ବାଘ ଗଣନା ଆରମ୍ଭ ହୋଇଛି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ)ର ଗାଇଡଲାଇନ୍ ଅନୁଯାୟୀ ଶିମିଳିପାଳର ଦକ୍ଷିଣ ଓ ଉତ୍ତର ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଦୁଇଟି ପର୍ଯ୍ୟାୟରେ ବାଘ ଗଣନା ହେବ। ପର୍ଯ୍ୟାୟ-୧ ଓ ୩ ଅନୁଯାୟୀ ବାଘ ଗଣନା କରାଯିବ ବୋଲି ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ଡ. ପ୍ରକାଶ ଚାନ୍ଦ ଗୋଗିନେନୀ ଜଣାଇଛନ୍ତି।

ରୟାଲ ବେଙ୍ଗଲ ଟାଇଗର୍ ସମେତ କଳାବାଘକୁ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ବିଶ୍ୱରେ ପରିଚିତ। ପ୍ରତି ୪ବର୍ଷରେ ମହାବଳ ବାଘ ଗଣନା ହେଉଥିବାରୁ ବନବିଭାଗ ତଥା ପ୍ରକଳ୍ପର ଅଧିକାରୀମାନେ ଏନଟସିଏର ନିୟମ ଅନୁଯାୟୀ ଗଣନା ଆରମ୍ଭ କରିଛନ୍ତି। ପର୍ଯ୍ୟାୟ-୧ରେ ମାଂସାସୀ ଓ ଶାକହାରୀ ପ୍ରାଣୀମାନଙ୍କ ସାଇନ ସର୍ଭେ ୩ ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବେଳେ ୪ ଦିନ ଧରି ଲାଇନ ଟ୍ରାନେକ୍ସ (ନମୁନା ସଂଗ୍ରହ), ଗୋଟିଏ ଦିନ ଶାଗୁଣା ଓ ଅନ୍ୟାନ୍ୟ ପକ୍ଷୀ ପ୍ରଜାତିର ଗଣନା କରାଯିବ। ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଶିମିଳିପାଳ ଉତ୍ତର, ଦକ୍ଷିଣ, ବାରିପଦା, ରାଇରଙ୍ଗପୁର, କରଞ୍ଜିଆ, ଆନନ୍ଦପୁର ଓ କୁଳଡିହା ଆଦି ୭ଟି ବନଖଣ୍ଡର ୧୬ଟି ରେଞ୍ଜରେ ଥିବା ୧୦୩ଟି ବିଟ୍ ଅଞ୍ଚଳରେ ଏହି ଗଣନା କରାଯିବ। ଏଥିପାଇଁ ପ୍ରଶିକ୍ଷିତ ସର୍ଭେ ଦଳ ନିୟୋଜିତ ହୋଇଛନ୍ତି। ଏହି ପର୍ଯ୍ୟାୟ ନଭେମ୍ବର ୨୨ ପର୍ଯ୍ୟନ୍ତ ଚାଲିବ।

ପର୍ଯ୍ୟାୟ-୧ ଶେଷ ହେବା ପରେ ଡିସେମ୍ବରରୁ ପର୍ଯ୍ୟାୟ-୩ ଆରମ୍ଭ ହେବ। ଏଥିରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ପ୍ରତି ୨ବର୍ଗ କିମି ଗ୍ରିଡ୍‌ରେ ମୋଟ ୧୩୨୧ଟି ଗ୍ରୀଡ୍ ଟ୍ରାକିଂ କ୍ୟାମେରାର ଅଭ୍ୟାସ କରାଯିବା ସହ ପ୍ରତି ୨୫ ଦିନରେ ୨ଟି ଚକ୍ରରେ ୧୫ଶହ ଟ୍ରାପ କ୍ୟାମେରା ଜରିଆରେ ଗଣନା କରାଯିବା। ଏହି ଗଣନା ବାଘ ସଂରକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଶିମିଳିପାଳର ଜୈବ ବିବିଧତା ସମ୍ପର୍କରେ ନୂଆ ତଥ୍ୟ ପ୍ରଦାନ କରିବ ବୋଲି ଅଧିକାରୀମାନେ ଆଶା ପ୍ରକଟ କରିଛନ୍ତି।

ବାଘ ଗଣନାର ପ୍ରାରମ୍ଭିକ ପର୍ଯ୍ୟାୟ କାର୍ଯ୍ୟ ଆରମ୍ଭ ହୋଇ ୨୦୨୬ ମାର୍ଚ୍ଚରେ ଶେଷ ହେବ। ସମସ୍ତ ତଥ୍ୟ ଏନଟିସିଏକୁ ପଠାଇବା ପରେ ୨୦୨୭ରେ ବାଘ ଗଣନା ରିପୋର୍ଟ ପ୍ରକାଶ ପାଇବ। ପୂର୍ବ ଗଣନା ଅନୁଯାୟୀ, ଅଦ୍ୟାବଧି ଶିମିଳିପାଳରେ ୩୯ଟି ମହାବଳ ବାଘ ରହିଥିବା ବେଳେ ରିପୋର୍ଟ ପ୍ରକାଶ ପାଇବା ବେଳକୁ ଏହା ୬୦ ପାର୍ କରିବ ବୋଲି ବିଭାଗ ପକ୍ଷରୁ ଅନୁମାନ କରାଯାଇଛି। ଗତ ୨୦୨୨ର ସର୍ବଭାରତୀୟ (ପାନ-ଇଣ୍ଡିଆ) ବାଘ ଗଣନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଭୟାରଣ୍ୟରେ ୧୦ଟି କଳା ବାଘ ରହିଥିଲେ। ୨୦୦୭ ମସିହାରେ ଜଙ୍ଗଲ ମଧ୍ୟରେ ବିଭିନ୍ନ ସ୍ଥାନରେ ୨୫୦ରୁ ଟ୍ରାପ୍ କ୍ୟାମେରା ଲଗାଯାଇଥିଲା। ଉକ୍ତ କ୍ୟାମେରାରେ ଉକ୍ତ କଳା ମହାବଳ ବାଘର ଫଟୋ ସାମ୍ନାକୁ ଆସିଥିଲା। ତେବେ, ଅଲ୍ ଓଡ଼ିଶା ଟାଇଗର୍ ଏଷ୍ଟିମେଣ୍ଟ ଅନୁଯାୟୀ ରାଜ୍ୟରେ ମହାବଳ ବାଘ ସଂଖ୍ୟା ଶିମିଳିପାଳ ଅଭୟାରଣ୍ୟରେ ସର୍ବାଧିକ। ରାଜ୍ୟରେ ଥିବା ମହାବଳ ବାଘ ମଧ୍ୟରୁ ସର୍ବାଧିକ ୩୯ଟି ଶିମିଳିପାଳ ଅଭୟାରଣ୍ୟରେ ରହିଛନ୍ତି।





# 'ଚକ୍ରାନ୍ତ'ର ପୋଷ୍ଟ ପ୍ରଡକ୍ସନ୍ କାମ ଶେଷ

ଲକ୍ଷେଶ୍ୱର ପ୍ରଡକ୍ସନ୍ ବ୍ୟାନରରେ ପ୍ରସ୍ତୁତ ତଥା ସୌରଭ ପାଢ଼ୀଙ୍କ ପ୍ରଯୋଜିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଚକ୍ରାନ୍ତ'ର ପୋଷ୍ଟ ପ୍ରଡକ୍ସନ୍ ଶେଷ ହୋଇଛି। ଜାନୁଆରୀରେ ଶୁଭମୁକ୍ତି ପାଇଁ ପ୍ରସ୍ତୁତ ହୋଇସାରିଛି। ପ୍ରଥମଥର ପାଇଁ ଭୂମିକାଙ୍କ ସହିତ ନାୟକ ମଣ୍ଟୁ ନଜର ଆସୁଛନ୍ତି। ଏହି ସିନେମାର ଚିତ୍ରନାଟ୍ୟ ଓ ନିର୍ଦ୍ଦେଶନା ଭାର କାନ୍ଧେଇଛନ୍ତି ନିର୍ଦ୍ଦେଶକ ପିନୁ ନାୟକ। କାହାଣୀ ରଚନା କରିଛନ୍ତି ଦିଶା ପାଢ଼ୀ ଏବଂ ସଂଳାପ ରଚନା କରିଛନ୍ତି ଜିତେନ୍ଦ୍ର କୁମାର ବରାଳ। ଗୀତ ଡଃ ନିର୍ମଳ ନାୟକ ଏବଂ ଡଃ ରଘୁନାଥ ସାହୁ ରଚନା କରିଥିବା ବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମଜୁମଦାର। ଚିତ୍ରତ୍ତୋଳନ ଦାୟିତ୍ୱରେ ସୁଦର୍ଶନ ସେନାପତି ଅଛନ୍ତି। କବିର ପ୍ରସାଦ ନୃତ୍ୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି। ନାୟକ ଶୁଭାଶିଷ ଶର୍ମା (ମଣ୍ଟୁ), ନାୟିକା ଭୂମିକା ଦାଶ, ହରିହର ମହାପାତ୍ର, ଚୌଧୁରୀ ଜୟପ୍ରକାଶ ଦାସ, ପ୍ରଦ୍ୟୁମ୍ନ ଲେଙ୍କା, ଧରିତ୍ରୀ ଖଣ୍ଡୁଆଳ, ସୁରଭି, ସୌମ୍ୟ ଶତପଥୀ, ଶୁଭମ ପାଢ଼ୀ, ସୁମନ ମହାନ୍ତି, କୁସୁମ ତ୍ରିପାଠୀ, ପ୍ରମୋଦ ରାଉତ, ତୁଷାର, ଉମାକାନ୍ତ, ନିରଞ୍ଜନ ନିରୁଆ, ପୁଣ୍ୟତୋୟା ମିଶ୍ର, କ୍ରିଷ୍ଣାରାଣୀ ଦାଶ ଏବଂ ଅତିଥି କଳାକାର ଭାବେ ଅଶ୍ରୁମୋଚନ ମହାନ୍ତି ପ୍ରମୁଖ କଳାକାର ଅଭିନୟ କରୁଛନ୍ତି। ରହସ୍ୟ ଓ ରୋମାନ୍ସରେ ଭରା ଏଇ ଫିଲ୍ମଟି ହେଉଛି ଗୋଟିଏ ସମ୍ପୂର୍ଣ୍ଣ ଏଣ୍ଟରଟେନମେଣ୍ଟ ପ୍ୟାକେଜ୍। ଏଥିରେ ଭରପୂର କମେଡି ମଧ୍ୟ ଅଛି। ଫ୍ୟାମିଲି ଡ୍ରାମା ସହ ଲଭ୍ ରୋମାନ୍ସ ଥିବା ବେଳେ, ଆମ ଓଡ଼ିଶାର ଦୋଳ ପର୍ବ ଅତି ଜାକଜମକରେ ଦେଖିବାକୁ ମିଳିବ।। ଏହି ଫିଲ୍ମ ରେ, ଗାଁ ପରିବେଶ ତଥା ଆମ ମାଟିର ବାସ୍ନା ଅନୁଭବ କରି ହେବ। ■

## ପ୍ରଶଂସା ସାଉଁଟୁଛି ଅଭିଜିଙ୍କ 'ସଜନା'

# ଅଭିନେତ୍ରୀ ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ



ରିଲିଜ୍ ହୋଇଛି ଓଡ଼ିଆ ସଂଗୀତ ନିର୍ଦ୍ଦେଶକ ତଥା କଣ୍ଠଶିଳ୍ପୀ ଅଭିଜିତ ମିଶ୍ରଙ୍କ ଆଉ ଏକ ହିନ୍ଦୀ ମ୍ୟୁଜିକ୍ ଭିଡିଓ 'ସଜନା'। ଯାହା ଦର୍ଶକଙ୍କ ହୃଦୟ ଜିଣୁଥିବା ବେଳେ ୟୁଟ୍ୟୁବରେ ଖୁବ୍ ପ୍ରଶଂସା ସାଉଁଟୁଛି। 'ସଜନା' ଏକ ହୃଦୟସ୍ପର୍ଶୀ ହିନ୍ଦୀ ପପ୍-କ୍ଲାସିକାଲ୍ ଫ୍ୟୁଜନ୍। ସଂଗୀତରେ ସବୁବେଳେ ପରୀକ୍ଷା ନିରୀକ୍ଷାରେ ବିଶ୍ୱାସ କରୁଥିବା ଅଭିଜିତଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି। 'ସଜନା' ଚିରନ୍ତନ ପ୍ରେମର ଚିର ସବୁଜ ପ୍ରତୀକ। ଯେଉଁଠି ଗୋଟେ ପ୍ରେମିକା ନିଜ ପ୍ରେମିକ ପାଇଁ ଅନ୍ତରର ଅଭିମାନକୁ ଭାଙ୍ଗି ଅତୀତର ସ୍ମୃତିକୁ ମନେପକାଇ ଆପଣାର ମନର ମଣିଷକୁ ଆମନ୍ତ୍ରଣ କରୁଛି। ଗୀତଟି ବିଚ୍ଛେଦର କୋମଳ ଯନ୍ତ୍ରଣାକୁ ପ୍ରତିଫଳିତ କରୁଥିବା ବେଳେ ନାୟିକାଙ୍କ ଆତ୍ମସଂଗୀତକୁ ଗାଇ ଶୁଣେଇଛନ୍ତି କଣ୍ଠଶିଳ୍ପୀ ଅଭିଜିତ ମିଶ୍ର। ଏହି ମ୍ୟୁଜିକ୍ ଭିଡିଓରେ ଓଲିଉଡ୍ ନାୟିକା ସୂର୍ଯ୍ୟମୟୀ ମହାପାତ୍ର ଅତି ନିଖୁଣ ଭାବେ ଅଭିନୟ କରିଛନ୍ତି। 'ସଜନା' ସୂର୍ଯ୍ୟମୟୀଙ୍କ ପ୍ରଥମ ହିନ୍ଦୀ ଗୀତ ହୋଇଥିବା ବେଳେ ଏହି ମ୍ୟୁଜିକ ଭିଡିଓ କରି ସେ ବେଶ୍ ଖୁସି ଥିବାବେଳେ ନୂଆ ଧାରା ସୃଷ୍ଟି କରିଛନ୍ତି। ତେବେ ସଜନାରେ ଅଭିଜିତ ମିଶ୍ର ଉଭୟ କଣ୍ଠଦାନ ସହ ସଙ୍ଗୀତ ନିର୍ଦ୍ଦେଶନାର ଭାର ସମ୍ଭାଳି ଥିବା ବେଳେ ରାଜକୁମାର ମାହାତୋ ଗୀତ ରଚନା କରିଛନ୍ତି। ୩୦୦ରୁ ଅଧିକ ଗୀତରେ ନିଜ ନିଆରା ଅନ୍ଦାଜ ପାଇଁ ଦର୍ଶକଙ୍କ ପ୍ରିୟ ପାଲଟିଥିବା ଅଭିଜିତ 'ସଜନା'କୁ ନେଇ ବେଶ୍ ଆଶାବାଦୀ ଅଛନ୍ତି। ■



## ଟେଲିଭିଜନ ପ୍ରିମିୟର

# 'ଗଙ୍ଗା, ଯମୁନା, ସରସ୍ୱତୀ'

ଆଜି ସନ୍ଧ୍ୟା ୬ଟା ୩୦ରେ ତରଙ୍ଗ ଟିଭିରେ ଟେଲିଭିଜନ ପ୍ରିମିୟର୍ ହେବ 'ଗଙ୍ଗା, ଯମୁନା, ସରସ୍ୱତୀ'। ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଶ୍ରଦ୍ଧା। ଶ୍ରଦ୍ଧା ଏଥିରେ ଗଙ୍ଗା, ଯମୁନା ଏବଂ ସରସ୍ୱତୀ ତିନିଟି ଚରିତ୍ରରେ ଅଭିନୟ କରିଛନ୍ତି। ସିନେମାର ନିର୍ଦ୍ଦେଶନା, କାହାଣୀ ଓ ଚିତ୍ରନାଟ୍ୟରେ ଅଛନ୍ତି ସଞ୍ଜୟ ନାୟକ। ପ୍ରଯୋଜନାରେ ଅଛନ୍ତି କ୍ଷୀରୋଦ ପଟ୍ଟନାୟକ। ସଂଗୀତରେ ସନ୍ଦୀପ ପଣ୍ଡା ଥିବା ବେଳେ ଗୀତ ରଚନା କରିଛନ୍ତି ନିର୍ମଳ ନାୟକ ଓ ସନ୍ଦୀପ। ସେହିପରି ସିନେମାଟିର ବିଭିନ୍ନ ଗୀତରେ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ, ଏସ୍. ଜିତୁ, ପାୟଲ ମହାନ୍ତି। ଶ୍ରଦ୍ଧାଙ୍କ ବ୍ୟତୀତ ସିନେମାରେ ଅଙ୍କିତ କୁମାର, ବିକ୍ରମ କେଶରୀ ମହାନ୍ତି, ରଶ୍ମି, ଜ୍ୟୋତି ପ୍ରକାଶ ପଣ୍ଡା, ଅଭିନବ ସିଂହ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ତେବେ ସିନେମାଟିକୁ ଦର୍ଶକେ ପସନ୍ଦ କରିବେ ବୋଲି ଏହାର ଟିମ୍ ଆଶାବାଦୀ ଅଛି। ■



# ମାଣବସା ଗୁରୁବାରରେ 'ଲକ୍ଷ୍ମୀପୁରାଣ'

ଲୋକପ୍ରିୟ ଚ୍ୟାନେଲ ଜୀ ସାର୍ଥକ ଚଳିତ ମାର୍ଗଶିର ମାସ ମାଣବସା ଗୁରୁବାରରେ ନେଇ ଆସିଛି ବଳରାମ ଦାସଙ୍କ ଅନନ୍ୟ କୃତି 'ଲକ୍ଷ୍ମୀ ପୁରାଣ'। ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଦର୍ଶକ ଏଥିରେ 'ଲକ୍ଷ୍ମୀ ପୁରାଣ' ପ୍ରତି ଗୁରୁବାର ଭୋର ୫ଟା, ସକାଳ ୭ଟା ଓ ଅପରାହ୍ନ ୪ଟା ସମୟରେ ଦେଖିବାର ସୁଯୋଗ ପାଇଛନ୍ତି। ଏଥିରେ ମୁଖ୍ୟ ଚରିତ୍ର ସହ ଲକ୍ଷ୍ମୀ ପୁରାଣକୁ ଆବୃତ୍ତି କରିଛନ୍ତି ଓଡ଼ିଆ ଦର୍ଶକଙ୍କର ଅତିପ୍ରିୟ ସ୍ମୃତିରେଖା, ଅନନ୍ୟା ଓ ଅଙ୍କିତା। ଆବୃତ୍ତି ସହିତ ଲକ୍ଷ୍ମୀ ପୁରାଣକୁ ଚିତ୍ର ଓ ଅଭିନୟ ମାଧ୍ୟମରେ ମଧ୍ୟ ଉପସ୍ଥାପନ କରାଯାଇଛି। ଏହି ବିଶେଷ କାର୍ଯ୍ୟକ୍ରମକୁ ଦେଖି ଆମ ସଂସ୍କୃତି ଓ ପରମ୍ପରା ସହିତ ଦର୍ଶକେ ଯୋଡ଼ି ହେବା ଆଶା କରାଯାଉଛି। ■

## ପରଦା ପଛର କାହାଣୀ

# ରେକର୍ଡିଂ ପୂର୍ବରୁ ଗୀତର ସୁଟିଂ

ସାଧାରଣତଃ ଫିଲ୍ମ ଗୀତଗୁଡ଼ିକ ପ୍ରଥମେ ରେକର୍ଡିଂ କରାଯାଇଥାଏ। ତାପରେ ଗୀତ ଅନୁଯାୟୀ ଏହାର ଦୃଶ୍ୟ ସୁଟିଂ ହୋଇଥାଏ। କିନ୍ତୁ ଏଭଳି ଏକ ଗୀତ ରହିଛି, ଯାହାର ଗୀତ ରେକର୍ଡିଂ ପୂର୍ବରୁ ପ୍ରଥମେ ଦୃଶ୍ୟର ସୁଟିଂ ହୋଇଥିଲା। ଏହି ଗୀତଟି ଥିଲା 'ପଟାଖା ଗୁଡ୍ଡି'। ୧୧ ବର୍ଷ ତଳେ ଆସିଥିବା ଏହି ଗୀତ ରାତାରାତି ସୁପରହିଟ୍ ହୋଇଥିଲା। ୨୦୧୪ ମସିହାରେ ମୁକ୍ତିଲାଭ କରିଥିବା ଫିଲ୍ମ 'ହାଇୱେ'ର ଏହା ଏକ ଲୋକପ୍ରିୟ ଗୀତ। ଏହି ଗୀତକୁ ନୁରନ୍ ସିଷ୍ଟର୍ସ ଗାଇଥିଲେ। ଏହାର ମ୍ୟୁଜିକ୍ ଓ କମ୍ପୋଜିସନ୍ ଏଆର୍ ରେହମାନ୍ କରିଥିଲେ। ଗୀତକୁ ରଚନା କରିଥିଲେ ଇରଶାଦ୍ କାମିଲ। ଏହା ଫିଲ୍ମ ଇଣ୍ଡଷ୍ଟ୍ରୀର ପ୍ରଥମ ଗୀତ ଯାହା ରେକର୍ଡିଂ ପୂର୍ବରୁ ପ୍ରଥମେ ସୁଟିଂ ହୋଇଥିଲା। ଇମତିୟାଜ୍ ଅଲ୍ଲୀ ପ୍ରଥମେ ଏହି ଗୀତର ଭିଜୁଆଲ୍ ସୁଟ୍ କରିସାରିଥିଲେ। ସେ ଲୋକେସନ୍, ମୁଡ୍ ଓ ଚରିତ୍ର ଅନୁଯାୟୀ ସ୍ଥାନ ନିରୂପଣ କରିଥିଲେ। ପରେ ଏ.ଆର୍. ରେହମାନଙ୍କୁ ପ୍ରଶ୍ନ କରିଥିଲେ, ଗୀତ ପାଇଁ କେଉଁଭଳି ପରିବେଶ ଆବଶ୍ୟକ। ହିନ୍ଦୀ ସିନେମାରେ ଏପରି ଦୃଶ୍ୟ ଖୁବ୍ କମ୍ ଦେଖିବାକୁ ମିଳିଥାଏ। ଇମତିୟାଜ୍ ଅଲ୍ଲୀ ଗୀତରେ ବାସ୍ତବ ଯାତ୍ରା ଓ ନୂତନତ୍ୱର ଏକ ଝଲକ ଦେଖାଇବାକୁ ଚାହୁଁଥିଲେ। କେବଳ ସେତିକି ନୁହେଁ, ସୁଟିଂ ଯାଏଁ ଗୀତର ଧୁନ୍ ମଧ୍ୟ ଜଣା ନ ଥିଲା। କିନ୍ତୁ ସେ ଆଲିୟା ଓ ରଣଦୀପ ହୁଡ୍ଡାଙ୍କୁ ନେଇ ଏପରି ଦୃଶ୍ୟ ସୁଟ୍ କରିଥିଲେ, ଯେଉଁଥିରେ ସ୍ୱାଧୀନତା ଓ ବେଫିକର୍ ହୋଇ ବୁଲିବାର ଦିଶୁଥିଲେ। ପରବର୍ତ୍ତୀ ସମୟରେ ରେହମାନ୍ ଏହି ଦୃଶ୍ୟ ଦେଖିବା ପରେ ଫିଲ୍ମର ଗୀତ ରଚନା ଓ ସ୍ୱର ସଂଯୋଜନା କରିଥିଲେ। ଏଥିପାଇଁ ଏହି ଗୀତରେ ଏକ ବାସ୍ତବ, ଜୀବନ୍ତ ଦୃଶ୍ୟର ଅନୁଭୂତି ଦେଖିବାକୁ ମିଳିଥିଲା। ଏହାକୁ ପଞ୍ଜାବ ଓ ହରିୟାଣାର ସୁନ୍ଦର ରାସ୍ତାରେ ସୁଟିଂ କରାଯାଇଥିଲା। ଖୋଲାପ୍ରାନ୍ତର, ରାସ୍ତା ଓ ଟ୍ରକ୍‌ସବାରୀ ଗୀତରେ ଏକ ନିଆରା ଅନୁଭୂତି ଦେଇଥିଲା। ୨୫ କୋଟିରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଦ୍ୱିଗୁଣା ଆୟ କରିଥିଲା। ■



ବାପା ତାଙ୍କର କଳା ଜଗତ ସହିତ ଜଡ଼ିତ ଥିଲେ। ତାଙ୍କୁ ଦେଖି ସେ ବି ଜଣେ ଅଭିନେତ୍ରୀ ହେବାକୁ ଚାହିଁଥିଲେ। ସ୍କୁଲରୁ କଲେଜ ସବୁଠି ଏକକ ଅଭିନୟ କରି ସେ ଦର୍ଶକଙ୍କ ମନ କିଣି ପାରୁଥିଲେ। ଅଭିନେତ୍ରୀ ହେବାର ଜିଦ୍ ତାଙ୍କୁ ପରବର୍ତ୍ତୀ ସମୟରେ ଦେଇଥିଲା ସଫଳତା। ଏଭଳି ଜଣେ ବହୁମୁଖୀ ପ୍ରତିଭାର ଅଧିକାରିଣୀ ହେଉଛନ୍ତି କେଉଁଝର ଜିଲ୍ଲା ଆନନ୍ଦପୁରର ମାମାଲି ସାହୁ। କମେଡିରୁ କାମ ଆରମ୍ଭ କରି 'ମୋ ଶାଶୂର ଶାଶୂମା'ରେ ଚମତ୍କାର ଅଭିନୟ କରିଛନ୍ତି। ସେ ଏକାଧିକ କ୍ଷୁଦ୍ର ଚଳଚ୍ଚିତ୍ରରେ କାମ କରିଛନ୍ତି। ନିକଟରେ ସେ 'ଚାରିଧାମ' ସିନେମାରେ ଅଭିନୟ କରି ଦର୍ଶକଙ୍କ ମନ କିଣିଛନ୍ତି। ଜଣେ ଅଭିନେତ୍ରୀ ହେବାକୁ ତାଙ୍କୁ କେତେ ସଂଘର୍ଷ କରିବାକୁ ପଡ଼ିଛି ଜାଣିବା ତାଙ୍କ ମୁହଁରୁ।

# "ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଭଲ ଲାଗେ"



## ମାମାଲି ସାହୁ, ଅଭିନେତ୍ରୀ

**ଅଭିନେତ୍ରୀ ହେବାକୁ କାହିଁକି ମନ ବଳାଇଥିଲେ?**

- ପିଲାଟି ଦିନେ ଟିଭିରେ ଯାହା ଦେଖୁଥିଲି ତାକୁ ନକଲ କରୁଥିଲି। 'ଛଅ ମାଣ ଆଠ ଗୁଣ୍ଠ', 'ବଡ଼ ଘର ବଡ଼ ଗୁମର କଥା' ଆଦି ଧାରାବାହିକ ମୋର ପ୍ରିୟ ଥିଲା। ସେଥିରେ ଶ୍ୱେତା ଆଚାର୍ଯ୍ୟଙ୍କ ନେଗେଟିଭ୍ ଚରିତ୍ରକୁ ମୁଁ ଅନୁକରଣ କରୁଥିଲି। ତାଙ୍କର ମୁଁ ପ୍ରଶଂସକ ଥିଲି। ତାଙ୍କ ପରି ଅଭିନୟ କରିବାକୁ ସ୍ୱପ୍ନ ଦେଖିଥିଲି। ଯେହେତୁ ମୋ ପିତା କଳା ଲାଇନ୍‌ରେ ଥିଲେ ସେ ବି ଚାହୁଁଥିଲେ ଝିଅ ଅଭିନେତ୍ରୀ ହେଉ। ତେଣୁ ମୋର ଏହି ଯାତ୍ରା ସହଜ ହୋଇଯାଇଥିଲା। ପ୍ରଥମେ ପ୍ରଜ୍ଞା ଭାଇଙ୍କ ସହିତ କିଛି କମେଡି କରିଲି। ପରେ ଧାରାବାହିକ 'ମୋ ଶାଶୂର ଶାଶୂମା'ରେ କମେଡି ଚରିତ୍ରରେ ନଜର ଆସିଥିଲି। ପରବର୍ତ୍ତୀ ସମୟରେ 'ଆଭା', 'ଦୁର୍ଗା' ସିନେମାରେ କାମ କରିବାକୁ ସୌଭାଗ୍ୟ ଲାଭ କରିଛି। ସେହିଭଳି 'ବେଶୀ ଜମା ଭଲ ନୁହେଁ' ଆଦି କ୍ଷୁଦ୍ର ଚଳଚ୍ଚିତ୍ରରେ ଅଭିନୟ କରିଛି। ଦର୍ଶକଙ୍କ ଭଲ ପାଇବା ପାଇଛି।

**କମେଡି ସିନ୍‌ରୁ ସିନେମାରେ ନେଗେଟିଭ୍ ଚରିତ୍ର କରିବା କେତେ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା?**

- କମେଡି ଆଉ ଅଭିନୟ ଏ ଦୁଇଟି ମୋତେ କରିବାର ଥିଲା। ଜଣେ ଅଭିନେତ୍ରୀ ସବୁ ଚରିତ୍ର କରିପାରିବ। ଏହି କଥାକୁ ମନେ ରଖି ସିନେମାରେ ଅଭିନୟ କରିଛି। 'ଆଭା' ସିନେମାରେ ମୁଁ ଜଣେ ଶିକ୍ଷୟିତ୍ରୀ ଭାବେ ଅଭିନୟ କରିଥିଲି। 'ଦୁର୍ଗା' ଚଳଚ୍ଚିତ୍ରରେ ମୁଁ ନେଗେଟିଭ୍ ଚରିତ୍ରରେ ଅଭିନୟ କରିଥିଲି। 'ଚାରିଧାମ'ରେ ମୁଁ ବୋହୂ ଭୂମିକାରେ ନଜର ଆସିଥିଲି। ଯିଏକି ନିଜର ଶାଶୂ ଏବଂ ଶ୍ୱଶୁରଙ୍କୁ ବୃଦ୍ଧାଶ୍ରମକୁ ପଠାଇ ଦେଉଛି। ଯଦିଓ କମ୍ ସମୟ ପାଇଁ ଏହି ଚରିତ୍ର ଥିଲା। ହେଲେ ଦର୍ଶକ ମୋ ଚରିତ୍ରକୁ ବହୁତ ଭଲପାଇବା ଦେଇଛନ୍ତି। କେବଳ 'ଚାରିଧାମ' ନୁହେଁ 'ଆଭା' ସିନେମାଟି ମୋତେ ଲୋକପ୍ରିୟ କରାଇଛି।

**'ଚାରିଧାମ'ରେ କାମ କରିବାକୁ କେମିତି ସୁଯୋଗ ମିଳିଲା?**

- 'ଚାରିଧାମ' ସିନେମାରେ ଅଭିନୟ କରିବା ପୂର୍ବରୁ ମୁଁ କିଛି ସିନେମାରେ କାମ କରିସାରିଥିଲି। ଏହାକୁ ଦେଖି ତାପସ ସରଘରିଆ ଭାଇ 'ଚାରିଧାମ' ପରି ସିନେମାରେ କାମ କରିବାକୁ ସୁଯୋଗ ଦେଇଥିଲେ। ଆଉ ଚରିତ୍ର ଭଲ କେମିତି କରିବି ସେ ନେଇ ସେ ଗାଇଡ୍ କରିଥିଲେ। ତେଣୁ 'ଚାରିଧାମ' ପରି ସିନେମା କରିବା ସୌଭାଗ୍ୟର ବିଷୟ। ବହୁତ ଖୁସି ଲାଗିଥିଲା ଏହି ସିନେମାକୁ ନେଇ।

**ଫିଟ୍ ରହିବାକୁ କଣ କରନ୍ତି?**

- ଆଗରୁ ଧାରାବାହିକରେ କାମ କରୁଥିଲି। ସେଥିପାଇଁ ରାତି ରାତି ଅନିଦ୍ରା ରହିବାକୁ ପଡୁଥିଲା। ଏହା ଦ୍ୱାରା ମୋର ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥିଲା। ତେଣୁ ଧାରାବାହିକ କାମ ଛାଡ଼ି ନିଜକୁ ସମୟ ଦେଉଛି। ନିଜର ଖାଦ୍ୟପେୟକୁ ଗୁରୁତ୍ୱ ଦିଏ। ବ୍ୟାୟାମ ଓ ଯୋଗ କରେ।

**ଡ୍ରିମ ରୋଲ?**

- ନେଗେଟିଭ୍ ଏବଂ ଲାଜକୁଳା ଚରିତ୍ରରେ କାମ କରିବାକୁ ଇଚ୍ଛା ରଖିଛି। ମୌଳିକଧର୍ମୀ କାହାଣୀର ସିନେମାରେ କାମ କରିବାକୁ ଯୋଜନା ରଖିଛି। ଯାହା ବି ମୋତେ ଚରିତ୍ର ମିଳିବ ସେଥିରେ କିପରି ଭଲ କାମ କରିବି ତାହାକୁ ଗୁରୁତ୍ୱ ଦେଉଛି।

**ଭଲ ଅଭିନୟ କରିବାକୁ କେମିତି ନିଜକୁ ପ୍ରସ୍ତୁତ କରନ୍ତି?**

- ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ ମୁଁ ଦର୍ପଣ ସାମ୍ନାରେ ଅଭ୍ୟାସ କରେ। ମୋ ମୁହଁର ଭାବ, ବେଶ ପରିପାଟୀ ଖାପ ଖାଉଛି କି ନାହିଁ, କେମିତି ମୋ ଅଙ୍ଗଭଙ୍ଗୀ ରହିବ ତାହାକୁ ସବୁ ଧ୍ୟାନ ଦିଏ। ଭିନ୍ନ ଭିନ୍ନ ଭାଷାଭାଷୀର ସିନେମା ଦେଖି ସମସ୍ତ ଚରିତ୍ରକୁ ଅନୁକରଣ କରେ।

**କଳା କ୍ଷେତ୍ରକୁ ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

- ନୂଆ ପିଢ଼ିଙ୍କୁ ଏତିକି କହିବି ଏ ଲାଇନ୍‌କୁ ଆସୁଥିଲେ, ନିଜକୁ ଭଲ ଭାବେ ପ୍ରସ୍ତୁତ କରି ଆସନ୍ତୁ। ଧୀରେ ଧୀରେ କାମ ଆରମ୍ଭ କରନ୍ତୁ। କାରଣ ଛୋଟ ଛୋଟ କଥା ମଣିଷଙ୍କୁ ବଡ଼ ସଫଳତା ଦେଇଥାଏ। ଯାହା ବି ଚରିତ୍ର ମିଳୁଛି, ତାକୁ କେମିତି ସଠିକ୍ ଭାବେ ତୁଲାଇବେ ସେ କଥାକୁ ଧ୍ୟାନ ଦିଅନ୍ତୁ। ପ୍ରତ୍ୟେକ କ୍ଷେତ୍ରରେ ଶିଖିବାର ଆବଶ୍ୟକତା ରହିଛି। ଶିଖିଲେ ହିଁ ମଣିଷ ଆଗକୁ ବଢ଼ିବ। ■

## ଦ.ଆଫ୍ରିକା ଧରାଶାୟୀ; ଭାରତ ନିୟନ୍ତ୍ରଣରେ ମ୍ୟାଚ୍

# ଇଡେନ୍‌ରେ ବୋଲରଙ୍କ ରାଜୁତି ଜାରି

କୋଲକାତା, ୧୫ ।୧୧ (ଏଜେନ୍ସି): ଘରୋଇ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ସ୍ଥାନୀୟ ଇଡେନ ଗାର୍ଡେନ୍ସ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଟେଷ୍ଟରେ ବୋଲରଙ୍କ ରାଜୁତି ଜାରି ରହିଛି। ପ୍ରଥମ ଦିବସରେ ୧୧ ୱିକେଟ୍‌ର ପତନ ଘଟିଥିବାବେଳେ ଶନିବାର ଆଉ ୧୫ଟି ୱିକେଟ୍ ପଡ଼ିଛି। ଦୁଇଦିନରେ ମୋଟ୍ ୨୬ଟି ୱିକେଟର ପତନ ଘଟିସାରିଲାଣି।

## ଦ୍ୱିତୀୟ ଦିନରେ ୧୫ ୱିକେଟ୍‌ର ପତନ

୩୦ ରନ ପଛରେ ଥାଇ ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ଭୟଙ୍କର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ଶନିବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସରେ ୩୫ ଓଭରରେ ୭ ୱିକେଟ୍ ହରାଇ ୯୩ ରନ ସଂଗ୍ରହ କରିଛି। ଅଧିନାୟକ ତେମ୍ବା ବଭୁମା ୨୯ ଓ କୋର୍ବିନ ବୋଷ୍ଟ ୧ ରନରେ ଅପରାଜିତ ରହିଛନ୍ତି। ମାର୍କୋ ଜାନସେନ ୧୩, ର୍‍ୟାନ ରିକ୍ଲେଟନ ୧୧, ୱିଆନ ମୁଲ୍ଡର ୧୧, କାଏଲ ଭେରେନୀ ୯, ଆଇଡେନ ମାର୍କରମ ୪, ଟ୍ରିଷ୍ଟାନ ଷ୍ଟବ୍ସ ୫, ଟୋନି ଡି ଜୋରଜି ୨ ରନରେ ଆଉଟ୍ ହୋଇଥିଲେ। ଘରୋଇ ଦଳ ପକ୍ଷରୁ ରବୀନ୍ଦ୍ର ଜାଡେଜା ୪ଟି ୱିକେଟ୍ ନେଇ ସବୁଠୁ ସଫଳ ବୋଲର ରହିଥିଲେ। କୁଳଦୀପ୍ ଯାଦବ ୨ ଓ ଅକ୍ଷର ପଟେଲ ଗୋଟିଏ ୱିକେଟ୍ ନେଇଛନ୍ତି। ଦ୍ୱିତୀୟ ଇନିଂସରେ ୩ ୱିକେଟ୍ ବଳକା ଥାଇ ଦକ୍ଷିଣ ଆଫ୍ରିକା ମୋଟ୍ ୬୩ ରନରେ ଅଗ୍ରଣୀ ରହିଛି। ମ୍ୟାଚ୍ ଆହୁରି ୩ ଦିନ ବାକି ରହିଥିବାରୁ ଭାରତ ଏବେ ଦୃଢ଼ସ୍ଥିତିରେ ରହିଛି।

## ରାହୁଲଙ୍କ ୪ ହଜାର ରନ ପୂରଣ

ପୂର୍ବରୁ ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୧୫୯ ରନରେ ସୀମିତ ରହିବା ପରେ ଭାରତ ପ୍ରଥମ ଦିବସ ସୁଦ୍ଧା ଗୋଟିଏ ୱିକେଟ୍‌ରେ ୩୭ ରନ କରିଥିଲା। ଶନିବାର ଏହି ଅସମାପ୍ତ ସ୍କୋରରୁ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ମଧ୍ୟ ନିୟମିତ ଅନ୍ତରରେ ୱିକେଟ୍ ହରାଇ ୬୨.୨ ଓଭରରେ ୧୮୯ ରନରେ ସୀମିତ ରହିଥିଲା। ଓପନର୍ ଲୋକେଶ ରାହୁଲ ସର୍ବାଧିକ ୩୯ ରନ କରିଥିଲେ। ଏହିକ୍ରମରେ ସେ ୧୮ତମ ଭାରତୀୟ ଭାବେ ଟେଷ୍ଟରେ ୪ ହଜାର ରନ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱାଶିଂଟନ ସୁନ୍ଦର ୨୯, ଋଷଭ ପନ୍ତ ୨୭, ଜାଡେଜା ୨୭, ଅକ୍ଷର ୧୬, ଧ୍ରୁବ ଜୁରେଲ ୧୪, ଯଶସ୍ୱୀ ଜୟସ୍ୱାଲ ୧୨ ରନ କରିଥିଲେ। ଅଧିନାୟକ ଶୁବମନ ଗିଲ୍ ୪ ରନ କରିଥିବାବେଳେ ବେକରେ ଆଘାତ ପାଇ ରିଟାୟର୍ଡ ହର୍ଟ ହୋଇଥିଲେ। ଭ୍ରମଣକାରୀ ଦଳ ପକ୍ଷରୁ ସାଇମନ ହାର୍ମର ୪ ଓ ମାର୍କୋ ଜାନସେନ ୩ଟି ୱିକେଟ ହାସଲ କରିଥିଲେ।



**ସଂକ୍ଷିପ୍ତ ସ୍କୋର**

**ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୧୫୯/୧୦**

**ଭାରତ ପ୍ରଥମ ଇନିଂସ: ୧୮୯/୯** (ଗିଲ୍- ରିଟାୟାର୍ଡ ହର୍ଟ- ୪, ରାହୁଲ- ୩୯, ୱାଶିଂଟନ- ୨୯, ଜାଡେଜା- ୨୭, ପନ୍ତ- ୨୭, ଜୁରେଲ- ୧୪, ଅକ୍ଷର- ୧୬, ହାର୍ମର- ୪/୩୦, ଜାନସେନ- ୩/୩୫)।

**ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୯୩/୭, ୩୫ ଓଭର** (ବଭୁମା- ୨୯, ଜନସେନ- ୧୩, ମଲ୍ଡର- ୧୧, ମାର୍କରମ- ୪, ଷ୍ଟବ୍ସ- ୫, ଜାଡେଜା- ୪/୨୯, କୁଳଦୀପ୍- ୨/୧୨)।

## ଆଇପିଏଲ୍-୧୯: ଖେଳାଳି ରିଟେନ୍‌ସନ୍ ତାଲିକା ଜାରି

# ଜାଡେଜାଙ୍କୁ ଛାଡ଼ି ସଞ୍ଜୁଙ୍କୁ ଆଣିଲା ସିଏସ୍‌କେ

ନୂଆଦିଲ୍ଲୀ, ୧୫ ।୧୧ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୧୯ତମ ସିଜନ ଲାଗି ଶନିବାର ଥିବା ରିଟେନସନ୍ ତାଲିକାର ଜାରି କରିବାର ଶେଷଦିନ। ଏହି ଅବସରରେ ସମସ୍ତ ୧୦ଟି ଫ୍ରାଞ୍ଚାଇଜ କେଉଁ ଖେଳାଳିଙ୍କୁ ଦଳରେ ରଖିଲେ ଓ କାହାକୁ ଡିସେମ୍ବର ୧୬ ତାରିଖରେ ହେବାକୁ ଥିବା ମିନି ନିଲାମୀକୁ ଛାଡ଼ିଲେ ତାହାର ତାଲିକା ଜାରି କରିଛନ୍ତି। ସେହିଭଳି ଫ୍ରାଞ୍ଚାଇଜ-ଫ୍ରାଞ୍ଚାଇଜ ମଧ୍ୟରେ ଖେଳାଳି ଅଦଳବଦଳ ନେଇ ଟ୍ରେଡ୍ ଡିଲ୍ ମଧ୍ୟ ହୋଇଛି। ଏହିକ୍ରମରେ ସବୁଠୁ ବଡ଼ ଅଦଳବଦଳ ହୋଇଛି ଚେନ୍ନାଇ ସୁପର୍ କିଙ୍ଗ୍ସ (ସିଏସ୍‌କେ) ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ। ପାଞ୍ଚଥରର ଚାମ୍ପିଅନ ଚେନ୍ନାଇ ସୁପର୍ କିଙ୍ଗ୍ସ ଏହାର ଶ୍ରେଷ୍ଠ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କୁ ନେଇ ରାଜସ୍ଥାନ ସହ ଟ୍ରେଡ୍ ଡିଲ୍ କରିଛି। ଜାଡେଜା ରାଜସ୍ଥାନକୁ ଯାଇଥିବାବେଳେ ରାଜସ୍ଥାନର ନିର୍ଭରଯୋଗ୍ୟ ବ୍ୟାଟର୍ ସଞ୍ଜୁ ସାମସନ ଚେନ୍ନଇ ଦଳରେ ସାମିଲ ହୋଇଛନ୍ତି। ସିଏସ୍‌କେର ବାସନ୍ଦ ୨ ବର୍ଷ (୨୦୧୬ ଓ ୨୦୧୭)କୁ ଛାଡ଼ି ଜାଡେଜା ୨୦୧୨ରୁ ଏହି ଫ୍ରାଞ୍ଚାଇଜ ପାଇଁ ଖେଳୁଛନ୍ତି। ତାଙ୍କର ମୂଲ୍ୟ ୧୪ କୋଟି ଟଙ୍କା ରହିଥିଲା। ଏଥିପୂର୍ବରୁ ଜାଡେଜା ଆଇପିଏଲ୍ ଆରମ୍ଭ ସମୟରେ ରାଜସ୍ଥାନ ଦଳର ସଦସ୍ୟ ଥିଲେ। 'ଏବେ ଜାଡେଜାଙ୍କ ଘର ବାହୁଡ଼ା ହୋଇଛି' ବୋଲି ରାଜସ୍ଥାନର ମାଲିକ ମନୋଜ ବଦଲେ କହିଛନ୍ତି। ଅପରପକ୍ଷରେ ମହେନ୍ଦ୍ର ସିଂ ଧୋନିଙ୍କଠାରୁ ସବୁଜ ସଙ୍କେତ ପାଇବା ପରେ ସିଏସ୍‌କେ ଜାଡେଜାଙ୍କୁ ଛାଡ଼ିଥିବା କୁହାଯାଉଛି। ଅପରପକ୍ଷରେ ଅନ୍ୟ ବଡ଼ ଡିଲ୍ ମଧ୍ୟରେ ସନରାଇଜର୍ସ ହାଇଦରାବାଦ୍‌ର ମହମ୍ମଦ ସାମି ଟ୍ରେଡ୍ ଡିଲ୍‌ରେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସକୁ ଯାଇଛନ୍ତି। ସେହିଭଳି ସାମ୍ କୁରନ ଚେନ୍ନାଇରୁ ରାଜସ୍ଥାନକୁ, ନୀତୀଶ ରାଣା ରାଜସ୍ଥାନରୁ ଦିଲ୍ଲୀ କ୍ୟାପିଟାଲ୍ସକୁ, ଅର୍ଜୁନ ତେନ୍ଦୁଲକର ମୁମ୍ବାଇ ଇଣ୍ଡିଆନ୍ସରୁ ଲକ୍ଷ୍ନୌକୁ, ଶାର୍ଦ୍ଦୁଳ ଠାକୁର ଲକ୍ଷ୍ନୌରୁ ମୁମ୍ବାଇକୁ ଟ୍ରେଡ୍ ଡିଲରେ ଯାଇଛନ୍ତି।

## ରିଲିଜ୍ ହେଲେ ମ୍ୟାକ୍ସୱେଲ ଓ ରସେଲ୍



ସେହିପରି ବିଭିନ୍ନ ଫ୍ରାଞ୍ଚାଇଜ ବଡ଼ ବଡ଼ ଖେଳାଳିଙ୍କୁ ଦଳରୁ ରିଲିଜ କରି ନିଲାମୀକୁ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ଦିଲ୍ଲୀ ଫାଫ୍ ଡୁ ପ୍ଲେସିସଙ୍କୁ, ବେଙ୍ଗାଲୁରୁ ମୟଙ୍କ ଅଗରୱାଲ, ଟିମ୍ ସେଇଫର୍ଟ, ଲିଆମ ଲିଭିଂଷ୍ଟୋନଙ୍କୁ, ପଞ୍ଜାବ ଗ୍ଲେନ ମ୍ୟାକ୍ସୱେଲ, ଜୋଶ୍ ଇଂଲିଶଙ୍କୁ, ଚେନ୍ନାଇ ରାଚିନ ରବୀନ୍ଦ୍ର, ଦୀପକ ହୁଡା, ବିଜୟ ଶଙ୍କର, ମହୀଷ ପଥିରାଣାଙ୍କୁ, ଗୁଜରାଟ ଦସୁନ ଶନକା, ଗେରାଲ୍ଡ କୋର୍ଜିଙ୍କୁ, କୋଲକାତା ଆନ୍ଦ୍ରେ ରସେଲ, ଭେଙ୍କଟେଶ ଆୟର, କ୍ୱିଣ୍ଟନ ଡି କକ୍, ମୋଇନ ଅଲିଙ୍କୁ, ଲକ୍ଷ୍ନୌ ଡେଭିଡ୍ ମିଲର, ଆକାଶ ଦୀପ୍, ରବି ବିଷ୍ଣୋଇଙ୍କୁ, ମୁମ୍ବାଇ ରିସି ଟୋପଲୀ, କର୍ନ ଶର୍ମା, ମୁଜିବ ଉର୍ ରେହମାନ, ରାଜସ୍ଥାନ ୱାନିନ୍ଦୁ ହାସରଙ୍ଗା, ମହୀଷ ଥିକସାନା ଏବଂ ହାଇଦରାବାଦ୍ ଆଦାମ ଜାମ୍ପା, ରାହୁଲ ଚହର, ୱିଆନ ମଲ୍ଡର ପ୍ରମୁଖଙ୍କୁ ଦଳରୁ ରିଲିଜ ଅର୍ଥାତ୍ ବାହାର କରିଛି।

# ଷ୍ଟେଟ୍-ଏ ଟ୍ରଫି: ଓଡ଼ିଶାର ୩ୟ ବିଜୟ

ଭୁବନେଶ୍ୱର, ୧୫ ।୧୧ (ସମିସ): ଭଦୋଦରାରେ ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ୨୩ ବର୍ଷରୁ କମ୍ ଷ୍ଟେଟ୍-ଏ ଟ୍ରଫି ଦିନିକିଆ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ୩ୟ ବିଜୟ ହାସଲ କରିଛି। ଶନିବାର ଖେଳାଯାଇଥିବା ମ୍ୟାଚରେ ଓଡ଼ିଶା ୩୭ ରନରେ ଗୁଜରାଟକୁ ପରାସ୍ତ କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଓଡ଼ିଶା ଅଧିନାୟକ ଓମ୍ ଟି ମୁଣ୍ଡେ (୫୪) ଓ ଶ୍ରେୟାଂଶ ଭରଦ୍ୱାଜ (୫୩)ଙ୍କ ଅର୍ଦ୍ଧଶତକ ବଳରେ ୫୦ ଓଭରରେ ୯ ୱିକେଟ୍ ହରାଇ ୨୬୭ ରନ କରିଥିଲା। ଗୁଜରାଟର କୁଶନ ଶ୍ୟାମ ପଟେଲଙ୍କୁ ୩ଟି ୱିକେଟ୍ ମିଳିଥିଲା। ଜବାବରେ କୁଶନଙ୍କ ୬୦ ରନ ସତ୍ତ୍ୱେ ୪୭.୪ ଓଭରରେ ୨୩୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଏମ୍‌ଡି ଡାନିସ ୩ ଓ ବିମଲ କୁମାର ୨ଟି ୱିକେଟ୍ ହାତେଇଥିଲେ। ଏଥିସହ ଓଡ଼ିଶା ୪ର୍ଥ ମ୍ୟାଚରୁ ୩ ବିଜୟ ସହ ୧୨ ପଏଣ୍ଟ ପାଇ ଏଲିଟ୍ ଗ୍ରୁପ୍-ବି'ରେ ମୁମ୍ବଇ (୧୬) ଓ ଆନ୍ଧ୍ର (୧୨) ପଛକୁ ରହିଛି।

## ଟେଷ୍ଟରେ ୪ ହଜାର ରନ ଓ ୩୦୦ ୱିକେଟ୍

# କପିଳଙ୍କ ପରେ ଜାଡେଜା ଦ୍ୱିତୀୟ ଭାରତୀୟ

କୋଲକାତା, ୧୫ ।୧୧ (ଏଜେନ୍ସି): ବିଶ୍ୱର ଏକ ନମ୍ବର ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଚଳିତ କୋଲକାତା ଟେଷ୍ଟର ଦ୍ୱିତୀୟ ଦିବସରେ ଏକ ବିରଳ କ୍ଲବରେ ସାମିଲ ହୋଇଛନ୍ତି। ଟେଷ୍ଟ କ୍ରିକେଟ୍‌ରେ ୩୦୦ ୱିକେଟ୍ ଓ ୪ ହଜାର ରନ ସଂଗ୍ରହ ଭଳି ଏଲିଟ୍ କ୍ଲବରେ ଜାଡେଜା ସାମିଲ ହୋଇଛନ୍ତି। ପ୍ରଥମ ଇନିଂସରେ ୨୭ ରନର ଛୋଟିଆ ପାଳି ଖେଳିବା ସହ ଜାଡେଜା ଟେଷ୍ଟରେ ୪ ହଜାର ରନ ପୂରଣ କରିଛନ୍ତି। ଜାଡେଜା ବର୍ତ୍ତମାନ ସୁଦ୍ଧା ୮୮ଟି ଟେଷ୍ଟ ଖେଳି ୪୦୧୭ ରନ ସହ ୩୪୨ଟି ୱିକେଟ୍ ନିଜ ନାମରେ ଲିପିବଦ୍ଧ କରିଛନ୍ତି। ଏହି ସଫଳତା ପାଇବାରେ ସେ କପିଳ ଦେବଙ୍କ ପରେ ଦ୍ୱିତୀୟ ଭାରତୀୟ ଓ ଓଭରଅଲ୍ ବିଶ୍ୱର ୪ର୍ଥ କ୍ରିକେଟର୍।

**ଟେଷ୍ଟରେ ୪୦୦୦ ରନ ଓ ୩୦୦ ୱିକେଟ୍**

| ଖେଳାଳି | ମ୍ୟାଚ୍ | ରନ | ୱିକେଟ |
|---|---|---|---|
| କପିଳ ଦେବ | ୧୩୧ | ୫୨୪୮ | ୪୩୪ |
| ଇଆନ ବୋଥାମ | ୧୦୨ | ୫୨୦୦ | ୩୮୩ |
| ଡାନିଏଲ୍ ଭିଟ୍ଟୋରୀ | ୧୧୩ | ୪୫୩୧ | ୩୬୨ |
| ରବୀନ୍ଦ୍ର ଜାଡେଜା | ୮୮ | ୪୦୧୭ | ୩୪୨ |



## ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍

# ୧୦ମ ରାଉଣ୍ଡ ଶେଷରେ ଶୀର୍ଷରେ ଗାର୍ଡିଆନ୍ସ

ଭୁବନେଶ୍ୱର, ୧୫ ।୧୧ (ସମିସ): ଏଠାରେ ଚାଲିଥିବା ଆଇକନିକ ଓଡ଼ିଶା ଚେସ୍ ପ୍ରିମିୟର ଲିଗ୍‌ରେ ଶନିବାର ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ୧୦ ରାଉଣ୍ଡ ଖେଳ ଶେଷ ହୋଇଛି। ଏହି ସମୟରେ ଗୋଲକୁଣ୍ଡା ଗାର୍ଡିଆନ୍ସ ସର୍ବାଧିକ ୧୬ ପଏଣ୍ଟ ପାଇ ଟେବଲ୍ ଶୀର୍ଷରେ ରହିଛି। ସେହିଭଳି ବାରବାଟୀ ବ୍ୟାଟେଲର୍ସ ଓ ଭିକ୍ଟୋରିଆ ଭିକ୍ଟର୍ସ ୧୫ ପଏଣ୍ଟ ଲେଖାଏ ପାଇ ପରବର୍ତ୍ତୀ ଦୁଇଟି ସ୍ଥାନରେ ରହିଛନ୍ତି। ରାଜଧାନୀ ଚ୍ୟାଲେଞ୍ଜର୍ସ (୧୩) ଓ ଅମ୍ବର ଆଭେଞ୍ଜର୍ସ (୧୩) ଯଥାକ୍ରମେ ୪ର୍ଥ ଓ ୫ମ ସ୍ଥାନ ହାସଲ କରିଛନ୍ତି। ରବିବାର ଅନ୍ତିମ ତଥା ୧୧ତମ ରାଉଣ୍ଡ ଖେଳାଯିବ। ଏହାପରେ ନକ୍‌ଆଉଟ୍ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ ଓ ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନର ମିଳିତ ଆନୁକୂଲ୍ୟରେ ଚାଲିଥିବା ଏହି ଚେସ୍ ଲିଗ୍‌ରେ ୧୨ଟି ଫ୍ରାଞ୍ଚାଇଜ ଅଂଶଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି।

## ରଣଜୀ ଟ୍ରଫି: ଆଜିଠୁ ନାଗାଲାଣ୍ଡ ବିପକ୍ଷ ଲଢ଼େଇ

# ୭ ବର୍ଷ ପରେ କିଟ୍‌ରେ ଖେଳିବ ଓଡ଼ିଶା

ଭୁବନେଶ୍ୱର, ୧୫ ।୧୧ (ସମିସ): ଚଳିତ ରଣଜୀ ଟ୍ରଫିର ୫ମ ରାଉଣ୍ଡ ମ୍ୟାଚ୍ ରବିବାରଠାରୁ ଦେଶର ବିଭିନ୍ନ ଗ୍ରାଉଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏହିକ୍ରମରେ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଘରୋଇ ଓଡ଼ିଶା ଓ ନାଗାଲାଣ୍ଡ ସ୍ଥାନୀୟ କିଟ୍ କ୍ରିକେଟ୍ ଷ୍ଟାଡିୟମରେ ସାମ୍ନାସାମ୍ନି ହେବାକୁ ଯାଉଛନ୍ତି। ଚଳିତ ରଣଜୀ ସିଜନରେ ଏହି ଦୁଇ ଦଳ ଅତ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଉଭୟ ଦଳ ୪ଟି ଲେଖାଏ ମ୍ୟାଚ୍ ଖେଳି ସାରିଥିଲେ ମଧ୍ୟ ବିଜୟ ସ୍ୱାଦ ଚାଖିପାରି ନାହାନ୍ତି। ଓଡ଼ିଶା ଓ ନାଗାଲାଣ୍ଡ ୩ଟି ଲେଖାଏ ମ୍ୟାଚ୍ ହାରିଥିବାବେଳେ ଗୋଟିଏ ମୁକାବିଲା ଡ୍ର' ରଖି ୧ ପଏଣ୍ଟ ପାଇଛନ୍ତି। ତେଣୁ ଉଭୟ ଦଳ ନିକଟରେ ଏଠାରେ ବିଜୟ ଲାଗି ସୁବର୍ଣ୍ଣ ସୁଯୋଗ ରହିଛି। ସେହିଭଳି ଟେବଲ୍‌ର ସର୍ବନିମ୍ନ ସ୍ଥାନ ଲାଗି ଏଠାରେ ଓଡ଼ିଶା ଓ ନାଗାଲାଣ୍ଡ ମଧ୍ୟରେ ଲଢ଼େଇ ହେବ। ପରାଜିତ କିମ୍ବା ପ୍ରଥମ ପାଳିରେ ପଛୁଆ ରହିଥିବା ଦଳ ଗ୍ରୁପ୍-ଏ'ର ସର୍ବନିମ୍ନ ୮ମ ସ୍ଥାନରେ ରହିବ। ଓଡ଼ିଶା-ନାଗାଲାଣ୍ଡ ମ୍ୟାଚ୍ ସହ ଦୀର୍ଘ ୫ ବର୍ଷ ପରେ କିଟ୍‌କୁ ରଣଜୀ ଟ୍ରଫି ମ୍ୟାଚ୍ ଫେରିଛି। ଶେଷଥର ଲାଗି ୧୯ ଜାନୁଆରୀ ୨୦୨୦ରେ ମିଜୋରାମ ଓ ସିକ୍କିମ ମଧ୍ୟରେ ଏଠାରେ ଏକ ରଣଜୀ ମ୍ୟାଚ୍ ଖେଳାଯାଇଥିଲା। ତେବେ ଓଡ଼ିଶା ୭ ବର୍ଷର ବ୍ୟବଧାନ ପରେ ଏଠାରେ ଖେଳିବ। ଶେଷଥର ଲାଗି ୨୦୧୮-୧୯ ସିଜନ (୧୪ ଡିସେମ୍ବର ୨୦୧୮)ରେ ଓଡ଼ିଶା ଏହି ଗ୍ରାଉଣ୍ଡରେ ରାଜସ୍ଥାନ ବିପକ୍ଷରେ ରଣଜୀ ଟ୍ରଫି ମ୍ୟାଚ୍ ଖେଳିଥିଲା। କିଟ୍ ଗ୍ରାଉଣ୍ଡରେ ଏହା ୧୩ତମ ରଣଜୀ ଟ୍ରଫି ମ୍ୟାଚ୍ ହେବାକୁ ଯାଉଛି।



ଫଟୋ: ସାମନ୍ତରାୟ

## ଚର୍ଚ୍ଚାରେ ଦେବାଶିଷ

ଏହି ମ୍ୟାଚରେ ସବୁଠୁ ଅଧିକ ରହିଛନ୍ତି ଚର୍ଚ୍ଚାରେ ଦେବାଶିଷ ମହାନ୍ତି। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର୍ ଦେବାଶିଷ ଚଳିତ ରଣଜୀ ସିଜନରେ ନାଗାଲାଣ୍ଡ ଦଳର ମୁଖ୍ୟ ପ୍ରଶିକ୍ଷକ ଭୂମିକା ନିଭାଉଛନ୍ତି। ତାଙ୍କ ତତ୍ତ୍ୱାବଧାନରେ ନାଗାଲାଣ୍ଡ ଶକ୍ତିଶାଳୀ ତାମିଲନାଡୁକୁ କଡା ଟକ୍କର ଦେଇ ମ୍ୟାଚ୍ ଡ୍ର ରଖିଥିଲା। ପୂର୍ବରୁ ରାଜ୍ୟ ଦଳର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିବାରୁ ଦେବାଶିଷ ଓଡ଼ିଶାର ଖେଳାଳିଙ୍କ ଦୋଷ ଦୁର୍ବଳତା ବିଷୟରେ ବେଶ୍ ଭଲ ଭାବରେ ପରିଚିତ। ତେଣୁ ସେ କିଭଳି ରଣନୀତି ଆପଣାଉଛନ୍ତି ତାହା ଉପରେ ସମସ୍ତଙ୍କ ନଜର ରହିଛି।


ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ
5th Anniversary
'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ
Presented by: BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India
In Association with: CBSE-XI & XII SRI VINAYAKA Concept School BHUBANESWAR
୨୩ ନଭେମ୍ବର - ୨୦୨୫
ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ
ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।
ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।
ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.
ଭୁବନେଶ୍ୱର - ଡିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର (ସୁଧାଂଶୁ ସାହୁ - ୭୩୭୧୬୯୪୧୪୨), ଖୋର୍ଦ୍ଧା - ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା (ରଞ୍ଜିତ କେ.ଏନ୍ ସାମନ୍ତରାୟ - ୯୪୩୭୪୫୬୫୭୬), ନୟାଗଡ଼ - ସାମ୍ବାଦିକ ଭବନ, ନୟାଗଡ଼ (ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭)
ପୁରୀ - କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ (ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯)
କଟକ- ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ତୁଳସିପୁର, କଟକ (ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩),
ଅନୁଗୋଳ-ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ (ସଂଗ୍ରାମ ଦାସ - ୯୪୩୯୦୧୬୦୧୯)
ଢେଙ୍କାନାଳ-ଢେଙ୍କାନାଳ, ସିନର୍ଜି ଇଞ୍ଜିନିୟରିଂ ବୈଷୟିକ ମହାବିଦ୍ୟାଳୟ (ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩)
ବାଲେଶ୍ୱର -ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର (ଅସୀମ ମହାପାତ୍ର - ୯୪୩୯୪୫୨୧୮୮)
ଭଦ୍ରକ -ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ(ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ (ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭)
ମୟୂରଭଞ୍ଜ- ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା (ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧)
ଗଜପତି - ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି (ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨)
ଗଞ୍ଜାମ- ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର (କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩)
କନ୍ଧମାଳ -ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ (ସଞ୍ଜୟ ପାତ୍ର - ୭୦୦୮୭୨୫୭୧୯)
କେନ୍ଦ୍ରାପଡା- ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା (ଦେବଦତ୍ତ ଦାଶ - ୯୯୩୭୨୨୨୯୯୪)
ଜଗତସିଂହପୁର-ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର (ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨)
ଯାଜପୁର-ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର (ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫)



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS